

ଚିନାର ପୁସ୍ତକ ମହୋତ୍ସବର ଶୁଭାରମ୍ଭ କଲେ |୬

# ଓଡ଼ିଶା ଭାସ୍କର
ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଆକାଂକ୍ଷୀ ଜିଲ୍ଲା ଉତ୍ତମ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ |୬

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୨୪ | Vol. 22 No-124 | 3 AUGUST 2025 SUNDAY, BHUBANESWAR | ରବିବାର, ୩ ଅଗଷ୍ଟ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଚାଷୀଙ୍କୁ ଦଳି ମାରିଲା ହାତୀ

ଢେଙ୍କାନାଳ,୨।୮(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ମାହାଲୁଣ୍ଡା ପଞ୍ଚାୟତ ଟାଙ୍ଗିଶାଳ ଗାଁରେ ଜଣେ ଚାଷୀଙ୍କୁ ହାତୀ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ଗୋଡ଼ରେ ଦଳି ମାରି ଦେଇଥିବା ଅଭିଯୋଗ ହୋଇଛି। ଚାଷୀ ଜଣକ ବିଲକୁ ଯାଇଥିବାବେଳେ ଏହି ଅଘଟଣ ଘଟିଥିଲା। ଦୁଇଦିନ ତଳେ ହିନ୍ଦୋଳରେ ଏକ ଦନ୍ତାହାତୀ ୩ଜଣଙ୍କୁ ମାରି ଦେଇଥିଲା।

### ଦୁର୍ଘଟଣାରେ ଜଳିଗଲା ବାଇକ୍, ବାପ-ପୁଅ ମୃତ

କୋରାପୁଟ,୨।୮(ଭାସ୍କର ନ୍ୟୁଜ): ଟ୍ରକ୍ ସହ ଧକ୍କା ପରେ ଜଳିଗଲା ବାଇକ୍। ବାଇକରେ ଥିବା ବାପ-ପୁଅଙ୍କର ମୃତ୍ୟୁ ଘଟିଲା। ବାଇକ୍‌ରେ ଥିବା ଅନ୍ୟଜଣେ ମହିଳା ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି। ଏଭଳି ଏକ ଅଭାବନୀୟ ଘଟଣା କୋରାପୁଟ ସଦରଥାନା ପଡ଼ାଗଡ଼ ସେବାଶ୍ରମ ନିକଟ ଏନ୍‌ଏଚ୍-୩୨୬ରେ ଘଟିଛି। ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ଦୁଇଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।


### ରାଜା ଚକ୍ରଙ୍କୁ ଅନ୍ତରୀଣ ଜାମିନ୍

କେନ୍ଦୁଝର,୨।୮(ଭାସ୍କର ନ୍ୟୁଜ): ବିଭିନ୍ନ ଦୁର୍ନୀତିରେ ଫସି ଜେଲରେ ଥିବା ରାଜା ଚକ୍ରଙ୍କୁ ୧୫ ଦିନ ପାଇଁ ଜିଲ୍ଲା ଦୌରାଜଜ୍ ଅନ୍ତରୀଣ ଜାମିନ ଦେଇଛନ୍ତି। ତାଙ୍କୁ ଗୋଟିଏ ମାମଲାରେ ଏହି ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇଛି। ଶ୍ୱଶୁରଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗ ଦେବାପାଇଁ ତାଙ୍କ ଓକିଲ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ। ୧୫ ଦିନ ପରେ ପୁଣିଥରେ ସେ ଅଦାଲତରେ ଆତ୍ମସମର୍ପଣ କରିବେ ବୋଲି ସୂଚନା ମିଳିଛି।

ସେନ୍‌ସେକ୍ସ: ୮୦,୫୯୯.୯୧
ସର୍ବାଧିକ: ୩୪ ଡିଗ୍ରୀ
ସର୍ବନିମ୍ନ: ୨୮ ଡିଗ୍ରୀ

**୨।୮।୨୦୨୫ ର ମତାମତ**

ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତ୍ୱରିତ ସହାୟତା ପ୍ରଦାନ ଜରୁରି ନୁହେଁ କି?




**ଆଜିର ପ୍ରସଙ୍ଗ**

ମୁଖ୍ୟମନ୍ତ୍ରୀଙ୍କ ସଭାରେ ସାମ୍ବାଦିକଙ୍କୁ ଆକ୍ରମଣ ଠିକ୍ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଶେଷରେ ଝିଅର ପ୍ରାଣ ଚାଲିଗଲା
କଥା ରହିଗଲା ଅଧା,
ବହୁ ଚେଷ୍ଟା ପରେ ଉଠି ପାରିଲାନି
ରହସ୍ୟ ଉପରୁ ପର୍ଦ୍ଦା ।
ବିରୋଧି ପାଇଲେ ମୁଦ୍ଦା,
ବଳଙ୍ଗା ଘଟଣା ମହଙ୍ଗା ପଡ଼ିବ
ରାଜନୀତି, ନଚାକୁଦା !

## ସମସ୍ତ ଚେଷ୍ଟା ବିଫଳ

# ଆଖି ବୁଜିଲେ ବଳଙ୍ଗା ପୀଡ଼ିତା





- ଶନିବାର ଜଳିଥିଲେ, ଶନିବାର ଜୀବନ ଦେଲେ
- ୩ଜଣ ଦୁର୍ବୃତ୍ତ ଜାଳି ଦେଇଥିବା ଅଭିଯୋଗ
- କାହାର ସଂପୃକ୍ତି ନାହିଁ, ତଦନ୍ତ ଶେଷ ପର୍ଯ୍ୟାୟରେ: ପୋଲିସ
- ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବିରୋଧୀଦଳ ନେତାଙ୍କ ଶୋକ ପ୍ରକାଶ
- ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବୃଦ୍ଧି
- ବାସଭବନ ଆଗରେ ପୋଲିସ ଛାଉଣି
- ଏଜି ଛକରୁ ରାଜଭବନ ରାସ୍ତା ସିଲ୍
- ୭ ଦିନ ଭିତରେ ଅଭିଯୁକ୍ତଙ୍କୁ ଧର: ଭକ୍ତ

ନିମାପଡ଼ା/ପୁରୀ,୨।୮(ଭାସ୍କର ନ୍ୟୁଜ): ଦିଲ୍ଲୀ ଏମ୍ସ ଡାକ୍ତରଙ୍କ ସମସ୍ତ ଚେଷ୍ଟା ଶେଷରେ ଫେଲ୍ ମାରିଲା। ଶନିବାର ସନ୍ଧ୍ୟାରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ପୁରୀ ଜିଲ୍ଲା ବଳଙ୍ଗା ବାୟାବର ପୀଡ଼ିତା ଆଖି ବୁଜିଲେ। ଜୀବନ ଯୁଦ୍ଧରେ ସେ ହାରିଗଲେ। ଯେଉଁ ଶନିବାର ତାଙ୍କୁ ୩ ଦୁର୍ବୃତ୍ତ ନିଆଁ ଲଗାଇ ଜାଳିଥିଲେ, ସେହି ଶନିବାର ସେ ନିଜ ଜୀବନ ଦେଇଦେଲେ। ଏହାକୁ ନେଇ ବିଭିନ୍ନ ମହଲରେ ଗଭୀର ଶୋକପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ପୁରୀଜିଲ୍ଲା ବଳଙ୍ଗା ଥାନା ବାୟାବର ଗାଁର ୧୫ବର୍ଷୀୟା ଜଣେ ନାବାଳିକା ଗତମାସ ୧୯ ତାରିଖ ପୂର୍ବାହ୍ନରେ ନିଜ ସାଙ୍ଗ ଘରକୁ କୌଣସି କାମରେ ଯାଉଥିଲେ। ଏହି ସମୟରେ ୩ ଦୁର୍ବୃତ୍ତ ନାବାଳିକାଙ୍କୁ ଅନୁସରଣ କରିଥିଲେ ଓ ଅପହରଣ କରିନେଇ ନିକଟସ୍ଥ ନଦୀପଠାକୁ ନେଇ ଯାଇଥିଲେ। ସେଠାରେ ତାଙ୍କ ଶରୀରରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ନାବାଳିକା ଜଣକ ଜୀବନ ବଞ୍ଚାଇବା ପାଇଁ ଏଣେତେଣେ ଦୌଡ଼ିବାରେ ଲାଗିଥିଲେ। ଏପରିକି ସ୍ଥାନୀୟ ଜଣେ ଲୋକଙ୍କ ଘରେ ସେ ପଶିଯିବା ପରେ ତାଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଶରୀରର ୭୫ ଭାଗ ପୋଡ଼ି ଯାଇଥିବାବେଳେ ତାଙ୍କୁ ଉତ୍ତମ ଚିକିତ୍ସାପାଇଁ ଗତମାସ ୨୨ ତାରିଖ ଦିନ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ଏଥିପାଇଁ ଏମ୍ସ ଭୁବନେଶ୍ୱରରୁ ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଗ୍ରୀନ କରିଡର କରାଯାଇଥିଲା। ଦିଲ୍ଲୀ ଏମ୍ସରେ ଏକ ବିଶେଷଜ୍ଞ ଟିମ୍ ତାଙ୍କ ଚିକିତ୍ସା କରିବା ସହ ତାଙ୍କ ଶରୀରର ପୋଡ଼ି ଯାଇଥିବା ସ୍ଥାନରେ ୩ଥର ଅସ୍ତ୍ରୋପଚାର କରିଥିଲେ। ଏପରିକି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ରାଜନେତା ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କୁ ଭେଟିବା ସହ ତାଙ୍କ ପରିବାର ଲୋକଙ୍କ ସହିତ କଥା ହୋଇଥିଲେ। ଅନ୍ୟପକ୍ଷରେ ଏହି ଘଟଣାରେ ପ୍ରଥମେ ପୁରୀ ପୋଲିସ ତଦନ୍ତ କରୁଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଆରମ୍ଭ କରିଥିଲା। ଏପରିକି କ୍ରାଇମବ୍ରାଞ୍ଚର ଏକ ଟିମ୍ ଦିଲ୍ଲୀଯାଇ ପୀଡ଼ିତାଙ୍କ ବୟାନ ବିଏନ୍‌ଏସ୍ ଧାରା ୧୮୩ରେ ରେକର୍ଡ କରିଥିଲେ। ତେବେ ପୀଡ଼ିତା ଓ ତାଙ୍କ ପରିବାରବର୍ଗଙ୍କ ବୟାନରେ କୌଣସି ତାଳମେଳ ● ପୃଷ୍ଠା ୫ ଦେଖନ୍ତୁ

### ଓଡ଼ିଶାର ୩୫ ଲକ୍ଷ କୃଷକଙ୍କୁ ମିଳିଲା ପିଏମ୍ କିଷାନ ସହାୟତା

# ସମୃଦ୍ଧ ଓଡ଼ିଶା ଗଠନରେ ଚାଷୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ



- ସବୁ ଯୋଗ୍ୟଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟ
- ଯୋଜନାଗୁଡ଼ିକର ସୁବିଧା ନେବାକୁ ପରାମର୍ଶ
- ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଦେବ ପ୍ରେରଣା

ଭୁବନେଶ୍ୱର,୨।୮(ଭାସ୍କର ନ୍ୟୁଜ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପିଏମ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କୁ ପି.ଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଉତ୍ତର ପ୍ରଦେଶର ବାରାଣାସୀ ଠାରେ ଉପସ୍ଥିତ ରହି, ପି.ଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ସମୁଦାୟ ୨୦ ହଜାର ୫୦୦ କୋଟି ● ପୃଷ୍ଠା ୫ ଦେଖନ୍ତୁ

### ମୁଖ୍ୟମନ୍ତ୍ରୀଙ୍କ ସଭାରେ 'ଓଡ଼ିଶା ଭାସ୍କର ଡିଜିଟାଲ' ସାମ୍ବାଦିକଙ୍କୁ ଆକ୍ରମଣ

ଭୁବନେଶ୍ୱର,୨।୮(ଭାସ୍କର ନ୍ୟୁଜ): ଶନିବାର ଭୁବନେଶ୍ୱର ଉପକଣ୍ଠ ସିଙ୍ଘାଠାରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ସହାୟତା ରାଶି ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରୁଥିବା ସମୟରେ ଓଡ଼ିଶା ଭାସ୍କର ଡିଜିଟାଲର ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ କ୍ୟାମେରାମ୍ୟାନ୍ ଶେଖ ଅବଦୁଲ ମନ୍ନୱର ଆଲାମଙ୍କୁ ଆକ୍ରମଣ ହୋଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ସାମ୍ବାଦିକ ଶ୍ରୀ ପ୍ରଧାନ କେତେକ ମହିଳାଙ୍କଠାରୁ ବାଇଟ୍ ନେଉଥିବାବେଳେ ତଥା କ୍ୟାମେରାମ୍ୟାନ ଫଟୋ ଉଠାଉଥିବାବେଳେ ● ପୃଷ୍ଠା ୫ ଦେଖନ୍ତୁ

## ■ ମହାନଦୀ ଜଳ ବିବାଦ ■

# ଆପୋସ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଷ୍ଣୁଦେବ



ଭୁବନେଶ୍ୱର,୨।୮(ଭାସ୍କର ନ୍ୟୁଜ): ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ମହାନଦୀ ଜଳବିବାଦର ପ୍ରତ୍ୟୁତ୍ତର ରଖି ଲେଖିଛନ୍ତି ଚିଠି। ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ନେଇ ଚିଠିରେ ଉଲ୍ଲେଖ କରାଯାଇଛି। ଗତ ୨୫ ତାରିଖରେ ଲେଖିଥିବା ଚିଠି ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସହମତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା-ଛତିଶଗଡ଼ ମହାନଦୀ ଜଳ ବିବାଦ ନେଇ ଟ୍ରିବ୍ୟୁନାଲରେ ଶୁଣାଣି ହୋଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ହେବ। ଉଭୟ ରାଜ୍ୟର ମୁଖ୍ୟ ସଚିବ ଓ ରାଜନୈତିକ ସ୍ତରୀୟ ଆଲୋଚନା ଏବେ ଆଗକୁ ବଢ଼ିଛି। ଏପରିକି ସମାଧାନ ପାଇଁ ଉଭୟପକ୍ଷ ରାଜିଥିବା ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ଏହାପୂର୍ବରୁ ମହାନଦୀ ଜଳବିବାଦର ସମାଧାନ ପାଇଁ ସର୍ବଦଳୀୟ ବୈଠକ ଡକାଯାଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟଙ୍କ ସହ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ସାମିଲ ହୋଇଥିଲେ।

**ସେପ୍ଟେମ୍ବର ୬କୁ ଘୁଞ୍ଚିଲା ଶୁଣାଣି**

ଅନ୍ୟପକ୍ଷରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ ଖୁବ୍‌ଶୀଘ୍ର ସମାଧାନର ରାସ୍ତା ବାହାରିବ। ପୂର୍ବ ସରକାର କେବଳ ଛତିଶଗଡ଼ ପାଣି ନେଇଗଲା ବୋଲି ରାଜ୍ୟବାସୀଙ୍କୁ ଜଣାଇଥିଲେ। ଏହାର ସମାଧାନ ପାଇଁ କୌଣସି ଯୋଜନା କଲେ ନାହିଁ। ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏହାର ସମାଧାନ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

## ରାଜ୍ୟସଭାରେ ବିଜେପିର ଶକ୍ତିବୃଦ୍ଧି

# ୧୦୦ ଟପିଲା ସାଂସଦଙ୍କ ସଂଖ୍ୟା



ନୂଆଦିଲ୍ଲୀ,୨।୮: ରାଜ୍ୟସଭାରେ ଭାରତୀୟ ଜନତାପାର୍ଟିର ଶକ୍ତି ବୃଦ୍ଧିପାଇଛି। ସାଂସଦଙ୍କ ସଂଖ୍ୟା ୧୦୦ ପାର କରିଛି। ବର୍ତ୍ତମାନ ରାଜ୍ୟସଭାରେ ଦଳର ସାଂସଦଙ୍କ ସଂଖ୍ୟା ୯୯ରୁ ୧୦୨ରେ ପହଞ୍ଚିଛି। ନିକଟରେ ଉଜ୍ଜ୍ୱଳ ନିକମ, ହର୍ଷବର୍ଦ୍ଧନ ସିଙ୍ଗଲା ଓ ସି.ସଦାନନ୍ଦନ ମାଷ୍ଟର ରାଜ୍ୟସଭାକୁ ମନୋନିତ ହୋଇଥିଲେ। ରାଜ୍ୟସଭାରେ ବିଜେପି ସାଂସଦଙ୍କ ସଂଖ୍ୟା ବୃଦ୍ଧି ପାଇବା ଆସନ୍ତା ସେପ୍ଟେମ୍ବର ୯ରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଦଳକୁ ଫାଇଦା ଦେବ ● ପୃଷ୍ଠା ୫ ଦେଖନ୍ତୁ

## ସାଗରିକା ନାଥ ଏନଆଇଏ ଏସ୍‌ପି ନିଯୁକ୍ତ



ଭୁବନେଶ୍ୱର,୨।୮(ଭାସ୍କର ନ୍ୟୁଜ): ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ଖୋର୍ଦ୍ଧାର ଏସ୍‌ପି ଥିବା ସାଗରିକା ନାଥ କେନ୍ଦ୍ରକୁ ଡେପୁଟେସନରେ ଯାଇଛନ୍ତି। ସେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)ର ଏସ୍‌ପି ଭାବେ ନିଯୁକ୍ତି ପାଇଛନ୍ତି। ୨୦୧୬ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଭାରତୀୟ ପୋଲିସ ସେବା ଅଧିକାରୀ ● ପୃଷ୍ଠା ୫ ଦେଖନ୍ତୁ





THE INDIAN NAVY

INVITES APPLICATION FOR SHORT SERVICE COMMISSION IN INFORMATION TECHNOLOGY (EXECUTIVE BRANCH) – JAN 26 COURSE

Applications are invited from unmarried eligible men & women candidates for grant of Short Service Commission (SSC) in Information Technology (Executive Branch) of Indian Navy under Special Naval Orientation Course for course commencing Jan 2026 onwards at Indian Naval Academy (INA) Ezhimala, Kerala. Candidates must fulfil conditions of nationality as laid down by the Government of India.

| QUALIFICATION | VACANCY | GENDER | AGE |
|---|---|---|---|
| A candidate must have minimum 60% marks in English in class X or XII and one of the undermentioned educational qualification with minimum 60% overall qualifying marks, in either or a combination of the following: - (a) MSc / BE / B Tech / M Tech (Computer Science / Computer Science & Engineering / Computer Engineering / Information Technology / Software Systems / Cyber Security / System Administration & Networking / Computer Systems & Networking / Data Analytics / Artificial Intelligence), OR (b) MCA with BCA / BSc (Computer Science / Information Technology). | 15 | Men & Women | Born Between 02 Jan 2001 to 01 Jul 2006 (both dates inclusive) |

For more details visit - www.joinindiannavy.gov.in and Employment News dated 02 Aug 2025

APPLY ONLINE FROM 02 Aug to 17 Aug 2025

Scan this QR Code to apply online

CBC 10701/13/0014/2526

Combat Ready, Credible, Cohesive & Future Ready Force

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ମାଲକାନଗିରି/କାଲିମେଲା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍.ପି.ଭି-୮୩ ଗ୍ରାମ ପୋଖରୀରେ କୁମ୍ଭୀର ବୁଲୁଥିବାର ଦେଖି ଗ୍ରାମବାସୀମାନେ ଆତଙ୍କିତ ହୋଇପଡ଼ିଥିବାବେଳେ ପୋଖରୀକୁ ନଯିବା ପାଇଁ ବନ ବିଭାଗ ପକ୍ଷରୁ ସତର୍କ ସୂଚନା ଫଳକ ଲଗାଯାଇଛି। ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକସ୍ଥ ଏମ୍.ପି.ଭି-୮୩ ଗ୍ରାମ ନିକଟସ୍ଥ ଏକ ପୋଖରୀରେ ତିନି ଚାରୋଟି କୁମ୍ଭୀର ଚାଲି ଆସିଥିବାରୁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଗ୍ରାମବାସୀ ସେହି କୁମ୍ଭୀର ଗୁଡିକୁ ଦେଖିବା ପରେ ଏମ୍. ଭି-୭୯ ବନବିଭାଗକୁ ସୂଚନା ଦେଇଥିଲେ। ତେଣୁ ବନବିଭାଗର କର୍ମଚାରୀମାନେ ଆସି ସେହି ପୋଖରୀକୁ ନ ଯିବାପାଇଁ ଏକ ବ୍ୟାନର ଲଗାଇ ଜନସାଧାରଣଙ୍କୁ ସତର୍କ କରେଇଛନ୍ତି । ଯେଉଁଥିରେ କୁମ୍ଭୀର ପ୍ରତି ସାବଧାନ ବୋଲି ଲେଖା ହେବା ସହ ପୋଖରୀକୁ ଯିବା ପାଇଁ ମଧ ମନା କରିଛନ୍ତି ଏମ୍.ଭି-୭୯ ବନ ବିଭାଗର ଅଧିକାରୀ। ଏହି ପୋଖରୀରେ କୁମ୍ଭୀରଟିକୁ ଦେଖି ଗ୍ରାମବାସୀଙ୍କ ସହ ଆଖପାଖ ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି। ଏଭଳି ଘଟଣା ଏହି ଅଞ୍ଚଳରେ ଦେଖିବା ପାଇଁ ମିଳିନଥିବାବେଳେ କେମିତି ପୋଖରୀରୁ ଏହି କୁମ୍ଭୀରକୁ ଉଦ୍ଧାର କରିବେ ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗ୍ରାମବାସୀ ପୋଖରୀ ଭିତରକୁ ଯିବାପାଇଁ ଡରୁଥିବାବେଳେ ବନ ବିଭାଗ ପକ୍ଷରୁ ପୋଖରୀକୁ ଯିବାପାଇଁ ବାରଣ ପୂର୍ବକ ପୋଷ୍ଟର ମଧ ଲଗାଯାଇଛି। ଏହାସହ ବନ ବିଭାଗର କର୍ମଚାରୀ ଓ ରାପିଡି ରେସ୍‌ପନ୍ସ ଟିମ ଚଳେଇଛନ୍ତି ।



## ଅଗ୍ନିକାଣ୍ଡରେ ଜଳିଗଲା ୧୨ ବଖରା



ସତ୍ୟବାଦୀ(ଭାସ୍କର ନ୍ୟୁଜ): ପୁରୀ ଜିଲା ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ଘାସିଭବାନୀପୁର ଗ୍ରାମରେ ଶୁକ୍ରବାର ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୫ରୁ ଊର୍ଦ୍ଧ୍ୱ ପରିବାରର ୧୦ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ସୂଚନାଯୋଗ୍ୟ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭଗବାନ ପ୍ରଧାନ, ଈଶ୍ୱର ଜେନା, ଓକିଲ ଜେନା, କୁମାରୀ ଜେନା, ଜମ୍ବେଶ୍ୱର ଜେନା, ସହଦେ୍ୱ ଜେନା, ବିଶ୍ୱନାଥ ଜେନା ଓ ରବିନ୍ଦ୍ର ଜେନାଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ସେମାନଙ୍କର ୧୦ ବଖରା ଛପର ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଘର ମଧ୍ୟରେ ଧାନ, ଚାଉଳ ଆଦି ଖାଦ୍ୟ ପଦାର୍ଥ, ଲୁଗାପଟା, ଆସବାବପତ୍ର ଆଦି ଜଳିଯାଇଛି। ଖବରପାଇ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରଦିପ୍ତ ମହାପାତ୍ର ଦୁଇଟି ଦମକଳ ଗାଡ଼ି ଏବଂ ଅଗ୍ନିଶମ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା ଓ ଅଳଗୁମ ରାଜସ୍ୱ ନୀରିକ୍ଷକ ହୃଷିକେଶ ନାୟକଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତି ସମ୍ପର୍କରେ ପ୍ରାଥମିକ ତଦନ୍ତ କରିଛନ୍ତି। ପ୍ରତ୍ୟେକ ପରିବାରକୁ ଖଣ୍ଡିଏ ଖଣ୍ଡିଏ ପଲିଥିନ ଜରି ଦିଆଯାଇଛି ବୋଲି ତହସିଲଦାର ଶ୍ରୀ ପାଣିଗ୍ରାହୀ କହିଛନ୍ତି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଜଣାପଡ଼ି ନଥିଲେ ମଧ ବିଦ୍ୟୁତ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଅଗ୍ନି ବିପନ୍ନ ପରିବାରର ୩୦ ଜଣ ସଦସ୍ୟ ଓ ଗୃହ ପାଳିତ ପଶୁମାନଙ୍କୁ ଖାଦ୍ୟ ଏବଂ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଡେଙ୍ଗୁ, ମ୍ୟାଲେରିଆ ସଚେତନତା ଶିବିର

ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ସ୍ଥିତ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ଠାରେ ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ଆନୁକୂଲ୍ୟରେ ଡେଙ୍ଗୁ,ମ୍ୟାଲେରିଆ ଓ ଡାଇରିଆ ସଂପର୍କିତ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ବୈଠକରେ ଅଧକ୍ଷା ନମିତା ମହାପାତ୍ର ଅଧକ୍ଷତା କରିଥିଲେ ଏବଂ ଯୁବ ରେଡ୍ କ୍ରସ୍ ସଂଯୋଜକ ତଥା ଶାରୀରିକ କ୍ରୀଡ଼ା ଅଧାପକ ନିରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବରିଷ୍ଠ ଚିକିତ୍ସକ ଡାକ୍ତର ହିମାଂଶୁ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦାନ କରି ଡେଙ୍ଗୁ, ମ୍ୟାଲେରିଆ, ଜଣ୍ଡିସ୍ ଓ ଡାଇରିଆ ପରି ବିଶେଷ ଭାବେ ବର୍ଷା ଋତୁରେ ସଂକ୍ରମିତ ହେଉଥିବା ରୋଗ ଗୁଡ଼ିକର କାରଣ ଓ ନିରାକରଣ ତଥା ସତର୍କତା ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଥିଲେ।ଶିକ୍ଷା ବିଭାଗର ଅଧାପକ ଅମରେଶ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରତ୍ୟୁଷ ଜରିଆରେ 'ସ୍ୱଚ୍ଛ ଭୁବନ, ସୁନ୍ଦର ଭୁବନ' ପାଇଁ ପ୍ରୟାସ



ଭୁବନ (ଭାସ୍କର ନ୍ୟୁଜ୍): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦରେ ପରିମଳ (ସଫେଇ) ପାଇଁ ପ୍ରତ୍ୟୁଷକୁ ଶୁକ୍ରବାର ଠାରୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବାଜି ରାଉତ କଲ୍ୟାଣ ମଣ୍ଡପ ଠାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ନଗରପାଳ ଶୁଭେନ୍ଦୁ କୁମାର ସାହୁ ଅଧକ୍ଷତା କରି କହିଥିଲେ ଯେ ଭୁବନ ଏନ୍‌ଏସିକୁ ସ୍ୱଚ୍ଛ ଭୁବନ,ସୁସ୍ଥ ଭୁବନ ଭାବେ ଗଢି ତୋଳିବା ପାଇଁ ବେସରକାରୀ ସଂସ୍ଥା 'ପ୍ରତ୍ୟୁଷ'କୁ ଆଜିଠାରୁ ଏକ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ପ୍ରଦାନ କରାଗଲା। ସ୍ୱଚ୍ଛ ସର୍ବେକ୍ଷଣରେ ଆମ ଭୁବନ ଚଳିତ ବର୍ଷ ଢେଙ୍କାନାଳ ଜିଲ୍ଲାରେ ୧ ନମ୍ବର ସ୍ଥାନ ହାସଲ କରିଛି। ସ୍ୱଚ୍ଛ ସାଥୀ,ସ୍ୱଚ୍ଛ କର୍ମୀ,ସଫେଇ କର୍ମଚାରୀ ଓ ବିଶେଷ କରି ଜନ ସାଧାରଣଙ୍କ ସହଯୋଗରେ ଆସନ୍ତା ବର୍ଷେ ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନ ସାରା ରାଜ୍ୟରେ ୧ ନମ୍ବର ସ୍ଥାନ ହାସଲ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ୍,ସମସ୍ତ କାଉନସିଲର, ସ୍ୱଚ୍ଛ ସାଥୀ,ସ୍ୱଚ୍ଛ କର୍ମୀ ଉପସ୍ଥିତ ଥିଲେ । ଉପାଧକ୍ଷା ମାନିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଆୟୋଜିତ ବଡ଼ଖାନାରେ ସମସ୍ତେ ଯୋଗଦେଇ ଆପ୍ୟାୟିତ ହୋଇଥିଲେ ।

## ବ୍ୟବସାୟୀଙ୍କ ଠାରୁ ସୁନା-ରୁପା ଲୁଟ୍

କଣ୍ଟାପଡା (ଭାସ୍କର ନ୍ୟୁଜ୍): ଗୋବିନ୍ଦପୁର ଥାନା ଅଞ୍ଚଳରେ ଦିନକୁ ଦିନ ବିଗୁଡୁଛି ଆଇନ ଶୃଙ୍ଖଳା। ଅପରାଧୀମାନେ ପୋଲିସକୁ ଦେଉଛନ୍ତି ଖୋଲା ଚ୍ୟାଲେଞ୍ଜ। ଯାହା ଫଳରେ ସାଧାରଣ ଲୋକେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଫଳରେ ଦିନକୁ ଦିନ ଚୋରି ରାହାଜାନି ଓ ହତ୍ୟା ଭଳି ଘଟଣା ଅଞ୍ଚଳରେ ବଢ଼ି ଚାଲିଛି। ମିଳିଥିବା ସୂଚନା ଅନୁଯାୟୀ ଗୋବିନ୍ଦପୁର ବଜାରରେ ସୁନା ଦୋକାନ କରିଥିବା ସାହୁ ଜୁଏଲର୍ସ ମାଲିକ ସୁନୀଲ କୁମାର ସାହୁ ୮. ୩୦ ମିନିଟ ସମୟରେ ଦୋକାନ ବନ୍ଦ କରି ନିଜ ଗାଡି OD-୦୫BS-୨୧୫୨ସ୍କୁଟିରେ ଘରକୁ ଫେରୁଥିବା ବେଳେ ଗୋବିନ୍ଦପୁର ନଦୀ ବନ୍ଧ ବାଇଶି ମଉଜାରେ ନିର୍ମିତ ନୂତନ ସେତୁ ମୁହଁରେ ୬ ଜଣ ଯୁବକ ଦୁଇଟି ବାଇକରେ ଆସି ସୁନୀଲଙ୍କୁ ଧକା ମାରି ତଳେ ପକାଇ ଦେଇଥିଲେ। ସୁନୀଲର ଗାଡ଼ିରେ ଥିବା ୩ ଶହରୁ ଉର୍ଦ୍ଧ୍ୱ ଗ୍ରାମ୍ ଥିବା ସୁନା ଏବଂ ୭ କେଜିରୁ ଉର୍ଦ୍ଧ୍ୱ ଚାନ୍ଦି ନେଇଯାଇଛନ୍ତି। ସବୁଠୁ ବଡ଼ କଥା ଦେଖିବାକୁ ମିଳିଛି ଯେଉଁ ଜାଗାରେ ଘଟଣା ଘଟିଛି ସେଠାରୁ ମାତ୍ର ୫୦ ମିଟର ଦୂରରେ ଗୋବିନ୍ଦପୁର ଥାନାରେ। ଥାନା ଆଗରେ ଯଦି ଏଭଳି ଘଟଣା ଦୁର୍ବୃତ୍ତମାନେ ଘଟାଉଛନ୍ତି ତେବେ ଅନ୍ୟ ଜାଗାରେ ସାଧାରଣ ଲୋକମାନେ କିଭଳି ସୁରକ୍ଷିତ ରହିବେ। ଏ ନେଇ ସୁନୀଲ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ କର୍ମଚାରୀ ନ ଥିବାରୁ ତୁରନ୍ତ ପଦକ୍ଷେପ ନିଆଯାଇପାରିନାହିଁ। ଗୋବିନ୍ଦପୁର ଅଞ୍ଚଳରେ ୩୦ ଲକ୍ଷ ଟଙ୍କାର ସୁନା ଗହଣା ଚୋରି ସବୁଠାରୁ ବଡ଼ ଘଟଣା। ଯାହା ଗୋବିନ୍ଦପୁର ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଗଜପତି ଜିଲ୍ଲାପାଳଙ୍କୁ ଭେଟିଲେ ପାରଳା ବିଧାୟକ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍):ଗତ କିଛି ଦିନ ତଳେ ଗଜପତି ଜିଲ୍ଲା ପୂର୍ବତନ ଜିଲ୍ଲାପାଳ ବିଜୟ ଶଙ୍କର ଦାସଙ୍କ ସ୍ଥାନରେ ଜିଲ୍ଲାପାଳ ନିଯୁକ୍ତ ହୋଇଥିବା ନବ ନିଯୁକ୍ତ ଜିଲ୍ଲାପାଳ ସୁଶ୍ରୀ ମଧୁସ୍ମିତାଙ୍କୁ ଭେଟିଲେ ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ। ସେ ଜିଲ୍ଲାପାଳଙ୍କୁ ଭେଟି ଶୁଭେଚ୍ଛା ବାର୍ତ୍ତା ଜଣାଇବା ସହ ଜିଲ୍ଲାର ତଥା ପାରଳା ନିର୍ବାଚନ ମଣ୍ଡଳୀର ଉନ୍ନତି ଦ୍ରୁତ ଗତିରେ ହେବ ବୋଲି ଆଶା ପ୍ରକାଶ କରିଛନ୍ତି। ତତ୍ ସହିତ ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ ଓ ଆର୍ ଉଦୟଗିରି ବ୍ଲକ ଆକାଂକ୍ଷୀ ବ୍ଲକରେ ଉନ୍ନତ ପ୍ରଦର୍ଶନ କରିଥିବା ହେତୁ ମଧ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି। ପାରଳା ନିର୍ବାଚନ ମଣ୍ଡଳୀର ଉନ୍ନତି କିଭଳି ହେବ ସେନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସମେତ ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ଗୋଷାଣୀ ବ୍ଲକ ଅଧକ୍ଷ ବି ବିରରାଜ୍, ଗୁମ୍ମା ବ୍ଲକ ଅଧକ୍ଷା ସୁନାମି ମଣ୍ଡଳ, କାଶୀନଗର ବ୍ଲକ ଅଧକ୍ଷା ବାଲ୍ଲା ସାଇଆମ୍ମା, କାଶୀନଗର ବ୍ଲକ ଉପାଧକ୍ଷ ରଘୁରାମ ସାହୁ, ପୌର ଅଧକ୍ଷା ନିର୍ମଳା ସେଠି, ଜିଲ୍ଲା ପରିଷଦ ଏସ ବାଲାରାଜୁ, ପ୍ରମୁଖ ଉପସ୍ଥିତ ଥିଲେ।

## 'ଗୁରୁ ହିଁ ସୁସମାଜ ସୃଷ୍ଟିର ଶ୍ରେଷ୍ଠ ରୂପକାର'



ଡେଲାଙ୍ଗ(ଭାସ୍କର ନ୍ୟୁଜ): ସୁସମାଜ ଗଠନରେ ଓ ସୁରୂପ ବିନ୍ୟାସରେ ଗୁରୁ ହିଁ ଶ୍ରେଷ୍ଠ ରୂପକାର ବୋଲି ବେନୁପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାମନ୍ତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମାନ୍ୟଗଣ୍ୟ ଅତିଥି ମାନେ ଦୃଢ଼ ମତପୋଷଣ କରି ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ଗ ରିମା ବଜାୟ ରଖିବାକୁ ଶତଚେଷ୍ଟିତ ହେବାକୁ ପରାମର୍ଶ ଦେଇଛନ୍ତି। ଡେଲାଙ୍ଗ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥ ଏଥିରେ ସଭାପତିତ୍ୱ କରିଥିଲାବେଳେ ସମ୍ପାଦକ ପ୍ରଶାନ୍ତ କୁମାର ଦାସ ଓ ବେନୁପଡା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିବାନୀ ନାୟକ ମଞ୍ଚ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଇଓ ସଚ୍ଚିଦାନନ୍ଦ ପ୍ରଧାନ ସରଳ ଜୀବନ ଯାପନ ଓ ଶିକ୍ଷାର ସୁଦୂର ସୁଦୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲା ବେଳେ, ମୁଖ୍ୟବକ୍ତା ଶିକ୍ଷାବିତ୍ ସୁସାହିତ୍ୟିକ ସନ୍ତୋଷ କୁମାର ମହାନ୍ତି ଗୁରୁ ଦ୍ରୋଣ, ଓମାନ ରାଜା, ରାମବନବାସ, ଘଣ୍ଟା ଚୋରି ଭଳି ଅତୀତ ଓ ବର୍ତ୍ତମାନର ମହନୀୟ ମୂଲ୍ୟବୋଧଭିତ୍ତିକ ଚରିତ୍ର ଓ ପ୍ରସଙ୍ଗର ଅବତାରଣା କରି ଶିକ୍ଷକ ଓ ଅଭିଭାବକମାନଙ୍କ ଗଠନମୂଳକ ଚିନ୍ତାଧାରା, ଛାତ୍ର ଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ବୁଝି ଚିହ୍ନଟ କରିବା,ଶିକ୍ଷକ ସମାଜ ଗଠନର ଶ୍ରେଷ୍ଠ ରୂପକାର ଭାବେ ବିବେଚିତ ହେବା ଉପରେ ବିବିଧ ବକ୍ତବ୍ୟରେ ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ସଞ୍ଜୁକ୍ତା କୁମାରୀ ମିଶ୍ର , ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ରାୟ ପ୍ରମୁଖ ଯୋଗଦେଇ ସୁଶିକ୍ଷା ହିଁ ସବୁ ସମସ୍ୟା ସମାଧାନର ମୂଳ ଅସ୍ତ୍ର ବୋଲି ବାର୍ତ୍ତା ଦେଇଥିଲେ। ସଭାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୀଣାପାଣି ରାଉତ ଓ ଶିକ୍ଷୟିତ୍ରୀ ଶିବାନୀ ନାୟକଙ୍କ ଅନୁଭୂତିପୂର୍ଣ୍ଣ କୋହସିକ୍ତ ବକ୍ତବ୍ୟ କିଛି ସମୟ ପାଇଁ ପରିବେଶକୁ କୋହମୟ କରିଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ହରିଚନ୍ଦନ, ବିଳାସିନୀ ଆଚାର୍ଯ୍ୟ , ଶିକ୍ଷୟିତ୍ରୀ ମମତା ପ୍ରଧାନ, ସବିତା ସାହୁ, ପ୍ରଧାନ ଶିକ୍ଷକ ପ୍ରଦୀପ ସେଠୀ, ଶିକ୍ଷକ ନେତା ସୁରେନ୍ଦ୍ର ନାୟକ, ପବିତ୍ର ଜେନା,ଅଭୟ ରଥ, ସୂର୍ଯ୍ୟକାନ୍ତ ନାୟକ, କମିଟି ସଭାପତି ସୁଚିତ୍ରା ମାହୁନ୍ତ, ଅଙ୍ଗନବାଡ଼ି କର୍ମୀ କୁନିଲତା ମଲ୍ଲିକ , ଶିକ୍ଷୟିତ୍ରୀ ଅନସୂୟା ସାହୁ, ଦୀପ୍ତିରେଖା ବେହେରା, ବାସନ୍ତୀ ବେହେରା , କାମିନୀ ବାଳା ମହାନ୍ତି ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାମନ୍ତରାୟଙ୍କ ବ୍ୟକ୍ତିତ୍ୱ, ସରଳ କଥା, ସୁଶିକ୍ଷାଦାନ କୌଶଳ, ଛାତ୍ର ବତ୍ସଳତା ଗୁଣ ମନେ ପକେଇ ତାଙ୍କର ନିରାମୟ ଜୀବନ କାମନା କରିଥିଲେ। ଡେଲାଙ୍ଗ ବ୍ଲକ୍ ଏବେ ଶିକ୍ଷକ ଶୂନ୍ୟ ହୋଇ ଯିବାରୁ ସମସ୍ତେ ଦୁଃଖ ପ୍ରକାଶ କରିଥିଲେ । ବଡ଼ ଆଙ୍କୁଲା ଆଞ୍ଚଳିକ ସାଧନ କେନ୍ଦ୍ର, ଶିକ୍ଷକ ସଂଘ, ଡ଼େଲାଙ୍ଗ ଉନ୍ନୀତ ଉପ୍ରା ବିଦ୍ୟାଳୟ ଓ ଅନ୍ୟାନ୍ୟ ବିଦ୍ୟାଳୟ ତରଫରୁ ତାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ର ଛାତ୍ରୀମାନେ ନୃତ୍ୟ ଗୀତରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପରିଚାଳନାରେ ପୁଷ୍ପଲତା ନାୟକ, ଅଭିପସା ରାୟ, ଲିଜାଲିନ୍ ଜେନା , କମିଟି ସଭ୍ୟ ସଭ୍ୟା ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଅଭୟ ଚରଣ ସାହୁ କବିତା ମାଧ୍ୟମରେ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ମାସ ପରେ ମାଆ କୋଳକୁ ଫେରିଲା ଶିଶୁପୁତ୍ର



ଗୋପ (ଭାସ୍କର ନ୍ୟୁଜ୍): ୨ମାସ ପରେ ମାଆ କୋଳକୁ ଫେରିଲା ଶିଶୁପୁତ୍ର । ଉଦ୍ଧାର କଲେ ମାନବାଧିକାର କମିଶନ ସଦସ୍ୟ । ଜନ୍ମ ପରେ ଡାକ୍ତରଖାନାରୁ ହିଁ ମାଆ ଠାରୁ ଶିଶୁପୁତ୍ରକୁ ଅଲଗା କରିଥିଲେ ଶାଶୂଘର ଲୋକେ। ଏପରି ଅଭାବନୀୟ ଘଟଣା ଘଟିଥିଲା ଗୋପ ଥାନା ଅଧୀନ ବେଗୁନିଆ ଗ୍ରାମରେ। ସୂଚନା ମୁତାବକ ୨୦୨୦ ମସିହାରେ ନିମାପଡ଼ା ଥାନା ଅମୁଣିଆ ଗ୍ରାମର ନୀଳିମା ସାହୁ ଗୋପ ଥାନା ବେଗୁନିଆ ଗ୍ରାମର ଦାମୋଦର ସାହୁଙ୍କୁ ବିବାହ କରିଥିଲେ । କିଛିଦିନ ଭଲରେ କାଟିବା ପରେ ଶାଶୂଘର ଲୋକେ ନୀଳିମାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇଥିଲେ । ନିର୍ଯ୍ୟାତନା ଅସହ୍ୟ ହେବାରୁ ନିଳିମା ଗୋପ ଥାନାରେ ଅଭିଯୋଗ କରିବା ସହିତ ବାପ ଘରକୁ ପଳାଇଥିଲେ। ପରେ ଭଦ୍ରଲୋକଙ୍କ ଉପସ୍ଥିତିରେ ଆପୋଷ ସମାଧାନ ହୋଇଥିଲା। ନୀଳିମା ପୁଣି ଶାଶୂ ଘରକୁ ଫେରିଥିଲେ। ୨ ମାସ ତଳେ ନିଳିମା ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ମାତ୍ର ସ୍ୱାମୀ, ଶ୍ୱଶୁର, ନଣନ୍ଦ ନୀଳିମାଙ୍କୁ ତାଙ୍କ ଘରକୁ ବିଦା କରିଦେଇଥିବାବେଳେ ଜବରଦସ୍ତ ଡାକ୍ତରଖାନାରୁ ଶିଶୁପୁତ୍ରକୁ ନେଇ ନଣନ୍ଦଙ୍କ ଘର ଗୋପ ଥାନା ବାଲିସାହି ଗ୍ରାମରେ ରଖିଥିଲେ। ନୀଳିମାଙ୍କୁ ତାଙ୍କ ଭାଇ ଡାକ୍ତରଖାନାରୁ ଘରକୁ ନେଇ ଯାଇଥିଲେ। ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ମହିଳାଙ୍କ ଭାଇ ଏନେଇ ଜାତୀୟ ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ଆଜି ଜାତୀୟ ମାନବାଧିକାର କମିଶନରଙ୍କ ରାଜ୍ୟ ଉପଦେଷ୍ଟା ସୌଦାମିନୀ ଦାସ, ଉପସଭାପତି ଜୟଶ୍ରୀ ପାତ୍ର, ସଂଯୋଜକ ଦୀପକ କୁମାର ସାହୁ, ବୁଲୁ ମହାରଣା ଓ ସୁଦର୍ଶନ ପ୍ରଧାନ ପ୍ରମୁଖ ଗୋପ ଥାନାରେ ପହଞ୍ଚି ଥାନା ଅଧିକାରୀ ଦେବସ୍ମିତା ସିଂଙ୍କ ସହିତ ଆଲୋଚନା କରିବା ସହିତ ବାଲିସାହି ଗ୍ରାମକୁ ଯାଇ ଶିଶୁପୁତ୍ରକୁ ଉଦ୍ଧାର କରି ନୀଳିମାଙ୍କୁ ହସ୍ତାନ୍ତର କରିଥିଲେ । ଶନିବାର ଉଭୟଙ୍କ ପରିବାର ମଧ୍ୟରେ ଆପୋଷ ସମାଧାନ ହେବ ବୋଲି ମାନବାଧିକାର କମିଶନର ରାଜ୍ୟ ଉପସଭାପତି ଜୟଶ୍ରୀ ପାତ୍ର କହିଛନ୍ତି।

## କୁଶଭଦ୍ରା ନଦୀରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ଗୋପ (ଭାସ୍କର ନ୍ୟୁଜ୍): କୁଶଭଦ୍ରା ନଦୀ ବନ୍ଧରୁ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ଗୋପ ଥାନା ଅନ୍ତର୍ଗତ ଅଣ୍ଡରା ଇଚ୍ଛାପୁର ପଞ୍ଚାୟତ ତରଡାପଡା ଗ୍ରାମର ସତ୍ୟ ରଂଜନ ନାଏକ। ତାଙ୍କ ଭାଇ ପ୍ରିୟ ରଂଜନ ନାଏକ ଙ୍କ ଅଭିଯୋଗ ମୁତାବକ ସତ୍ୟ ମିସ୍ତ୍ରୀ କାର୍ଯ୍ୟ କରୁଥିବା ବେଳେ ଗତକାଲି ରାତିରେ କାର୍ଯ୍ୟ ସାରି ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ସାଇକେଲରେ ଘରକୁ ଫେରୁଥିବା ସମୟରେ କୌଣସି କାରଣରୁ ବନ୍ଧ ତଳକୁ ଖସି ପଡ଼ିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା ।ସକାଳୁ ଖବରପାଇ ଆସି ଦେଖିବା ସହିତ ଗୋପ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଘଟଣା ସ୍ଥଳରେ ବିଭିନ୍ନ କଥା ଆଲୋଚନା ହେଉଥିବା ଶୁଣିବାକୁ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ କେହି ତାକୁ ଯୋଜନାବଦ୍ଧ ଭାବରେ ମାରି ପକାଇଦେଇଥିବା ଶୁଣିବାକୁ ମିଳୁଛି। ଅଭିଯୋଗ ପରେ ସାଇଣ୍ଟିଫିକ୍ ଟିମ୍ ସହ ଗୋପ ପୋଲିସ ତଦନ୍ତ କରି ଫେରିଛନ୍ତି। ଏନେଇ ପୋଲିସ ପକ୍ଷରୁ ୧୫/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଛେଦ ନିମନ୍ତେ ପଠାଇଥିବା ଜଣାପଡିଛି।

## ବୈଷୟିକ ଶିକ୍ଷା ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ



ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଶିଳ୍ପ ଏବଂ ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା କରିଥିଲେ ମନ୍ତ୍ରୀ, ଶିଳ୍ପ ଏବଂ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ, ଓଡିଶା ସରକାର ସମ୍ପଦ ଚନ୍ଦ୍ର ସ୍ୱାଇଁ । ବୈଠକ ଆରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତଥା ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସମସ୍ତ ଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲାର ଇନଭେଷ୍ଟମେଣ୍ଟ ପ୍ରମୋସନ ଏଜେନ୍ସିର ଟିମଲିଡର ଶିଶିର କୁମାର ସାହୁ ଏବଂ ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର ଯୋଗେଶ୍ୱର ବିଶେଇ, ଟେକ୍ସଟାଇଲ ପାର୍କ, ଲ୍ୟାଣ୍ଡ ବ୍ୟାଙ୍କ ସ୍ଥିତି, ଆଗକୁ ଥିବା ନିବେଶ, କ୍ଷୁଦ୍ର ମଧ୍ୟମ ଏବଂ ବୃହତ ଶିଳ୍ପ ବିଷୟରେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । ପରେ ପରେ ଅଧକ୍ଷ, ସରକାରୀ ପଲିଟେକନିକ (ବହୁବୃତ୍ତି) ଅଧକ୍ଷ ପ୍ରଦୀପ୍ତ କୁମାର ସାହୁ, ଜିଲ୍ଲା ଶିଳ୍ପ ତାଲିମ୍ କେନ୍ଦ୍ର ର ଅଧକ୍ଷ,ସୁବୋଧ କୁମାର ପାଣିଗ୍ରାହୀ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜୟ କୁମାର ଦାଶ ନିଜ ନିଜ ବିଭାଗ ବିଷୟରେ ପୁଙ୍ଖାନୁପୁଙ୍ଖ ତଥ୍ୟ ଉପସ୍ଥାପନ କରିଥିଲେ। ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ସମସ୍ତ ସମୀକ୍ଷା ପରେ ଆହୁରି ବେଶୀ ଉନ୍ନତି କରଣ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୮ ଜଣ ଦକ୍ଷତା ପ୍ରଶିକ୍ଷଣ ନେଇଥିବା ପିଲାଙ୍କୁ ମୁଖ୍ୟଅତିଥି ଙ୍କ ଦ୍ୱାରା ନିଯୁକ୍ତି ପତ୍ର ପ୍ରଦାନ କରାଗଲା । ପରେ ପରେ ମୁଖ୍ୟ ଅତିଥି ଙ୍କ ସହ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ଶ୍ରୀଯୁକ୍ତ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସମୀକ୍ଷା ବୈଠକ ପୂର୍ବରୁ ମାନ୍ୟବର ମନ୍ତ୍ରୀ ବାମଣ୍ଡା ର ଗାନ୍ଧୀ ଗ୍ରାମ ସ୍ଥିତ କ୍ଷୁଦ୍ର, ମଧ୍ୟମ ଏବଂ ବୃହତ ଶିଳ୍ପପାର୍କ ରେ ଆଗାମୀ ଦିନରେ ଶିଳ୍ପ ପ୍ରତିଷ୍ଠାନ ପାଇଁ ଅନୁଧ୍ୟାନ କଲେ। ପରେ ପରେ ଆଦିତ୍ୟ ବିର୍ଲା ସୋଲାର ପ୍ଲାଣ୍ଟ ପାର୍କ ମଧ ପରିଦର୍ଶନ କରି ନିଜର ଅନ୍ତର୍ଦୃଷ୍ଟି ଦେଇଥିଲେ । ଏହି ବୈଠକରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଉପଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବାଟବଣା ମଶାଧୂଆଁ ଗାଡି

ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣପୁର ପୌରପରିଷଦରେ ବୁଲୁନି ମଶାଧୂଆଁ ଗାଡି। ୱାର୍ଡ ଗୁଡିକରେ ଗାଡି ନବୁଲିବାରୁ ଅଞ୍ଚଳ ରେ ପ୍ରବଳ ମଶାର ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଗୋଟିଏ ପଟେ ଡ୍ରେନ୍ ଗୁଡିକରେ ସଠିକ୍ ଭାବେ ସଫେଇ ହୋଇପାରୁ ନଥିବା ବେଳେ ଆବର୍ଜନା ପାଣି ଡ୍ରେନ୍ ଗୁଡିକରେ ଜମା ହୋଇ ରହୁଛି। ପୌରାଅଞ୍ଚଳରେ ବିଭିନ୍ନ ୱାର୍ଡର ଲୋକ ଜ୍ୱରରେ ପଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ମଶା ମାଛି ଦାଉରୁ ରକ୍ଷା ପାଇବା ପାଇଁ ସରକାର ଧୂଆଁ ମରା ଗାଡିର ବ୍ୟବସ୍ଥା କରିଛନ୍ତି। କିଛି ମାସ ତଳେ ମଶାଧୁଆଁ ମରାହେବା ପରେ ଆଉ ଗାଡି ର ଖୋଜଖବର ନାହିଁ। ଗୁଣୁପୁର ପୌରପରିଷଦ ର ୧୯ ଗୋଟି ୱାର୍ଡରେ ମଶାଧୁଆଁ ମାରିବା ପାଇଁ ମଶାମରା ତେଲ ବାବଦକୁ ଅର୍ଥ ମଞ୍ଜୁର ହୋଇ ଖର୍ଚ୍ଚ ଦେଖାଯାଉଛି। କେଉଁ ବାଟରେ ଖର୍ଚ୍ଚ ହେଉଛି ତାର ତଦନ୍ତ ହେବାର ଆବଶ୍ୟକତା ରହିଥିବା ବେଳେ ମଶା ଧୁଆଁ ମାରିବା ପାଇଁ ଗାଡି ୱାର୍ଡ ଗୁଡିକରେ ବୁଲିବା ଆବଶ୍ୟକତା ରହିଥିବା ୱାର୍ଡ ବାସିନ୍ଦା କହିଛନ୍ତି।

## ଉତ୍କଳ ସାମ୍ବାଦିକ ସଂଘ କର୍ମକର୍ତ୍ତାଙ୍କ ଜିଲ୍ଲାପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ସଦସ୍ୟ ମାନେ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ସୋମେଶ ଉପାଧ୍ୟାୟଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟଙ୍କୁ ଉତ୍ତରୀୟ ଓ ଫୁଲତୋଡା ଦେଇ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲ୍ଲା ବିକାଶ ନିମନ୍ତେ ସାମ୍ବାଦିକମାନଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଜିଲ୍ଲାରେ ବିମାନ ସେବା, ରେଳପଥ କାର୍ଯ୍ୟ ସହ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶେଷଜ୍ଞ ଡାକ୍ତର, କାର୍ଡିଓଲୋଜିଷ୍ଟ, ଆନାସ୍ଥେସିଆ ଅଭାବକୁ ନେଇ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ଜିଲ୍ଲାପାଳ ନିଶ୍ଚିତ ରୂପେ ଏହି ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସାମ୍ପଦକ ବି. ଶ୍ରୀନିବାସ ପାତ୍ର, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାସ, ବ୍ଲକ ସଭାପତି ଗୌରିଶଙ୍କର ପଣ୍ଡା, ସଦସ୍ୟ ମନୋଜ ସାହା, ରାହୁଲ ଗୋଲଦାରୀ, ଏମ ଚନ୍ଦ୍ର ରାଓ, ମୃଣାଲ ମଣ୍ଡଳ, ରାଜେଶ ବେପାରୀ, ଅବିନାଶ ବେହେରା, ପଙ୍କଜ ଖରା ପ୍ରମୁଖ ଉପସ୍ଥିତ ଥିଲେ।

## ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ଗଣଧାରଣା



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଆନନ୍ଦପୁର ଉପଖଣ୍ଡର ମା' ଧନେଇ ସେବାସଂଘର କର୍ମକର୍ତ୍ତା ତଥା ଉପଖଣ୍ଡର ସାଧାରଣ ଜନତାଙ୍କ ପକ୍ଷରୁ ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ ଶୁକ୍ରବାର ଦିନ କେନ୍ଦୁଝର ମଣ୍ଡୁଆ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ସମ୍ମୁଖରେ ଗଣଧାରଣା ଦିଆଯାଇଛି ।ଜିଲ୍ଲାର ପ୍ରମୁଖ ଉପଖଣ୍ଡ ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ଦୀର୍ଘ ଦିନଧରି ଗଣତନ୍ତ୍ରକୁ ସମ୍ମାନ ଜଣାଇ ଦାବି ଧାରଣା,ଅନଶନ,ଶୋଭାଯାତ୍ରା, ଧର୍ମଘଟ,ପଦଯାତ୍ରା,ଦଣ୍ଡବତ ଯାତ୍ରା,ମାନବ ଶୃଙ୍ଖଳ ଆଦି ବାରମ୍ବାର କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରେଳ ବିଭାଗକୁ ନିର୍ଦ୍ଦେଶ ହୋଇଛି। ମାତ୍ର ଆନନ୍ଦପୁରକୁ ରେଳପଥ ସଂଯୋଗ ନିମନ୍ତେ ସରକାର କୌଣସି ପଦକ୍ଷେପ ନେଇ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି ।ଏହି ପରିପ୍ରେକ୍ଷୀରେ ଆନନ୍ଦପୁରକୁ ରେଳପଥ ସଂଯୋଗ ନିମନ୍ତେ ଶୁକ୍ରବାର ସକାଳ ୧୦ଟାରୁ ମୁଖ୍ୟମନ୍ତ୍ରୀଙ୍କର ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇଛି ।ଏହାର ନକଲ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ଜିଲାପାଳ, ଏସ୍.ପି., ଉପଜିଲାପାଳ, ଆନନ୍ଦପୁର, ଥାନା ଭାରପ୍ରାପ୍ତ ଅଧିକାରୀ,ଟାଉନ ଥାନା ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରାଯାଇଛି ।ସଂଘ ସଭାପତି ବିଷ୍ଣୁ ପ୍ରସାଦ ବାରିକ୍,ସମ୍ପାଦକ ବିଧୁ ଭୂଷଣ ବାରିକ୍ ସମେତ ତରୁଣ କୁମାର ସାହୁ,ବିକୁନ କୁମାର ସାହୁ,ଗୋବିନ୍ଦ ଚନ୍ଦ୍ର ପତି,ଶୁଭ୍ରାଂଶୁ ସାହୁ ପ୍ରମୁଖ ଦାବିପତ୍ର ଦେଇଥିଲେ। ପରେ ଅଭିଯୋଗ ପ୍ରକୋଷ୍ଠର ମୁଖ୍ୟ ଅଭିଯୋଗ ଅଧିକାରୀ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ସହ ଫୋନ ମାଧ୍ୟମରେ କଥା ହୋଇ ଧାରଣା ବିଷୟରେ ଅବଗତ କରାଇଥିଲେ ବୋଲି ମା' ଧନେଇ ସଂଘ ସଂପାଦକ ବିଧୁ ଭୂଷଣ ବାରିକ କହିଥିଲେ । ଏ ବିଷୟରେ ସେ ଅବଗତ ଅଛନ୍ତି, ଖୁବ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଏହି ଦାବିପତ୍ର ପଠାଇ ଦିଆଯିବ। ଏହା ଯେହେତୁ ରେଳ ବିଭାଗର ବିଷୟ ତେଣୁ ଏଠାରେ ଧାରଣା ଦେବା ଅନୈତିକ ବୋଲି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠର ମୁଖ୍ୟ ଅଭିଯୋଗ ଅଧିକାରୀ ହିମାଂଶୁ ସାହୁ କହିଛନ୍ତି। ଏହା ପରେ ଧାରଣା ଦେଇଥିବା ମା ଧନେଇ ସଂଘ ସଦସ୍ୟ ଓ ଆନନ୍ଦପୁରର ଲୋକେ ଉଠି ଚାଲି ଯାଇଥିଲେ।

## ଲେମନ୍ ଗ୍ରାସ୍ ସାମଗ୍ରୀରେ ନିର୍ମାଣ କେନ୍ଦ୍ରର ଶୁଭାରମ୍ଭ କଲେ ବିଧାୟକ




ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ମହକୁମାର ନୁଆଗୁଡ଼ା ଠାରେ ମା' ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଲେମନ ଗ୍ରାସ ଜୈବିକ ପଦାର୍ଥ ଦ୍ୱାରା ବିଭିନ୍ନ ସାମଗ୍ରୀ କରିବା ନିମନ୍ତେ କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ମହିଳାମାନେ ସ୍ୱାବଲମ୍ବୀ ହେବା ପାଇଁ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଅନ୍ୟତମ ଅତିଥି ଭାବେ ପିଏଆଇଟିଡିଏର ମୁଖ୍ୟ ହଳଧର ଶବର ପ୍ରମୁଖ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ଏହାଦ୍ୱାରା ଜିଲ୍ଲାର ମହିଳାମାନେ ସ୍ୱାବଲମ୍ବୀ ହେବା ସହ ନିଜ ଅଞ୍ଚଳରେ ରହି ରୋଜଗାରକ୍ଷମ ହୋଇ ପାରିବେ ବୋଲି ଉପସ୍ଥିତି ଅତିଥିମାନେ ପ୍ରକାଶ କରିଥିଲେ। ଜିଲ୍ଲାରେ ଲେମନ ଗ୍ରାସ ବିଭିନ୍ନ ସ୍ଥାନରେ ଚାଷ ହେଉଥିବା ବେଳେ ଏହା ଦ୍ୱାରା ଫିନାଇଲ, ଲେମନ ତେଲ ଭଳି ସାମଗ୍ରୀ ତିଆରି କରି ଆଗାମୀ ଦିନରେ ମହିଳାଙ୍କୁ ସ୍ୱାବଲମ୍ବୀ କରି ପାରିବ ବୋଲି କୁହାଯାଇଛି। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଏସଏମବି ଜଗନ୍ନାଥ ଖିଲ, ପ୍ରଗତି ପାଣିଗ୍ରାହୀ, ଜି ଶ୍ରୀନିବାସ ରାଓ, ମାଁ ଅନ୍ନପୂର୍ଣ୍ଣା ସ୍ୱୟଂସହାୟକ ଗୋଷ୍ଠୀ ସଭାନେତ୍ରୀ ହରିବାଳା ଶିଶା, ସମ୍ପାଦକ ରାଜ୍‌କା କ୍ରିଷାନି, ରାଧାରାଣୀ ଅନୁଗୁ, କାସୁଲାମା ଅନୁଗୁ, ମା' ତାରିଣୀ ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀ କମଳା କବାସି, ସମ୍ପାଦକ ତୁଳସୀ ମୁଦୁଲି, ଲେମନ ଗ୍ରାସ ଚାଷ ପ୍ରଶିକ୍ଷଣଦାତା ସୁଶାନ୍ତ କୁମାର ଦାସ, ବଜାର ସଂଯୋଜକ ସୋନୁ ଅନୁଗୁଙ୍କ ସହ ଅନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।



କଟକ(ଭାସ୍କର ନ୍ୟୁଜ): ମୋକିମ ଫାଉଣ୍ଡେସନ କଟକ ପକ୍ଷରୁ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଓଡ଼ିଆବଜାର ସ୍ଥିତ ଉର୍ଦ୍ଦୁ ମହିଳା ଉଚ୍ଚ ବିଦ୍ୟାଳୟରେ ଡାକ୍ତର ନୟୀମା ତାଜୀମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ବାରବାଟୀ କଟକର ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ବାରବାଟୀ କଟକ ବିଧାୟିକା ଇଂ ସୋଫିଆ ଫିର୍ଦୋଷ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଆଫରୋଜ ବେଗମ, ସରୱାର ହସିବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିବିରରେ କେୟାର ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ ଡାକ୍ତର ଦେବାଶିଷ ମହାପାତ୍ର, ଡାକ୍ତର ସ୍ୱାତିମୟୀ ମହାନ୍ତି, ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଶୁଭ ମହାନ୍ତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ନୟୀମା ତାଜେନ ଓଡ଼ିଆବଜାର, କାଜିବଜାର, ସୁତାହାଟର ଶତାଧିକ ରୋଗୀଙ୍କୁ ଚିକିତ୍ସା ସହ ମାଗଣାରେ ଇସିଜି, ରକ୍ତ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା । ସତ୍ୟରଞ୍ଜନ କର ଶିବିର ପରିଚାଳନା କରିଥିଲେ । ସୟଦ ଯବିଉଲା, ମହମ୍ମଦ ହସିବଉଲ୍ଲା, ପ୍ରିୟଙ୍କା ପାଢ଼ୀ, ଶକିଲ ଖାନ, ଗୌପ୍ୟ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା କ୍ୟାମ୍ପ କୋର୍ଟ

# ନାଗରିକ କୈନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ ନେଇ ପଦକ୍ଷେପ ଗ୍ରହଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ଉନ୍ନତି ଭବନରେ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ନେତୃତ୍ୱରେ ଶନିବାର ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ନାଗରିକ କେନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡିତ ଅପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଆଜିର ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ୭୦୦ ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ଆଜି ମୋଟ ୧୩୯ ଟି ମାମଲା ଗ୍ରହଣ ଏବଂ ନିଷ୍କାସନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ। ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ - ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକ , ଅତିରିକ୍ତ ସଚିବଙ୍କ ଶତ୍ରୁଘ୍ନ କର, ବିନୟ କୁମାର ଦାଶ, ରବିନ୍ଦ୍ର କୁମାର ସାହୁ ଓ ସୌରିନ୍ଦ୍ର ରାଉତରାୟ - ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି। ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ଆଶା କରାଯାଉଛି।

## କଂଗ୍ରେସ ଆଦିବାସୀ ବିଭାଗ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କଂଗ୍ରେସର ଆଦିବାସୀ ବିଭାଗ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କୁ ସାକ୍ଷାତ କରି ଆଦିବାସୀଙ୍କ ଅଧିକାର, ଶିକ୍ଷା ଏବଂ ଜୀବନ ଜୀବିକା ସମ୍ବଳିତ ୧୧ ଦଫା ଦାବି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ପେସା ଆଇନ ପାଇଁ ନିର୍ଦ୍ଦେଶାବଳୀ ବା ରୁଲ୍ ଆଣିବା ପାଇଁ ଦାବିରେ ଉଲ୍ଲେଖ କରାଯାଇଛି। ବହୁଭାଷିକ ଶିକ୍ଷା ଯୋଜନାରେ ୨୦୧୪ ପରଠାରୁ ଆଉ ଅଧିକ ବିଦ୍ୟାଳୟ ସାମିଲ କରାଯାଇନାହିଁ କିମ୍ବା ଏଥି ନିମନ୍ତେ ଭାଷା ଶିକ୍ଷକ ନିଯୁକ୍ତି କରାଯାଇନାହିଁ। ଯାହା ଫଳରେ ଅନେକ ପିଲା ମାତୃଭାଷାରେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ଅଛି। ଜଙ୍ଗଲ ଅଧିକାର ଆଇନର ଜମି ଶିରୋନାମା ଆଧାରରେ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କୁ ଜାତି ସାର୍ଟିଫିକେଟ ଦିଆଯାଉନାହିଁ। ଯାହା ଦ୍ୱାରା ଲୋକେ ଶିକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଗୋଷ୍ଠୀ ଜଙ୍ଗଲ ଅଧିକାର କେବଳ ୧୩ ପ୍ରତିଶତ ସାମ୍ଭାବ୍ୟ ଗାଁକୁ ଦିଆ ଯାଇଛି। ଆଦିବାସୀ ଛାତ୍ର ଛାତ୍ରୀଙ୍କୁ ସମୟରେ ସ୍କୋଲାରସିପ ମିଳୁ ନଥିବାରୁ ପିଲାମାନଙ୍କ ପାଠପଢ଼ାରେ ଅନେକ ବ୍ୟାଘାତ ସୃଷ୍ଟି ହେଉଛି। ଏହିଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ଓପିସିସି ଦ୍ୱାରା ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିରେ ପ୍ରଦେଶ କଂଗ୍ରେସ କମିଟିର ୩ ସମ୍ପାଦକ ଲକ୍ଷ୍ମୀଧର ସିଂ, ଅନିମା ମିଞ୍ଜ ଓ ମୋହନ ହେମ୍ବ୍ରମ ଏବଂ ବରିଷ୍ଠ ଆଦିବାସୀ ନେତ୍ରୀ ରଞ୍ଜିତା ହେମ୍ବ୍ରମ, ଆଦିବାସୀ ନେତା ମାତରାସ ଡୁଙ୍ଗଡୁଙ୍ଗ, କଟକ ଜିଲ୍ଲା କଂଗ୍ରେସର ଯୁବନେତା ଆକ୍ୟୁବ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ ଅର୍ଥନୀତିକୁ 'ଡେଡ' କହିବା, ତାକୁ ସମର୍ଥନ କରିବା ବାଚାଳାମି: ତପନ ଚାନ୍ଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମ୍ପ୍ରତି ବିଶ୍ୱ ଅର୍ଥନୀତି ରେ ଭାରତ ଚତୁର୍ଥ ବୃହତ ଅର୍ଥନୀତି ହେବା ସହ ବିଶ୍ୱର ବୃହତ ଅର୍ଥନୀତିମାନଙ୍କ ମଧ୍ୟରେ ଅଧିକ ପ୍ରଗତିଶୀଳ ବୋଲି ମର୍ଯ୍ୟାଦା ପାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ଅର୍ଥନୀତିର ଆକାର ମାତ୍ର ଦଶ ବର୍ଷ ମଧ୍ୟରେ ତିନିଗୁଣ ବୃଦ୍ଧି ପାଇଛି ୨୦୧୪-୧୫ରେ ୧୦୬.୫୭ ଲକ୍ଷ କୋଟିରୁ ୨୦୨୪-୨୫ରେ ୩୨୧.୦୩ ଲକ୍ଷ କୋଟି । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ଆକଳନରେ ଭାରତ ଅର୍ଥନୀତିର ଅଭିବୃଦ୍ଧି ହାର ୨୦୨୫ -୨୬ରେ ୬.୪% ରହିବ ଓ ବିଶ୍ୱର ବୃହତ ଅର୍ଥନୀତି ଦେଶମାନଙ୍କ ମଧ୍ୟରେ ସବୁଠୁ ଅଧିକ ଅଭିବୃଦ୍ଧି ଉପସ୍ଥାପିତ କରିବ । ବିଶ୍ୱ ବାଙ୍କ ଭାରତ କୁ ବିଶ୍ୱ ଅର୍ଥନୀତିର Bright Spot ଭାବେ ସଂମାନ ଦେଇଛି । ବିଶ୍ୱର ପ୍ରସିଦ୍ଧ ରେଟିଙ୍ଗ ସଂସ୍ଥା Stanley Morganର ରିପୋର୍ଟ ମୁତାବକ ଭାରତ ୨୦୨୮ ସୁଦ୍ଧା ବିଶ୍ୱର ତୃତୀୟ ବୃହତ ଅର୍ଥନୀତିର ସ୍ଥାନ ଅଧିକାର କରିବ । ୨୦୩୫ ସୁଦ୍ଧା ଭାରତର ଅର୍ଥନୀତିର ଆକାର ଦୁଇଗୁଣ ବୃଦ୍ଧି ପାଇ ୧୦.୭ trillion dollarରେ ପହଞ୍ଚିବ । ବିଗତ ଏଗାର ବର୍ଷରେ ଅର୍ଥନୀତିର ସମସ୍ତ କ୍ଷେତ୍ରରେ- ଶିଳ୍ପ, ସେବାୟ, କୃଷି, ରପ୍ତାନି ଇତ୍ୟାଦିରେ ଅଭୂତପୂର୍ବ ପରିବର୍ତ୍ତନ, ପ୍ରଗତି ଓ ସମୃଦ୍ଧି ଆସିଛି । ଅନେକ ଅର୍ଥନୀତି ବିଶାରଦଙ୍କ ମତରେ ୨୦୪୭ ସୁଦ୍ଧା ଭାରତର ଅର୍ଥନୀତି ୩୦ Trillion Dollarକୁ ବଢିବ । ଏପରି ଏକ ପ୍ରଗତିଶୀଳ ଓ ସମୃଦ୍ଧ ଅର୍ଥନୀତିକୁ 'Dead' କହିବା ବାଚାଳାମି ନୁହେ ତା ଆଉ କଣ ? ସେଇପରି ଏ ପ୍ରକାର ନକାରାତ୍ମକ ଉକ୍ତିକୁ କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କ ସମର୍ଥନ ତଥା ପୁନରାବୃତ୍ତି ଆହୁରି ଅଧିକ ବାଚାଳାମିର ପ୍ରତିପାଦନ କରୁଛି । ଭାରତ ତାର ଅର୍ଥନୀତିର ଉପଲବ୍ଧି ପାଇଁ ବିଶ୍ୱ ଦରବାରରେ ପ୍ରସଂଶିତ ହେଉଛି । ଦେଶର ହିତରେ ଆମ ସମୃଦ୍ଧି ଓ ପ୍ରଗତିକୁ ହାଲ୍କା ନ କରି ଦେଶର ସଂମାନକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସାଧାରଣ ଦେଶ ବାସୀଙ୍କର ବିନମ୍ର ଅନୁରୋଧ ।

## ଅର୍ଗାନିକ ଚାଉଳରେ ପ୍ରସ୍ତୁତ ହେବ ଅଭଡ଼ା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅର୍ଗାନିକ ଚାଉଳରେ ଅଭଡ଼ା ପ୍ରସ୍ତୁତ ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏଥିପାଇଁ ରାଜ୍ୟ ସରକାର ୫ ବର୍ଷିଆ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ୮ଟି ଜିଲ୍ଲା କନ୍ଧମାଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ବଲାଙ୍ଗୀର ରେ ଅର୍ଗାନିକ ଫାର୍ମିଂ କରାଯିବ। ବଳଭଦ୍ର ଜୈବିକ ଚାଷ ମିଶନ ଅଧୀନରେ ୧୧୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ରାଜ୍ୟ ସରକାର ଏ ବାବଦରେ ୨୦୨୫-୨୬ରେ ୩୮ କୋଟି ଖର୍ଚ୍ଚ କରିବାକୁ ଯୋଜନା ଥିବା ବେଳେ ୨୦୨୬-୨୭ରେ ୨୮ କୋଟି, ୨୦୨୭-୨୮ ରେ ୨୦ କୋଟି, ୨୦୨୮-୨୯ ରେ ୧୧ କୋଟି ଓ ୨୦୨୯-୩୦ ରେ ୧୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରଖିଛନ୍ତି।

## ସିଦ୍ଧାନ୍ତ ମହାପାତ୍ରଙ୍କ ମାତାଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକପ୍ରିୟ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ପୂଜ୍ୟା ମାତା କନକ ମହାପାତ୍ରଙ୍କ ଆଜି ନିଜ ବାସଭବନରେ ୮୭ ବର୍ଷ ବୟସରେ ଦେହାନ୍ତ ଘଟିଛି । ସ୍ୱର୍ଗତାଃ ମହାପାତ୍ର ଜଣେ ସରଳ, ମେଳାପୀ ଓ ଧର୍ମ ପରାୟଣ ମହିଳା ଥିଲେ । ତାଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ ଗଭୀର ଶୋକ ପ୍ରକାଶ କରିଛନ୍ତି । ରାଜ୍ୟ ସଭାପତି ଶ୍ରୀ ସାମଲ ଏବଂ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ଅନେକ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ସ୍ୱର୍ଗତାଃ ମହାପାତ୍ରଙ୍କ ବାସ ଭବନରେ ତାଙ୍କ ପାର୍ଥିବ ଶରୀରର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସ୍ୱର୍ଗତାଃ ମହାପାତ୍ରଙ୍କ ଶୋକ ସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ସମବେଦନା ଜଣାଇ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି।

## ମଧ୍ୟାହ୍ନ ଭୋଜନରେ ମିଳିବ ଫଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍କୁଲରେ ପିଲାଙ୍କୁ ମଧ୍ୟାହ୍ନଭୋଜନରେ ଏଣିକି ମିଳିବ ଫଳ। ଯେଉଁମାନେ ଅଣ୍ଡା ନ ଖାଉଛନ୍ତି ସେମାନଙ୍କୁ ଫଳ ଦିଆଯିବ। ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଏନେଇ ଚିଠି କରାଯାଇଛି। ଶିଶୁ ବାଟିକାରୁ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏହା ଲାଗୁ ହେବ। ପିଲାଙ୍କୁ କଦଳୀ, ଆମ୍ବ, ସେଓ ଭଳି ଅନ୍ୟ ଫଳ ମଧ୍ୟ ଦିଆଯାଇପାରିବ।

## ସିଦ୍ଧାନ୍ତ ମହାପାତ୍ରଙ୍କ ମାତୃ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ମାତୃ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଦିଗପହଣ୍ଡି ବିଧାୟକ ଶ୍ରୀ ସିଦ୍ଧାନ୍ତ ମହାପାତ୍ରଙ୍କ ମାତୃବିୟୋଗ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ । ଶ୍ରୀ ମହାପାତ୍ରଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ପାର୍ଥିବ ଶରୀରର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କଲି ଓ ଶୋକାକୁଳ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଲି । ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ଦିବଙ୍ଗତ ଆତ୍ମାଙ୍କୁ ଶାନ୍ତି ପ୍ରଦାନ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ଏହି ଦୁଃଖ ସହିବାର ଶକ୍ତି ପ୍ରଦାନ କରନ୍ତୁ ।

### ରାଜ୍ୟରେ ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରସଙ୍ଗ


## ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ହାଲ୍ଲାବୋଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ଛାତ୍ର ଓ ଯୁବ ଜନତା ଦଳର ଘୋଷଣା ଆଧାରରେ ଅଗଷ୍ଟ ୧ରୁ ୮ ପର୍ଯ୍ୟନ୍ତ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଓ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ଦ୍ୱିତୀୟ ଦିନରେ ରାଜ୍ୟର ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ନାରୀ ବିରୋଧୀ ଘଟଣାର ପ୍ରତିବାଦରେ ବିଜେଡି ଛାତ୍ର ଓ ଯୁବ ପକ୍ଷରୁ ରଣହୁଙ୍କାର ଦିଆଯାଇଛି । ଶନିବାର ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଲିରେ ଯାଇ ଛାତ୍ରୀ ଓ ନାରୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବା ସହ ଓଡ଼ିଶାରେ ଅହେତୁକ ବୃଦ୍ଧି ପାଇଥିବା ଛାତ୍ରୀ ଓ ନାରୀଙ୍କ ଉପରେ ନିର୍ଯାତନା ଓ ଅପରାଧ ବିରୁଦ୍ଧରେ ତ୍ୱରିତ ଉପଯୁକ୍ତ ପୁଲିସ କାର୍ଯ୍ୟାନୁଷ୍ଠାନ ଦାବିରେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ନିକଟସ୍ଥ ଥାନା ଓ ଡିସିପିଙ୍କ ଅଫିସରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ଛାତ୍ର ଓ ଯୁବ ବିଜେଡିର ଶୋଭାଯାତ୍ରା ବାହାରି ଭୁବନେଶ୍ୱର ଡିସିପି ଅଫିସ ଆଗରେ ପ୍ରତିବାଦ କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ । କଟକର ଶୈଳବାଳା ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ଲାଲବାଗ ଥାନାରେ ଓ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ବିଡାନାସୀ ଥାନାରେ ଡିଜିଙ୍କ ଉଦେ୍ଦଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଜ୍ୟ ବିଜେପି ସରକାରଙ୍କୁ କଡା ସମାଲୋଚନା କରିଥିଲେ ।

## ଚଳଚ୍ଚିତ୍ର 'ମୋ ବୋଉ, ମୋ ଗାଁ'ର ନିର୍ମାତାଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା 'ମୋ ବୋଉ, ମୋ ଗାଁ'ର ନିର୍ମାତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା 'ମୋ ବୋଉ, ମୋ ଗାଁ'ର ନିର୍ମାତା, କଳାକାର ତଥା ଏଥିସହ ଜଡ଼ିତ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ଏହା ସମସ୍ତଙ୍କ ପାଇଁ ଖୁସି ଓ ଗୌରବର ବିଷୟ। ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି, ଆଗାମୀ ଦିନରେ ସମସ୍ତେ ଆହୁରି ସଫଳତା ଅର୍ଜନ କରନ୍ତୁ।

## ସ୍ୱାୟତ୍ତ ଶାସନ ଦିବସ ପାଇଁ ବିଏମ୍‌ସିର ପ୍ରସ୍ତୁତି ବୈଠକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ମାସ ୩୧ ତାରିଖ ଦିନ ହେବାକୁ ଥିବା ସ୍ୱାୟତ ଶାସନ ଦିବସ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, ସିଟି ଇଂଜିନିୟର ବିଳାଶ କୁମାର ବେହେରା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷରାମଚନ୍ଦ୍ର ରଣସିଂହ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ବହୁ କର୍ପୋରେଟର, ବିଏମ୍ ସିର ସମସ୍ତ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ । ସ୍ୱାୟତ ଶାସନ ଦିବସ ସଂପର୍କରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ମଧ ବିଭିନ୍ନ ପଦକ୍ଷେପ ନିଆଯିବ । ଚଳିତ ବର୍ଷ ପରି ଏ ବର୍ଷ ମେୟର ଏକାଦଶ ଓ କମିଶନର ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ତେବେ ଚଳିତ ବର୍ଷ କ୍ରିକେଟ ସହ ଫୁଟବଲ ଖେଳକୁ ମଧ ସାମିଲ କରାଯାଇଛି । ଏହା ବ୍ୟତୀତ ଚେସ୍, କ୍ୟାରେମ, ବ୍ୟାଡ ମିଣ୍ଟନ, ମ୍ୟୁଜିକ୍ ଚେୟାର ଆଦି ବିଭିନ୍ନ ଇନଡୋର ଓ ଆଉଟ୍ ଡୋର୍ ଗେମ୍ସ, ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ବିଏମ୍‌ସିର କର୍ପୋରେଟର, ଅଧିକାରୀ ଓ କର୍ମଚାରୀ ଅଂଶ ଗ୍ରହଣ କରିପାରିବେ । ଏହି ସମସ୍ତ କାର୍ଯ୍ୟ ବିଏମ୍‌ସିର ରିକ୍ରିଏସନ କ୍ଲବ ପରିଚାଳନା କରିବାକୁ ନିଷ୍ପତ୍ତି ହୋଇଛି । ସେହିପରି ସେପ୍ଟେମ୍ବର ୨ ତାରିଖ ଦିନ ବିଏମ୍‌ସି ରିକ୍ରିଏସନ କ୍ଲବ ପକ୍ଷରୁ ରବିନ୍ଦ୍ର ମଣ୍ଡପଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ । ଏହା ବ୍ୟତୀତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କବିତା, ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗୀତା ମଧ ଅନୁଷ୍ଠିତ ହେବ । ସେହିପରି ବିଏମ୍ ସିର ତିନୋଟି ଜୋନରୁ ୩ ଜଣଙ୍କୁ ସମାଜ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ନଗର ବନ୍ଧୁ ପୁରସ୍କାର ପ୍ରଦାନ କରାଯିବ । ତିନୋଟି ଜୋନର ୩ଟି ୱାର୍ଡକୁ ଶ୍ରେଷ୍ଠ ସ୍ୱଚ୍ଛ ୱାର୍ଡ ଘୋଷଣା କରାଯିବ । ଏଥି ସହିତ ଆସନ୍ତା ଅଗଷ୍ଟ ୧୫ ତାରିଖ ଦିନ ସ୍ୱାଧିନତା ଦିବସ ପାଇଁ ମଧ ଏହି ବୈଠକରେ ଆଲୋନଚା କରାଯାଇ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

## ବୋର୍ଡ ସଭାପତି ଓ ଉପ ସଭାପତିଙ୍କୁ ଜେରା

କଟକ(ଭାସ୍କର ନ୍ୟୁଜ୍): ଓଟିଇଟି ପ୍ରଶ୍ନପତ୍ର କେଲେଙ୍କାରୀ ମାମଲାରେ ଆଜି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କୁ ପଚରା ଉଚୁରା ହୋଇଛି। ସେହିପରି ଉପ ସଭାପତି ନିହାର ମହାନ୍ତିଙ୍କୁ ଦୀର୍ଘ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ପଚରା ଉଚୁରା କରିଛି କ୍ରାଇମବ୍ରାଞ୍ଚ୍ । କେମିତି ଉପ ସଭାପତିଙ୍କ ଲ୍ୟାପଟପ୍ କୁ ପ୍ରଶ୍ନପତ୍ର ଆସିଲା, ମୁଖ୍ୟ କାରପେଟ୍ ଦାର୍ ଜିତେନ୍ ମହାରଣା କେମିତି ଉପ ସଭାପତିଙ୍କ ଲ୍ୟାପଟପର ପାସୱାର୍ଡ ଜାଣିଲେ ଏସବୁକୁ ନେଇ ଉପ ସଭାପତିଙ୍କୁ ପଚାରିଥିଲା କ୍ରାଇମବ୍ରାଞ୍ଚ । ପୂର୍ବରୁ ବୋର୍ଡ଼ର କିଛି କର୍ମଚାରୀଙ୍କୁ ବି ଜେରା କରାଯାଇଛି। ଏହାସହ କୋରାପୁଟ ଜିଲ୍ଲା ଜୟପୁରର ଶିବା ଜେରକ୍ସ ମାଲିକ ଶିବାନନ୍ଦଙ୍କ ବୟାନ ମାଜିଷ୍ଟ୍ରେଟଙ୍କ ସାମ୍ନାରେ କରାଯାଇଛି। ଶିବାନନ୍ଦଙ୍କ ଜେରକ୍ସ ଦୋକାନରେ ହାତ ଲେଖା ପ୍ରଶ୍ନପତ୍ର ପ୍ରିଂଟି ହୋଇଥିଲା । ପ୍ରିଣ୍ଟିଂ କରିଥିଲେ ଗିରଫ ଶିକ୍ଷକ ପ୍ରଶାନ୍ତ ଖମାରୀ । ତେବେ ସବୁଠାରୁ ବଡ଼ କଥା ହେଲା କି ବୋର୍ଡର ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମ୍ପର୍କୀୟଙ୍କ ଫାର୍ମରେ ହିଁ ଓଟିଇଟି ପ୍ରଶ୍ନପତ୍ର ଛପା ଯାଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

## ବସ୍‌ଷ୍ଟାଣ୍ଡରୁ ନାବାଳିକା ଉଦ୍ଧାର

କଟକ(ଭାସ୍କର ନ୍ୟୁଜ୍): ଜଗତପୁର ଥାନା ପୋଲିସ ଶନିବାର ସଂଧ୍ୟାରେ ଜଣେ ନାବାଳିକାକୁ ଉଦ୍ଧାର କରିଥିଲା। ଗୋଲେଇ ଛକ ବସଷ୍ଟାଣ୍ଡରେ ନାବାଳିକା ବୁଲିଥିବା ବେଳେ କିଛି ଅଟୋ ଚାଳକ ଏ ସଂପର୍କରେ ପୁଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିଥିଲେ। ଥାନାକୁ ଆଣି ନାବାଳିକାକୁ ପଚରାଉଚରା ସମୟରେ ନାବାଳିକା ଜଣକ ମାନସିକ ବିକୃତି ଥିବା ଜଣାପଡିଥିଲା। ପରେ ପୁଲିସ ନାବାଳିକା ସଂପର୍କରେ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ମାନସିକ ବିକୃତି ଥିବା ନାବାଳିକାକୁ ବସୁନ୍ଧରାରେ ଛାଡିଥିଲା। ପ୍ରକାଶ ଯେ, ଭୁବନେଶ୍ୱରରୁ ଜଗତପୁର ଆସୁଥିବା ମୋ ବସ୍‌ରେ ନାବାଳିକା ଆସିଥିବା ଜଣାପଡିଥିଲା। ଭୁବନେଶ୍ୱରର ଡମଣା ଛକରୁ ଚଢିଥିବା ପୋଲିସ ଅନୁସଂଧାନ ସମୟରେ ଜଣାପଡିଥିଲା। ମୋ ବସ୍‌ଟି ଆସି ଜଗତପୁର ଛକରେ ରହିବା ସମୟରେ ଅନ୍ୟ ଯାତ୍ରୀଙ୍କ ସହ ନାବାଳିକାଟି ଓହ୍ଲାଇଥିଲା। ସେଠାରେ ସେ ଏଣେତେଣେ ବୁଲୁଥିବା ସମୟରେ ତାକୁ ଅଟୋ ଚାଳକ ଅଟକାଇଥିଲେ। ପରେ ଏ ସଂପର୍କରେ ସେମାନେ ପୋଲିସକୁ ଖବର ଦେଇଥିଲେ।

## ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ, ଡିଜେଲ ବ୍ୟବହାର କଲେ କଡା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ମନା । ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ, ଡିଜେଲ ବ୍ୟବହାର କଲେ କଡା କାର୍ଯ୍ୟାନୁଷ୍ଠାନ । ଏନେଇ ରାଜ୍ୟର ସବୁ ଜିଲ୍ଲପାଳଙ୍କୁ ଚିଠି । ପ୍ଲାଷ୍ଟିକ ବୋତଲ ରେ ପେଟ୍ରୋଲ ବିକ୍ରୟ, ଯୋଗାଣ, ପରିବହନ ଏବଂ ସଂରକ୍ଷଣ ନିଷେଧ । ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲିୟମ ଉତ୍ପାଦ-ବିଶେଷକରି ପେଟ୍ରୋଲ ଏବଂ ଡିଜେଲ-ପ୍ଲାଷ୍ଟିକ୍ ବୋତଲ ଏବଂ ଅନୁମୋଦିତ ନ ଥିବା ପାତ୍ରରେ ବିକ୍ରି ଏବଂ ପରିବହନ କରାଯାଉଛି। ସରକାର ଜନସାଧାରଣଙ୍କ ସୁରକ୍ଷା ସ୍ୱାର୍ଥରେ ସମସ୍ତ ଜିଲ୍ଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ କଡ଼ା ପ୍ରବର୍ତ୍ତନ ପାଇଁ ନିମ୍ନଲିଖିତ ନିର୍ଦ୍ଦେଶ ଜାରି କରିବାକୁ ନିଷ୍ପତ୍ତି ନେଇଛନ୍ତି ।

## ସରକାରୀ କର୍ମଚାରୀଙ୍କ ସେଲ୍‌ଫ ଆପ୍ରାଇଜାଲ୍ ଅବଧି ବଢିଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସରକାରୀ କର୍ମଚାରୀଙ୍କ ସେଲ୍‌ଫ ଆପ୍ରାଇଜାଲ୍ ଅବଧି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ଗ୍ରୁପ ଏ ଓ ଗ୍ରୁପ ବି ବର୍ଗର ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଅବଧି ବଢିଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଚିଠି କରାଯାଇଛି। ତେବେ ନିର୍ଦ୍ଧାରିତ ଅବଧି ମଧ୍ୟରେ ଏଚଆରଏମଏସ୍ ପୋର୍ଟାଲରେ ଅପଲୋଡ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ରାଷ୍ଟ୍ରୀୟ ସଭାପତି ଘୋଷଣା ପରେ ଓଡ଼ିଶା ଟିମ୍ ଘୋଷଣା: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି ରାଷ୍ଟ୍ରୀୟ ସଭାପତି ଘୋଷଣା ପରେ ଓଡ଼ିଶା ଟିମ୍ ଘୋଷଣା ହେବ ବୋଲି କହିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ ଆମେ ଏକ ରାଷ୍ଟ୍ରୀୟ ଦଳ, ଏହା ହେଉଛି ଆମର ସାମ୍ବିଧାନିକ ବ୍ୟବସ୍ଥା। ତାପରେ ଚୂଡାନ୍ତ ହେବ ନିଗମ ବୋର୍ଡ । ଖୁବଶୀଘ୍ର ଠିକ ସମୟରେ ଘୋଷଣା ହେବ। କେବେ କେନ୍ଦ୍ରୀୟ ସଭାପତି ନିର୍ବାଚନ ସରିବ ପ୍ରଶ୍ନରେ କହିଲେ ଡେଡ୍‌ଲାଇନ ନାହିଁ ବୋଲି କହିଛନ୍ତି ମନମୋହନ ସାମଲ।

## ମହାନଦୀକୁ ମାରି ଦେବା ପାଇଁ ଚକ୍ରାନ୍ତ କରୁଥିବା ଦଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି: ଅନିଲ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯେଉଁମାନେ ସରକାରରେ ଲମ୍ବା ସମୟ ରହିବା ପରେ ବି ମହାନଦୀରେ କେନାଲଟିଏ କରିପାରିଲେ ନାହିଁ, ବନ୍ଧଟିଏ ବାନ୍ଧି ପାରିଲେ ନାହିଁ ସେମାନେ ଆଜି ମହାନଦୀ ପାଇଁ ଉଦ୍‌ବେଗ ପ୍ରକାଶ କରିବା ହାସ୍ୟାସ୍ପଦ ବୋଲି ବିଜେଡିକୁ କଟାକ୍ଷ କରି କହିଛନ୍ତି ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳ । ସେ କହିଛନ୍ତି ପ୍ରଥମେ ବିଜୁ ଜନତା ଦଳ ସ୍ପଷ୍ଟ କରୁ ଯେ, ସେମାନେ ଯେଉଁ ଟ୍ରିବ୍ୟୁନାଲ କଥା କହି ଓଡିଶାବାସୀଙ୍କୁ ୨୦୧୮ରୁ ୨୦୨୪, ୬ବର୍ଷ କାଳ ମହାନଦୀ ବିବାଦର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ତାହା ସେମାନେ ପୂରଣ କରିପାରି ନଥିଲେ କାହିଁକି? ଟ୍ରିବ୍ୟୁନାଲ ବାବଦରେ କେବଳ ଓକିଲ ଖର୍ଚ୍ଚ ବାବଦରେ ରାଜ୍ୟ ରାଜକୋଷରୁ ସେତେବେଳେ ୩୦କୋଟି ଟଙ୍କାରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ଏହାର ଲାଭ ଓଡିଶା ଲୋକଙ୍କୁ କ'ଣ ମିଳିଲା ତାହା ବିଜୁ ଜନତା ଦଳ ସ୍ପଷ୍ଟ କରୁ । ଭାରତ ଇତିହାସରେ କୌଣସି ବି ଆର୍ନ୍ତରାଜ୍ୟ ନଦୀ ବିବାଦର ସମାଧାନ ଟ୍ରିବ୍ୟୁନାଲ ଦ୍ୱାରା ହୋଇପାରିନାହିଁ । ଯାହା ବି ସମାଧାନ ହୋଇଛି କେବଳ ଆପୋଷ ଆଲୋଚନା ମାଧ୍ୟମରେ ହୋଇଛି । ଭାରତୀୟ ଜନତା ପାର୍ଟି ସରକାର ଏବେ ଯେତେବେଳେ ମହାନଦୀ ବିବାଦର ସମାଧାନ ପାଇଁ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା ବାହାର କରୁଛନ୍ତି ସେତେବେଳେ ବିଜୁ ଜନତା ଦଳକୁ କାହିଁକି କଷ୍ଟ ହେଉଛି ତାହା ବୁଝା ପଡୁନାହିଁ । ଯେଉଁମାନେ ସରକାରରେ ଥିଲାବେଳେ ମହାନଦୀକୁ ମାରି ଦେବା ପାଇଁ ଚକ୍ରାନ୍ତ କରୁଥିଲେ ସେମାନେ ଏବେ ବିରୋଧୀ ଦଳରେ ବସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ବିଜୁ ଜନତା ଦଳର ବନ୍ଧୁମାନେ ଆଶ୍ୱସ୍ତ ରୁହନ୍ତୁ ଯେ, ମହାନଦୀ ପ୍ରସଙ୍ଗରେ ଭାରତୀୟ ଜନତା ପାର୍ଟି ସରକାର ଓଡିଶାବାସୀଙ୍କୁ ତାଙ୍କ ନ୍ୟାର୍ଯ୍ୟ ଅଧିକାର ଦେବାପାଇଁ ବଦ୍ଧପରିକର ବୋଲି ବିଜେପି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି ।

## ମା' କଟକ ଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ତଦାରଖ କଲେ ବିଧାୟିକା




କଟକ(ଭାସ୍କର ନ୍ୟୁଜ୍): କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିର ପ୍ରକଳ୍ପ ନିର୍ମାଣରେ ଆହେତୁକ ବିଳମ୍ବ ସହ ନିମ୍ନମାନର କାର୍ଯ୍ୟ ପାଇଁ ବାରମ୍ବାର ଅଭିଯୋଗ ହୋଇଥିବାରୁ ଆଜି ଅପରାହ୍ନରେ ବିଧାୟିକା ସୋଫିଆ ଫିରଦୋସ ଏହାର ତଦାରଖ କରିଛନ୍ତି । ଏଥିରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମଧ୍ୟ ଉପସ୍ଥିତ ରହି ନିର୍ମାଣ ପ୍ରଗତି ବିଷୟରେ ବିସ୍ତୃତ ଭାବେ ବୁଝିଥିଲେ । ସେପ୍ଟେମ୍ବର ୧୦ ସୁଦ୍ଧା ଜଗମୋହନ ମଣ୍ଡପ କାର୍ଯ୍ୟ ସାରିବାକୁ ବିଧାୟିକା କହିଛନ୍ତି । ଆଗାମୀ ପୂଜାରେ ଭକ୍ତମାନେ ସୁବିଧାରେ ମା'ଙ୍କ ଦର୍ଶନ କରିପାରିବେ ସେଥିପ୍ରତି ଧ୍ୟାନ ଦେଇ ସମ୍ପୂର୍ଣ୍ଣ ପ୍ରକଳ୍ପକୁ ଡିସେମ୍ବର ୨୦୨୫ ସୁଦ୍ଧା ଶେଷ କରିବା ପାଇଁ ବିଧାୟିକା ଆଲୋଚନା କରିଛନ୍ତି । ପାର୍କିଂ ସୁବିଧା ନଥିବା, ବାହାର ରାସ୍ତା ସଂକୀର୍ଣ୍ଣ ଥିବାରୁ ଟ୍ରାଫିକ ଜାମ ହେବାର ସମ୍ଭାବନା ଉପରେ ମଧ ବିଧାୟିକା ଗଭୀର ଚିନ୍ତା ପ୍ରକଟ କରିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ସେ ଶୀଘ୍ର ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି । ଓବିସିସିର ଅଧ୍ୟକ୍ଷକ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସନ୍ତୋଷ ଭୋଳ, ଶୁବାଶିଷ ପଟ୍ଟନାୟକ ଓ ଲିଜାରାଣୀ ରାଉତ, ସେଖ ବଜାର ପୂଜା କମିଟି ସଂପାଦକ କିଶୋର କୁମାର ବେହେରା, ଶୈଳବାଳା ଜେନା, ଶରତ ଚନ୍ଦ୍ର ଶେଠୀ, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର, ସୁରଜିତ ସାହୁ, ମହମ୍ମଦ ଇମ୍ରାନ, ସେକ ଅସଲମ, ଦେବେନ୍ଦ୍ର ପ୍ରସାଦ ଶେଠୀ, ଶୋନୁ ସ୍ୱାଇଁ, ଦିଲ୍ଲୀପ ମହାନ୍ତି, ସୌମ୍ୟ ରାଞ୍ଜନ ରାହା, ଉବେଶ ସାହୁ, ସତ୍ୟଶ୍ରୀ ବେହେରା, ଅବଦୁଲ ନସିମ ପ୍ରମୁଖ ଉପସ୍ଥିତ ଥିଲେ ।



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ’ ସାଙ୍ଗେ କେହି ତ’ ଯିବେ ନାହିଁ ।

- ଖଗେଶ୍ୱର ସେଠ୍



# ଲୁଣବାଡ଼: ସମୁଦ୍ରରୁ ସତ୍ୟାଗ୍ରହ ଯାଏଁ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

## ମୁଦ୍ରା କାହାଣୀ

ହାଣ୍ଡିଶାଳର କଡ଼େଇରୁ ପରୀକ୍ଷାଗାରର ଟେଷ୍ଟ୍ ଟ୍ୟୁବ୍ ପର୍ଯ୍ୟନ୍ତ, ମହାସାଗରର ଜଳରାଶିରୁ ପର୍ବତର ଶିଖର ପର୍ଯ୍ୟନ୍ତ, ପିରିଅଡିକ୍ ଟେବୁଲ୍ ଠାରୁ କବିର କବିତା ପର୍ଯ୍ୟନ୍ତ, ମଣିଷର ଶରୀର ଠାରୁ ଖଣି ପର୍ଯ୍ୟନ୍ତ, ଜ୍ୟୋତିର୍ବିଜ୍ଞାନ ଠାରୁ ବସ୍ତୁଶାସ୍ତ୍ର ପର୍ଯ୍ୟନ୍ତ – ସବୁଠି ଲୁଣ। ଲୁଣ ବିନା ଜୀବନ ସ୍ୱାଦହୀନ। ଯେତେ ସ୍ୱାଦିଷ୍ଟ କରି ଖାଦ୍ୟ ରନ୍ଧା ଯାଉ ଟିପେ ଲୁଣ ନ ପଡ଼ିଲେ ସ୍ୱାଦହୀନ। ଏବେ ତ ଯାନବାହନ ପାଇଁ ଲୁଣରୁ ବ୍ୟାଟେରୀ ତିଆରି ହେବା ଆରମ୍ଭ ହେଲାଣି। ଲୁଣର ଭଲ ଓ ମନ୍ଦଗୁଣକୁ ନେଇ ଓଡ଼ିଆରେ ‘ଯାହାର ଲୁଣ ଖାଇବ ତା’ର ଗୁଣ ଗାଇବ’, ‘ଲୁଣ ଖାଏ ହାଣ୍ଡି ଚିନ୍ତା ଖାଏ ଗଣ୍ଡି’ ଠାରୁ ଆରମ୍ଭ କରି ହିନ୍ଦୀରେ ‘ଯିସ୍‌ନେ ମେରା ନମକ ଖାୟା ଉସିନେ ଘାଓ ପର୍ ନମକ ଛେଡ଼ା’ ପରି ଲୋକୋକ୍ତି ପ୍ରଚଳିତ। ଚୀନ୍ ପୃଥିବୀର ସର୍ବାଧିକ ଲୁଣ ଉତ୍ପାଦକ। ଗୁଜୁରାଟର କଚ୍ଛ ସମୁଦ୍ର ବେଳାଭୂମିରେ ଭାରତର ସବୁଠୁ ବେଶୀ ଲୁଣ ଉତ୍ପାଦିତ ହୁଏ। ଗ୍ରୀଷ୍ମଋତୁରେ ଏଠାରେ ସ୍ୱତଃ ଲୁଣର ଏକ ବହଳିଆ ସ୍ତର ସୃଷ୍ଟି ହୋଇ ବିରାଟ ଚାଦରର ଭ୍ରମ ସୃଷ୍ଟି କରେ। ଲୁଣ ଯେ କେବଳ ସମୁଦ୍ରରୁ ମିଳେ ତା’ ନୁହେଁ। ଏହା ପର୍ବତରୁ ମଧ୍ୟ ମିଳିଥାଏ। ହିମାଚଳ ପ୍ରଦେଶର ଦ୍ରାଙ୍ଗ୍ ଏବଂ ଗୁମ୍ମା ଖଣିରୁ ପଥରଲୁଣ ମିଳିଥାଏ। ଗୋଲାପୀ ଲୁଣର ସବୁଠାରୁ ବଡ଼ ଖଣି ପାକିସ୍ତାନର ଖେୱରା ଅଞ୍ଚଳରେ ଅବସ୍ଥିତ।

ଲୁଣ ଦିନେ ମୁଦ୍ରାରହିତ ଅଦଳବଦଳ (ବାର୍ଟର୍) ଅର୍ଥବ୍ୟବସ୍ଥାରେ ଦେଣନେଣର ମାଧ୍ୟମ ଥିଲା। ପ୍ରାଚୀନ ରୋମ୍‌ରେ ତ ସୈନ୍ୟମାନଙ୍କ ଦରମାର ଗୋଟିଏ ଅଂଶ ‘ସାଲାରିଅମ୍’ ମୁଦ୍ରାରେ ଦିଆ ନ ଯାଇ ଲୁଣ ଆକାରରେ ଦିଆ ଯାଉଥିଲା। ‘ସଲ୍ଟ’ ଶବ୍ଦରୁ ଗୃହୀତ ‘ସାଲାରିଅମ୍’ରୁ ବର୍ତ୍ତମାନ ପୃଥିବୀରେ ବେତନ ପାଇଁ ବ୍ୟବହୃତ ‘ସାଲାରି’ ଶବ୍ଦଟି ଆସିଛି। ନିହାତି ଦରକାରି କିନ୍ତୁ ଅତି ତୁଚ୍ଛ ଭାବରେ ପରିଗଣିତ ଲୁଣ ଯେ ଗୋଟିଏ ଦେଶର ସ୍ୱାଧୀନତା ସଂଗ୍ରାମର ଆଧାର ହୋଇଥିଲା ଇତିହାସ ତା’ର ମୂକସାକ୍ଷୀ।

୧୯୯୫ ମସିହାରେ ଲଣ୍ଡନ ଗ୍ରନ୍ଥାଳୟରେ କାର୍ଯ୍ୟରତ ରୟ ମକ୍ସହମ୍ ସର୍ ୱିଲିୟମ୍ ହେନେରି ସ୍ଲିମନ୍‌ଙ୍କ ବହି ‘ଦି ରମ୍ବଲସ୍ ଆଣ୍ଡ ରିକଲେକ୍ସନ୍‌ସ୍ ଅଫ୍ ଆନ୍ ଇଣ୍ଡିଆନ ଅଫିସିଆଲ୍’ ପଢ଼ିବା ବେଳେ ଲୁଣ ପାଇଁ ସୃଷ୍ଟି ହୋଇଥିବା ବାଡ଼ ବିଷୟରେ ଜାଣିବାକୁ ପାଇଲେ। ବାଡ଼କୁ ଖୋଜିବାକୁ ସେ ତିନିଥର ଭାରତ ଆସିଥିଲେ। ୧୯୯୮ ମସିହାରେ ତାଙ୍କୁ ସଫଳତା ମିଳିଥିଲା। ଇଟାୱାରେ ବାଡ଼ର ଗୋଟିଏ ଛୋଟଅଂଶକୁ ସେ ଖୋଜି ପାଇଥିଲେ। ଏହା ଉପରେ ସେ ‘ଦି ଗ୍ରେଟ୍ ହେଜ୍ ଅଫ୍ ଇଣ୍ଡିଆ’ ନାମରେ ଏକ ପୁସ୍ତକ ରଚନା କରିଥିଲେ। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଏହି ବାଡ଼ ହେବା ଫଳରେ ଲୋକଙ୍କ ପାଇଁ ଲୁଣ ପାଇବା କଷ୍ଟକର ହୋଇ ପଡ଼ିଥିଲା। ଏପରିକି ଲୁଣର ବ୍ୟବହାର ସରକାରଙ୍କ ସ୍ଥିରୀକୃତ ପରିମାଣ ଅପେକ୍ଷା ଯଥେଷ୍ଟ କମିଗଲା। ସାଧାରଣ ଲୋକଙ୍କ କଥା ଛଡ଼ା, ସୈନ୍ୟ ଓ ବନ୍ଦୀମାନଙ୍କୁ ମଧ୍ୟ ଆବଶ୍ୟକ ପରିମାଣର ଲୁଣ ମିଳିନାନି।

ଭାରତରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ଶାସନ କାଳରେ ରବଟ୍ କ୍ଲାଇବ୍ ବଙ୍ଗ ପ୍ରଦେଶର ଗଭର୍ଣ୍ଣର ଭାବରେ ନିଯୁକ୍ତ ହୋଇଥିଲେ। ଧୂର୍ତ୍ତ କ୍ଲାଇବ୍ ଶୋଷଣର ସମସ୍ତପ୍ରକାର ଉପାୟରେ ଧୂରନ୍ଧର ଥିଲେ। ଦୈନ୍ୟରେ ସଢୁଥିବା ଭାରତୀୟଙ୍କର ଅତି ଦରକାରୀ ଖାଦ୍ୟପଦାର୍ଥ ଲୁଣ ମଧ୍ୟ ତାଙ୍କ ଶ୍ୟେନଦୃଷ୍ଟିରୁ ବାଦ୍ ପଡ଼ି ନ ଥିଲା। ପ୍ରଥମେ ବଙ୍ଗଳା ପ୍ରଦେଶରେ ଲୁଣ ଉପରେ ସେ ଟିକସ ବସାଇଲେ। ଲୁଣ ଉପରେ ଟିକସରୁ କମ୍ପାନୀ ଭଲ ଆୟ ପାଇଲା। ତେଣୁ ସେ ଓଡ଼ିଶାରେ ଉତ୍ପାଦିତ ଲୁଣ ଉପରେ କର ଲଦିଲେ। କିନ୍ତୁ ସେହି ଆୟକୁ ସେ ବ୍ରିଟନ୍‌କୁ ନ ପଠେଇ ନିଜର କେତେକ ବିଶ୍ୱସ୍ତ ଲୋକଙ୍କ ସହ ଭାଗ କରିନେଲେ। ଏକଥା ଜଣା ପଡ଼ିବା ପରେ କ୍ଲାଇବ୍‌ଙ୍କୁ ହଟେଇବା ପାଇଁ ସରକାର ସ୍ଥିର କଲେ। ହେଲେ କ୍ଲାଇବ୍ ସରକାରଙ୍କୁ ବାର୍ଷିକ ବାର ଲକ୍ଷ ଟଙ୍କା ଦେଇ ନିଜ ଗାଦି ସୁରକ୍ଷିତ ରଖି ପାରିଲେ। କିଛି ସମୟ ପାଇଁ ମାମଲା ଥଣ୍ଡା ପଡ଼ିଗଲା। କିନ୍ତୁ ଇଂରେଜ ସରକାର ଲୁଣର ଗୁଣ ବୁଝି ସାରିଥିଲେ।

ୱାରେନ୍ ହେଷ୍ଟିଙ୍ଗ୍‌ସ୍ କମ୍ପାନୀର ଗଭର୍ଣ୍ଣର୍ ଜେନେରାଲ୍ ହୋଇ ଆସିବା ପରେ ଲୁଣର ଦାମ୍ ମାଣ ପିଛା ଦୁଇଟଙ୍କା ଉପରେ କର ବସେଇଦେଲେ। ୧୭୮୪-୮୫ ବେଳକୁ ଇଂଲଣ୍ଡ ସରକାର ଲୁଣରୁ ୬୨ ଲକ୍ଷ ଟଙ୍କା ଲାଭ ପାଇଲେ। ଲାଭ ଅଧିକ ହେବାରୁ ଲୋଭ ବଢ଼ିଲା। ୧୭୮୮ ମସିହାରେ ଟିକସ ଟ.୨.୨୫ ପଇସାକୁ ବୃଦ୍ଧି କରାଗଲା। ଲୁଣର ଦାମ୍ ଚାରି ଟଙ୍କାରୁ ଅଧିକ ହେଲା। ସାଧାରଣ ଲୋକ ଲୁଣ କିଣିବା ଅସମ୍ଭବ ହୋଇଗଲା। ସବୁଠାରୁ ବେଶୀ ଅସୁବିଧା ବେଙ୍ଗଲ ଭୋଗିଲା। ଲୁଣର ଚୋରାକାରବାର ଆରମ୍ଭ ହେଲା। ଭାରତରେ ସବୁଠାରୁ ଅଧିକ ଲୁଣ ଗୁଜରାଟର କଚ୍ଛରେ ଉତ୍ପାଦନ ହେଉଥିଲା। ପଶ୍ଚିମରେ ଦେଶୀୟ ରାଜାମାନେ ଶାସନ କରୁଥିବାରୁ ଇଂରେଜ ପଶି ପାରି ନ ଥିଲେ। ତେଣୁ ଲୁଣ ଅତି ଶସ୍ତା ଥିଲା। ସେଠାରୁ ବେଙ୍ଗଲକୁ ଲୁଣ ଚୋରାଚାଲାଣ ହେଲା। ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଏହାକୁ ରୋକିବା ପାଇଁ କଷ୍ଟମ୍‌ସ୍ ପଏଣ୍ଟ୍ ସ୍ଥାପନ କରି ସାତହଜାର ଅଧିକାରୀ ନିଯୁକ୍ତ କଲେ। ଚୋରାକାରବାରକୁ ସଂପୂର୍ଣ୍ଣ ରୋକିବା ପାଇଁ ନେପାଳ ପର୍ଯ୍ୟନ୍ତ ଏମିତି କରାଗଲା।

ଆବଶ୍ୟକ ସରଞ୍ଜାମ ଓ ଅନ୍ୟ ସୁବିଧାର ଅଭାବ ସାଙ୍ଗକୁ ଏହି ପୋଷ୍ଟ୍ ପାଇଁ ଖର୍ଚ୍ଚ ଅଧିକ ଥିଲା। ତେଣୁ ସେସବୁ ଠିକ୍ ଭାବେ କାମ କଲେନି। ଅଧିକାରୀମାନେ ଲାଞ୍ଚ ନେଇ ଲୁଣ ଛାଡ଼ି ଦେଲେ। ହେଲେ ଲୁଣ ଗରିବ ଲୋକଙ୍କ ପାଖରେ ପହଞ୍ଚି ପାରୁ ନ ଥିଲା। ବେଙ୍ଗଲ୍‌ର ଲୋକ ଲୁଣାଭାବ ଜନିତ ରୋଗରେ ପଡ଼ି ମୃତ୍ୟୁବରଣ କଲେ। ଇଂରେଜଙ୍କୁ ଲୋକଙ୍କ ମୃତ୍ୟୁରେ କିଛି ଫରକ ପଡୁ ନ ଥିଲା। ଚିନ୍ତା ଥିଲା କ୍ଷତିର । ୧୮୫୭ ର ସିପାହୀ ବିଦ୍ରୋହ ପରେ ଶାସନ ଯେତେବେଳେ କମ୍ପାନୀ ହାତରୁ ସରକାରଙ୍କ ହାତକୁ ଗଲା ସରକାର ଚୋରାକାରବାର ରୋକିବାକୁ କଡ଼ା ପଦକ୍ଷେପ ନେଲେ। ସ୍ଥିର ହେଲା ଇସଲାମାବାଦରୁ ହିସାର, ଆଗ୍ରା, ଝାନ୍‌ସୀ ଦେଇ ଓଡ଼ିଶା ପର୍ଯ୍ୟନ୍ତ ଦି ଗ୍ରେଟ୍ ୱାଲ୍ ଅଫ୍ ଚାଇନା ପରି ଗୋଟେ ଅତି ଦୀର୍ଘ କାନ୍ଥ ନିର୍ମାଣ କରାଯିବ। କିନ୍ତୁ ଖର୍ଚ୍ଚକୁ ଦେଖି କାନ୍ଥ ନିର୍ମାଣ ବନ୍ଦ ହେଲା। ୧୭୬୮ ମସିହାରେ ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍ କଷ୍ଟମ୍‌ସ୍ କମିଶନର୍ ହୋଇ ଆସିଲେ। ବିରାଟ ଖର୍ଚ୍ଚକୁ ଦେଖି ସେ ବିକଳ୍ପ ପନ୍ଥା ଚିନ୍ତା କଲେ। ଉଦ୍ଭିଦ ବିଜ୍ଞାନୀ ହ୍ୟୁମ୍ ପରୀକ୍ଷାନିରୀକ୍ଷା ପରେ କରୋନ୍ଦା କୋଳି ଗଛର ବାଡ଼ କରିବା ପାଇଁ ସ୍ଥିର କଲେ। କରୋନ୍ଦା ଓ କଣ୍ଟାଦାର ବବୁଲ୍ ଗଛର ବାଡ଼ ସୃଷ୍ଟି କରାଗଲା। ଗଛକୁ ପାଣି ଦେବା ପାଇଁ ମଝିମଝିରେ କୂଅ ଖୋଳା ହେଲା ଏବଂ ରାସ୍ତା ତିଆରି ହେଲା। ୧୮୭୦ ମସିହାରେ ହ୍ୟୁମ୍‌ଙ୍କ କାର୍ଯ୍ୟକାଳ ସରିବା ବେଳକୁ ୧୨୦୦ କିଲୋମିଟର ବାଡ଼ ସୃଷ୍ଟି ହୋଇ ସାରିଥିଲା। ୧୨ ଫୁଟ ଉଚ୍ଚ ଓ ୧୪ ଫୁଟ ଓସାରର ବାଡ଼ରେ ମଣିଷ ତ ଛାଡ଼, ଛୋଟ ଜୀବଟିଏ ମଧ୍ୟ ପଶି ପାରୁ ନ ଥିଲା।ବାଡ଼ ହେଲା ପରେ ଲୁଣ ଚୋରି ଅନେକ ମାତ୍ରାରେ କମିଲା। ୧୮୭୭-୭୮ ଭିତରେ ବହୁତ ଚୋରା ବ୍ୟବସାୟୀ ଧରା ପଡ଼ିଲେ।

୧୮୭୫ ମସିହା ବେଳକୁ ଲୁଣବାଡ଼ ବ୍ରିଟିଶ ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କଲା। ସେ ରାସ୍ତାରେ ଲୁଣ ସହିତ ଚିନି ଓ ଅନ୍ୟାନ୍ୟ ଜିନିଷର କାରବାର ଥିଲା। ଲୁଣ ଓ ଚିନିକୁ ଏକା ଭାବି ଅଟକା ଯାଉଥିବାରୁ ଚିନି ଠିକ୍ ସମୟରେ ପହଞ୍ଚି ପାରୁ ନ ଥିଲା। ଏହା ଛଡ଼ା ଥିଲା ଦୁର୍ନୀତି। ଚେକ୍ ପୋଷ୍ଟ୍‌ରେ ଥିବା ପୋଲିସ ଓ କଷ୍ଟମ୍‌ସ୍ ଅଧିକାରୀ ଲାଞ୍ଚ ଖାଇଲେ। ଏହି ପୃଷ୍ଠଭୂମିକୁ ନେଇ ପ୍ରେମ୍ ଚାନ୍ଦ ତାଙ୍କ ଉପନ୍ୟାସ ‘ନମକ୍ କା ଦାରୋଗା’ ଲେଖିଥିଲେ ବୋଲି କୁହାଯାଏ। ସମସ୍ୟା ସୃଷ୍ଟି ହେବା ଫଳରେ ଏ ବାଡ଼ ପାଖେ ପାଖେ ଥିବା କଷ୍ଟମ୍‌ସ୍ ପୋଷ୍ଟକୁ ଉଠେଇବାକୁ ଦାବି ଉଠିଲା। ଲୁଣ ଚୋରା କାରବାର ବନ୍ଦ କରିବାର ଉଦ୍ଦେଶ୍ୟ ନେଇ ୧୮୭୨ ମସିହାରେ ଭାଇସ୍‌ରୟ ଲର୍ଡ୍ ମାୟୋ ପଶ୍ଚିମ ରାଜ୍ୟମାନଙ୍କ ସହିତ କଥାବାର୍ତ୍ତା କଲେ। ୧୮୭୯ ବେଳକୁ ପ୍ରାୟ ସବୁ ରାଜାମାନଙ୍କ ସହିତ କଥାବାର୍ତ୍ତା କରି ଲୁଣର ଏକଚାଟିଆ କାରବାର ନେଇଗଲେ। ପୂରା ଦେଶରେ ଲୁଣର ଗୋଟିଏ ଦାମ୍ ଅଢ଼େଇ ଟଙ୍କା ସ୍ଥିର ହେଲା। ଲର୍ଡ ରିପ୍ପନ୍‌ଙ୍କ ସମୟରେ ଦାମ୍ ଦୁଇ ଟଙ୍କା ହେଲା।

ଲୁଣର ଚୋରା କାରବାର ବନ୍ଦ ହେବା ସହିତ ଲୁଣବାଡ଼ର ଗୁରୁତ୍ୱ ହ୍ରାସ ପାଇଲା। ଲୁଣରୁ ଆୟ ବଢ଼ିଲା ହେଲେ ବ୍ରିଟିଶ ସରକାରଙ୍କ ମନ ବୁଝିଲାନି। ୧୮୮୨ ମସିହାରେ ସଲ୍ଟ ଆକ୍ଟ ପ୍ରଣୟନ ହେଲା। ଭାରତୀୟଙ୍କ ଦ୍ୱାରା ଲୁଣ ମାରିବା ଓ ଲୁଣ ବିକିବାକୁ ବେଆଇନ ଘୋଷଣା କରାଗଲା। ଲୁଣର ଦାମ୍ ବଢ଼ି ଚାଲିଲା। ଗରିବ ଲୋକଟିଏ ଦୁଇମାସର ଦରମା ଦେଲେ ଲୁଣ କିଣି ପାରୁଥିଲା। ଲୋକଙ୍କର ଦୁର୍ଦ୍ଦଶାର ସୀମା ନ ଥିଲା। କମ୍ପାନୀର ଲୁଣ ଉପରେ ଏକଚାଟିଆ ମାଲିକାନା ପାଇଁ ନିଆ ଯାଇଥିବା ବିଭିନ୍ନ ଉପାୟର ଭୟାବହତା ପୃଥିବୀର କୌଣସି ଭଦ୍ର ସମାଜରେ ଅଦ୍ୱିତୀୟ ବୋଲି ତତ୍କାଳୀନ ବ୍ରିଟିଶ୍-ଇଣ୍ଡିଆର ଅର୍ଥମନ୍ତ୍ରୀ ସର୍ ଜନ୍ ଷ୍ଟ୍ରେଚେ କହିଥିଲେ। ଲୋକଙ୍କ ପେଟରେ ଲାତ କରୁଥିବା ଲବଣ ଟିକସର ପ୍ରତିବାଦରେ ମହାତ୍ମା ଗାନ୍ଧୀ ୧୯୩୦ ମସିହା ଏପ୍ରିଲ୍ ମାସ ୬ ତାରିଖରେ ଦାଣ୍ଡି ଯାତ୍ରା ସହିତ ଲବଣ ସତ୍ୟାଗ୍ରହ ଆରମ୍ଭ କଲେ। ଦାଣ୍ଡି ଠାରେ ଲୁଣ ଉଠେଇ ବ୍ରିଟିଶ୍ ସରକାରଙ୍କ ଆଇନ ଅମାନ୍ୟ କଲେ। ତଥାପି ବ୍ରିଟିଶ୍ ସରକାର ନଇଁ ନ ଥିଲେ। ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଲୁଣ ଉପରେ ଟିକସ ଥିଲା। ସ୍ୱାଧୀନତା ପରେ ଭାରତ ସରକାର ଏହି ଆଇନକୁ ରଦ୍ଦ କଲେ। ସାଧାରଣ ଲୁଣ ସ୍ୱାଧୀନତା ଆନ୍ଦୋଳନରେ ଏକ ଆୟୁଧ ଭାବରେ ଇତିହାସର ପୃଷ୍ଠାରେ ରହିଗଲା।

# ଅନନ୍ୟ ସଂଗ୍ରାମୀ ଭାଗୀରଥି



ଦାଶରଥୀ ଶତପଥୀ
ପ୍ରାକ୍ତନ ଆୟୁକ୍ତ ଓ ସଚିବ, ଓଡ଼ିଶା ବିଧାନସଭା
ମୋ: ୯୪୩୮୦୮୧୭୧୩

ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁ କେତେଜଣ ସ୍ୱାଧୀନତା ସଂଗ୍ରାମୀ ନିଜ ଜୀବନକୁ ବାଜି ଲଗାଇ ଭାରତ ବର୍ଷରେ ସ୍ୱାଧୀନତା ଆଣିବାରେ ସଂକଳ୍ପ ନେଇଥିଲେ, ସେମାନଙ୍କ ମଧ୍ୟରୁ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭାଗୀରଥି ମହାପାତ୍ର ଥିଲେ ଅନ୍ୟତମ। ଜନ୍ମ ଅଭିଭକ୍ତ କଟକ ଜିଲ୍ଲା ଅଧୁନା ଜଗତସିଂହପୁର ଜିଲ୍ଲାରେ ୧୮୯୩ ମସିହାରେ। ଶ୍ରୀକୃଷ୍ଣ ଏକାଡେମୀରେ ମାଇନର ସ୍କୁଲର ପ୍ରାଥମିକ ଶିକ୍ଷା। ତା’ପରେ କଟକର କଲିଜିଏଟ ସ୍କୁଲ। ସେତେବେଳର ରେଭେନ୍ସା କଲେଜ, ବର୍ତ୍ତମାନର ରେଭେନ୍ସା ବିଶ୍ୱ ବିଦ୍ୟାଳୟରୁ ବି.ଏ. ଏବଂ କଲିକତାର ପ୍ରେସିଡେଣ୍ଟ କଲେଜରୁ ଉଭୟ ଇତିହାସ ଓ ଦର୍ଶନ ଶାସ୍ତ୍ରରେ ଏମ.ଏ.ବି.ଏଲ୍ ପାସ୍।

ଏହାର ପରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ସହକାରୀ ଭାବରେ କଟକରେ ଓକିଲାତି ଆରମ୍ଭ। ସେ ଥିଲେ ଉତ୍କଳମଣି ଗୋପବନ୍ଧୁଙ୍କର ସାଥି। ଜଗତସିଂହପୁରର ଅଳକା ଆଶ୍ରମ ସେ ପ୍ରତିଷ୍ଠା କରିଥିଲେ। ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସର୍ବପ୍ରଥମ ସମ୍ପାଦକ।

ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କର ଜୀବନ ଆଦର୍ଶ, ଧର୍ମ, ସାହିତ୍ୟ, ସଂଗଠନ ଆଦର୍ଶ ମନୋଭାବ ଓ ସ୍ୱାଧୀନଚେତା ଦୃଷ୍ଟିଭଙ୍ଗୀ। ତାଙ୍କୁ ସ୍ୱାଧୀନତା ଆନ୍ଦୋଳନର ଭାଗୀରଥି କହିଲେ ଅତ୍ୟୁକ୍ତ ହେବନାହିଁ। ୧୯୨୦ ମସିହାର ଅସହଯୋଗ ଆନ୍ଦୋଳନରେ ନାଗପୁର ଅଧିବେଶନ ଭାଗୀରଥି ମହାପାତ୍ରଙ୍କୁ ଉଦ୍‌ବୁଦ୍ଧ କରିଥିଲା। ଯାହାଫଳରେ ମାର୍ଚ୍ଚ ୧୯୨୧ରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ନାମରେ ଏକ ସଂଗଠନ କଟକ ଠାରେ ପ୍ରତିଷ୍ଠା କରିଥିଲେ। ଯାହାର ପ୍ରଥମ ସଭାପତି ଥିଲେ ଉତ୍କଳମଣି ଗୋପବନ୍ଧୁ ଏବଂ ପ୍ରଥମ ସମ୍ପାଦକ ଭାଗୀରଥି ମହାପାତ୍ର। ଅସହଯୋଗ ଓ ସ୍ୱରାଜ୍ୟ ବିଷୟରେ ପ୍ରାୟ ପ୍ରତ୍ୟେକ ସଭାର ନେତୃତ୍ୱ ନେଉଥିଲେ ସ୍ୱର୍ଗତଃ ଭାଗୀରଥି ମହାପାତ୍ର। ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଭାଗୀରଥି ମହାପାତ୍ରଙ୍କର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ଏବଂ ତାଙ୍କର ତ୍ୟାଗ ଓ ତପସ୍ୟା ବଳରେ ଏହା ସମ୍ଭବ ହୋଇପାରିଥିଲା। ପରାଧୀନ ଭାରତରେ ସେ ତତ୍କାଳୀନ ଇଂରେଜ ସରକାରଙ୍କ ଦ୍ୱାରା ବହୁବାର କାରାବରଣ କରିଛନ୍ତି।

ସ୍ୱର୍ଗତ ଭାଗୀରଥି ମହାପାତ୍ରଙ୍କ ଜୀବନ ଆଦର୍ଶ ଏ ଜାତି ଏ ସମାଜ ଓ ବିଶେଷକରି ବର୍ତ୍ତମାନର ଯୁବପିଢି ପାଇଁ ପ୍ରେରଣାର ଉତ୍ସ। ହୁଏତ ମଧୁବାବୁଙ୍କର ସହକାରୀ ଓକିଲ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଭାଗୀରଥି ଯଦି ସେହି ବୃତ୍ତିରେ ରହିଥାନ୍ତେ ନିଶ୍ଚିତ ଭାବେ ଏକ ନାମକରା ଓକିଲ ଭାବେ ସେ ଭାରତବର୍ଷରେ ପରିଗଣିତ ହୋଇପାରିଥାନ୍ତେ। ନିଜର ସ୍ୱାର୍ଥ ଅପେକ୍ଷା ଜାତୀୟ ସ୍ୱାର୍ଥ ଥିଲା ତାଙ୍କ ପାଇଁ ସେ ସମୟର ଏକ ବିରାଟ ଆହ୍ୱାନ । ଆଦର୍ଶ, ନିଷ୍ଠା, ତ୍ୟାଗ ଓ ସେବାର ଥିଲେ ସେ ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କର ନଥିଲା କ୍ଷମତା ବା ପଦପଦବୀ ଲାଳସା। ନିର୍ବାଚନ ଯୁଦ୍ଧରେ ସେ ଥିଲେ ସାରଥି କିନ୍ତୁ ନିଜେ କେବେ ନିର୍ବାଚନ ଲଢି ନଥିଲେ। ୧୯୩୭ରୁ ୧୯୪୦ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ସର୍ବ ପ୍ରାଚୀନ ମ୍ୟୁନିସିପାଲଟି କଟକର ପ୍ରଥମ କଂଗ୍ରେସ ଚେୟାରମ୍ୟାନ ଥିଲେ। ୧୯୪୭ ମସିହା ପର୍ଯ୍ୟନ୍ତ ସେଣ୍ଟ୍ରାଲ୍ (Central) ଆସେମ୍ବ୍ଲିର ସଦସ୍ୟ ଏବଂ ୧୯୫୬ରୁ ୧୯୬୨ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାରୁ କେନ୍ଦ୍ର ରାଜ୍ୟସଭାକୁ ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ। ଏହି ପବିତ୍ର ସ୍ୱାଧୀନତା ସଂଗ୍ରାମୀର ତିରୋଧନ ଘଟିଥିଲା ୮୨ବର୍ଷ ବୟସରେ ତା.୨.୮.୧୯୭୫ ମସିହାରେ।

ମଣିଷ ଜନ୍ମ ହୋଇ ମୃତ୍ୟୁ ଅବଧାରିତ କିନ୍ତୁ ଏହି ଯୋଗଜନ୍ମା ସ୍ୱାଧୀନତା ସଂଗ୍ରାମୀ, ଧର୍ମପ୍ରାଣ ଓ ବିଶେଷକରି ଗ୍ରାମଠାରୁ ଆରମ୍ଭକରି ସହର ପର୍ଯ୍ୟନ୍ତ ଜାତୀୟ ଚେତନା, ଜାତୀୟ ଭାବନାର ବିକାଶ ଓ ପ୍ରସାର ପାଇଁ ତାଙ୍କର ତ୍ୟାଗ ଓ ଦାନ ଅତୁଳନୀୟ। ଜମିଦାର ପରିବାରରେ ଜନ୍ମହୋଇ, ଏକ କୃତି ଛାତ୍ର ହିସାବରେ ନିଜର କୃତିତ୍ୱ ସୃଷ୍ଟି କରିଥିବା ମହାତ୍ମାମାନଙ୍କୁ ସଂସାରର ଲୋଭ, ଆସକ୍ତି ମାୟା, ମୋହ ବାନ୍ଧି ରଖିପାରିନଥିଲା। ଜାତୀୟତାବାଦର ଧ୍ୱନୀ ତାଙ୍କ ଅନ୍ତରାତ୍ମାକୁ ଭାବାବେଗରେ ବାନ୍ଧି ରଖିଥିଲା।

ଆଜି ସେ ଆମ ଗହଣରେ ନାହାନ୍ତି ସତ, ତଥାପି ତାଙ୍କର ତ୍ୟାଗ, ଆଦର୍ଶ ଓ ବିଶେଷକରି ଜଗତସିଂହପୁର ଅଳକା ଆଶ୍ରମ ଆମ ସମସ୍ତଙ୍କୁ ଏକତ୍ର ସୂତ୍ରରେ ବାନ୍ଧି ରଖିବାର ଏକ ପ୍ରୟାସ। ଆଜି ଏ ପବିତ୍ର ତିରୋଧାନ ଦିବସରେ ସେହି ଅମର ଆତ୍ମାପ୍ରତି ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ଶ୍ରଦ୍ଧା ସୁମନ।

# କି ଥିଲା ଏ ରାଜ୍ୟ... କି ହୋଇଛି ଆଜ...



ଦିଲ୍ଲୀପ ଦାଶଶର୍ମା
ସାଧାରଣ ସମ୍ପାଦକ
ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ମୋ: ୮୯୮୪୦୦୭୬୦୦

୧୯୯୦ ମସିହାରୁ ଅସ୍ଥାୟୀ ଭାବରେ ଓ ୨୦୦୩ ମସିହାରୁ ସ୍ଥାୟୀ ଭାବରେ ବୀର ସୁରେନ୍ଦ୍ର ସାଏ ନଗରରେ ରହିଆସୁଛି। ଏଠାରୁ ଅନ୍ୟତ୍ର ଯିବାକୁ ମନ ଲାଗୁନାହିଁ। ୨୦୦୪ ମସିହାରୁ ଦୁର୍ଗାପୂଜା ସମିତି ସହିତ ସଂଶ୍ଲିଷ୍ଟ ଅଛି। ୨୦୧୪ ମସିହାରୁ ଉନ୍ନୟନ ପରିଷଦର କର୍ମକର୍ତ୍ତା ଭାବେ କାମ କରି ଆସୁଛି। ଏଣୁ ଦୀର୍ଘ ୩୫ ବର୍ଷର ଅଭିଜ୍ଞତା ଅନୁଭବ କରିଛି। ଏଠି ଆମ୍ଭମାନଙ୍କ ଭିତରେ ଭାଇଚାରା ଥିଲେ ମଧ୍ୟ ପରିସ୍ଥିତି ବଦଳି ଯାଇଛି। ସେତେବେଳେ ଭି.ଏସ୍.ଏସ୍. ନଗରରେ ରହିବା ପାଇଁ ଯେଉଁ ଶାନ୍ତି ଓ ଆନନ୍ଦ ମିଳୁଥିଲା ତାହା ଏବେ ସ୍ୱପ୍ନ ହୋଇଯାଇଛି। ଭି.ଏସ୍.ଏସ୍. ନଗରରେ ଶାନ୍ତ ପରିବେଶ ଆଉ ନାହିଁ, ପ୍ରାୟ ୫୦ ଭାଗରୁ ଅଧିକ କମିଯାଇଛି। ଆଗରୁ ଆମେ ଭାବୁଥିଲେ ଭି.ଏସ୍.ଏସ୍. ନଗର ଏକ ସୁରକ୍ଷିତ ସ୍ଥାନ। ଏହାର ଚାରି ପାଖରେ ଉତ୍କଳ ବିଶ୍ୱବିଦ୍ୟାଳୟ, ସୈନକ ସ୍କୁଲ ଓ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଭଳି ବଡ଼ ବଡ଼ ଶିକ୍ଷା ଓ ଶିଳ୍ପ ଅନୁଷ୍ଠାନ ଥିବାରୁ ଆମ୍ଭେମାନେ ସୁରକ୍ଷିତ। ଆଜି ଆମର ଏହି ସୁରକ୍ଷା ବଳୟ ଆଉ ନାହିଁ। ଆଜି ଯିଏ ବୀର ସୁରେନ୍ଦ୍ର ସାଏ ନଗରକୁ ଆସିବେ ଓ ଦେଖିବେ ଗୋଟିଏ ପାଖରେ ଭୁବନେଶ୍ୱର ମହାନଗର ନିଗମ ଓଡ଼ିଶାର ସବୁଠାରୁ ବୃହତ୍ ଅଳିଆ ଗଦା ପ୍ରତିଷ୍ଠା କରିଥିବା ବେଳେ ରାଜ୍ୟ ସରାକାର ଏଠାରୁ ସୈନିକ ସ୍କୁଲ୍‌କୁ ହଟାଇବା ପାଇଁ ପ୍ରଚେଷ୍ଟା କରୁଛନ୍ତି। ଅନ୍ୟ ପାଖରେ ଉତ୍କଳ ବିଶ୍ୱବିଦ୍ୟାଳୟ ନିଜର ଭି.ଏସ୍.ଏସ୍. ନଗର ପାଖକୁ ଥିବା ଫାଟକ ସମ୍ମୁଖରେ ବିରାଟ ପାଚେରୀ ନିର୍ମାଣକରି ରାସ୍ତା ସବୁଦିନ ପାଇଁ ବନ୍ଦ କରିଦେଇଛି। ଆଉ ଏକ ପାଖରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳକୁ ଥିବା ଲେବଲ କ୍ରସିଂ ଉପରେ ଓଭର ବ୍ରିଜ୍ ନିର୍ମାଣ ହେଉଛି। ଏ ସବୁ ପ୍ରତିବନ୍ଧକ ହଟାଇବା ପାଇଁ ଉନ୍ନୟନ ପରିଷଦ ଚେଷ୍ଟା କରୁଛି। ସୈନିକ ସ୍କୁଲ ନ ହଟାଇବା ଓ ଅଳିଆ ଗଦା ହଟାଇବା ପାଇଁ ଭି.ଏସ୍.ଏସ୍. ନଗର ଉନ୍ନୟନ ପରିଷଦ ଅନ୍ୟ ଅଞ୍ଚଳ ବାସୀମାନଙ୍କ ସହିତ ମିଳିତ ହୋଇ “ଅଳିଆଗଦା ହଟାଓ - ସୈନିକ ସ୍କୁଲ ବଞ୍ଚାଅ” ଅନୁଷ୍ଠାନ ମାଧ୍ୟମରେ ସ୍ଥାନୀୟ ବିଧାୟକ, ମେୟର ଓ ମହାନଗର ନିଗମ କମିସନରଙ୍କ ସହିତ ଆଲୋଚନା କରୁଛି, ଆନ୍ଦୋଳନ କରୁଛି ଓ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଛି। ଖୁସିର କଥା ଏହି ସମସ୍ୟାକୁ ଜନସ୍ୱାର୍ଥ ବିରୋଧୀ ମାମଲା ଭାବେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଗ୍ରହଣ କରି ଭୁବନେଶ୍ୱର ମହାନଗର ନିଗମ ସହିତ ଅନ୍ୟ ଅନୁଷ୍ଠାନମାନଙ୍କୁ ନୋଟିସ୍ କରିଛନ୍ତି। ସେହିଭଳି ଭି.ଏସ୍.ଏସ୍. ନଗର ଓ ମଞ୍ଚେଶ୍ୱରକୁ ନିର୍ମାଣ ହେଉଥିବା ଓଭରବ୍ରିଜ୍ ପାଇଁ ଯେଉଁ ସମସ୍ୟା ସୃଷ୍ଟି ହେଉଛି ତାକୁ ଆଖି ଆଗରେ ରଖି ଉନ୍ନୟନ ପରିଷଦ ପକ୍ଷରୁ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କ ସହିତ ଯୋଗାଯୋଗ ରଖାଯାଇ ଓଭରବ୍ରିଜ୍‌ର ଦୁଇ ପାଖରେ କିପରି ସର୍ଭିସ ରୋଡ୍ ଓ ଡ୍ରେନ୍ ନିର୍ମାଣ ହୋଇପାରିବା ସହିତ ଅନ୍ୟାନ୍ୟ ସମସ୍ୟା ସମାଧାନ କରାଯାଉଛି। ଆମ ଘର ଗୁଡିକ ଗୃହନିର୍ମାଣ ସଂସ୍ଥାର ହୋଇଥିବାରୁ ଓ ଆମ୍ଭେମାନେ ଲିଜ୍ ହୋଲ୍ଡର ହୋଇଥିବାରୁ ଏହା କିପରି ଫ୍ରିହୋଲ୍ଡ ହୋଇପାରିବ ସେଥିପାଇଁ ଭିଏସ୍‌ଏସ୍ ନଗର ଭଳି ଅନ୍ୟ ଯେଉଁ ନଗର ବାସିନ୍ଦା ଲିଜ୍ ହୋଲ୍ଡର ଅଛନ୍ତି ସେମାନଙ୍କ ସହିତ ବିଭିନ୍ନ ସମୟରେ ବୈଠକ କରି ହେଉ କିମ୍ବା ଭୁବନେଶ୍ୱର ନାଗରିକ ମହାସଂଘ ବୈଠକରେ ଭିନ୍ନ ଭିନ୍ନ ଅଞ୍ଚଳର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ଗତ ସରକାର ଅମଳରେ ଲିଜ୍ ହୋଲ୍ଡରୁ ଫ୍ରିହୋଲ୍ଡ କରିବା ପାଇଁ ନିଷ୍ପତି ନିଆଯାଇଛି। ସେହିଭଳି ମହାନଗର ନିଗମ ହୋଲ୍ଡିଂ ଟିକସ ବଢ଼ାଇବା ପରେ ଯେତେ ପ୍ରତିବାଦ କଲେ ନଶୁଣିବାରୁ ଭୁବନେଶ୍ୱର ନାଗରିକ ମହାସଂଘ ସହିତ ମିଳିତ ହୋଇ ଉଚ୍ଚ ନ୍ୟାୟାଳୟକୁ ଯାଇ ମହାନଗର ନିଗମ ବିରୋଧରେ ବିଜୟୀ ହୋଇଛୁ। ଏବେ ପ୍ରତ୍ୟେକ ଘର ମାଲିକ ମହାନଗର ନିଗମକୁ ବଢିବା ହୋଲ୍ଡିଂ ଟିକସ ଦେଉ ନାହାଁନ୍ତି। ସେହିପରି ଭି.ଏସ୍.ଏସ୍. ନଗର-ଲକ୍ଷ୍ମୀ ବିହାର ରାସ୍ତା ସଂଯୋଗୀକରଣ ପାଇଁ ଉନ୍ନୟନ ପରିଷଦ ପ୍ରଚେଷ୍ଟାରେ ସବୁକାମ ସରିଛି। ଜି.ଏ., ବି.ଡ଼ି.ଏ., ବି.ଏସ୍.ସି. ଓ ତହସିଲଦାରଙ୍କ ପ୍ରତିନିଧି ଆସି ରାସ୍ତା ଡିମାର୍କେସନ କରିସାରିଛନ୍ତି। ବାଣୀବିହାର ମଧ ରାସ୍ତା ଛାଡ଼ି ଦେଇଛି ବୋଲି ଏକ ବିବରଣୀ କରି ସବୁ ବିଭାଗକୁ ଦେଇଛି। କାଗଜ କଲମରେ ରାସ୍ତା ହୋଇଥିଲେ ମଧ ରାସ୍ତା ବାହାରି ପାରୁନାହିଁ, ଏଥିପାଇଁ ପ୍ରଚେଷ୍ଟା ଜାରି ରହିଛି। ଉନ୍ନୟନ ପରିଷଦର ଅକୁଣ୍ଠ ପରିଶ୍ରମ ଫଳରେ ଭି.ଏସ୍.ଏସ୍. ନଗରରେ ମହାନଗର ନିଗମ ପକ୍ଷରୁ ପ୍ରଥମେ ଏକ ଡାକ୍ତରଖାନା ପ୍ରତିଷ୍ଠା ହେଲା। ଏହାକୁ ପରେ ପରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ କରାଗଲା। ଏଥିରେ ଡାକ୍ତର, କମ୍ପାଉଣ୍ଡର, ନର୍ସମାନଙ୍କ ସହିତ ଯୋଗ ଓ ଫିଜିଓଥେରାପି ପାଇଁ କର୍ମଚାରୀ ନିଯୁକ୍ତି ପାଇଲେ। ଯୋଗ ଶିବିର ଓ ଫିଜିଓଥେରାପି ଏଠାରେ ସବୁଦିନେ ହେଲା। ପ୍ରଥମେ ହଠାତ ଜାତୀୟ ହେଲ୍‌ଥ ମିସନ (NHM) ପକ୍ଷରୁ ନିର୍ଦ୍ଦେଶ ଆସିଲା ଯୋଗ ଓ ଫିଜିଓଥେରାପି ସବୁଦିନ ହେବ ନାହିଁ। ସପ୍ତାହକୁ ମାତ୍ର ତିନି ଦିନ ହେବ। ଏହି ନିର୍ଦ୍ଦେଶ ଅନୁସାରେ ଯୋଗ ପ୍ରଶିକ୍ଷକ ଓ ଫିଜିଓଥେରାପି କର୍ମଚାରୀମାନେ ୧୫ ଦିନର ଦରମା ପାଇଲେ। ଉନ୍ନୟନ ପରିଷଦ ଉଦ୍ୟମ କଲା। ଭି.ଏସ୍.ଏସ୍. ନଗର ଡାକ୍ତରଖାନରେ ସବୁଦିନେ ଯୋଗ ଓ ଫିଜିଓଥେରାପି ହେଉ। ବହୁ ଚେଷ୍ଟା ପରେ ସବୁଦିନ ଯୋଗ ଓ ଫିଜିଓଥେରାପି ହେଲା। ଏବେ ଏହି ଦୁଇ ବିଭାଗର କର୍ମଚାରୀ NHMରୁ ୧୫ ଦିନର ଓ ମହାନଗର ନିଗମରୁ ୧୫ ଦିନର ଦରମା ପାଉଛନ୍ତି। ସମସ୍ୟା ଡାକ୍ତରଖାନାରୁ ଛାଡୁନାହିଁ। ଏହାପରେ ନିର୍ଦ୍ଦେଶ ଆସିଲା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଆଉ କୌଣସି ପରୀକ୍ଷା ହେବ ନାହିଁ। ନର୍ସ କେବଳ ରକ୍ତ ସଂଗ୍ରହ କରିବେ ଓ ଘରୋଇ ପରୀକ୍ଷାଗାରକୁ ପଠାଇବେ। ଏଣୁ ଲାବରେଟୋରୀ ଟେକ୍‌ନିସିଆନ୍‌ଙ୍କ ସହିତ ସହାୟିକାଙ୍କୁ ଡାକ୍ତରଖାନାରୁ ବାହାର କରି ଦିଆଗଲା। ଏହାର ପ୍ରତିବାଦ କରି ଉନ୍ନୟନ ପରିଷଦ ମାନ୍ୟବର ମେୟର ଓ ମହାନଗର ନିଗମର କମିସନରଙ୍କୁ ସାକ୍ଷାତ କଲା। ଏହାପରେ ଡାକ୍ତରଖାନା ସମ୍ମୁଖରେ ଗଣଧାରଣା ଉନ୍ନୟନ ପରିଷଦ ପକ୍ଷରୁ ଦିଆଗଲା। ମାନ୍ୟବର ମେୟର କରର୍ପୋରେସନ ବୈଠକରେ ନିଷ୍ପତ୍ତି ନେଲେ ଯେ, ଅଧିକ ରୋଗୀ ହେଉଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଲାବରେଟୋରୀ ରହିବ ଓ କର୍ମଚାରୀ ନିଯୁକ୍ତି ପାଇବେ। ଭି.ଏସ୍.ଏସ୍. ନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ସବୁଠାରୁ ଅଧିକ ରୋଗୀ ହେଉଥିଲେ ହେଁ, ଏହା ଭିତରେ ୧୦ ମାସ ବିତି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି କାମ ହୋଇ ପାରିନାହିଁ, ବରଂ ନର୍ସଙ୍କ ଦ୍ୱାରା ରକ୍ତ ସଂଗ୍ରହ ହୋଇ ଘରୋଇ ପରୀକ୍ଷାଗାରକୁ ଯିବା ମଧ ବନ୍ଦ ହୋଇଯାଇଛି। ବୀର ସୁରେନ୍ଦ୍ର ସାଏ ନଗରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କର ଏକ ଛୋଟ ଆବକ୍ଷ ପ୍ରତିମୂର୍ତ୍ତି ଅଛି। ଉନ୍ନୟନ ପରିଷଦ ପକ୍ଷରୁ ବହୁ ଚେଷ୍ଟା ଫଳରେ ରାଜ୍ୟ ସରକାରଙ୍କର ସଂସ୍କୃତି ବିଭାଗ ବରପୁତ୍ରଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି। ମାତ୍ର ତାହା କେବଳ ଛିଡ଼ା ହୋଇଥିବା ଭଳି ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଉନ୍ନୟନ ପରିଷଦ ଏହାକୁ ବିରୋଧ କରି ବୀର ସୁରେନ୍ଦ୍ର ସାଏଙ୍କର କିପରି ଘୋଡ଼ା ଉପରେ ବୀର ବେଶରେ ବସିଥିବା ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇପାରିବ ସେଥିପାଇଁ ଚେଷ୍ଟା କରୁଛି । ଏହି ସମସ୍ତ କାମ ସହିତ ଏହାଠାରୁ ଅଧିକ ଯେଉଁସବୁ କାମ ହୋଇଛି ଓ ଆଗକୁ ହେବାକୁ ଅଛି ସେଥିପାଇଁ କଲୋନୀବାସୀ ଏକ ହୋଇ କାମ କଲେ ସୁଫଳ ମିଳିବ, ନଚେତ ଆମେମାନେ ବୟସ୍କ ହୋଇଗଲା ପରେ ଆମ୍ଭମାନଙ୍କର ନାତି ନାତୁଣୀମାନଙ୍କୁ ଯେତେବେଳେ ବୀର ସୁରେନ୍ଦ୍ର ସାଏ ନଗରର କାହାଣୀ କହିବା, ସେମାନେ ଆମ ସମ୍ମୁଖରେ କହିବେ- କି ଥିଲା ଏ ରାଜ୍ୟ... କି ହୋଇଛି ଆଜ... ?

# କାହିଁକି ଜୀବନ ପିତା ?



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଇତି ମଧ୍ୟରେ ସମଗ୍ର ଓଡ଼ିଶାକୁ ଚହଲେଇ ଦେବାଭଳି ସର୍ବୋପରି ସମସ୍ତଙ୍କ ବିବେକକୁ ଦୋହଲାଇ ଦେବାଭଳି ଆତ୍ମଦାହ ଘଟଣା ଅନେକଙ୍କୁ ବ୍ୟଥିତ କରୁଛି। ସଂପ୍ରତି ଆତ୍ମାହୁତିକୁ ପ୍ରତିବାଦର ଏକ ପ୍ରଭାବଶୀଳ ମାଧ୍ୟମ ଭାବେ କେହି କେହି ଭାବି ପାରନ୍ତି। ଆଶାହରା ହୋଇ ମନ ଭାଙ୍ଗିଗଲେ ଜଣେ ନିଜକୁ ଶେଷ କରିଦେବା ଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥାଏ। ତେବେ ବାସ୍ତବିକ ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧର ସ୍ୱର ଭାବେ ଏହାକୁ ସଭ୍ୟ ସମାଜ ଆଦୌ ଗ୍ରହଣ କରିବ ନାହିଁ। ଅନ୍ୟକୁ ଶାରୀରିକ ଆଘାତ ନଦେଇ କିମ୍ବା କାହାର କୌଣସି କ୍ଷତି ନଘଟାଇ ନିଜକୁ ଦଣ୍ଡିତ କରି ପ୍ରତିବାଦ କରିବାର ଏକ ମାଧ୍ୟମ ହେଉଛି ଆତ୍ମଦାହ। ତେବେ ଏହା ପ୍ରତିବାଦ ନା ଅସହାୟତା, ନା ଅବ୍ୟବସ୍ଥା ବିରୋଧରେ ଅଭିମାନ ମନ ଓ ସମାଜ ଭିତରେ ଦୃଶ୍ୟମାନ ଓ ଅଦୃଶ୍ୟ ଲଢ଼େଇରେ ଯେତେବେଳେ ମନ ହାରିଯାଏ ସେତେବେଳେ ଏଭଳି ଅଘଟଣ କେତେକ କ୍ଷେତ୍ରରେ ଘଟିଥାଏ। ଆନୁଷ୍ଠାନିକ ଅବ୍ୟବସ୍ଥା କେତେକ କ୍ଷେତ୍ରରେ ଆତ୍ମଦାହର ପରିଣତିକୁ ଡାକି ଆଣିଥାଏ। ଇତିହାସ ପୃଷ୍ଠା ଲେଉଟାଇଲେ ଆମେ ଦେଖିବା, ୧୫୩୪ ଖ୍ରୀଷ୍ଟାବ୍ଦରେ ପ୍ରଥମ ଆତ୍ମଦାହ ଘଟଣା ଘଟିଥିଲା। ସେହିପରି ରୋମାନ ସାମଜରେ ଆତ୍ମଦାହ ହେଉଥିବା ପ୍ରମାଣ ବି ରହିଛି। ରୁଷୀୟ ଗୀର୍ଜାରେ ମହାନ ବିଭେଦ ବା ଗ୍ରେଟ ସ୍କିଜିମ୍ ସମୟରେ ପ୍ରାଚୀନ ‘ଫାୟାର ବାପଟିଜିମ୍’ ଧର୍ମବିଶ୍ୱାସୀମାନେ ସମୂହ ଆତ୍ମଦାହ କରିଥିବା ମଧ୍ୟ ଇତିହାସରେ ଉଲ୍ଲିଖିତ।

ଆଇନ ଅନୁଯାୟୀ ଆତ୍ମହତ୍ୟା ଏକ ଅପରାଧ। ଏହା ଜାଣି ମଧ୍ୟ ଆତ୍ମଦାହ ଭଳି ଯନ୍ତ୍ରଣାଦାୟକ ପନ୍ଥା ଆପଣାଇ ପ୍ରତିବାଦ ବ୍ୟକ୍ତ କରିବାକୁ ଅନେକ ପଛଘୁଞ୍ଚା ଦିଅନ୍ତି ନାହିଁ। ନ୍ୟାୟ ଭିକ୍ଷାରେ ବିଫଳ ହୋଇ ଚରମ ନିଷ୍ପତ୍ତି ଭାବେ ବାଲେଶ୍ୱରର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ବର୍ତ୍ତମାନ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। କେଉଁ ପରିସ୍ଥିତିରେ ସେ ଚରମ ନିଷ୍ପତ୍ତି ନେଲେ ତାହାର ସତ୍ୟାସତ୍ୟ ଖୋଜି ବାହାର କରିବାକୁ ତଦନ୍ତ ଆରମ୍ଭ ହୋଇଛି। ମନସ୍ତାତ୍ତ୍ୱିକ ସ୍ତରରେ ସାଧାରଣ ଆତ୍ମହତ୍ୟା ଓ ଆତ୍ମଦାହ ନିଷ୍ପତ୍ତି ଭିନ୍ନ। ଆତ୍ମଦାହ ହେଉଛି ନିଜକୁ ହତ୍ୟା କରିବାର ଉଗ୍ର ପ୍ରବୃତ୍ତି। ମନସ୍ତତ୍ତ୍ୱବିତମାନେ ଆତ୍ମଦାହକୁ ଏକ ଜଟିଳ ପଦକ୍ଷେପ ରୂପେ ବିବେଚନା କରନ୍ତି। ଏହା ମୁଖ୍ୟତଃ ମାନସିକ ସ୍ୱାସ୍ଥ୍ୟ ସଂପର୍କିତ ଆହ୍ୱାନ, ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ ଏବଂ ସାମାଜିକ ସାଂସ୍କୃତିକ ପ୍ରସଙ୍ଗ ସହ ଜଡ଼ିତ। ଏହା ଏକ ସାଧାରଣ ଆତ୍ମହତ୍ୟା ନୁହେଁ ବରଂ ବିଭିନ୍ନ କାରଣ ଯୋଗୁଁ ନିଜ ପ୍ରତି ସୃଷ୍ଟ ଏକ ବହୁମୁଖୀ ହିଂସା। ଆତ୍ମଦାହ ପ୍ରାୟତଃ ପରିସ୍ଥିତି ସହ ଖାପଖୁଆଇ ଚଳିବାରେ ଅସମର୍ଥତା, ବିଷାଦ, ମାନସିକ ବିକାର ଓ ବ୍ୟକ୍ତିତ୍ୱ ବିକାର ସହିତ ଜଡ଼ିତ। ଆତ୍ମଦାହ କରୁଥିବା ବ୍ୟକ୍ତିମାନେ ଅତ୍ୟଧିକ ଆବେଗ ପ୍ରବଣତା, ଆକ୍ରମଣାତ୍ମକତା, ସମ୍ବେଦନଶୀଳତା, ଆତ୍ମଗ୍ଲାନି ଏବଂ ସ୍ୱାଭିମାନ ଓ ଅହଙ୍କାର ଭଳି ଭାବନାର ବଶବର୍ତ୍ତୀ ହୋଇଥାଆନ୍ତି। ଏସବୁ କାରଣରୁ ଆତ୍ମଦାହ କରୁଥିବା ବ୍ୟକ୍ତି ବିଶେଷ ପରିସ୍ଥିତି ସହ ଖାପଖୁଆଇ ଚଳିବାରେ ବିଫଳ ହୋଇପଡ଼ନ୍ତି। ଆତ୍ମଦାହ କରୁଥିବା ବ୍ୟକ୍ତିମାନେ ସମସ୍ୟା କେନ୍ଦ୍ରିକ ଅପେକ୍ଷା ଭାବନା କୈନ୍ଦ୍ରିକ ମୁକାବିଲା ଉପରେ ଅଧିକ ନିର୍ଭର କରିଥାଆନ୍ତି। ଏହାଫଳପ୍ରଦ ଭାବେ ଚାପ ପରିଚାଳନା କରିବା ପରିବର୍ତ୍ତେ ସମସ୍ୟାକୁ ଅଧିକ ତୀବ୍ରରୂପେ ମାନସିକ ସ୍ତରରେ ସୂଚାଇଥାଏ।

ନିଜ ଇଚ୍ଛା ଓ ଅହଂକାର ସାବ୍ୟସ୍ତ କରିବାକୁ ତଥା ଦୋଷୀକୁ ଦଣ୍ଡ ଦେବାର ଏହାର ଉତ୍ତମ ମାଧ୍ୟମ ବୋଲି ସେ ନିଷ୍ପତ୍ତି ନିଏ। ଆତ୍ମଦାହ ପ୍ରତିରୋଧ ପାଇଁ ଫଳପ୍ରଦ ରଣନୀତି ବିକାଶ କରିବା ସକାଶେ ସଂପୃକ୍ତ ମନସ୍ତାତ୍ତ୍ୱିକ କାରଣ ଗୁଡ଼ିକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ମାନସିକ ସ୍ୱାସ୍ଥ୍ୟ ଅବସ୍ଥାର ମୁକାବିଲା କରିବା ଦକ୍ଷତା ବଳିଷ୍ଠ କରିବା ଏବଂ ସାମାଜିକ ତଥା ସାଂସ୍କୃତିକ ପ୍ରସଙ୍ଗଗୁଡ଼ିକୁ ବିଚାରକୁ ନେଉଥିବା ଉପଯୁକ୍ତ ଚିକିତ୍ସା ଯଥାଶୀଘ୍ର ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଏପରି କ୍ଷେତ୍ରରେ ଆତ୍ମଦାହକୁ ପ୍ରୋତ୍ସାହିତ କରୁଥିବା ଏବଂ ନାରୀ ସୁରକ୍ଷାକୁ ସର୍ବୋପରି ନାରୀ ସମ୍ମାନକୁ ଅବମାନନ କରୁଥିବା ସେ ଯେ କେହି ବି ହୁଅନ୍ତୁ ଯଦି ଶିକ୍ଷା କ୍ଷେତ୍ର ହୋଇଥାଏ ଅପରାଧୀକୁ ସମସ୍ତ ଶିକ୍ଷାନୁଷ୍ଠାନରୁ ସବୁଦିନ ପାଇଁ ନିଲମ୍ବନ କରାଯିବା ସହିତ ଆର୍ଥିକ ଦଣ୍ଡବିଧାନ କରାଯିବା ବର୍ତ୍ତମାନ ସମୟର ଆହ୍ୱାନ। ନ୍ୟାୟିକ ପ୍ରକ୍ରିୟାରେ ପୀଡ଼ିତ କିମ୍ବା ପୀଡ଼ିତାଙ୍କୁ ଅବିଳମ୍ବ ନ୍ୟାୟ ପ୍ରଦାନ କରିବାକୁ ପ୍ରଶାସନିକ, ସରକାରୀ ତଥା ନ୍ୟାୟପାଳିକାସ୍ତରରେ ପଦକ୍ଷେପ ନେବା ଜରୁରୀ। ଏପରି ଅପରାଧକୁ କୌଣସି ମତେ ବରଦାସ୍ତ କରାଯିବା ଉଚିତ୍ ନୁହେଁ। ଆମକୁ ମନେ ରଖିବାକୁ ହେବ ଯେ ଏଭଳି ଅପରାଧୀଙ୍କ ବିରୋଧରେ ଲମ୍ବା ଲଢ଼େଇ ଜରୁରି। ଏହା ସୁନିଶ୍ଚିତ ଯେ ଏହି ଲଢ଼େଇରେ ଅପରାଧୀର ହିଁ ହାର ହେବ। ଆତ୍ମହତ୍ୟା କରିଦେଲେ ସମସ୍ୟାର ସମାଧାନ ହେବନାହିଁ ବରଂ ଅପରାଧୀ ଅନ୍ୟମାନଙ୍କ ସହିତ ମିଶି ଅଧିକ ଅପରାଧ କରିବାକୁ ସୁଯୋଗ ପାଇବ। ଯଦି କେହି ମିଛ ଅଭିଯୋଗ ମାଧ୍ୟମରେ ଅନ୍ୟକୁ ବ୍ଲାକମେଲ କରୁଛି, ତେବେ ସେ କ୍ଷେତ୍ରରେ ମଧ୍ୟ କଠୋର ଦଣ୍ଡବିଧାନ ଦରକାର। ଏଭଳି ଅପରାଧରେ କ୍ଷମା ଦେବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ।

ବର୍ତ୍ତମାନ ଶିକ୍ଷାନୁଷ୍ଠାନ ଉପରେ ସାମାଜିକ ନିୟନ୍ତ୍ରଣ ନ ରହିବା କାରଣରୁ ଛାତ୍ରୀଟିଏ ନିଜ ଅଭିଯୋଗକୁ ଗୁରୁତ୍ୱର ସହ ଉପସ୍ଥାପିତ କରିବାକୁ ବଞ୍ଚିତ ହେଉଛି। ପୀଡ଼ିତା ଯଦି ବି ଅଭିଯୋଗ କରୁଛି, ଥାନା, ପ୍ରଶାସନିକ ଅଧିକାରୀ, କୋର୍ଟକଚେରୀରେ ସମୟ ନଷ୍ଟ ହେଉଛି। ବିଚରା ପୀଡ଼ିତା ସର୍ବତ୍ର ଲୋକନିନ୍ଦାର ଶିକାର ହେଉଛି। କିନ୍ତୁ ଯଦି ସାମାଜିକ ନିୟନ୍ତ୍ରଣରେ ଦଣ୍ଡବିଧାନ ହେଉଥାନ୍ତା, ତେବେ ଏଭଳି କୁତ୍ସିତ କର୍ମ କରିବା ପୂର୍ବରୁ ଅପରାଧୀକୁ ଅନେକଥର ଭାବିବାକୁ ପଡ଼ନ୍ତା। ସବୁକିଛି ସରକାରୀ ନିୟନ୍ତ୍ରଣରେ ରହିବାରୁ ଆଇନକାନୁନ ଗଳାବାଟରେ ଅପରାଧୀ ଖସିଯାଉଛି। ନାରୀ ସଶକ୍ତୀକରଣ ଚାହାନ୍ତି ଏବଂ ନାରୀହିଂସା ଅପରାଧ ନିୟନ୍ତ୍ରଣ କରିବାକୁ ଇଚ୍ଛୁକ ତେବେ ସମାଜରେ ନାରୀକୁ ନ୍ୟାୟ ଦେବା ପ୍ରକ୍ରିୟା ଶକ୍ତିଶାଳୀ ଓ ତ୍ୱରିତ କରନ୍ତୁ। ଏହା ନକରି ଜୀବନ ହାରିଥିବା ବ୍ୟକ୍ତିବିଶେଷଙ୍କୁ ସରକାରୀ ରାଜକୋଷରୁ ଆର୍ଥିକ ସହାୟତା ପ୍ରଦାନ କରିବା ମାନସିକତା ପରିହାର କରନ୍ତୁ। ଆଇନକାନୁନକୁ ଠିକ୍ ଭାବେ କାର୍ଯ୍ୟକାରୀ ନ କରାଇ ଏବଂ ନ୍ୟାୟ ପ୍ରଦାନ ନକରି କିମ୍ବା ବିଳମ୍ବ କରି ପୀଡ଼ିତାର ମୃତ୍ୟୁପରେ ସର୍ବସାଧାରଣଙ୍କ ଅର୍ଥକୁ ଶାସନ କ୍ଷମତାରେ ଥିବା ପ୍ରତିଟି ସରକାର ନିଜ ଦୋଷ ଘୋଡ଼ାଇବାକୁ ଅର୍ଥ ଅର୍ଥ ପ୍ରଦାନ କରିବା ସୁସ୍ଥ ଗୁଣତନ୍ତ୍ରର ଲକ୍ଷଣ ନୁହେଁ। ନାରୀ ସୁରକ୍ଷା ସୁଦୃଢ଼ ହେଉ ଏ ନେଇ ସ୍ୱତନ୍ତ୍ର କଠୋରତମ ଦଣ୍ଡ ବିଧାନ ବ୍ୟବସ୍ଥା ରହିବା ସହ ଆମ୍ଭମାନଙ୍କ ଭିତରେ ସଚେତନତା ମଧ୍ୟ ଜରୁରି।



ରାଜନଗରପ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ବନ୍ୟାଞ୍ଚଳ ପହଞ୍ଚି ପ୍ରଥମ ବନ୍ୟା ସାତଦିନ ଦିତୀୟ ବନ୍ୟା ଚାରି ଦିନ ଲୋକ ପାଣି ଘେରରେ ଥିବା ବେଳେ ରାଜ୍ୟ ସରକାର କୁମ୍ଭ କର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ବନ୍ୟା ପ୍ରଭାବିତ ଲୋକମାନଙ୍କ ପାଖରେ ଏପର୍ଯ୍ୟନ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଶୁଖିଲା ଖାଦ୍ୟ ପିଇବା ପାଣି ଗାଈ ଗୋରୁ ମାନଙ୍କ ପାଇଁ ଖାଦ୍ୟ ତା ସହିତ ଚାଷୀ ମାନଙ୍କ ପାଇଁ କୃଷି ଋଣ ଛାଡ, ସହିତ ସାର ବିହନ ଲୋକମାନଙ୍କ ପାଖରେ କିପରି ପହଞ୍ଚିବ ସେ ବିଷୟରେ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ପ୍ରତିନିଧି ଦଳରେ କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ତଥା ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବ ନେତା ପ୍ରଶାନ୍ତ କୁମାର ରାଉତ, ଯୁବ ନେତା ପ୍ରଦୀପ କୁମାର ପ୍ରଧାନ ସତ୍ୟ ପ୍ରିୟ ସାମଲ, ବରିଷ୍ଠ ନେତା ଦାମୋଦର ବିଶ୍ୱାଳ, ପୃଥୀରାଜ ପାତ୍ର, ଆଶିଷ ଲେଙ୍କା, ବାସୁଦେବ ଜେନା, ସୁରେନ୍ଦ୍ର ସାହୁ, ମନୋରଞ୍ଜନ ଦାସ, ସୁଶୀଳ ପ୍ରଧାନ, କପିଳ ସ୍ୱାଇଁ, ଶରତ ସ୍ୱାଇଁ, ରଞ୍ଜିତ କୁମାର ସାହୁ, ସୁଶାନ୍ତ ରାଉତ, ପ୍ରଶାନ୍ତ କୁମାର ନାୟକ, ସ୍ମୃତି ରଞ୍ଜନ ପାଢ଼ି, ପ୍ରଭାତ କୁମାର ପ୍ରଧାନ, ରାମ କାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସମସ୍ୟା ଘେରରେ ଡାବୁଗାଁ ପୋଲିସ ଷ୍ଟେସନ୍

ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକରେ ଥିବା ପୋଲିସ ଷ୍ଟେସନରେ ରହିଛି ଅନେକ ସମସ୍ୟା। ଯେଉଁ ସମସ୍ୟା ସବୁ ରହିଛି ତାହା ପୂରଣ ହେବା ଅତ୍ୟନ୍ତ ଆବଶ୍ୟକ। ଡାବୁଗାଁ ପୋଲିସ ଷ୍ଟେସନକୁ ପ୍ରତ୍ୟେକ ଦିନ ଏକଶହରୁ ଉର୍ଦ୍ଧ୍ୱ ଲୋକ ଆସିଥାନ୍ତି, କିନ୍ତୁ ଦୁଃଖର ବିଷୟ ଯେ ଏହି ପୋଲିସ ଷ୍ଟେସନକୁ ଆସୁଥିବା ଲୋକଙ୍କ ପାଇଁ ପିଇବା ପାଇଁ ପାଣିର କୌଣସି ବ୍ୟବସ୍ଥା ନାହିଁ। ପୋଲିସ ବାବୁମାନଙ୍କୁ ମଧ୍ୟ ଏହି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯେଉଁ ପୋଲିସ ବାବୁମାନେ ଦିନରାତି ଖାଇବା, ଶୋଇବା ଭୁଲି ଜନସାଧାରଣଙ୍କ ସେବା କରୁଛନ୍ତି, ସେମାନଙ୍କୁ ପିଇବା ନିମନ୍ତେ ସରକାର ଏକ ଆକ୍ୱାଗାର୍ଡ଼ କିମ୍ବା ଫିଲଟରର ବ୍ୟବସ୍ଥା ମଧ୍ୟ କରିନାହାନ୍ତି। ଏହି ଡାବୁଗାଁ ପୋଲିସ ଷ୍ଟେସନରେ ୧୨ ରୁ ୧୪ଟି ଫ୍ୟାନ ଲାଗିଛି କିନ୍ତୁ ସେଥିମଧ୍ୟରୁ ଗୋଟିଏ ଫ୍ୟାନ କାମ କରୁଛି। ଆଉ ବାକି ସବୁ ଫ୍ୟାନ ଅଚଳ ଅବସ୍ଥାରେ ଅଛି। ସରକାର ଏଥିପ୍ରତି ମଧ୍ୟ ଦୃଷ୍ଟି ଦେଉନାହାନ୍ତି। ସାରା ରାଜ୍ୟରେ ଡାବୁଗାଁ ପୋଲିସ ଷ୍ଟେସନ ହିଁ ଗୋଟିଏ ଜାଗା ଯେଉଁଠି, କୌଣସି ପ୍ରକାରର ମୋବାଇଲ ନେଟୱର୍କ ଆସୁନାହିଁ। ଯେଉଁ ସ୍ଥାନରେ କି ନେଟୱର୍କର ବହୁଳ ଆବଶ୍ୟକ। ପୋଲିସ ଷ୍ଟେସନକୁ ଆସୁଥିବା ଲୋକମାନେ ଫୋନରେ କଥା ହେବାପାଇଁ ଷ୍ଟେସନ ବାହାରକୁ ଯିବାକୁ ପଡୁଛି। ଏତେ ବଡ ଡାବୁଗାଁ ପୋଲିସ ଷ୍ଟେସନରେ ମାତ୍ର ଗୋଟିଏ ଇନଭରଟର ଦିଆଯାଇଛି, ସେଥିରୁ ମାତ୍ର ଗୋଟିଏ ହିଁ କମ୍ପ୍ୟୁଟର ବ୍ୟବହାରରେ ଆସୁଛି। ଏବେ ବର୍ଷାଦିନ, ଏହିଦିନରେ କରେଣ୍ଟ ଯିବା ସ୍ୱାଭାବିକ କଥା କିନ୍ତୁ କରେଣ୍ଟ ଗଲେ କୌଣସି କାମ ହୋଇପାରୁ ନାହିଁ। ଏଥିପାଇଁ ପୋଲିସ ଷ୍ଟେସନ ମଧ୍ୟରେ ଗୋଟିଏ 'ଡିଜି'ର ଆବଶ୍ୟକତା ରହିଛି। ଯାହା ଦ୍ୱାରା କି କରେଣ୍ଟ ଗଲେ ମଧ୍ୟ ଲୋକମାନଙ୍କର କାମ ସମ୍ପୂର୍ଣ୍ଣ ହୋଇ ପାରିଥାନ୍ତା। ଓଡ଼ିଶା ଭାସ୍କର ମାଧ୍ୟମରେ ସରକାରଙ୍କୁ ଅନୁରଧ କି ଏହିସବୁ ଅସୁବିଧା ପ୍ରତି ଧ୍ୟାନ ଦେଇ ତାହାର ସଠିକ ବ୍ୟବସ୍ଥା କରିବେ।

## ରାସ୍ତା ପାଲଟିଛି ମରଣଯନ୍ତା, କର୍ଣ୍ଣପାତ କଲାନି ପ୍ରଶାସନ

# ଧାନତଳି ରୋଇ ପ୍ରତିବାଦ କଲେ ଗ୍ରାମବାସୀ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍):ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ଏପରି ଗ୍ରାମ ରହିଛି ଯେଉଁଠି ଭଲ ରାସ୍ତା ଟିଏ ଯେପରି ଗ୍ରାମବାସୀଙ୍କ ପାଇଁ ପାଲଟିଛି ସାତ ସପନ। ବାରମ୍ବାର ଗ୍ରାମବାସୀଙ୍କ ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନ ଶୁଣିବାରୁ ଅଭିନବ ଉପାୟରେ ପ୍ରତିବାଦ କଲେ ଗ୍ରାମବାସୀ। ଧାନ ତଳି ରୋଇ ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ତେବେ ବିକାଶର ଏପରି ଏକ ନଗ୍ନ ଚିତ୍ର ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ପୁରୁଣା ଚିମିଟାପାଲ୍ଲି ଗ୍ରାମ ପଞ୍ଚାୟତର କତାପାଲ୍ଲୀ ଗ୍ରାମରେ। ଗ୍ରାମବାସୀଙ୍କ କହିବାନୁଯାୟୀ ଦୀର୍ଘ ମାସ ହେବ କତାପାଲ୍ଲୀ ଗ୍ରାମ ଦେଇ କତାପାଲ୍ଲୀ କଲୋନୀ ଏବଂ ନୂଆଗୁଡା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଟି କେନାଲ ରାସ୍ତା ଠାରୁ ନୂଆଗୁଡା ଗ୍ରାମ ପର୍ଯ୍ୟନ୍ତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାଟି ମରଣଯନ୍ତା ପାଲଟିଥିବା ବେଳେ ବହୁବାର ସ୍ଥାନୀୟ ପଞ୍ଚାୟତ ଅଧିକାରୀ, ବ୍ଲକ ପ୍ରଶାସନ ସମେତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ କହିଛନ୍ତି। ଏହାକୁ ନେଇ ବ୍ଲକ ସ୍ତରୀୟ ଜନଶୁଣାଣୀ କାର୍ଯ୍ୟକ୍ରମରେ ମଧ୍ୟ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲା। ଗ୍ରାମର ଜିତୁ ପାମିଆଙ୍କ କହିବାନୁଯାୟୀ ଚଳିତ ବର୍ଷ କିଛି ଦିନ ପୂର୍ବେ ଜଣେ ଗର୍ଭବତୀ ମା'ଙ୍କୁ ଜନନୀ ଯନ୍ତ୍ରଣା ହେବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ନିମନ୍ତେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ହେଲେ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ଥିବା ହେତୁ ଆମ୍ବୁଲାନ୍ସଟି ଗ୍ରାମ ମଧ୍ୟକୁ ଯାଇ ନପାରି ଗ୍ରାମଛକ ନିକଟରେ ଏହି ଆମ୍ବୁଲାନ୍ସଟି ଅଟକି ଯାଇଥିଲା। ପରେ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ମିଳିତ ଭାବେ ଏକ ଖଟିଆ ସାହାଯ୍ୟରେ ବୋହି ଉକ୍ତ ମା'ଙ୍କୁ ଗାଁମୁଣ୍ଡରେ ଅପେକ୍ଷା କରି ରହିଥିବା ୧୦୮ ଆମ୍ବୁଲାନ୍ସ ନିକଟକୁ ନେବାପରେ ମହିଳା ଜଣଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ବିଭିନ୍ନ ସମୟରେ ଏହି ୩ଟି ଗ୍ରାମର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ମହା ବିଦ୍ୟାଳୟକୁ ପାଠ ପଢିବାକୁ ଯିବା ସମୟରେ ସେହି କାଦୁଅ ରାସ୍ତାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି। ଏମିତିକି ବାଇକ ଆରୋହୀମାନେ ମଧ୍ୟ ଏହି ଖାଲଖମାରେ ପଡି ଆହତ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ତେଣୁ ଶନିବାର ଅଞ୍ଚଳବାସୀଙ୍କ ସହମତି କ୍ରମେ ସ୍ଥାନୀୟ ପ୍ରଶାସନ ସମେତ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଇର୍ମା ପଡିଆମୀ, ଗଙ୍ଗା ମାଢି, ଇର୍ମା ମାଢି, ମୁକା ମାଢି, ସମା ପୂଜାରୀ, ବେଣିଆ ମାଢି, ଉରା ମାଢି, ଦେବେ ସୋଡି, ମୁକେ ମାଡକାମୀ, ରାମେ ପଡିଆମୀ, ମଦନ ପାମିଆ, ବୈଦ୍ୟନାଥ ପାମିଆ, ନନ୍ଦା ଖିଲା, ବୁଦୁରା ମୁଣ୍ଡା ଗୁଡିଆ, ଦୁରଜ ଗଉଡ, ରୁକୁମଣି ପାଙ୍ଗି, ଲକ୍ଷ୍ମୀ ହନ୍ତାଳ, ବୁରନ୍ଦା ପାମିଆ, ବୁଦୁରା ଖରାଙ୍କ, ବିଶ୍ୱନାଥ ଖରା ସମେତ ଗ୍ରାମବାସୀ ମିଳିତଭାବେ ଉକ୍ତ ରାସ୍ତାରେ ଧାନ ତଳିରୋଇ ପ୍ରତିବାଦ କରିଥିଲେ। ଏହାପରେ ଯଦି ପ୍ରଶାସନ ନ ଶୁଣେ ତେବେ ଜିଲ୍ଲା ପାଳଙ୍କ ସମେତ ବିଭିନ୍ନ ଅଧିକାରୀଙ୍କୁ ଉକ୍ତ ରାସ୍ତା ପରିଦର୍ଶନ ନିମନ୍ତେ ଆସିବାକୁ ଅଞ୍ଚଳବାସୀ ମିଳିତ ଭାବେ ଅନୁରୋଧ କରିଛନ୍ତି।

# ଟିପିସିଓଡିଏଲ୍ ଗ୍ରାମୀଣ ଓଡ଼ିଶାକୁ ସ୍ଥାୟୀ କୃଷି ପାଇଁ ସଶକ୍ତ କରୁଛି



ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ନିରନ୍ତର ଗ୍ରାମୀଣ ବିକାଶ ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକରେ 'ସମୃଦ୍ଧି' ପ୍ରକଳ୍ପ ଅଧୀନରେ ଏକ ସ୍ଥିର ଜଳବାୟୁ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଜଳବାୟୁ-ପ୍ରତିରୋଧୀ କୃଷି ଏବଂ ଆନୁଷଙ୍ଗିକ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବା, ପରିବର୍ତ୍ତିତ ଜଳବାୟୁ ପରିସ୍ଥିତି ସହିତ ଖାପ ଖୁଆଇବା ପାଇଁ ଆବଶ୍ୟକୀୟ ଜ୍ଞାନକୌଶଳ ସହିତ ଚାଷୀମାନଙ୍କୁ ଅବଗତ କରିବା। ଏହି ପଦକ୍ଷେପ ସାମୁଦାୟିକ ପ୍ରସ୍ତୁତିକୁ ସୁଦୃଢ଼ କରିବା, ଜଳବାୟୁ ସମ୍ବନ୍ଧୀୟ ବିପଦ ହ୍ରାସ କରିବା ଏବଂ ଚାଷୀ ପରିବାର ପାଇଁ ଆୟ ବୃଦ୍ଧି କରିବା ଉପରେ ଧ୍ୟାନ ଦିଏ। ଟିପିସିଓଡିଏଲ ସୁନିଶ୍ଚିତ କରୁଛି ଯେ, ଏହି ଅଭିନବ ପ୍ରୟାସ କେବଳ ପ୍ରଚଳନ ନୁହେଁ ବରଂ ତୃଣମୂଳ ସ୍ତରରେ ପ୍ରଭାବଶାଳୀ ଭାବରେ ଗ୍ରହଣ କରାଯାଇଛି। ତାଲିମ ଅଧିବେଶନଠାରୁ କ୍ଷେତ୍ର ପ୍ରଦର୍ଶନ ପର୍ଯ୍ୟନ୍ତ, ଏହି ପ୍ରୟାସ କୃଷି କ୍ଷେତ୍ରରେ ଦୀର୍ଘକାଳୀନ ଆଚରଣଗତ ପରିବର୍ତ୍ତନ ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଣୟନ କରାଯାଇଛି। ଏହି କାର୍ଯ୍ୟକ୍ରମ ଟିପିସିଓଡିଏଲ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ସାମୁଦାୟିକ ସଶକ୍ତିକରଣ, ପରିବେଶଗତ ସ୍ଥିରତା ଏବଂ ଅନ୍ତର୍ଭୁକ୍ତି ମୂଳକ ବିକାଶ ପ୍ରତି ପ୍ରତିବଦ୍ଧତାର ପରିଚୟ ଦେଉଛି।

## ଶ୍ରମିକଙ୍କୁ ଏ କି ପ୍ରକାର ସୁରକ୍ଷା !

ମହାକାଳପଡା, (ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଶ୍ରମିକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଯୋଜନା ପରେ ଯୋଜନା କରୁଛନ୍ତି। କିନ୍ତୁ ବାସ୍ତବରେ ଶ୍ରମିକ ମାନଙ୍କ ସୁରକ୍ଷାକୁ ତଳସ୍ତରରେ କେତେ ସୁରକ୍ଷା ଦିଆ ଯାଇଛି ତାହା ବାସ୍ତବରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାରୁ ପ୍ରକାଶ ଯେ ମହାକାଳପଡା ବ୍ଲକ୍ ଅଫିସ୍‌ର ରଙ୍ଗ କାମ ହେଉଛି। ଉକ୍ତ କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକ ମାନଙ୍କ ସୁରକ୍ଷାକୁ ଧ୍ୟାନ ଦିଅ ଯାଉ ନାହିଁ। ବାଉଁଶ ଦୁଇଟାରେ ବିପଦ ପୂର୍ଣ୍ଣ ଭାବେ ଠିଆ ହୋଇ ରଙ୍ଗ ମାରୁ ଥିବାର ଦେଖା ଯାଇଛି। ନା ସେମାନଙ୍କୁ ଦିଅ ଯାଇଛି ହେଲମେଣ୍ଟ, ସୁରକ୍ଷା ଜୋତା,ଚଷମା, ସୁରକ୍ଷା ବେଲ୍ଟରିଙ୍ଗ ଛିଟିକି ଯଦି ଆଖିରେ ପଡ଼େ



ସେଥିପାଇଁ କିଏ ଦାୟୀ ରହିବ? ଯଦି କୌଣସି କାରଣ ବସତ ନିଜର ଭାରସାମ୍ୟ ହରେଇ ଉପରୁ ତଳକୁ ପଡ଼ି ଯାଆନ୍ତି ସେଥି ପାଇଁ ବ୍ଲକ ପ୍ରଶାସନ ଦାୟୀ ରହିବତ? ଏ କୌଣସି ବାହାର ଜାଗା ନୁହେଁ, ଖୋଦ୍ ମହାକାଳପଡା ବ୍ଲକ୍ ପରିସରର ଦୃଶ୍ୟ। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

# ପାରାଦୀପ ବନ୍ଦରକୁ 'ମାଲା' ୨୦୨୫ ପୁରସ୍କାର



ପାରାଦୀପ, (ଭାସ୍କର ନ୍ୟୁଜ୍): ୧୫ତମ ଅଲ୍ ଇଣ୍ଡିଆ ମେରିଟାଇମ୍ ଆଣ୍ଡ ଲଜିଷ୍ଟିକ୍ସ ପୁରସ୍କାର (ମାଲା) ୨୦୨୫ ରେ ପାରାଦୀପ ବନ୍ଦରକୁ ମର୍ଯ୍ୟାଦାଜନକ 'ବର୍ଷର ପ୍ରମୁଖ ବନ୍ଦର - ଅଣ-କଣ୍ଟେନରାଇଜଡ୍ କାର୍ଗୋ'ପୁରସ୍କାରରେ ସମ୍ମାନିତ କରାଯାଇଛି। ଭାରତୀୟ ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଉତ୍କର୍ଷତା ଏବଂ ନବସୃଜନକୁ ପାଳନ କରିବା ପାଇଁ ଏକ୍ସିମ୍ ଇଣ୍ଡିଆ ଦ୍ୱାରା ଅଗଷ୍ଟ ୧ ତାରିଖରେ ମୁମ୍ବାଇ ଠାରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ପାରାଦୀପ ବନ୍ଦରର ଅସାଧାରଣ ପ୍ରଦର୍ଶନ ଏବଂ ଅଣ-କଣ୍ଟେନରାଇଜଡ୍ କାର୍ଗୋ ପରିଚାଳନାରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦିଏ, ଯାହା ଦେଶର ସାମୁଦ୍ରିକ ବାଣିଜ୍ୟରେ ଏହାର କାର୍ଯ୍ୟକ୍ଷମ ଦକ୍ଷତା ଏବଂ ରଣନୈତିକ ଗୁରୁତ୍ୱ ପ୍ରଦର୍ଶନ କରେ। ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ର ଟ୍ରାଫିକ୍ ମ୍ୟାନେଜର ଜି.ଏଡିସନ୍ ବନ୍ଦର ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ମାଲା ପୁରସ୍କାର ଏକ ଗୁରୁତ୍ୱପୂର୍ଣ୍ଣ ବାର୍ଷିକ କାର୍ଯ୍ୟକ୍ରମ, ଯେଉଁଥିରେ ବିଜେତା ମାନଙ୍କୁ ଶିଳ୍ପ ବିଶେଷଜ୍ଞଙ୍କ ଏକ ବିଶିଷ୍ଟ ଜୁରୀ ଦ୍ୱାରା ଚୟନ କରାଯାଇଛି। ଏହି ପୁରସ୍କାର ହାସଲ କରିବା ଶିଳ୍ପ ମଧ୍ୟରେ ଏକ ପ୍ରମୁଖ ସମ୍ମାନ ଭାବେ ବିବେଚନା କରାଯାଏ ଏବଂ ଉତ୍କର୍ଷତା ପ୍ରତି ବନ୍ଦରର ପ୍ରତିବଦ୍ଧତା ଏବଂ ଅଣ - କଣ୍ଟେନରାଇଜଡ୍ କାର୍ଗୋ ସେଗ୍‌ମେଣ୍ଟରେ ଏହାର ନେତୃତ୍ୱ ଭୂମିକାକୁ ଉଜ୍ଜ୍ୱଳ କରିଥାଏ। ଏହି ସମ୍ମାନ ପାଇବା ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ବନ୍ଦରର ସମସ୍ତ ଟିମକୁ ଅଭିନନ୍ଦନ ଜଣାଇ 'ଏହି ଉଲ୍ଲେଖନୀୟ ସଫଳତା ଟିମ୍ ପିପିଏର କଠିନ ପରିଶ୍ରମ, ସମର୍ପଣ ଏବଂ ସହଯୋଗ ମନୋଭାବର ନିଦର୍ଶନ ବୋଲି କହିଛନ୍ତି। ଆମେ ଆମର ଶିଳ୍ପ ସାଥୀମାନଙ୍କ ଦ୍ୱାରା ସ୍ୱୀକୃତି ପାଇ ସମ୍ମାନିତ ଏବଂ ଭାରତର ବୃଦ୍ଧି ପାଉଥିବା ଅର୍ଥନୀତିକୁ ସମର୍ଥନ କରିବା ପାଇଁ ଆମର ସେବାଗୁଡ଼ିକୁ ନିରନ୍ତର ଉନ୍ନତ କରିବା ପାଇଁ ପ୍ରତିବଦ୍ଧ। ଏହି ସମ୍ମାନ ପାରାଦୀପ ବନ୍ଦରର ରଣନୈତିକ ପଦକ୍ଷେପ ଏବଂ ଦୃଢ଼ ଭିତ୍ତିଭୂମିକୁ ଦର୍ଶାଉଛି, ଯାହା ଶୁଷ୍କ ବଲ୍କ ଏବଂ ତରଳ ବଲ୍କ ସମେତ ବିବିଧ ଅଣ-କଣ୍ଟେନରାଇଜଡ୍ କାର୍ଗୋର ସର୍ବୋଚ୍ଚ ପରିମାଣ ପରିଚାଳନାରେ ଏହାର ସଫଳତାରେ ଅବଦାନ ରଖିଛି ବୋଲି ବନ୍ଦରାଧ୍ୟକ୍ଷ ହରନାଦ ଉଲ୍ଲେଖ କରିଛନ୍ତି।

# ବିଶ୍ୱ ସ୍କାଉଟ୍ ସ୍କାର୍ଫ୍ ଦିବସ ପାଳିତ

କଟକ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ନରାଜସ୍ଥିତ ସିଦ୍ଧେଶ୍ୱର ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ରୋଭର୍ ଓ ରେଞ୍ଜର୍ ୟୁନିଟ୍ ପକ୍ଷରୁ 'ବିଶ୍ୱ ସ୍କାଉଟ୍ ସ୍କାର୍ଫ ଦିବସ' ପାଳନ କରାଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ରୋଭର୍ ଓ ରେଞ୍ଜରମାନେ ସିଦ୍ଧେଶ୍ୱର ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ସ୍କାଉଟ୍ ସ୍କାର୍ଫ ପିନ୍ଧାଇ ଏକତା, ପ୍ରତିବଦ୍ଧତା ଓ ସ୍କାଉଟିଂ-ଗାଇଡିଂ ମୂଲ୍ୟବୋଧର ପ୍ରଚାର ନିମନ୍ତେ ଶପଥ ପାଠ କରାଇଥିଲେ। ସିଦ୍ଧେଶ୍ୱର ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନଶ୍ରୀ ପଟ୍ଟନାୟକଙ୍କ ସମେତ ସହକାରୀ ଶିକ୍ଷୟିତ୍ରୀ ପଦ୍ମାଳୟା ରାଉତ ଓ ଶିକ୍ଷକ ନିରଞ୍ଜନ ଦଳାଇ କାର୍ଯ୍ୟକ୍ରମରେ ରୋଭର୍ ଓ ରେଞ୍ଜରମାନଙ୍କୁ ପୂର୍ଣ୍ଣ ସହାୟତା ଯୋଗାଇ ଦେଇଥିଲେ। ଏଥିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ରୋଭର୍ ଲିଡର ତଥା କୃଷି ବିଭାଗ ସହକାରୀ ପ୍ରାଧ୍ୟାପକ ଡ. ସନ୍ଦୀପ ରାଉତ 'ସ୍ଥାୟୀ ଉନ୍ନୟନ ଲକ୍ଷ୍ୟପ୍ରାପ୍ତି ଦିଗରେ ଯୁବପିଢ଼ିର ଭୂମିକା' ବିଷୟରେ ପିଲାମାନଙ୍କୁ ଉଦବୋଧନ ଦେଇଥିଲେ। ପରିବେଶ ସୁରକ୍ଷା ସଚେତନତା ଲକ୍ଷ୍ୟପ୍ରାପ୍ତି ନିମନ୍ତେ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କୁ 'ସିଡ୍ ବଲ୍' ଆବଣ୍ଟନ କରାଯାଇଥିଲା। ଏଥିସହ ସ୍କାଉଟ୍ ସ୍କାର୍ଫ ଦିବସର ମହତ୍ତ୍ୱ ବୁଝାଇବା ସହ ସେମାନଙ୍କୁ ଟଫି ବଣ୍ଟନ କରାଯାଇଥିଲା। ରୋଭର୍ ଓ ରେଞ୍ଜରମାନଙ୍କ




ଏହି ଉଦ୍ୟମ ନିମନ୍ତେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ଡ. ଅନିଲ କୁମାର ଶର୍ମା, ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଜୟପ୍ରକାଶ ଭଟ୍ଟ, ଆଡମିଶନ୍ ବିଭାଗ ଉପନିର୍ଦ୍ଦେଶକ ଡ. ମଳୟ ମଲ୍ଲ ଓ ମାନବ ସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ସେମାନଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି।

## ବାଲି ବୋଝେଇ ହାଇୱା ଜବତ

ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍): ଗ୍ରାମବାସୀଙ୍କ ଦ୍ୱାରା ଅଟକ ଏକ ବାଲି ବୋଝେଇ ହାଇୱାକୁ ପୋଲିସ ଜବତ କରିଛି। ବାଲି ପରିବହନ ପାଇଁ ଜାଲ ଟ୍ରାନ୍‌ଜିଟ ପାସ୍ (ଯାତ୍ରା ପାସ) ବ୍ୟବହାର କରାଯାଇଛି ବୋଲି ସାଂଘାତିକ ଅଭିଯୋଗ ହେଉଛି। ବାଲି ବୋଝେଇ ହାଇୱା ଓ ଡି ୨୯ କେ ୨୯୩୧ କୁ ଥାନାରେ ଅଟକ ରଖି ବିଞ୍ଝାରପୁର ପୋଲିସ ପରିବହନ କାଗଜ ପତ୍ରର ବୈଧତା ଯାଞ୍ଚ କରୁଛି। ସୂଚନା ଯୋଗ୍ୟ ଯେ ଆଜି ସକାଳ ପ୍ରାୟ ୬ ଟା ସମୟରେ ଉପରୋକ୍ତ ବାଲି ବୋଝେଇ ହାଇୱା ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଭିମୁଖେ ଯାଉଥିଲା। ସିଂହପୁର ଇନ୍ଦିରା ଗାନ୍ଧି ଛକରେ କେତେକ ଯୁବକ ଗାଡ଼ିଟିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ବିଞ୍ଝାରପୁର ଓ ଜରି ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଥାନାକୁ ନେଇଥିଲେ। ହାଇୱା ଚାଳକ ଦେଖାଇ ଥିବା ଟ୍ରାନ୍ ଜିଟ୍ ପାସ୍ ରୁ ଜଣାପଡ଼ିଛି ଯେ ଗୁହାଳି ନଦୀଗର୍ଭରୁ ଏହି ବାଲି ଉଠାଯାଇ ଥିଲା। ସ୍ମୃତି ରଞ୍ଜନ ପରିଡ଼ା ଲିଜ୍ ଧାରୀ। ୧୬ ଟନ୍ ବାଲି ପରିବହନ କରାଯାଉଥିଲା। ତେବେ ଏହି ପାସ୍ ରେ ଜାଲିଆତି କରାଯାଇଛି ବୋଲି ସନ୍ଦେହ ପ୍ରକାଶ ପାଇଛି। ଡିଡିଏମ୍ ଯାଜପୁର ଟ୍ରାନ୍‌ଜିଟ୍ ପାସ୍ କାଗଜ ପତ୍ର ଯାଞ୍ଚ କଲେ ସତ୍ୟାସତ୍ୟ ଜଣା ପଡନ୍ତା।

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବହୁମୁଖୀ ସମ୍ମିଳନୀ କକ୍ଷର ଶିଳାନ୍ୟାସ



ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଅଞ୍ଚଳରେ ରାଜ୍ୟ ସରକାରଙ୍କ ବିକାଶ ଜାରି ରହିଥିବା ବେଳେ ଶିକ୍ଷାକ୍ଷେତ୍ରରେ ବିଶେଷ ଦୃଷ୍ଟି ଦିଆଯାଇଛି। ଯେପରି ସରକାରଙ୍କ ନିୟମ ଅନୁଯାୟୀ ସ୍କୁଲ ଠାରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ପିଲାମାନେ ସୁସ୍ଥ ପରିବେଶରେ ଶିକ୍ଷା ଗ୍ରହଣ କରିପାରିବେ ସେ ଦିଗରେ ଦୃଷ୍ଟି ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ନିମାପଡା ନିର୍ବାଚନ ମଣ୍ଡଳୀର ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଏକ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବହୁମୁଖୀ ସମ୍ମିଳନୀ କକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହା ବିଦ୍ୟାଳୟର ଅଧ୍ୟକ୍ଷା ମିତ୍ରା ମହାପାତ୍ର, ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, କଲେଜର ଏନ୍‌ସିସି ମେଜର ପୁଷ୍ପଲତା ଦତଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମହା ବିଦ୍ୟାଳୟରେ ଯାହା ସବୁ ସମସ୍ୟା ଅଛି ତାହା ପୂରଣ କରାଯିବ ବୋଲି ପରିଡା ପ୍ରତିଶୃତି ଦେବା ସହିତ ଏହି ବହୁମୁଖୀ ସମ୍ମିଳନୀ କକ୍ଷରୁ କାର୍ଯ୍ୟ ଏକ ବର୍ଷରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେପରି କାର୍ଯ୍ୟରେ କୌଣସି ବ୍ୟତିକ୍ରମ ନଘଟେ କିମ୍ବା ନିମ୍ନମାନର କାର୍ଯ୍ୟ କରାନଯାଏ, ସେ ଦିଗରେ ଗୁରୁତ୍ୱ ଦେବାକୁ ଉପମୁଖ୍ୟମନ୍ତ୍ରୀ କଲେଜ ଅଧ୍ୟକ୍ଷାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

ମାହାଙ୍ଗା, (ଭାସ୍କର ନ୍ୟୁଜ୍): ମାହାଙ୍ଗା ଥାନା ପଲ୍ଲୀସାହି ପଞ୍ଚାୟତ ଖନ୍ଦୋଳ ଗ୍ରାମର ରାଜେଶ କୁମାର ପାତ୍ର ୩୦ଙ୍କ ଟ୍ରେନ ଲାଇନ କଡ଼ରୁ ସନ୍ଦେହ ଜନକ ମୃତ ଦେହ ଉଦ୍ଧାର ହୋଇଥିବା ଜଣାଯାଇଛି। ପ୍ରକାଶ ଯେ ରାଜେଶ ଦୁଇଦିନ ତଳେ ତାଙ୍କ ସାଙ୍ଗ ନିକଟକୁ ଯାଇଥିଲେ। ସେ ଘରକୁ ଫେରୁଥିବା ସମୟରେ ଅନୁଗୁଳ ବଇଣ୍ଡା-ବାମୁର ମଧ୍ୟରେ ଟ୍ରେନ ଲାଇନ କଡରେ ପଡି ମୃତ୍ୟୁ ବରଣ କରିଥିବା ତାଙ୍କ ପରିବାର ଲୋକଙ୍କୁ ଖବର ମିଳିଥିଲା। ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିଥିବା ଜଣାଯାଇଛି। ପରିବାର ଲୋକେ ଗ୍ରାମରେ ପହଞ୍ଚିବା ପରେ ତାଙ୍କ ମୃତ୍ୟୁର କରଣ ଜଣାପଡିବ। ରାଜେଶ ଗତ ପଞ୍ଚାୟତ ନିର୍ବାଚନରେ ପଲ୍ଲୀସହି ପଞ୍ଚାୟତରେ ବିଜେପି ସମର୍ଥିତ ସମିତି ସଭ୍ୟ ପ୍ରାଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ।

# ଦକ୍ଷତା ତାଲିମ କେନ୍ଦ୍ର ପ୍ରଥମ ଖାଦ୍ୟ ଏବଂ ପାନୀୟ ବ୍ୟାଚ ପାଇଁ ୯୨% ନିଯୁକ୍ତି ସୁଯୋଗ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ଏହାର ପ୍ରଥମ ବ୍ୟାଚ ଖାଦ୍ୟ ଏବଂ ପାନୀୟ ତାଲିମ ସଫଳତାର ସହ ସମାପ୍ତ କରିବା ସହ ଏହା ଏକ ପ୍ରଭାବଶାଳୀ ୯୨% ନିଯୁକ୍ତି ହାର ହାସଲ କରିଛି। ଏହି ମାଇଲଖୁଣ୍ଟ ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତା ସହିତ ସଜ୍ଜିତ କରିବା ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଂଶଗ୍ରହଣକାରୀ ପ୍ରଶିକ୍ଷାର୍ଥୀ ୪୦ଘଣ୍ଟାର ଆଇଟି ସାକ୍ଷରତା ତାଲିମ ସମାପ୍ତ କରିଛନ୍ତି, ଯାହା ଡିଜିଟାଲ ସଶକ୍ତିକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୯୦% ପ୍ରଶିକ୍ଷାର୍ଥୀଙ୍କ ପାଇଁ, ଏହା ଡିଜିଟାଲ୍ ଶିକ୍ଷା ପ୍ରତି ସେମାନଙ୍କର ପ୍ରଥମ ଅଭିଜ୍ଞତା ଥିଲା, ଯାହା ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମ ଶକ୍ତି ପାଇଁ ଦକ୍ଷତା ପ୍ରଦାନ କରିଥିଲା। ଏହି ସଫଳତା ବିଷୟରେ ବେଦାନ୍ତ ଆଲୁମିନା ବ୍ୟବସାୟ, ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି: "ବେଦାନ୍ତରେ, ଆମେ ସାମୁଦାୟିକ ବିକାଶକୁ ସ୍ଥାୟୀ ଅଭିବୃଦ୍ଧି ପାଇଁ ଏକ ରଣନୈତିକ ଜରୁରତା ଭାବରେ ଦେଖୁ। ଏହି ଉଲ୍ଲେଖନୀୟ ନିଯୁକ୍ତି ମାଇଲଖୁଣ୍ଟ ଶିଳ୍ପ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣ ଏକାଠି ହେଲେ କ'ଣ ସମ୍ଭବ ତାହା ପ୍ରତିଫଳିତ କରେ। ନାବାର୍ଡ (ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ)ର ଜିଲ୍ଲା ବିକାଶ ପରିଚାଳକ ମହେଶ୍ୱର ଦାସ କହିଛନ୍ତି, "ଏହିପରି ପଦକ୍ଷେପଗୁଡ଼ିକ ପରିବର୍ତ୍ତନର ଏକ ଶକ୍ତିଶାଳୀ ସମର୍ଥକ। ସେମାନେ ଗ୍ରାମୀଣ ସମ୍ଭାବନା ଏବଂ ମୁଖ୍ୟଧାରାର ସୁଯୋଗ ମଧ୍ୟରେ ସେତୁ ସ୍ଥାପନ କରନ୍ତି। ସ୍ଥାନୀୟ ଯୁବକମାନଙ୍କ ପାଇଁ ସ୍ଥାୟୀ ଜୀବିକା ପଥ ସୃଷ୍ଟି କରିବାରେ ବେଦାନ୍ତର ପ୍ରୟାସ ପ୍ରକୃତରେ ପ୍ରଶଂସନୀୟ। ଏ ପର୍ଯ୍ୟନ୍ତ, ଏହି ପଦକ୍ଷେପ ଅଧୀନରେ ୭୦୧ ଯୁବକଙ୍କୁ ତାଲିମ ଦିଆଯାଇଛି, ଯାହା ଏହାର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ସେମାନଙ୍କୁ ସ୍ଥିର ଜୀବିକା ସୁରକ୍ଷିତ କରିବାରେ ସାହାଯ୍ୟ କରି, ଏହି ନିଯୁକ୍ତି ଗୁଡ଼ିକ ପରିବାରର ଆୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି, ଯୁବକମାନଙ୍କୁ ସାମାଜିକ-ଅର୍ଥନୈତିକ ମୁଖ୍ୟଧାରାରେ ସାମିଲ କରିଛି। ବେଦାନ୍ତର ଦକ୍ଷତା ତାଲିମ ପଦକ୍ଷେପ ରଣନୀତିକ ଭାବରେ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ, ବିଶେଷକରି ଝଡଏ ୧-'ଦାରିଦ୍ର୍ୟନାହିଁ' ଏବଂ ଝଡଏ ୮-'ସୌଜନ୍ୟ କାର୍ଯ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି' ସହିତ ସଂଯୁକ୍ତ। ଏହା ଗ୍ରାମୀଣ ନିଯୁକ୍ତି ଏବଂ ଉଦ୍ୟୋଗୀତାକୁ ସୁଦୃଢ଼ କରିବା ପାଇଁ ବିକାଶ ଭାରତର ଜାତୀୟ ଦୃଷ୍ଟିକୋଣ ସହିତ ମଧ୍ୟ ପ୍ରତିଧ୍ୱନିତ ହୁଏ।

# ଯବାନଙ୍କ ସ୍ତ୍ରୀ'ଙ୍କୁ ମାଡ଼ ଘଟଣାରେ ଏସପିଙ୍କ ଦ୍ୱାରସ୍ଥ ହେଲେ ପରିବାର

କୋରେଇ, (ଭାସ୍କର ନ୍ୟୁଜ୍): ଦଶରଥପୁର ଥାନା ଅଞ୍ଚଳରୁ ଜଣେ କାର୍ଯ୍ୟରତ ଭାରତୀୟ ସେନାଙ୍କ ପତ୍ନୀ ଜମି କିଣିବା ପାଇଁ ଟଙ୍କା ଦେଇ ଠକେଇର ଶିକାର ହୋଇ ଟଙ୍କା ମାଗିବାରୁ ଅମିନଙ୍କ ଠାରୁ ମାଡ ଖାଇ ଥାନାରୁ ନ୍ୟାୟ ନ ପାଇ ଏସପିଙ୍କ ଦ୍ୱାରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଏହିପରି ଏକ ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ମନ୍ଦାରଖଣ୍ଡ ଗ୍ରାମରେ ସୂଚନା ଅନୁଯାଇ ନାହାପଡା ଗ୍ରାମର ପ୍ରଦୀପ କୁମାର ସେଠୀ ତାଙ୍କ ଝିଅ ନାଁରେ ଜମି ରେଜିଷ୍ଟ୍ରେସନ କରିବା ପାଇଁ ମନ୍ଦାରଖଣ୍ଡ ଗ୍ରାମର ବେସରକାରୀ ଅମିନ ଭାବେ କାର୍ଯ୍ୟ କରୁଥିବା ପ୍ରଦୀପ ଦାଶଙ୍କୁ ଟଙ୍କା ଦେଇଥିଲେ। ଅମିନ ଦିନ ପରେ ଦିନ ଗଡେଇ ଚାଲିଲେ ଏପରି ଦୀର୍ଘ ଦିନ ବିତିଯିବା ପରେ ଫୋନ ଉଠାଇବା ବନ୍ଦ କରିଦେଲେ। ଶେଷରେ ପ୍ରଦୀପ ଓ ତାଙ୍କ ଝିଅ ନିରାଶ ହୋଇ ଉକ୍ତ ଅମିନ ଘରକୁ ଟଙ୍କା ଫେରସ୍ତ ଆଣିବାକୁ ଯାଇଥିଲେ। ଅମିନ ଜଣଙ୍କ ଘରେ ଥାଇ ଲୁଚି ରହିଲେ ଓ ତାଙ୍କ ପରିବାର ଲୋକ ଏମାନଙ୍କ ସହ ଝଗଡା କରିଥିଲେ କିନ୍ତୁ ଏମାନେ ଟଙ୍କା ଫେରସ୍ତ ନନେଇ ଯିବାକୁ ଜିଦି ଧରି ଅଡ଼ି ବସିଥିଲେ। ଅମିନ ପରିବାର ଲୋକ ହଠାତ ଉତକ୍ଷିପ୍ତ ହୋଇ ମାରଧର କରିବା ଆରମ୍ଭ କରିବା ସମୟରେ ଅମିନ ଜଣକ ଏକ ଲୁହା ପାଇପରେ ଏମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲା ଯଦ୍ୱାରା ଏମାନେ ଆହତ ହୋଇ ମେଡିକାଲ ଯାଇଥିଲେ ଓ ପରେ ଦଶରଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏତେଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତ ପ୍ରତି ପୋଲିସ ତରଫରୁ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ନିରାଶ ହୋଇଥିଲେ। ପୋଲିସର ଶିଥିଳ ତଦନ୍ତ ଯାହା ସମସ୍ତଙ୍କ ମନରେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହାପୂର୍ବରୁ ଅମିନ ଜଣଙ୍କ ନାଁରେ ବିଭିନ କେଶ ଥାନା ଓ କୋର୍ଟରେ ଚାଲୁଥିବା ବେଳେ ଠକେଇ ମାମଲାରେ ଏକବର୍ଷ ଜେଲ ବି ଯାଇଥିବା ଶୁଣିବାକୁ ମିଳୁଛି। ନ୍ୟାୟ ପାଇଁ ଏସିଡ଼ିପିଓଙ୍କ ନିକଟରେ ଫେରାର ପରେ ବି କୌଣସି ସୁଫଳ ନମିଳିବା ପରେ ସବୁଠୁ ନିରାଶ ହେଇ ଆଜି ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏସପି ଯସ ପ୍ରତାପ ଶ୍ରିମଲ ପଡିତ ପରିବାରକୁ ଖୁବ୍ ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିବା ପୀଡ଼ିତା ପରିବାର ସୂଚନା ଦେଇଛନ୍ତି ଯଦି ନ୍ୟାୟ ନମିଳେ ଆଗମୀ ଦିନରେ ଧାରଣା ଦେବା ନେଇ ପୀଡ଼ିତ ପରିବାର କହିଛନ୍ତି।



ବୌଦ୍ଧ(ଭାସ୍କର ନ୍ୟୁଜ୍): ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ଏବଂ ଶିଳ୍ପ ବିଭାଗର ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରୋଜ କୁମାର ପ୍ରଧାନ, ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ,ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଏବଂ ଅନେକ ଜିଲ୍ଲା ସ୍ତରୀୟ ଅଧିକାରୀ ଜିଲ୍ଲା ଦକ୍ଷତା ବିକାଶ କେନ୍ଦ୍ର,ବୌଦ୍ଧ ପରିଦର୍ଶନ କରିଥିଲେ। ସେଠାରେ ଚାଲିଥିବା ଫିଲ୍ଡ୍ ଟେକ୍ନିସିଆନ୍ ସ୍ୱଳ୍ପ କାଳୀନ ନିଶୁଳ୍କ ଦକ୍ଷତା ପ୍ରଶିକ୍ଷଣ ବିଷୟରେ ପିଲାମାନଙ୍କ ସହିତ ଆଲୋଚନା କରିଥିଲେ। ସେମାନଙ୍କର ନିଯୁକ୍ତି ଯେମିତି ନିଶ୍ଚିତ ପାଇବେ ତଦାରଖ କରିବା ପାଇଁ ଜିଲ୍ଲା ଦକ୍ଷତା ତଥା ନିୟୋଜନ ଅଧିକାରୀ ଅଜୟ କୁମାର ଦାଶଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନରେ ପାନୀୟ ଜଳର ଅଭାବ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ କହିଥିଲେ। କିଛି ପ୍ରଶିକ୍ଷିତ ପିଲାଙ୍କୁ ନିଯୁକ୍ତି ପତ୍ର ମଧ୍ୟ ପ୍ରଦାନ କରିଥିଲେ। ଶେଷ ପର୍ଯ୍ୟାୟରେ ଜିଲ୍ଲାପାଳଙ୍କ ସଦ୍ଭାବନା ଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ଅଧିକରୁ ଅଧିକ କେମିତି ଦକ୍ଷତା ପ୍ରଶିକ୍ଷଣ ଆଧୁନିକ ଟ୍ରେଡ୍‌ରେ ପାଇପାରିବେ, ପରାମର୍ଶ ଦେଇଥିଲେ। ଦରକାର ପଡିଲେ ସରକାର ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଲେ।



# ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରୀ ଉପରେ ଲାଗିବ ଲଗାମ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ସରକାର ଗୁଣାତ୍ମକ ଶିକ୍ଷା ପାଇଁ ଚିନ୍ତିତ ଥିବାବେଳେ ବିଦ୍ୟାଳୟ ଚର୍ତୁପାର୍ଶ୍ୱରେ ଗୁଟ୍‌ଖା ଏବଂ ମଦ ବିକ୍ରୀ ବନ୍ଦ କରିନାହାଁନ୍ତି । ରାଜ୍ୟରେ ସବୁ ସ୍କୁଲ, କଲେଜ ଗୁଡିକର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଏଣିକି ସ୍କୁଲ ନିକଟରେ ସିଗାରେଟ, ବିଡି, ପାନ,ଗୁଟ୍‌ଖା ବ୍ୟବହାର ଉପରେ କଟକଣା କରାଯାଇଥିଲେ ହେଁ ଏହା କେନ୍ଦୁଝର ଜିଲ୍ଲାରେ କଡାକଡି ଭାବେ ଲାଗୁ କରାଯାଇନାହିଁ। ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ଏବଂ ଗୁଟଖା ବିକ୍ରୀ ବନ୍ଦ ପାଇଁ ସରକାର ଅଣ୍ଟା ଭିଡିଛନ୍ତି । ଚଳିତ ବର୍ଷ କେନ୍ଦୁଝର ଜିଲ୍ଲାରେ ୨୮ ଟି ସ୍କୁଲ ଏବଂ ୧୩ ଟି କଲେଜକୁ ନିଶା, ତମାଖୁ ବିକ୍ରୀ ଉପରେ ଲଗାମ ଲାଗିବ । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ବିଡିଓ ମାନଙ୍କୁ ଚିଠି କରାଯାଇ ସଂପୃକ୍ତ ସ୍କୁଲ ଏବଂ କଲେଜକୁ ନିଶାମୁକ୍ତ ଅଂଚଳ ଘୋଷଣା କରାଯିବ । ସ୍କୁଲ କଲେଜ ପରିସରରେ 'ତମାଖୁ ମୁକ୍ତ ଅଂଚଳ' ଲେଖା ପ୍ରଦର୍ଶନ ହେବ । ପ୍ରବେଶ ପଥରେ 'ତମାଖୁ ମୁକ୍ତ ଶିକ୍ଷା ଅନୁଷ୍ଠାନ' ବୋର୍ଡ ଲାଗିବ । ସ୍କୁଲ ପରିସରରେ ତମାଖୁ ବ୍ୟବହାର ଲାଗି କୌଣସି ମାଧ୍ୟମ ରହିବନି । ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟଗତ ସମସ୍ୟା ବାବଦରେ ସଚେତନ ସାମଗ୍ରୀ ପ୍ରଦର୍ଶନ କରାଯିବ । ପ୍ରତି ୬ମାସରେ ଅତି କମରେ ଥରେ ଏକ ତମାଖୁ ନିୟନ୍ତ୍ରଣ ଗତିବିଧି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସ୍କୁଲର ଆଚାର ସଂହିତାରେ ତମାଖୁ ମୁକ୍ତ ନୀତି ସାମିଲ ହେବ । ଶିକ୍ଷାନୁଷ୍ଠାନ ଚାରିପଟେ ୧୦୦ ମିଟର ଦୂରତା ଭିତରେ ପରିସରକୁ ତମାଖୁ ମୁକ୍ତ କ୍ଷେତ୍ର ଘୋଷଣା କରାଯିବ । କୌଣସି ଦୋକାନୀ ବା ବିକ୍ରେତା ୧୦୦ ମିଟର ପରିସୀମା ଭିତରେ ଯେମିତି ତମାଖୁ ଉତ୍ପାଦ ବିକ୍ରୀ ନ କରନ୍ତି ତାହା ସୁନିଶ୍ଚିତ କରାଯିବ ବୋଲି ଜଣାପଡିଛି। ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ଏହାକୁ କଡାକଡି ପାଳନ କରୁନଥିବାରୁ ଏବଂ କୋଟପା ସ୍କ୍ୱାର୍ଡ ଲୋକ ଦେଖାଣିଆ ଚଢାଉ କରୁଥିବାରୁ ସ୍କୁଲ କଲେଜ ନିକଟରେ ବେଧଡକ ନିଶାଦ୍ରବ୍ୟ ବିକ୍ରୀ ହେଉଛି । ଗତ ବର୍ଷ ୧୨ ଥର କୋଟପା ସ୍କ୍ୱାର୍ଡ ଦୋକାନ ବଜାରରେ ଚଢାଉ କରି ୮୪ ଜଣ ଆଇନ ଉଲ୍ଲଘଂନକାରୀଙ୍କୁ ୩୪ ହଜାର ୬୧୪ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ନିଷିଦ୍ଧ ଗୁଟଖା ଯୋଗାଣ କରୁଥିବା ବ୍ୟବସାୟୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଫଳରେ ଅବାଧରେ ଏହା ସ୍କୁଲ ନିକଟରେ ବିକ୍ରୀ ହେଉଛି ଏବଂ ସ୍କୁଲ ଏବଂ କଲେଜ ଛାତ୍ର ଗୁଟଖା ସେବନ କରୁଛନ୍ତି । ଯୁବପିଢିଙ୍କ ମଧ୍ୟରେ ତମାଖୁ ସେବନ ମାତ୍ରା ଦ୍ରୁତ ଗତିରେ ବଢୁଛି । ଏଥିଯୋଗୁଁ ସ୍କୁଲ,କଲେଜ ପରିସରରେ ଅନ୍ୟ ନିଶା ପଦାର୍ଥ ସେବନ ପ୍ରବୃତ୍ତି ମଧ୍ୟ ବୃଦ୍ଧି ପାଉଛି । ଏହାକୁ ରୋକିବା ପାଇଁ କଡାକଡି ନିୟମ ଥିଲେ ମଧ୍ୟ ଏହାର କଡାକଡି ଅନୁପାଳନ ହେଉନାହିଁ । ଶିକ୍ଷାନୁଷ୍ଠାନ ନିଶା ଓ ତମାଖୁ ମୁକ୍ତ ହେବ ବୋଲି ସରକାର ଘୋଷଣା କରିଥିଲେ ହେଁ ଏହା କେବଳ କାଗଜ କଲମରେ ସୀମିତ ରହିଛି । ସେହିପରି ସ୍କୁଲରେ କୌଣସି ଶିକ୍ଷକ ତଥା କର୍ମଚାରୀମାନେ ପାନ, ବିଡି, ସିଗାରେଟ, ଗୁଟଖା ଖାଇପାରିବେ ନାହିଁ । ଯଦି କୌଣସି ଶିକ୍ଷକ ବା କର୍ମଚାରୀ ଅବକାରୀ ଖାଉଥିବାର ଅଭିଯୋଗ ପ୍ରମାଣିତ ହୁଏ ତେବେ ସେମାନଙ୍କ ଦୃଢ କାର୍ଯ୍ୟାନୁଷ୍ଠାନ ହେବ । ତାହା ମଧ୍ୟ ସଠିକ୍ ଅନୁପାଳନ ହେଉନାହିଁ । ସମ୍ପୃକ୍ତ ନିୟମକୁ ପୋଲିସ, ଅବକାରୀ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ଯାଂଚ ନକରିବା ଫଳରେ ସ୍କୁଲ ନିକଟରେ ଅବାଧରେ ଏହି ସବୁ ଅବକାରୀ ବିକ୍ରୀ ହେଉଛି। ତମାଖୁ ସେବନ ଦ୍ୱାରା କ୍ୟାନସର, ହୃଦ୍‌ଘାତ, ଶୁକ୍ରହୀନତା, ଅନ୍ଧତ୍ୱ, ଯକ୍ଷ୍ମା ଆଦି ରୋଗର ସମ୍ଭାବନା ଥିବାବେଳେ ଧୂମପାନ ଦ୍ୱାରା ଅନେକ ଅପକାରୀତା ସଂପର୍କରେ ସଚେତନ କରାଯାଉନାହିଁ। ଏ ସଂପର୍କରେ ବ୍ୟାପକ ସଚେତନତାର ଆବଶ୍ୟକତା ଥିବାରୁ ସ୍କୁଲ,କଲେଜ ଏବଂ ମହାବିଦ୍ୟାଳୟରେ ମଧ୍ୟ ଛାତ୍ରଛାତ୍ରୀମାନେ ଗୁଟ୍‌ଖାରୁ କିପରି ଦୂରେଇ ରହିପାରିବେ ସେଥିପ୍ରତି ସଚେତନତାମୂଳକ ପଦକ୍ଷେପ ନେବାକୁ ଦାବି ହେଉଛି । ଜିଲ୍ଲାରେ ବର୍ଷକୁ କୋଟି କୋଟି ଟଙ୍କାର ଚୋରା ଗୁଟ୍‌ଖା କାରବାର ହେଉଥିବାବେଳେ ଏଥିପ୍ରତି ପ୍ରଶାସନ ପଦକ୍ଷେପ ନେଉନାହିଁ । ସେହିପରି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ନିକଟରେ ବହୁଳ ମାତ୍ରାରେ ଗୁଟ୍‌ଖା ମିଳୁଥିବା କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଗୁଟ୍‌ଖା ବ୍ୟବସାୟକୁ ବନ୍ଦ କରିବା ପାଇଁ ବ୍ୟାପକ ପଦକ୍ଷେପ ନେବାକୁ ଦାବି ହେଉଛି । ସ୍କୁଲରେ ସୁସ୍ଥ ଶୈକ୍ଷିକ ପରିବେଶ ସାଙ୍ଗକୁ ପିଲାମାନେ ଯେପରି ସିଗାରେଟ, ଗୁଟଖା ଭଳି ବଦ ଅଭ୍ୟାସ ଠାରୁ ଦୂରରେ ରହନ୍ତି ସେ ସମ୍ପର୍କରେ ଗୁରୁତ୍ୱ ଦେବା ଆବଶ୍ୟକ । ସେହିପରି ସିଗାରେଟ, ଗୁଟଖା ଦ୍ୱାରା କିଭଳି ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି ସେ ସମ୍ପର୍କରେ ମଧ୍ୟ ପିଲାମାନଙ୍କୁ ସଚେତନ କରିବା ଆବଶ୍ୟକ । ପ୍ରଶାସନ ପକ୍ଷରୁ ୧୦୦ମିଟର ପରିଧିରେ ଗୁଟଖା, ସିଗାରେଟ, ପାନ ବିକ୍ରୀ ହେଲେ ସଂପୃକ୍ତ ଦୋକାନୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଫାଇନ ଆଦାୟ କରାଯିବାକୁ ସାଧାରଣରେ ଦାବି ହେଉଛି ।

## ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବୌଦ୍ଧ (ଭାସ୍କର ନ୍ୟୁଜ୍): ଶୁକ୍ରବାର ଦିନ ହରଭଙ୍ଗା ଗ୍ରାମର ବଜେନ୍ଦ୍ର ବାଘ (୪୮) ପିତା ସୋମନାଥ ବାଘ ନିକଟସ୍ଥ ମହାନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ କୌଣସି ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇ ମୃତ୍ୟୁବରଣ କରିଥିଲେ। କିଛି ଲୋକ ସେହି ସମୟରେ ତାଙ୍କୁ ପାଣିରେ ଭାସୁଥିବା ଦେଖି ପାଣିରୁ ଉଦ୍ଧାର କରିଥିଲେ।ହେଲେ ସେତେବେଳକୁ ସେ ମୃତ୍ୟୁବରଣ କରିସାରିଥିଲେ। ତାଙ୍କ ପରିବାର ପକ୍ଷରୁ ହରଭଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଲିଖିତ ଅଭିଯୋଗକୁ ଭିତ୍ତି କରି ହରଭଙ୍ଗା ଥାନା ପକ୍ଷରୁ ୭/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ହରଭଙ୍ଗା ଥାନା ଅଧିକାରୀ ନଳିନୀ କାନ୍ତ ଦାସ ଘଟଣା ସ୍ଥଳକୁ ଯାଇ ଶବକୁ ବ୍ୟବଚ୍ଛେଦ କରିବା ପାଇଁ ବୌଦ୍ଧ ମେଡିକାଲ ପଠେଇବା ସହିତ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି। ସେ ଜଣେ ଗରିବ ଓ ନିଃସହାୟ ଲୋକ ହୋଇଥିବାରୁ ତାଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗେଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ତାଙ୍କ ମୃତ୍ୟୁରେ ହରଭଙ୍ଗା ଅଞ୍ଚଳରେ ଏକ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଶାନ୍ତ ସରଳ ଓ ଭଦ୍ର ବ୍ୟକ୍ତି ହୋଇଥିବାରୁ ଅଞ୍ଚଳ ର ବହୁ ଲୋକ ଆସି ତାଙ୍କ ଶେଷ ଦର୍ଶନ କରିଥିଲେ।

# ବାଲ୍ୟ ବିବାହ ନିଷେଧ ସଂପର୍କିତ ଏକଦିବସୀୟ କର୍ମଶାଳା



ବୌଦ୍ଧ (ଭାସ୍କର ନ୍ୟୁଜ୍): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ବୌଦ୍ଧ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭା ଗୃହ ଠାରେ ବାଲ୍ୟ ବିବାହ ନିଷେଧ ଆଇନ -୨୦୦୬ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଓ ବିଭାଗ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷାକରି ସମସ୍ତ ଦାୟିତ୍ୱ ସମ୍ପନ୍ନ ଅଧିକାରୀ ନିଜ ନିଜର ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ମତବ୍ୟକ୍ତ କରିଥିଲ। ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ନିର୍ବାହି ଅଧିକାରୀ ତଥା ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗଦେଇ ବାଲ୍ୟ ବିବାହ ଆଇନର ସଠିକ୍ କାର୍ଯ୍ୟକାରୀତା ଏବଂ ଗୋଷ୍ଠୀ ସ୍ତରରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଯୋଗଦେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀମାନେ ଗୋଷ୍ଠୀ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ତଥା ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରିବା ଉପରେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦାମୋଦର ସାହୁ ଯୋଗ ଦେଇଥିଲେ। ତାଲିମ୍ ଦାତା ଭାବରେ UNICEF, ଓଡ଼ିଶାର ଶିଶୁ ସୁରକ୍ଷା ପରାମର୍ଶଦାତା ଶ୍ରୀଯୁକ୍ତ ଘାସିରାମ ପଣ୍ଡା ଯୋଗଦେଇ ବାଲ୍ୟବିବାହ ଆଇନ ରେ ଥିବା ବ୍ୟବସ୍ଥା ଏବଂ ବାଲ୍ୟବିବାହ ନିଷେଧ ଅଧିକାରୀ ମାନଙ୍କର ଦାୟିତ୍ୱ ଓ ଭୂମିକା ପାୱାର ପଏଣ୍ଟ ମାଧ୍ୟମରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମସ୍ତ କ୍ଷେତ୍ର ପରିଦର୍ଶିକା, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସମସ୍ତ ସଦସ୍ୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଶାନ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ଜିଲ୍ଲା ହବ ସେଣ୍ଟର ସମସ୍ତ କର୍ମଚାରୀ, ଚାଇଲ୍ଡ ଲାଇନର କର୍ମଚାରୀ, ଆବାସିକ ବିଦ୍ୟାଳୟର ୱାର୍ଡେନ ମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ଦେବାସହ ଅତିଥି ପରିଚୟ ପ୍ରଦାନ ଏବଂ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ । ଶିଶୁ ମାନଙ୍କ ପାଇଁ ବିଭିନ୍ନ ବିଭାଗର ଯୋଜନା ଉପରେ ସୂଚନା ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ର ସୁରକ୍ଷା ଅଧିକାରୀ ସୁଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ର ସମରସେନ ସିଂ, ରାଜେନ୍ଦ୍ର ମଲ୍ଲିକ, ବସନ୍ତ କୁମାର ଦିସିରି, ସହଦେବ ନାୟକ, ଚିତ୍ରସେନ ସାହୁ, ଶ୍ରବଣ କୁମାର ସାହୁ, ସୌମ୍ୟ ରଞ୍ଜନ ଜେନା, ରଞ୍ଜିତ ସାହୁ ଏବଂ ସତ୍ୟନାରାୟଣ ନାଏକ ସହଯୋଗ କରିଥିଲେ।

## ବିନା ଅନୁମତିରେ ଡ୍ରିମ୍ ସେଣ୍ଟର ହଷ୍ଟେଲ ଚାଲୁଥିବା ଅଭିଯୋଗ

ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ନିକଟ ସାହେବଜେନାପଲି ଠାରେ ବିନା ଅନୁମତିରେ ଡ୍ରିମ ସେଣ୍ଟର ହଷ୍ଟେଲ ଚାଲିଥିବା ଅଭିଯୋଗ ହୋଇଛି । ଏନସିପିସିଆର ପୋସ୍କୋର ବିନା ଅନୁମତିରେ ୨୦୧୩ ରୁ ଦୀର୍ଘ ୧୨ ବର୍ଷ ହେଲା ଏହି ସେଣ୍ଟର ଚାଲୁଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କିମ୍ବା ଜିଲ୍ଲା ସମାଜ ମଙ୍ଗଳ ବିଭାଗ କିଭଳି ଏ ସମ୍ପର୍କରେ ଜାଣିପାରିଲାନି । ଏନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଏପରିକି ଏଠାରେ ଧର୍ମାନ୍ତରୀକରଣ ହେଉଥିବା ବଜରଙ୍ଗ ଦଳ ପକ୍ଷରୁ ଅଭିଯୋଗ ହୋଇଛି । ଏହାପରେ ଗୁରୁବାର ଅପରାହ୍ନରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଟିମ ପୃଥକ ପୃଥକ ଯାଞ୍ଚ ଓ ତଦନ୍ତ କରିଛି । ଉଭୟ ଟିମ ଗଞ୍ଜାମ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କୁହାଯାଇଛି । ଏହାପରେ ଯାହାକିଛି ପଦକ୍ଷେପ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଡ୍ରିମ ସେଣ୍ଟର ହଷ୍ଟେଲ ଏନସିପିସିଆର ପୋସ୍କୋର ବିନା ଅନୁମତିରେ ଚାଲିଥିବା ବେଳେ ବାହାରେ ଏହାର ବୋର୍ଡ ଲଗାଯାଇଛି । ଏଠାରେ ଗଜପତି, କନ୍ଧମାଳ, ରାୟଗଡା ଓ କୋରାପୁଟ ଜିଲ୍ଲାର ୧୧୦ ଗରିବ ଆଦିବାସୀ ରହୁଛନ୍ତି, ସେଥିରେ ୫୮ ଜଣ ବାଳକ ଓ ୫୨ ଜଣ ବାଳିକା ଅଛନ୍ତି । ୬ ରୁ ୧୮ ବର୍ଷର ଝିଅ ମାନେ ରହୁଥିବା ବେଳେ ସେଠାରେ ପାଚେରୀ ନାହିଁ । ଏଠାରେ ଏମାନେ ରହୁଥିବା ବେଳେ ପାଖ ସରକାରୀ ସ୍କୁଲକୁ ପାଠ ପଢିବାକୁ ଯାଉଛନ୍ତି । ପ୍ରତି ରବିବାର ଏଠାରେ ଧର୍ମାନ୍ତରୀକରଣ ହେଉଥିବା ଓ ନିରୀହ ଗରିବଙ୍କୁ ଲୋଭ ଦେଖାଇ ଧର୍ମ ପରିବର୍ତ୍ତନ କରାଯାଉଥିବା ଏବଂ ବିଦେଶରୁ ଟଙ୍କା ଆସୁଥିବା ନେଇ ବଜରଙ୍ଗ ଦଳର ରାମକୃଷ୍ଣ ରେଡ୍ଡୀ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ଏପରି କିଛି ହେଉନଥିବା ସେଣ୍ଟରର ସୁପରିଣ୍ଟେଣ୍ଡେଣ୍ଟ ଭିକାରି ଚରଣ ନାୟକ କହିଛନ୍ତି ।୧ ଗତ ୨୫ ତାରିଖରେ ଅନୁମତି ପାଇଁ ଆବେଦନ ହୋଇଛି ଏବଂ ଝିଅ ମାନେ ସୁରକ୍ଷିତ ଥିବା ସେଣ୍ଟରର ୱାର୍ଡେନ ସ୍ୱର୍ଣ୍ଣପ୍ରଭା ବାରିକ କହିଛନ୍ତି ।

## ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କନକଲତା ନାଏକଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଉପଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଅତିରିକ୍ତ ଜିଲ୍ଲା ସମାଜ ମଂଗଳ ଅଧିକାରୀ ଗୋପାଳକୃଷ୍ଣ ମଲ୍ଲିକ, ସହକାରୀ ଜିଲ୍ଲାପାଳ ସୁଦାମ କୁମାର ସ୍ୱାଇଁ, ବରିଷ୍ଠ ସେକସନ ଅଫିସର୍ ଭିକାରୀ ଝାଙ୍କରଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକ ମାନେ ଉପସ୍ଥିତ ରହି କନକଲତା ନାଏକଙ୍କ ଅବସର ଜୀବନର ସୁଖ ଓ ସମୃଦ୍ଧି କାମନା କରିଥିଲେ ।

# ବିଜେପି ପକ୍ଷରୁ କୁଶ ପୁତ୍ତଳିକା ଦାହ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ସ୍ଥିତ ସୁବାସ ବୋଷ ଛକ ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଶୁକ୍ରବାର ଦିନ ବିଜୁ ଜନତା ଦଳର ନେତା ଅମରେଶ ଜେନା ଏବଂ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନଙ୍କୁ ସହଯୋଗ କରିଥିବା ଉଭୟ ଦଳର ଦୁଇ ମୁଖ୍ୟ ନବୀନ ପଟ୍ଟନାୟକ ଓ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ପୂର୍ବ କଂଗ୍ରେସ ଏବଂ ବିଜେଡି ସରକାରଙ୍କ ସମୟରେ ନାରୀ ମାନଙ୍କ ପ୍ରତି ହେଉଥିବା ନିର୍ଯାତନା ଏବଂ ଯେଉଁ ନେତା ଏବଂ ମନ୍ତ୍ରୀ ମାନେ ନାରୀମାନଙ୍କୁ ନିର୍ଯାତନା ଦେଉଥିଲେ ସେମାନଙ୍କ ମୁଖା ଖୋଲିବା ପାଇଁ ସେମାନଙ୍କ ସହଯୋଗୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇ ବିରୋଧୀ ଦଳଙ୍କୁ ସୂଚେଇଦେଉଛୁ ବୋଲି ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ଆଶୋକ ପରିଡା କହିଛନ୍ତି। ଏହି କୁଶ ପୁତ୍ତଳିକା ଦାହ ସମୟରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଆଶୋକ ପରିଡା, ବାଲିମେଳା ଚେୟାରମେନ ପ୍ରଦିପ ନାୟକ, ମହିଳାମୋର୍ଚ୍ଚା ସଭାପତିଙ୍କ ସହ ମହିଳା କର୍ମୀ , ମାଣିକ ଚକ୍ରବର୍ତ୍ତୀ, ନଗର ସଭାପତି ଏବଂ ଶତାଧିକ ଭାରତୀୟ ଜନତା ପାର୍ଟିର କର୍ମୀ ଉପସ୍ଥିତ ରହିଥିଲେ।

# ମଡେଲ ପାର୍କକୁ ଖୋଲିଲା ରାସ୍ତା



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ସଦର ମହାକୁମ୍ମା ସ୍ଥିତ ବ୍ଲକ ପାର୍ଶ୍ୱରେ ନିର୍ମିତ ମଡେଲ ପାର୍କ ଓ ୨୪ ଏକର ବିଶିଷ୍ଟ ସରକାରୀ ଜମିକୁ ରାସ୍ତା ନ ଥିଲା। ବର୍ତ୍ତମାନ ଏହି ସମସ୍ୟା ଦୂର ହୋଇଛି। ବ୍ଲକ ପ୍ରଶାସନର ଉଦ୍ୟମରେ ନୂତନ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମାଟି ମୋରମ ରାସ୍ତା ପାଇଁ ବ୍ଲକ ପ୍ରଶାସନ ପଦକ୍ଷେପ ଗ୍ରହଣ କରିଥିବା ବେଳେ ଆଗାମୀ ଭବିଷ୍ୟତରେ ପିଚୁ ରାସ୍ତା ନିର୍ମାଣ ପାଇଁ ପ୍ରୟାସ ରହିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ନୂତନ ପାର୍କ ଓ ବ୍ଲକ ପାର୍ଶ୍ୱରେ ରହିଥିବା ପ୍ରାୟ ୨୪ ଏକର ବିଶିଷ୍ଟ ସରକାରୀ ଜମିକୁ ଯିବା ପାଇଁ ଦୀର୍ଘବର୍ଷ ଧରି ରାସ୍ତା ସମସ୍ୟା ରହିଥିଲା। ସରକାରୀ ଜମି ଚତୁଃପାର୍ଶ୍ୱରେ ବ୍ୟକ୍ତିଗତ ଜମି ରହିଥିବା କାରଣରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ଯାହାକି ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାମ ଏହି ସ୍ଥାନରେ ହୋଇ ପାରୁନଥିଲା। ବର୍ତ୍ତମାନ ତହସିଲ ପ୍ରଶାସନ, ବ୍ଲକ ପ୍ରଶାସନ ଓ ଉପଜିଲ୍ଲାପାଳଙ୍କ ଉଦ୍ୟମ ଓ ସହଯୋଗରେ ନୂତନ ପାର୍କ ଓ ୨୪ ଏକର ବିଶିଷ୍ଟ ସରକାରୀ ଜମିକୁ ରାସ୍ତା ଖୋଲିଥିବା ଯୋଗୁଁ ଅନେକ ସରକାରୀ ଯୋଜନା ଏହି ସ୍ଥାନରେ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି । ପ୍ରଶାସନର ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ତେବେ ରାସ୍ତା ଅଭାବରୁ କିଛି ମାତ୍ରାରେ ରହିଯାଥିବା ପାର୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସୁନ୍ଦର ରୂପରେଖ ଦିଆଯାଇ ଜନସାଧାରଣଙ୍କ ସୁବିଧା କରାଯିବ ବୋଲି ବିଡିଓ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ୨୪ ଏକର ବିଶିଷ୍ଟ ସରକାରୀ ଜାଗାରେ ଆଗାମୀ ଭବିଷ୍ୟତରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇ ଜନସାଧାରଣଙ୍କୁ ସେବା ଯୋଗେଇ ଦିଆଯିବା ଜଣାପଡୁଛି।

## ଅନ୍ଧାରମୟ ପରିବେଶରେ ରାଇଘର ସଦର ମହକୁମା

ରାଇଘର (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ବର୍ତ୍ତମାନ ଅନ୍ଧାରରେ ରହୁଥିବା ଦେଖିବାକୁ ମିଳିଛି। ଖବର ନେବାରେ ଜଣାଯାଇଛି ଯେ ଗତ ୨୦୧୭ ମସିହାରେ ବଜାରର ସମସ୍ତ ବିଦ୍ୟୁତ ଖମ୍ବ ତଥା ସମସ୍ତ ସାହି ଛକରେ ଷ୍ଟ୍ରିଟ ଲାଇଟ୍ ଲଗାଯାଇଥିଲା। ଏବେ ତାହା ଖରାପ ହୋଇଯିବା ଯୋଗୁଁ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାର ରହୁଛି। ଷ୍ଟ୍ରିଟ୍ ଲାଇଟ୍ ଖରାପ ହୋଇଯିବା ପରେ ମରାମତି ମଧ୍ୟ କରାଯାଉନ ଥିବା ଜଣାଯାଇଛି। ଅନ୍ଧାର ମୟ ପରିବେଶ ସୃଷ୍ଟି ଫଳରେ ବେଳେ ବେଳେ ଚୋରି ଡକାୟତି ହେଉଥିବା ମଧ୍ୟ ନଜିର ରହିଛି। ତେଣୁ ଲାଇଟ୍ ଗୁଡ଼ିକ ମରାମତି କରିବା ସକାଶେ ସଧାରଣରେ ଦାବି ହଉଥିବା ଦେଖିବାକୁ ମିଳିଛି।

# ଜିଲ୍ଲାସ୍ତରୀୟ ସଂପୂର୍ଣ୍ଣତା ଅଭିଯାନ ସମାରୋହ

ମାଲକାନଗିର (ଭାସ୍କର ନ୍ୟୁଜ୍) : ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ଠାରେ ଜିଲ୍ଲାସ୍ତରୀୟ ସଂପୂର୍ଣ୍ଣତା ଅଭିଯାନ ସମାରୋହ ଅନୁଷ୍ଠିତ ହେବା ସହ ଆକାଂକ୍ଷା ହାଟର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପିରାମଲ ଫାଉଣ୍ଡେସନ ରାଜ୍ୟ ପ୍ରୋଗ୍ରାମ ଡାଇରେକ୍ଟର ଗୋମତୀ ଶଙ୍କର କ୍ରିଷ୍ଣନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ସଂପୂର୍ଣ୍ଣତା ଅଭିଯାନରେ ଜିଲ୍ଲା ୪ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହାର ଶ୍ରେୟ ଜିଲ୍ଲାବାସୀଙ୍କର। ସମସ୍ତଙ୍କ ମିଳିତ ସହଭାଗିତାରେ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଆମେ ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ରୂପେ ଗଢ଼ି ତୋଳିବାର ସଂକଳ୍ପ ନେବାକୁ ହେବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି । ଅନ୍ୟାନ୍ୟ ଅତିଥିମାନେ ଏହି ବିରାଟ ସଫଳତାରେ ନିଜର ଖୁସି ବ୍ୟକ୍ତ କରି କହିଛନ୍ତି ଯେ ସମସ୍ତେ ମିଳିମିଶି ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବା। ସୂଚନା ଥାଉ କି ଆକାଂକ୍ଷା ହାଟ ୭ ଦିନ ପର୍ଯ୍ୟନ୍ତ ରହିବ। ଏହି ହାଟ ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ଗୁଡ଼ିକୁ ବ୍ରାଣ୍ଡିଂ କରି ଅନଲାଇନ ପ୍ଲାଟଫର୍ମରେ ସାମିଲ୍ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନଙ୍କର ଆର୍ଥିକ ବିକାଶ ହେବ। ଏହି ହାଟରେ ଆଦିମ ବଣ୍ଡା ଜନଜାତିଙ୍କ ବିଡ୍ ୱାର୍କ ମାଳି, ସ୍ୱାଭିମାନ ଅଞ୍ଚଳର ହଳଦୀ ଗୁଣ୍ଡ ଓ ପଣସ ଚିପ୍ସ ସ୍ଥାନ ପାଇଛି। ନୀତି ଆୟୋଗ ଅଧୀନରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ୬ ଗୋଟି ବର୍ଗରେ ଜିଲ୍ଲାକୁ ସ୍ୱର୍ଣ୍ଣ ପଦକ ମିଳିଛି। ମାଲକାନଗିରିକୁ ଜିଲ୍ଲାସ୍ତରରେ ଗୋଟିଏ ସ୍ୱର୍ଣ୍ଣ ଓ ଆକାଂକ୍ଷୀ ବ୍ଲକ୍ ଭାବେ ଚିତ୍ରକୋଣ୍ଡା, ଖଇରପୁଟ ଓ ମାଥିଲି ବ୍ଲକ୍‌କୁ ତିନି ଗୋଟି ସ୍ୱର୍ଣ୍ଣ ପଦକ ମିଳିଛି। ସମଗ୍ର ଦେଶରେ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ଏହିଭଳି ବିରଳ କୃତିତ୍ୱ ହାସଲ କରିବାରେ ମାଲକାନଗିରି ଏକମାତ୍ର ଜିଲ୍ଲା ଅଟେ। ଆକାଂକ୍ଷୀ ଜିଲ୍ଲା ଅଧୀନରେ ଗର୍ଭବତୀ ମାଆ ମାନଙ୍କର ପ୍ରଥମ ଟୀକାକରଣ ପଞ୍ଜୀକରଣ, ସମ୍ପୂର୍ଣ୍ଣତା ପୋଷଣ ଅଭିଯାନ, ୯ ରୁ ୧୧ ବର୍ଷର ଶିଶୁଙ୍କ ଟୀକାକରଣ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ମାଧ୍ୟମିକ ବିଦ୍ୟାଳୟରେ ଶତ ପ୍ରତିଶତ ବିଦ୍ୟୁତ୍ ସଂଯୋଗୀକରଣ ଓ ବିଦ୍ୟାଳୟରେ ଶତ ପ୍ରତିଶତ ପାଠ୍ୟ ପୁସ୍ତକ ବଣ୍ଟନରେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ସେହିପରି ଆକାଂକ୍ଷୀ ବ୍ଲକ୍ ଅଧୀନରେ ଗର୍ଭବତୀ ମାଆ ମାନଙ୍କର ପ୍ରଥମ ଟୀକାକରଣ ପଞ୍ଜୀକରଣ, ମଧୁମେହ ରୋଗୀ ଚିହ୍ନଟ, ଯକ୍ଷ୍ମା ରୋଗୀ ଚିହ୍ନଟ ପ୍ରକ୍ରିୟା, ସମ୍ପୂର୍ଣ୍ଣତା ପୋଷଣ ଅଭିଯାନ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୂର୍ଣ୍ଣ ଚଳନ ରାଶି ପ୍ରଦାନରେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ପିରାମଲ୍ ଫାଉଣ୍ଡେସନକୁ ସମ୍ମାନୀତ କରାଯାଇଛି। ସେହିପରି ମାଥିଲି, ଖଇରପୁଟ ଓ ଚିତ୍ରକୋଣ୍ଡା ବିଡିଓ, ସିଡିପିଓ, ଏମଓ, ଏମଓଆଇସି, ବିଏଓ ଓ ବିପିଏମଙ୍କୁ ପୁରସ୍କୃତ କରାଯାଇଛି। ଏହି ତିନି ଗୋଟି ବ୍ଲକ୍‌ର ଅଙ୍ଗନୱାଡ଼ି କର୍ମୀ, କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ, ଆଶା, କୃଷକ ସାଥି, ଭିଏଡବ୍ଲ୍ୟୁ, ଏଓ, ସିଆରପିସିଏମ ଓ ଏମବିକେଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶବର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡିଡି ଡିପିଏମୟୁ ଗୋଲକ ଚନ୍ଦ୍ର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### ଚାଷୀ ଆତ୍ମହତ୍ୟା ଘଟଣା

## ତଦନ୍ତ ପାଇଁ ଗାଁରେ ପହଞ୍ଚିଲେ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ

ମୁରିବାହାଲ (ଭାସ୍କର ନ୍ୟୁଜ ) ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଡ଼ୁଙ୍ଗରପଡା ପଞ୍ଚାୟତ ଦନ୍ଦରା ଗାଁର ଚାଷୀ ରାଜକୁମାର ପାତ୍ର ନିଜ ଚାଷ ଜମିରେ ବିଷ ପିଇ ଆତ୍ମହତ୍ୟା କରିଥଲେ। ରାଜକୁମାର ନିଜ ଜମିରେ ଚାଷ କରିବା ସହ ଅନ୍ୟ ଲୋକଙ୍କ ଜମି ମଧ୍ୟ ଭାଗଚାଷୀ ଭାବେ ନେଇ ଚାଷ କାମ ଆରମ୍ଭ କରିଥିଲେ। ଚାଷୀ ରାଜକୁମାର ଋଣ ଧାର କରି ଚାଷ କାମ ଆରମ୍ଭ କରିଥିବା ବେଳେ ଏଥର ଚାଷ



ହେବ ନାହିଁ ଭାବି ଋଣ ଭାର ସମ୍ଭାଳି ନପାରି ଆତ୍ମହତ୍ୟା କରିଥିବା ପରିବାର ଲୋକ କହିଛନ୍ତି । ତେବେ ଆଜି ଜିଲ୍ଲା ଅତିରିକ୍ତ କୃଷୀ ଅଧିକାରୀ ଧବଳେଶ୍ୱର ପଧାନ ସହ ଅନ୍ୟ ଅଧିକାରୀ ମାନେ ପହଂଚି ତଦନ୍ତ କରିଥିଲେ। ଚଳିତ ବର୍ଷ ଯେତେ ପରିମାଣରେ ବର୍ଷା ହେବା କଥା ତାର ୧୦ ପ୍ରତିଶତ ବର୍ଷା କମ୍ ହେଇଛି। କାହିଁକି ସେ ଆତ୍ମହତ୍ୟା କଲେ ତା'ର ତଦନ୍ତ ଚାଲିଛି ବୋଲି କହିଛନ୍ତି ଜିଲ୍ଲା ଅତିରିକ୍ତ କୃଷୀ ଅଧିକାରୀ। ସେ ପଟେ ଗାଁରେ ବିଜେଡି ନେତା ଅଜିତ ଯୋଷୀ ପହଞ୍ଚ ଚାଷୀ ପରିବାରଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ କୃଷି ଅଧିକାରୀଙ୍କ ସହ କଥା ହୋଇ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି। କ୍ଷତିପୂରଣ ନଦେଲେ ଆନ୍ଦୋଳନ କରି ରାସ୍ତାରୋକ କରିବା ପାଇଁ ଚେତାବନୀ ଦେଇଛନ୍ତି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ପହଞ୍ଚି ମୃତ ଚାଷୀଙ୍କ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇବା ସହ ଆବାସ ଘର ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ରେଢୁଆର ଶଙ୍କର ଭୈରବ ମନ୍ଦିର ୧୦ମ ଶତାବ୍ଦୀର

ରଘୁନାଥପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକର ରେଢୁଆ ଗ୍ରାମର ଏକ ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ଏହି ଅଜଣା ଧାର୍ମିକ ଧାରୋହରଟି ଲୁଚି ରହିଛି ୧୦ମ ଶତାବ୍ଦୀର ଶିବ ମନ୍ଦିର ଶଙ୍କର ଭୈରବ ମନ୍ଦିର ଯାହା ସମୟର ପରୀକ୍ଷାକୁ ପାର କରି ଏଯାଏଁ ନିଜ କୀର୍ତ୍ତିକୁ ସାଉଁଟି ଛିଡ଼ା ହୋଇ ରହିଛି। ପୁରାତନ ମନ୍ଦିରଟି ଭଗ୍ନ ଓ ତା ପ୍ରତିବଦଳରେ ଏକ ନୂତନ ପିଢ଼ ଦେଉଳଟି ନିର୍ମାଣ କରାଯାଇଛି କିନ୍ତୁ। ଏହି ସ୍ଥାନ ଏବେ ବି ଶ୍ରଦ୍ଧା ଓ ଇତିହାସର ଅମୂଲ୍ୟ ଧାରୋହର ସାଜିଛି। ଏହି ମନ୍ଦିର ଓଡ଼ିଶାର ପ୍ରାଚୀନ ସୋମବଂଶୀ ଶାସନାଧୀନ ସମୟର ବିଶ୍ୱାସ କରାଯାଏ। ସୋମବଂଶୀ ରାଜାମାନେ ଶିବଙ୍କ ମହାନ ଉପାସକ ଥିଲେ ଏବଂ ତାଙ୍କ ସମୟରେ ବହୁତ ଶିବ ମନ୍ଦିର ନିର୍ମାଣ ହୋଇଥିଲା। ଏହି ମନ୍ଦିର ସେହି ସ୍ୱର୍ଣ୍ଣ ଯୁଗର ଅନୁମାନ କରାଯାଏ ଓ ଏହି ମନ୍ଦିର ଗାତ୍ରରେ କଳିଙ୍ଗ ଶୈଳୀର ଶିଳ୍ପ ଝଲକ ଦେଖାଯାଏ। ମନ୍ଦିରର ବିଶେଷ ଆକର୍ଷଣ ହେଉଛି ଏଠାରେ ଥିବା ପଞ୍ଚମୁଖୀ ଭୈରବଙ୍କ ମୂର୍ତ୍ତି ଯାହାକୁ



ସ୍ଥାନୀୟ ଅଧିବାସୀମାନେ ଭୈରବୀ କହି ପୂଜା କରିଆସୁଛନ୍ତି। ଏହି ପଞ୍ଚମୁଖୀ ଭୈରବ ଅତ୍ୟନ୍ତ ବିରଳ ମୂର୍ତ୍ତି ଆନୁମାନିକ ୧୦ମ ଶତାବ୍ଦୀର। କୋଣାର୍କର ସୂର୍ଯ୍ୟ ମନ୍ଦିରରେ ଥିବା ମାର୍ତ୍ତଣ୍ଡ ଭୈରବଙ୍କ ମୂର୍ତ୍ତି ଭଳି ଦେଖିବାକୁ କିନ୍ତୁ ଏହା ଅଷ୍ଟ ଭୁଜ ଖଡ୍ଗ, ଢାଲ, ତ୍ରିଶୂଳ, ପାସ, ଗଦା ଓ ଖପୁରୀ, ଶବ ରୁଢ଼ା, ମୁଣ୍ଡ ମାଳ ଧାରି ପ୍ରଚଣ୍ଡ ଭୈରବ ମୂର୍ତ୍ତି। ଜଗତସିଂହପୁରର ନାଶିକ ଗ୍ରାମର ଖଣ୍ଡେଶ୍ୱରରେ ମଧ୍ୟ ଏଭଳି ଏକ ମୂର୍ତ୍ତିଟିଏ ଅଛି ଏହାଛଡା ଏପରି ପଞ୍ଚମୁଖୀ ଭୈରବ ମୂର୍ତ୍ତି ବୋଧହୁଏ କେଉଁଠି ବି ଦୃଷ୍ଟିଗୋଚର ହୁଏନି। ଏହି ମନ୍ଦିରରେ ଥିବା ଉମା ମହେଶ୍ୱର ମୂର୍ତ୍ତିଟି ମଧ୍ୟ ଅନ୍ୟ ପ୍ରାଚୀନ ଉମା ମହେଶ୍ୱର ମୂର୍ତ୍ତି ଗୁଡ଼ିକ ଠୁ ଭିନ୍ନ ଅଟେ। ଏହି ମୂର୍ତ୍ତିରେ ପାର୍ବତୀ ଶିବଙ୍କ ପାଦସେବା କରୁଥିବା ଦେଖାଯାଏ। ରେଢୁଆ ଶଙ୍କର ଭୈରବ ମନ୍ଦିରର ପାର୍ଶ୍ୱ ଦେବଦେବୀ କାର୍ତ୍ତିକ, ଗୌରୀ ଓ ଗଣେଶ ମନ୍ଦିରର ପୁରାତନତା ଓ ଭବ୍ୟତାର ପ୍ରମାଣ ଦିଏ । ଏହାଛଡା ମନ୍ଦିର ବେଢ଼ାରେ ଦୁଇଟି ଅତି ପ୍ରାଚୀନ ଶିବଲିଙ୍ଗ ବି ଅବସ୍ଥିତ। ଏଭଳି ଲୁକ୍କାୟିତ ମନ୍ଦିରକୁ ଦେଖିଲେ ଜଣାଯାଏ ଯେ ଇତିହାସ ପୃଷ୍ଠାରୁ ଜଗତସିଂହପୁରର କେତେ ଫର୍ଦ୍ଦ ଚିରି ହଜି ଯାଇଛି ଯାହାକୁ କେବେ ଖୋଜା ବି ଯାଇନାହିଁ। ଏତେ ଅମୂଲ୍ୟ ଧାରୋହର ଥିଲେ ବି ଏହି ମନ୍ଦିର ଗାତ୍ରରେ ଥିବା ମୂର୍ତ୍ତି ଗୁଡ଼ିକ ବର୍ତ୍ତମାନ ଅଣଦେଖା ସ୍ଥିତିରେ ଅଛି ଏହି ପ୍ରାଚୀନ ଧାରୋହରକୁ ରକ୍ଷା କରିବା ପାଇଁ ଐତିହାସିକ ଶୋଧ, ଅନୁସନ୍ଧାନ ଓ ସଂରକ୍ଷଣ ଆବଶ୍ୟକ। ଲୁଚିଥିବା ୧୦ମ ଶତାବ୍ଦୀର ଶିବ ମନ୍ଦିର କେବଳ ଏକ ପୁରୁଣା ମନ୍ଦିର ନୁହେଁ ଏହା ଗୋଟିଏ ଜୀବନ୍ତ ଐତିହାସିକ ତଥ୍ୟ ଓ ଆଧ୍ୟାତ୍ମିକ ସଂସ୍କୃତିର ପ୍ରତୀକ। ଏହାକୁ ରକ୍ଷା କରିବା ମାନେ କେବଳ ଏକ ମନ୍ଦିରକୁ ବଞ୍ଚାଇବା ନୁହେଁ ଏହା ହେଉଛି ଏକ ଐତିହାସିକ ଉତ୍ତରାଧିକାରକୁ ସମ୍ମାନ ଦେବା ସଦୃଶ।



ଚିକିଟି (ଭାସ୍କର ନ୍ୟୁଜ): ଏହି ବ୍ଲକ ଅନ୍ତର୍ଗତ କରବାଲୁଆ କ୍ଲଷ୍ଟରର ଦ୍ୱିତୀୟ ମାସିକ ବୈଠକ ପ୍ରାଥମିକ ବିଦ୍ୟାଳୟ ବଡ଼ଗାଁ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକକୁ ଗୋଷ୍ଠୀ ଶିକ୍ଷାଧିକାରୀ ଚିକିଟି ପନ୍ନଗଭୂଷଣ ମାଝି, ସିଆରସିସି ମିନତି କୁମାରୀ ପାଠୀ, ଉଦ୍‌ଘାଟନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମଗ୍ର ଶିକ୍ଷାରୁ ଅତିରିକ୍ତ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍ ଧନଞ୍ଜୟ ଏବଂ ଜିଲ୍ଲା ଶିକ୍ଷା ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ପଣ୍ଡା ପରିଦର୍ଶନରେ ଆସି ବୈଠକରେ ଅଂଶଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିବା ସହ ସିଆର୍‌ସିସିଙ୍କ ଶ୍ରେଣୀ ପରିଚାଳନା, ଉପଲବ୍ଧ ସାମଗ୍ରୀକୁ ପରିଦର୍ଶନକରି ଖୁସି ବ୍ୟକ୍ତ କରିଥିଲେ। ତତ୍‌ସହିତ ଶ୍ରେଣୀ ପରିଚାଳନା ସମୟରେ ହେଉଥିବା ସମସ୍ୟାଗୁଡ଼ିକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠାରୁ ପଚାରି ବୁଝିଥିଲେ। ପିଲାଙ୍କ ପାଠ୍ୟପୁସ୍ତକ, ପାଠ୍ୟକ୍ରମ ଓ ପ୍ରସଙ୍ଗକୁ ଠିକ୍‌ରେ ବୁଝି ଶ୍ରେଣୀଗୃହକୁ ପ୍ରବେଶ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଉକ୍ତ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ସ୍କୁଲ ଯୋଗଦେଇଥିଲେ ଏବଂ ବଡ଼ ଗାଁ ପ୍ରାଥମିକ ବିଦ୍ୟାଳୟର ପରିଚାଳନା ସଭାପତି ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଶଙ୍କର ମହାନ୍ତିଙ୍କ ଧନ୍ୟବାଦ ଅର୍ପଣରେ କାର୍ଯ୍ୟକ୍ରମକୁ ଆସନ୍ତା ମାସ ପାଇଁ ସ୍ଥଗିତ ରଖାଯାଇଥିଲା।

# ମଧ୍ୟାହ୍ନ ଭୋଜନରେ ଝିଟିପିଟି

## ୯୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ



ମୁରିବାହାଲ (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ବଡ଼ତେନ୍ତୁଳିଖୁଣ୍ଟି ଗ୍ରାମର ଉଚ୍ଚ ବିଦ୍ୟାଳୟରେ ଝିଟିପିଟି ପଡ଼ିଥିବା ମଧ୍ୟାହ୍ନଭୋଜନ ଖାଇବା ପରେ ୯୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି। ଏହି ଘଟଣା ସମ୍ପର୍କରେ ଅଭିଭାବକମାନେ ଜାଣିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବା ନେଇ କିଛି ଅଭିଭାବକ ସେମାନଙ୍କ ପୁଅଝିଅଙ୍କୁ ବାଇକ୍‌ରେ ଟିଟିଲାଗଡ଼ ଡାକ୍ତରଖାନାକୁ ଆଣିଥିବା ଜଣାପଡ଼ିଛି। ୯୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଟିଟିଲାଗଡ଼ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏକ ଡାକ୍ତରୀ ଦଳ ବିଦ୍ୟାଳୟରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିବା ଜଣାପଡ଼ିଛି। ଏହି ଘଟଣା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଏ ବିଷୟରେ ମୁରିବାହାଲ ବିଇଓ ଶାନ୍ତନୁ କୁମାର ପଢ଼ିହାରୀଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ପ୍ରାୟ ୯୦ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଥିବା ସହ ଯେଉଁମାନେ ଚିକିତ୍ସା ହୋଇ ସୁସ୍ଥ ହେଉଛନ୍ତି ସେମାନେ ଡାକ୍ତରଖାନାରୁ ନିଜ ନିଜ ଘରକୁ ଫେରିଛନ୍ତି। ତେବେ ଦୋଷୀଙ୍କ ବିରୋଧରେ ନିଶ୍ଚିତ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପ୍ରକାଶ କରିଛନ୍ତି।

## ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି

# ଉପକୃତ ହେଲେ ମୟୂରଭଞ୍ଜ ଜିଲ୍ଲାର ୨ଲକ୍ଷ ୪୨ହଜାର ଚାଷୀ



ବାରିପଦା (ଭାସ୍କର ନ୍ୟୁଜ): ପି.ଏମ୍ କିସାନ ସମ୍ମାନନିଧିର ୬ବର୍ଷ ପୂର୍ତ୍ତି ଅବସରରେ ଆଜି ଉତ୍ତର ପ୍ରଦେଶର ବାରଣାସୀ ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ପିଏମ୍ କିଷାନ ସମ୍ମାନ ସମାରୋହକୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ପିଏମ୍ କିଷାନ ଯୋଜନାର ୨୦ତମ କିସ୍ତିକୁ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ଆଭାସୀ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି କୃଷକ କଲ୍ୟାଣ ଯୋଜନା ଯାହାକି କୃଷକ ମାନଙ୍କ ଅର୍ଥନୈତିକ ଉନ୍ନତି ନିମିତ୍ତ ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଯେଉଁ ଯୋଜନାରେ ଚାଷୀଙ୍କୁ ଗୋଟିଏ ବର୍ଷରେ ୩ଟି କିସ୍ତିରେ ୨୦୦୦ ହଜାର ଟଙ୍କା ଲେଖାଏଁ ମୋଟ ୬୦୦୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ। ଏହି ଅବସରରେ ଆଜି ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ଆନେକ୍ସ ହଲ୍ ଠାରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ଉଦଳା ଶ୍ରୀ ଭାସ୍କର ମଢେଇ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗ ଦେଇଥିଲେ। ସମସ୍ତ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଙ୍ଘମିତ୍ରା ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ଏହି ଯୋଜନା ସମ୍ବନ୍ଧରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡ. ମହାପାତ୍ର କହିଥିଲେ ଯେ ଆଜି ଦେଶର ପାଖାପାଖି ୯ କୋଟି ୭୦ ଲକ୍ଷ ଚାଷୀ ଭାଇ ଭଉଣୀଙ୍କ ବ୍ୟାଙ୍କ ଖାତାକୁ ୨୦୦୦ ଟଙ୍କା ଲେଖାଏଁ କୃଷକ ସହାୟତା ରାଶି ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ବ୍ୟାଙ୍କ ଖାତା ଜରିଆରେ ହସ୍ତାନ୍ତର କରାଯାଇଛି। ଏହି କ୍ରମରେ ଆମ ରାଜ୍ୟର ପାଖାପାଖି ୩୫ ଲକ୍ଷ ହଜାର ଚାଷୀ ଭାଇ ଭଉଣୀ ଉପକୃତ ହୋଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାର ୨,୪୨, ୧୧୫ ଜଣ ଚାଷୀ ଉପକୃତ ହୋଇଛନ୍ତି। ଏହି ଯୋଜନା ମାଧ୍ୟମରେ ଆମ ଦେଶର ସାଧାରଣ ଚାଷୀମାନେ ଏହି ସହାୟତା ରାଶିକୁ ଉପଯୋଗ କରି ଚାଷ କାର୍ଯ୍ୟ ସମୟରେ ସମ୍ମୁଖୀନ ହେଉଥିବା ଆର୍ଥିକ ଅସୁବିଧାକୁ କିଛି ମାତ୍ରାରେ ଦୂର କରିପାରୁଛନ୍ତି। ଏହି ଯୋଜନା ବ୍ୟତୀତ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆହୁରି ମଧ୍ୟ ଅନେକ ଯୋଜନା ରହିଛି ଯାହାଦ୍ୱାରା ଚାଷୀମାନେ ଉପକୃତ ହେଉଛନ୍ତି। ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ବୃନ୍ଦ ମଧ୍ୟ ଉକ୍ତ ଯୋଜନାର ବିଭିନ୍ନ ଦିଗ ଉପରେ ନିଜ ନିଜ ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଟଙ୍କଧର କାଲୋ, ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦୀପକ କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ସହକାରୀ କୃଷି ନିର୍ଦ୍ଦେଶିକା ମଧୁସ୍ମିତା ଜେନା, ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳ ଏବଂ କାର୍ଯ୍ୟାଳୟର ତୁଷାର କାନ୍ତ ମହାନ୍ତି, ମାନସ ରଞ୍ଜନ ମହାନ୍ତି, ସରୋଜ ଦାସ, ରାଜାରାମ ସାହୁ ଓ ଭାଗ୍ୟଶ୍ରୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷି ବିଭାଗର ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ବ୍ଲକର ଶତାଧିକ ଚାଷୀ ଯୋଗ ଦେଇଥିଲେ।

## ତାଳଦଣ୍ଡା କେନାଲରେ ପଡି ଯୁବକଙ୍କ ମୃତ୍ୟୁ

ରଘୁନାଥପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଧୀନ ବାମ୍ପିତୋଳା ଗ୍ରାମର ଜନୈକ ବ୍ୟକ୍ତି କେନାଲରେ ପଡ଼ିଯିବାରୁ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ବାମ୍ପିତୋଳା ଗ୍ରାମର ସ୍ୱର୍ଗତ ଅମୂଲ୍ୟ ସିହ୍ନାଙ୍କ ପୁତ୍ର ସମରେନ୍ଦ୍ର ସିହ୍ନା (ଭୂସିୟା) ବୟସ ୫୮ ରଘୁନାଥପୁର ବ୍ଲକ ଅଧିନ ତାରପୁର ଠାରେ ଏକ ଘରୋଇ ରୋଷେଇ କାର୍ଯ୍ୟ କରନ୍ତି। ତାଙ୍କର ପୂର୍ବରୁ ଫିଡ୍‌ସ ରୋଗ ରହିଥିଲା। ପ୍ରତିଦିନ ସେ ସାଇକେଲ ଯୋଗେ ତାଳଦଣ୍ଡା କେନାଲବନ୍ଧ ଦେଇ ତାରପୁର କାର୍ଯ୍ୟ କରିବା ପାଇଁ ଯାଇଥାନ୍ତି। ପ୍ରତିଦିନ ଭଳି ଶନିବାର ସକାଳ ୯ଟା ସମୟରେ କାର୍ଯ୍ୟସ୍ଥଳକୁ ଯାଉଥିବା ସମୟରେ ଦାଳଦଣ୍ଡା କେନାଲ ବନ୍ଧରେ ତାଙ୍କୁ ହଠାତ୍ ଫିଡ୍‌ସ ମାରିବାରୁ ସେ ସାଇକେଲରୁ ପଡିଯାଇ କେନାଲକୁ ଗଡି ଯାଇଥିବା ଅନୁମାନ କରାଯାଉଛି। ତେବେ ରଘୁନାଥପୁର ଅଗ୍ନିଶମ ବାହିନୀ ପୋଲିସ ସୂତ୍ରରୁ ଖବର ପାଇ ବିଜୟ କୁମାର ପରିଡାଙ୍କ ନେତୃତ୍ୱରେ ତାଙ୍କ ଟିମ୍ ଖୋଜାଖୋଜି କରି କୁଲସାହି ତାଳଦଣ୍ଡା କେନାଲରୁ ସମରେନ୍ଦ୍ରଙ୍କ ମୃତଶରୀରକୁ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ। ରଘୁନାଥପୁର ପୋଲିସ ୟୁଡି କେସ୍ ନଂ୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁରକୁ ପଠାଇ ଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ବିଳମ୍ବରେ ଯୋଗାଣ ହେଉଛି ଛତୁଆ

# ଅଭିଭାବକ ମହଲରେ ଅସନ୍ତୋଷ

କୁଜଙ୍ଗ (ଭାସ୍କର ନ୍ୟୁଜ): ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଛତୁଆ ଯୋଗାଣ ପ୍ରକ୍ରିୟା ସରକାରଙ୍କ ଧାର୍ଯ୍ୟ ମୁତାବକ ବା ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ପ୍ରତ୍ୟେକ ମାସ ୨୩ ତାରିଖରେ ଛତୁଆ ସାମଗ୍ରୀର ମିଶ୍ରଣ ପ୍ରକ୍ରିୟା କରାଯାଏ ଏବଂ ୧ ତାରିଖରେ ପ୍ରତ୍ୟେକ ହିତାଧିକାରୀ ପାଇବାର ନୀତି ନିୟମ ରହିଅଛି କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି କୁଜଙ୍ଗ ବ୍ଲକରେ। ୧ ତାରିଖରୁ ୧୫ ତାରିଖ ହେଲେ ମଧ୍ୟ ଛତୁଆ ଓ କିଶୋରୀ ବାଳିକା ଓ ଗର୍ଭବତୀ ମାନଙ୍କ ପାଇଁ ମୁଢ଼ି ବୁଟ ଖଜୁରୀ ରାଶି ଲଡୁ ଆଦି ସାମଗ୍ରୀ ବଣ୍ଟନ ବିଳମ୍ବ ହେବାରୁ ସାଧାରଣରେ ଉପଭୋକ୍ତା ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପ୍ରତି କୁଜଙ୍ଗ ସିଡ଼ିପିଓଙ୍କ ଭୂମିକା ସନ୍ଦେହ ଘେରରେ ଥିବା ସହ ଘଟଣାର କର୍ଣ୍ଣପାତ ନକରି ସଫେଇ ଦେଉଥିବା ଚର୍ଚ୍ଚା ହେଉଛି। ସୂଚନା ମୁତାବକ ଗତ ୪ମାସ ଧରି କୁଜଙ୍ଗ ବ୍ଲକ ଓ ପାରାଦୀପ ମ୍ୟୁନିସିପାଲିଟି ଅଞ୍ଚଳରେ ଛତୁଆ ଯୋଗାଣ କରୁଛନ୍ତି ତିର୍ତ୍ତୋଲ ବ୍ଲକର ଏକ ସ୍ୱୟଂ ସହାୟକ ଗୋଷ୍ଠୀ। ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ନିମ୍ନମାନର ଖାଦ୍ୟ ଯୋଗାଣ ଓ ମିଥ୍ୟା ବିଲ ଦେଇ ଚର୍ଚ୍ଚାର ପରିଧିକି ଆସିଥିବା ସହ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ତିର୍ତ୍ତୋଲ ଥାନାରେ ମଧ୍ୟ ଅତୀତରେ ଏତଲା ହୋଇଥିବା ଜଣାପଡିଛି। ଏହିଭଳି ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ କିଭଳି ଭାବରେ କୁଜଙ୍ଗ ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ତାହାକୁ ନେଇ ଉଠିଛି ପ୍ରଶ୍ନ? କେତେକ ନିର୍ଦ୍ଦିଷ୍ଟ ଅଧିକାରୀ ମୋଟାଅଙ୍କର ଉତ୍କୋଚ ନେଇ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ଛତୁଆ ତୁଲାଇବା ଦାୟିତ୍ୱ ଦେଇଥିବା ନେଇ ଚର୍ଚ୍ଚା ହେଉଛି। ପ୍ରକାଶ ଥାଉ କି ଯେଉଁ ଛତୁଆ, ମୁଢ଼ି, ବୁଟ, ଖଜୁରୀ, ରାଶି ଲଡୁ, ସୁଜି ଇତ୍ୟାଦି ଜିନିଷ ଉପଭୋକ୍ତା ମାନଙ୍କୁ ଯୋଗାଣ ହେଉଛି ତାହା ଅତ୍ୟନ୍ତ ନିମ୍ନମାନର ଓ ସରକାରଙ୍କ ଧାର୍ଯ୍ୟ ପରିମାଣ ଠାରୁ କମ୍ ଆସୁଥିବା କଥାର ଫଟୋଚିତ୍ର ସାମ୍ନାକୁ ଆସିଛି। ତେଣୁ ଆଗାମୀ ଦିନରେ ଉକ୍ତ ଛତୁଆ ଯୋଗାଣର ପ୍ରମୁଖ କେଲେଙ୍କାରି ସାଜିଛି ତିର୍ତ୍ତୋଲ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ଏବେ ତିର୍ତ୍ତୋଲରେ କେଲେଙ୍କାରି ପରେ କୁଜଙ୍ଗର ଛତୁଆ କେଲେଙ୍କାରି ସାମ୍ନାକୁ ଆସିଛି। ଏବେ ପ୍ରଶ୍ନ ଉଠୁଛି କେବେ ଆଉ କେଉଁଦିନ ଛତୁଆର ମାନ ଓ ଓଜନ ଠିକ୍ ରହିବ ତାହା ଉପରେ ଅଞ୍ଚଳବାସୀଙ୍କ ନଜର। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ସହ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ଓଜନ ଓ ମାନକୁ ଯାଞ୍ଚ କରିବା ପାଇଁ ସାଧାରଣ ଦାବି ହେଉଛି। ଆଗାମୀ ଦିନରେ ଉକ୍ତ ଯୋଗାଣ ସମ୍ବନ୍ଧରେ ଜାଗ ଗ୍ରାହକ ଜାଗ ନୀତିରେ ଆଇନର ଆଶ୍ରୟ ନେବା ପାଇଁ ଉପଭୋକ୍ତା ମାନେ ଚେତାବନୀ ଦେଇଛନ୍ତି।

## ଶିମିଳିପାଳ ଅଭୟାରଣ୍ୟରେ ହରିଲୁଟ୍

# ୪ କୋଟି ୬୦ ଲକ୍ଷ ଟଙ୍କାର ଦୁର୍ନୀତି

କରଞ୍ଜିଆ (ଭାସ୍କର ନ୍ୟୁଜ): ଶିମିଳିପାଳ ଅଭୟାରଣ୍ୟ ଭିତରେ କୋଟି କୋଟି ଟଙ୍କା ହଡପ କରି ବଦଳି ଗଲେ ଅଧିକାରୀ। ଅଧିକାରୀଙ୍କ ବଦଳି ପରେ ଆସିଲା ସାମ୍ନାକୁ ସାଙ୍ଘାତିକ ସତ। ନେଚର କ୍ୟାମ୍ପ ନିର୍ମାଣ ନାମରେ ହୋଇଛି ହରିଲୁଟ। ତଦନ୍ତ ନିର୍ଦ୍ଦେଶ



ଦେଲେ ଆରସିସିଏଫ୍। ତଦନ୍ତ ପରେ ଅଧିକାରୀଙ୍କ ଠାରୁ ହୋଇପାରେ ରିକୋଭାରୀ। ସୂଚନା ଦେଇଛନ୍ତି ଆରସିସିଏଫ ପ୍ରକାଶ ଚାନ୍ଦ ଗୋଗିନେନୀ। ଏଭଳି ଅଭିଯୋଗ ଆସିଛି ଶିମିଳିପାଳ ଉତ୍ତର ବନଖଣ୍ଡର ପୂର୍ବତନ ଉପ ନିର୍ଦ୍ଦେଶକ ଡି ଶାଇକିରଣଙ୍କ ନାମରେ। ଶିମିଳିପାଳ ଅଭୟାରଣ୍ୟରେ ନେଚର କ୍ୟାମ୍ପ ନିର୍ମାଣ ନାମରେ ଏଭଳି ଟଙ୍କା ହଡପ ହୋଇଥିବା ସତ ଆସିଛି ସାମ୍ନାକୁ। ଗତ ୨୦୨୩ ମସିହା ଫେବୃୟାରୀ ୧୯ ତାରିଖରେ ଶିମିଳିପାଳ ଅଭୟାରଣ୍ୟର ନଅଣା ରେଞ୍ଜ ଅଧୀନରେ ନେଚର କ୍ୟାମ୍ପ ନଅଣା ଭିଲା ନିର୍ମାଣ ପାଇଁ ହୋଇଥିଲା ଶିଳାନ୍ୟାସ। ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି ନଅଣା ଭଲାର ଶିଳାନ୍ୟାସ କରିଥିଲେ। ୪ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ଏହି ନଅଣା ଭିଲା ନିର୍ମାଣ କରିବାକୁ ହୋଇଥିଲା ମଞ୍ଜୁରୀ। ମାତ୍ର ୨ ବର୍ଷ ପରେ ମଧ୍ୟ ନିର୍ମାଣ ହେଲାନାହିଁ ଏହି ନେଚର କ୍ୟାମ୍ପ। ମାତ୍ର ଖର୍ଚ୍ଚ ହୋଇଗଲା ପୂରା ଟଙ୍କା। ଏଭଳି ଅଧାପନ୍ତରିଆ ହୋଇ ପଡି ରହିଛି ଏହି ନଅଣା ଭିଲା। ବିଭାଗ ପକ୍ଷରୁ ଦିଆ ସରିଛି ୟୁସି। ଯଦି ଖର୍ଚ୍ଚ ହେଲା ଟଙ୍କା ଗଲା କୁଆଡେ ବୋଲି ଏବେ ଉଠିଛି ପ୍ରଶ୍ନ। ଅଭିଯୋଗ ପାଇବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ଆରସିସିଏଫ୍। ଦରକାର ପଡିଲେ ଅଧିକାରୀଙ୍କ ଠାରୁ ରିକୋଭାରୀ ହେବ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ଏ ନେଇ ପୂର୍ବତନ ଉପ ନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରାଯାଇଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ ଥିବାବେଳେ ଏହି ଗୋଟିଏ ଘଟଣା ନୁହେଁ ଏଭଳି ବହୁ ଦୁର୍ନୀତି ସାମ୍ନାକୁ ଆସିବ ବୋଲି ଅଭିଯୋଗ କରିଛି ଜିଲ୍ଲାର ଅଗ୍ରଣୀ ଯୁବଛାତ୍ର ସଂଗଠନ ଭଞ୍ଜସେନା। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବିନା ଟେଣ୍ଡରରେ ସବୁ କାର୍ଯ୍ୟ କରାଯାଉଥିବା ବେଳେ ତାହା ଅଧିକାରୀ ମାନଙ୍କୁ ଦୁର୍ନୀତି କରିବାକୁ ଅଧିକ ସୁଯୋଗ ଆଣି ଦେଉଛି ବୋଲି ହୋଇଛି ଅଭିଯୋଗ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସେ ଯିଏବି ହେଉନା କାହିଁକି ଦୋଷୀଙ୍କ ବିରୋଧରେ ଦୃଢ ବୋଲି ଦାବି କରିଛି ଭଞ୍ଜସେନା। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ସଂଗଠନର ପ୍ରତିଷ୍ଠାତା।

# କଣାସରେ ତେଜିଲା ଶିକ୍ଷକ ଆନ୍ଦୋଳନ




କଣାସ (ଭାସ୍କର ନ୍ୟୁଜ): ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମିତି ପକ୍ଷରୁ ଆଜି କଣାସ ବ୍ଲକ୍ ରେ ଶିକ୍ଷକ ମାନଙ୍କର ବିକ୍ଷୋଭ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। କଣାସ ରେ ଥିବା ଅନେକ ନୂଆ କରି ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ସରକାରୀ ଅନୁଦାନରୁ ବଞ୍ଚିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ୬ଦଫା ଦାବି ପୂରଣ କରିବା ନିମନ୍ତେ ଏହି ଆନ୍ଦୋଳନ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ ଓଷ୍ଟାର ପୁରୀ ଜିଲ୍ଲା ଉପସଭାନେତ୍ରି ରୁପଶ୍ରୀ ଛୋଟରାୟ। ଶହ ଶହ ଶିକ୍ଷକ ଶିକ୍ଷୟିତ୍ରୀ ଏକାଠି ହୋଇ ମଣ୍ଡଳ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାଇଥିଲେ ଶିକ୍ଷକ ମାନସ ରଞ୍ଜନ ସାମନ୍ତରାୟ। ଆଗାମୀ ଦିନରେ ଯଦି ସରକାର ଏହି ଦାବି ଗୁଡ଼ିକ କାର୍ଯ୍ୟକାରୀ ନକରନ୍ତି ତେବେ ଆସନ୍ତା ୮ତାରିଖରେ ସମ୍ପୂର୍ଣ୍ଣ ପୁରୀ ଜିଲ୍ଲାର ଶିକ୍ଷକ ମାନଙ୍କ ତରଫରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଏବଂ ପରବର୍ତ୍ତୀ ସମୟରେ ଆସନ୍ତା ୧୬ତାରିଖ ଦିନ ସାରା ରାଜ୍ୟର ଶିକ୍ଷକ ମାନଙ୍କ ତରଫରୁ ଭୁବନେଶ୍ୱର ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ନେଇ ସରକାରଙ୍କୁ ଚେତାବନୀ ଦେଇଛନ୍ତି କଣାସ ବ୍ଲକର ଶହଶହ ଶିକ୍ଷକ।

# ‘ପ୍ରତିଶ୍ରୁତି’ର ନବପ୍ରତିଭା ସୃଜନୀ ପ୍ରୟାସ କାର୍ଯ୍ୟକ୍ରମ

ବାରିପଦା (ଭାସ୍କର ନ୍ୟୁଜ): ଦୀର୍ଘ ୪୩ବର୍ଷ ଧରି ମୟୂରଭଞ୍ଜ ଜିଲ୍ଲା ବାରିପଦାରୁ ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଉଥିବା ସାହିତ୍ୟ ସଂସ୍କୃତିମୂଳକ ପତ୍ରିକା ‘ପ୍ରତିଶ୍ରୁତି’ ତରଫରୁ ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟରେ ସ୍ନାତକୋତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରୋଫେସର ଡ. ବିଧୁଭୂଷଣ ମିଶ୍ରଙ୍କ ମାର୍ଗଦର୍ଶନରେ ଆୟୋଜିତ ନବପ୍ରତିଭା ସୃଜନୀ ପ୍ରୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ପ୍ରତିଶ୍ରୁତିର ସମ୍ପାଦକ ଭାଗବତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଷା ଓ ସାହିତ୍ୟ ହିଁ ଗୋଟିଏ ଜାତିର ପରିଚୟ। ଯେଉଁ ଜାତିର ଭାଷା ଯେତେ ଉନ୍ନତ ଓ ସାହିତ୍ୟ ଯେତେ ସମୃଦ୍ଧ ସେ ଜାତି ଅନ୍ୟ ମାନଙ୍କ ନିକଟରେ ସେତିକି ଆଦୃତ ହୋଇଥାଏ। ସାଧାରଣ ମନୁଷ୍ୟ ଯାହା ଅନୁଭବ କରିପାରେ ନାହିଁ କବିର ଅନୁଭୂତିରେ ତାହା ଅଧିକରୁ ଅଧିକ ସୁନ୍ଦର ବୋଲି ବିବେଚିତ ହୋଇଥାଏ। ଆମ ଜାତିର ଅସ୍ମିତାକୁ ସୁଦୃଢ଼ କରିବା ପାଇଁ ଆମ ଭିତରେ ଭାଷା ପ୍ରତି ସେତିକି ସମ୍ବେଦନଶୀଳତା ରହିବା ଆବଶ୍ୟକ ବୋଲି ମତଦେଇ ଛାତ୍ର ଛାତ୍ରୀମାନଙ୍କ ଭିତରେ ଥିବା ସୁପ୍ତ ପ୍ରତିଭାର ଜାଗରଣ ନିମନ୍ତେ ଏହା ଏକ ଉଦ୍ୟମ ବୋଲି ଅଭିହିତ କରି ଚେଷ୍ଟା ଓ ନିଷ୍ଠା ଥିଲେ ସଂସାରରେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମର ପୁରସ୍କାର ବିତରଣୀ ସମାରୋହରେ ବିଭାଗୀୟ ମୁଖ୍ୟ ଡ.ଶିଶିର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଜିର ଛାତ୍ର ଛାତ୍ରୀମାନେ ଭାଷା ସାହିତ୍ୟକୁ ଜାଣିବା ପାଇଁ ପ୍ରୟାସ ଜାରି ରଖିଲେ ଭବିଷ୍ୟତରେ ସେମାନେ ଜଣେ ଜଣେ ପ୍ରତିଷ୍ଠିତ କବି ଓ ସାହିତ୍ୟିକ ହୋଇପାରିବେ ବୋଲି କହିବା ସହିତ ବିଶେଷ କରି ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ଆୟୋଜିତ ପ୍ରତିଶ୍ରୁତିର ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଏହି ପ୍ରତିଭା ଚୟନ ପ୍ରତିଯୋଗିତାରେ ସ୍ନାତକୋତର ପ୍ରଥମ ବର୍ଷର ଛାତ୍ରୀ ରୁଲି ବେହେରା ପ୍ରଥମ, ଦ୍ୱିତୀୟ ବର୍ଷର ଛାତ୍ରୀ ବର୍ଷାରାଣୀ




ଜେନା ଦ୍ୱିତୀୟ ସ୍ଥାନ ଓ ସେହି ଦ୍ୱିତୀୟ ବର୍ଷର ଛାତ୍ରୀ ମୋହିନୀ ଲକ୍ଷ୍ମୀମୁଦ୍ରା ଶତପଥୀ ତୃତୀୟ ସ୍ଥାନ ଅଧିକାରକରି ମୁଖ୍ୟ ଅତିଥିଙ୍କ ଠାରୁ ପ୍ରଶଂସା ପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ପୁଣି ସେହି ଦ୍ୱିତୀୟ ବର୍ଷର ଛାତ୍ରୀ ସ୍ନେହମୟୀ ପୂଜାରୀଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଭବ୍ୟ କାର୍ଯ୍ୟକ୍ରମରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ସହଯୋଗୀ ପ୍ରଫେସର ଡ. ବିଚିତ୍ରନାଥ ସାହୁଙ୍କ ସମେତ ଅଧ୍ୟାପିକା ଡ.ବିନ୍ଧେଶ୍ୱରୀ କଳିଆ ଓ ଅଧ୍ୟାପକ ରାଜକୁମାର ପାତ୍ର ଏବଂ ହୃଷିକେଶ ମହାନ୍ତ ପ୍ରମୁଖ ବିଚାରକ ଭାବେ ଯୋଗଦେଇ କବିତା ଗୁଡିକର ମୂଲ୍ୟାୟନ କରିବା ସହିତ କବି ଓ କବିତା ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଶେଷରେ ଅଧ୍ୟାପିକା ଡ.ବିନ୍ଧେଶ୍ୱରୀ କଳିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାବି ପୂରଣ ପରେ ହଟିଲା ଆନ୍ଦୋଳନ



ବ୍ୟାସନଗର (ଭାସ୍କର ନ୍ୟୁଜ): ବ୍ୟାସନଗର ପୌର ପାରିଷଦ ମାନଙ୍କ ଧାରଣା ଆଗରେ ଚାପ ପକାଉ ଥିବା ଶାସକ ଦଳର ଯୋଜନା ପଣ୍ଡ ହେଲା। ପାରିଷଦ ମାନଙ୍କ ଜିଦ୍ ରହିଲା ଧାରଣା ପତ୍ୟାହୃତ ହେଲା। ବ୍ୟାସନଗର ପୌର ପରିଷଦରେ ଟେଣ୍ଡର ପ୍ରକ୍ରିୟା ଦାବିକରି ୧୯ଜଣ କାଉନସିଲର ଗତ ୨୮ ତାରିଖରୁ ୫ ଦିନ ଧରି ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରିଶେଷରେ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ନଗରପାଳ ସୁଭାଷ ଚନ୍ଦ୍ର ବଳଙ୍କ ସହ ଧାରଣାସ୍ଥଳକୁ ଆସିଥିଲେ। ଧାରଣାରତ ପାରିଷଦ ସହ ଆଲୋଚନା କରି ଆସନ୍ତା ୧୨ ତାରିଖରେ ଟେଣ୍ଡର ଆହ୍ୱାନ କରିବେ ବୋଲି ଏକ ଲିଖିତ ପ୍ରତିଶୃତି ପରେ ପାରିଷଦମାନେ ଶୁକ୍ରବାର ଅପରାହ୍ନରେ ଧାରଣା ପ୍ରତ୍ୟାହୃତ କରିଛନ୍ତି। ସୂଚନା ଥାଉକି ପୌର ପରିଷଦରେ ଦୀର୍ଘଦିନ ହେବ ଟେଣ୍ଡର କାର୍ଯ୍ୟ ପ୍ରକ୍ରିୟାକୁ ନେଇ ଲାଗି ରହିଥିବା ଅଚଳାବସ୍ଥାର ସମାଧାନ ନହେବାରୁ ତାହାର ପ୍ରତିବାଦ କରି ୧୯ ଜଣ ପାରିଷଦ ପୌର ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠ ସମ୍ମୁଖରେ ଗତ ସୋମବାର ଠାରୁ ଧାରଣାରେ ବସିଥିଲେ। ତୁରନ୍ତ ସହରର ବିକାଶ ପାଇଁ ଟେଣ୍ଡର ଆହ୍ୱାନ କରିବା ନେଇ ଅଡ଼ି ବସିଥିଲେ। ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ବିଜେଡି ଓ କଂଗ୍ରେସ ପାରିଷଦମାନେ ସାମିଲ ହୋଇଥିଲେ। ଦାବି ପୂରଣ ନହେବା ଯାଏ ପାରିଷଦମାନେ ଧାରଣା ଜାରି ରଖିଥିଲେ। ଏହି ଧାରଣାରେ କାଉନସିଲର ବିଜୟ କୁମାର ଜେନା, ସିଦ୍ଧାର୍ଥ ସାମଲ, କୁନି ହାଁସଦା, ସରୋଜିନୀ ନାୟକ, ରଶ୍ମିତା ଖୁଣ୍ଟିଆ, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡା, ଅଶୋକ କୁମାର ଦାସ, ସରିତା ଜେନା, ସନ୍ତୋଷ କୁମାର ବରାଳ, ବୁଦୁନୀ ଦରାଇ, ଶିବାନନ୍ଦ ନାୟକ, ଅର୍ଣ୍ଣପୂର୍ଣ୍ଣା ତରାଇ, ଅରୁନ୍ଧତୀ ପରିଡା, ଉର୍ମିଳା ପରିଡା, କୁମୁଦୁନୀ ରାଉତ, ପାର୍ଥ ସାରଥୀ ନାୟକ, ଦିଲ୍ଲୀପ ସେଠି ଓ ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତ ଶିକ୍ଷକଙ୍କ ପରିବାରକୁ ଶିକ୍ଷକ ସଂଘ ପକ୍ଷରୁ ଆର୍ଥିକ ସହାୟତା

ପରଜଙ୍ଗ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆମ୍ବପଳାସ ଜାମୁନାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ ସୁଶାନ୍ତ କୁମାର ଭୋଇଙ୍କର ଦେହ ଅସୁସ୍ଥତା କାରଣରୁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ଭୋଇଙ୍କର ଏକାଦଶାହ କାର୍ଯ୍ୟରେ ପରଜଙ୍ଗ ବ୍ଲକ ଶିକ୍ଷକ ସଂଘର ସଦସ୍ୟ ମାନେ ବ୍ଲକର ହାତିଲୁଚାଣି ଗ୍ରାମରେ ପରିବାର ଲୋକଙ୍କ ପାଖରେ ପହଞ୍ଚି ସମବେଦନା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଅର୍ଥ ସଂଗ୍ରହ କରି ମୋଟ ୩୮ ହଜାର ଟଙ୍କାର ଚେକ୍ ସହାୟତା ପୂର୍ବକ ସ୍ୱର୍ଗତ ଭୋଇଙ୍କ ପତ୍ନୀଙ୍କୁ ପ୍ରଦାନ କରିଥିଲେ। ସ୍ୱର୍ଗତ ଭୋଇଙ୍କ ଏକାଦଶାହ କାର୍ଯ୍ୟରେ ବ୍ଲକ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ କୁମାର ନାଥ, ଶିକ୍ଷକ ଗୋପବନ୍ଧୁ ସାହୁ, ସୁଶାନ୍ତ କୁମାର ସେଠୀ, ଦିଲ୍ଲୀପ କୁମାର ମହାପାତ୍ର, ସୂର୍ଯ୍ୟକାନ୍ତ ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସ୍ୱର୍ଗତ ଭୋଇଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ରାଶିଫଳ

**ରବିବାର, ୦୩ ଅଗଷ୍ଟ ୨୦୨୫**



**ମେଷ :** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲପାଇବା ରହିବ। ଶୀଘ୍ର ଶୀଘ୍ର କାମପୂରଣ ହୋଇପାରେ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ଶାନ୍ତି ରହିବ। ବିନିଯୋଗ ଲାଭଦାୟକ ହେବ। କାମ ଶୀଘ୍ର ସରିଯିବ। ଘର ବାହାରେ ସୁଖ ଏବଂ ଶାନ୍ତି ରହିବ। ମନର ଅସ୍ଥିରତାକୁ ନିୟନ୍ତ୍ରଣ କରନ୍ତୁ।




**ବୃଷ :** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ। ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ। ବ୍ୟବସାୟ ଭଲ ହେବ। ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ। ପ୍ରତିଦ୍ୱନ୍ଦ୍ୱିତା ହେବ। ଆୟ ବୃଦ୍ଧି ପାଇବ। ଆଘାତ ଏବଂ ରୋଗ ବାଧା ଦେଇପାରେ।



**ମିଥୁନ :** ବୌଦ୍ଧିକ କାର୍ଯ୍ୟ ସଫଳ ହେବ। ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଚାକିରିରେ ସୁସଙ୍ଗତତା ରହିବ। ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ। ସାଙ୍ଗମାନଙ୍କ ସହିତ ଭଲ ସମୟ ଅତିବାହିତ ହେବ।



**କର୍କଟ :** ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବ୍ୟସ୍ତ ହୁଅ ନାହିଁ। ଘର ବାହାରେ ଅଶାନ୍ତି ଦେଖାଯିବ। କାର୍ଯ୍ୟ ବାଧାପ୍ରାପ୍ତ ହେବ। ଚାକିରିରେ ଆୟ ଏବଂ କାର୍ଯ୍ୟ ଭାର ହ୍ରାସ ପାଇବ। ଦୁଃଖଦ ଖବର ପାଇ ନକାରାତ୍ମକତା ବୃଦ୍ଧି ପାଇବ।




**ସିଂହ :** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ। ଋଣରେ ହ୍ରାସ ଘଟିବ। ତୃପ୍ତି ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ସୁରୁଖୁରୁରେ ଚାଲିବ। ଆପଣ ଆପଣଙ୍କର ପ୍ରଭାବ ବୃଦ୍ଧି କରିପାରିବେ। ଚାକିରିରେ ସୁସଙ୍ଗତତା ରହିବ।




**କନ୍ୟା :** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ। ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ। ଲାଭ ସୁଯୋଗ ଆସିବ। ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସୁଖର ପରିବେଶ ରହିବ। ଜିନିଷଗୁଡିକ ସହଜ ରଖନ୍ତୁ। ଦୂରରୁ ସୁସମାଚାର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ।



**ତୁଳା:** ତୁମ ଜୀବନ ସାଥୀଙ୍କ ଠାରୁ ସମର୍ଥନ ପାଇବ। ବ୍ୟବସାୟ ଯାତ୍ରା ସଫଳ ହେବ। ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ଚାକିରିରେ ଅଧିକାର ବୃଦ୍ଧି ପାଇପାରେ। ଜୁଆ ଖେଳ, ବେଟିଂ ଏବଂ ଲଟେରୀର ଜାଲରେ ପଡ଼ନ୍ତୁ ନାହିଁ।




**ବିଛା :** ଆୟରେ ନିଶ୍ଚିତତା ରହିବ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ। ବ୍ୟବସାୟ ହ୍ରାସ ପାଇବ। ଚାକିରିରେ ବିବାଦ ହୋଇପାରେ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ତୁମେ କ୍ଲାନ୍ତ ଅନୁଭବ କରିବ। ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ। ଚିନ୍ତା ଏବଂ ଟେନସନ ହେବ।




**ଧନୁ :** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ। ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ଅନୁକୂଳ ହେବ। ସେଠାରେ ଟଙ୍କା ରହିବ। ରିସ୍କ ନେବାକୁ ସାହସ କର। ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ। ଯାତ୍ରା ସଫଳ ହେବ। ଆଖି ଯନ୍ତ୍ରଣା ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ।



**ମକର :** ପ୍ରତିଷ୍ଠା ବୃଦ୍ଧି ପାଇବ। ସୁଖର ମାଧ୍ୟମ ସଂଗ୍ରହ ହେବ। ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ। ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ।



**କୁମ୍ଭ :** ଲାଭ ପାଇଁ ସୁଯୋଗ ଆସିବ। ସୁଖର ପରିବେଶ ରହିବ। ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ। ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ। ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ପୂଜାପାଠ ଏବଂ ସତସଙ୍ଗରେ ଆଗ୍ରହ ରହିବ। ସେଠାରେ ଶାନ୍ତି ହେବ। କୋର୍ଟର କାର୍ଯ୍ୟ ଅନୁକୂଳ ହେବ।



**ମୀନ :** ବ୍ୟବସାୟ ଭଲ କରିବ। ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ। ଆୟ ଜାରି ରହିବ। ରିସ୍କ ନିଅ ନାହିଁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ପୁରୁଣା ରୋଗ ଅବରୋଧର କାରଣ ହେବ। ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ। ଯାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାଶରଥି ଗମାଙ୍ଗଙ୍କ ଆଦେଶାନୁକ୍ରମେ, ଜିଲ୍ଲା କଂଗ୍ରେସ ଗଜପତି ତରଫରୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଓ ସେବିକାମାନଙ୍କ ଅଭାବ ପୂରଣ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କୁ ଅଭିଯୋଗପତ୍ର ଲିଖିତ ଭାବେ ଦିଆଗଲାଫ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ବିଭାଗରେ ଡାକ୍ତର ବିଶାରଦ ଓ ସେବିକାମାନଙ୍କ ଅଭାବ ଥିବା ଯୋଗୁଁ ଚିକିତ୍ସାଳୟରେ ଆସୁଥିବା ରୋଗୀମାନଙ୍କ ସେବାରେ ଅବହେଳା ହେଉଥିବାର ଅନୁଭବ କରୁଥିବା ଯୋଗୁଁ ଜିଲ୍ଲା କଂଗ୍ରେସ ତରଫରୁ ଚିଠି ଲେଖି ଦିଆଗଲା, ଏହାର ପ୍ରତିକାର ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ କରିବା ନିମନ୍ତେ ଦାବି କରାଗଲା, ଯଦି ଦାବି ପୂରଣ ନ ହେଲେ ଜିଲ୍ଲା କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ପ୍ରଦାନ କରିବା ପାଇଁ ବାଧ ହେବ ବୋଲି ଜଣାଇ ଦିଆଗଲା। ଏହି ଚିଠିର ଅବିକଳ ନକଲ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଗଜପତି ତଥା ଗଣପ୍ରତିନିଧିଗଣ ଗୋଚରାର୍ଥେ ଜଣାଇଦିଆଗଲା। ଉକ୍ତ ଏହି ଚିଠି ଦେବା ପାଇଁ ଜିଲ୍ଲା କଂଗ୍ରେସ ତରଫରୁ ଈଶ୍ୱର ଚନ୍ଦ୍ର ମାଝୀ, ସଞ୍ଜୟ ଅଧିକାରୀ, ଅଶୋକ ଅଧିକାରି, ଜସ୍ମିନ୍ ଶେଖ୍, ପାର୍ଥରାଜ ପାଳ ଆଦି ସମସ୍ତେ ଉପସ୍ଥିତ ଥିଲେ।



## ଡିଜିଟାଲ ପେମେଣ୍ଟକୁ ମନାକଲେ ସରକାରୀ ବିକ୍ରେତା, ଚାଷୀ ଅସନ୍ତୁଷ୍ଟ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ଚାଷୀମାନେ ଚାଷ ପାଇଁ ବିହନ କିଣିବାକୁ ଆସି କିଛି ଚାଷୀଙ୍କ ପାଖରେ ନଗଦ ଟଙ୍କା ନଥିବାରୁ ସେମାନେ ଅନଲାଇନ୍ ପେମେଣ୍ଟ କରିବାକୁ ସରକାରୀ ବିହନ ବିକ୍ରେତାଙ୍କୁ ଗୁହାରି କରିଥିଲେ, କିନ୍ତୁ ସରକାରୀ ବିହନ ବିକ୍ରେତାଙ୍କ କର୍ମଚାରୀମାନେ ଏହାକୁ ଗ୍ରହଣ କରିବାକୁ ମନା କରି କେବଳ ନଗଦ ଟଙ୍କା ଦେବାକୁ କହୁଥିଲେ। ଏହାକୁ ନେଇ ଚାଷୀ ଏବଂ କର୍ମଚାରୀଙ୍କ ମଧ୍ୟରେ ତର୍କବିତର୍କ ହୋଇଥିଲା, ଯାହା ଫଳରେ ଚାଷୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା।ତେବେ ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ସହରାଞ୍ଚଳରେ ଅବସ୍ଥିତ ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ଲିଂ, ମାଲକାନଗିରି ରେ ଅବସ୍ଥିତ ସରକାରୀ ବଣ୍ଟନ ବିହନ କେନ୍ଦ୍ରରେ ।ତେବେ ଏହି ପରିସ୍ଥିତି ଭାରତ ସରକାରଙ୍କ 'ଡିଜିଟାଲ୍ ଇଣ୍ଡିଆ' ଅଭିଯାନ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଗୋଟିଏ ପଟେ ସରକାର ଡିଜିଟାଲ୍ କାରବାରକୁ ପ୍ରୋତ୍ସାହିତ କରିବା ଏବଂ ନଗଦ ହୀନ ଅର୍ଥନୀତି ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଉଛନ୍ତି, ତ ଅନ୍ୟପଟେ ମାଲକାନଗିରି ଭଳି ସହରାଞ୍ଚଳରେ ଅବସ୍ଥିତ ଏକ ସମବାୟ ସମିତି ଲିଂ, ଯାହା ସିଧାସଳଖ ଚାଷୀଙ୍କ ସହିତ ଜଡିତ, ଅନଲାଇନ୍ ପେମେଣ୍ଟ ଗ୍ରହଣ କରିବାକୁ ମନା କରୁଛି। ଏହି ବିଭେଦ ଦର୍ଶାଉଛି ଯେ ଡିଜିଟାଲ୍ ଇଣ୍ଡିଆର ସ୍ୱପ୍ନ ଏପର୍ଯ୍ୟନ୍ତ ବାସ୍ତବତାଠାରୁ ବହୁ ଦୂରରେ।ଏହି ଘଟଣା ଗମ୍ଭୀର ପ୍ରଶ୍ନ ଉଠାଇଛି,ବିଶେଷକରି ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ଯେଉଁଠାରେ ଡିଜିଟାଲ ସାକ୍ଷରତା ଏବଂ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ଆବଶ୍ୟକ ରହିଥିବା ବେଳେ ଏହି ଘଟଣା ସ୍ପଷ୍ଟ କରେ ଯେ ଯଦି ଜନସାଧାରଣଙ୍କ ସହିତ ସିଧାସଳଖ ଜଡିତ ସଂସ୍ଥାଗୁଡ଼ିକ ଡିଜିଟାଲ ପେମେଣ୍ଟ ଗ୍ରହଣ ନ କରନ୍ତି, ତେବେ ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ସମ୍ପୂର୍ଣ୍ଣ ସାକାର ହୋଇପାରିବ ନାହିଁ।ତେବେ ଅନଲାଇନ୍ ଦେୟ ମନା କରିବାର ପଛର କାରଣ କଣ ହେଇପାରେ କଣ କାରବାର ଶୁଳ୍କ ଏଡାଇବାର ଲକ୍ଷ୍ୟ ରହିଛି କି ?କାରଣ ବ୍ୟାଙ୍କ ଏବଂ ପେମେଣ୍ଟ ଗେଟୱେ ଗୁଡ଼ିକ ଅନଲାଇନ୍ ପେମେଣ୍ଟ ଉପରେ କିଛି ଶୁଳ୍କ (ବ୍ୟବସାୟୀ ରିହାତି ହାର - ଏମ୍ ଡି ଆର୍) ଆଦାୟ କରନ୍ତି। ଏହି ଶୁଳ୍କ ସାଧାରଣତଃ ବିକ୍ରେତା ବହନ କରନ୍ତି। ସମବାୟ ଏହି ଶୁଳ୍କ ଏଡାଇ ଦେବାକୁ ଚେଷ୍ଟା କରୁଛନ୍ତି କି ? କାରଣ ଟିକସ ଫାଙ୍କିବା କିମ୍ବା ଅସ୍ୱଚ୍ଛତା,ଡିଜିଟାଲ୍ କାରବାର ତୁଳନାରେ ନଗଦ କାରବାର କମ୍ ସ୍ୱଚ୍ଛ ଏବଂ ଟ୍ରାକ୍ କରିବା କଷ୍ଟକର। ଏହା ସମ୍ଭବ ଯେ ସମବାୟ ଏହାର କିଛି କାରବାରକୁ କର କର୍ତ୍ତୃପକ୍ଷଙ୍କ ପରିସର ବାହାରେ ରଖିବାକୁ ପ୍ରୟାସ କରାଯାଇପାରେ। ତେବେ ଚାଷୀମାନଙ୍କୁ ଆଧୁନିକ ପେମେଣ୍ଟ ବିକଳ୍ପରୁ ବଞ୍ଚିତ କରିବା ସେମାନଙ୍କ ପାଇଁ କେବଳ ଅସୁବିଧାଜନକ ନୁହେଁ ବରଂ ଡିଜିଟାଲ ଅନ୍ତର୍ଭୁକ୍ତିର ବ୍ୟାପକ ଲକ୍ଷ୍ୟ ବିରୁଦ୍ଧରେ ମଧ୍ୟ ଯାଉଛି,ଯାହା ବର୍ତ୍ତମାନ ସର୍ବସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## କ୍ରୀଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନରେ 'ସମ୍ବଲପୁରୀ ଦିନ୍' ପାଳିତ




ବରଗଡ(ଭାସ୍କର ନ୍ୟୁଜ୍): ବରଗଡ଼ ସ୍ଥିତ କ୍ରୀଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍‌ରେ 'ସମ୍ବଲ୍‌ପୁରୀ ଦିନ୍' ପାଳିତ ହୋଇଯାଇଛି। ଏହି ସମାରୋହର ପ୍ରାରମ୍ଭରେ ଅତିଥିଗଣ ମା'ସମଲେଇ ଓ ସତ୍ୟନାରାୟଣ ବହିଦାରଙ୍କ ପ୍ରତିଛବିରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍ ସମୂହର ଡ଼ାଇରେକ୍ଟର ଡ଼. ସମରେନ୍ଦ୍ରନାଥ ପଣ୍ଡା ବିଦେଶୀ ସଂସ୍କୃତିକୁ ପରିହାର କରି ଆମର କଳା, ସଂସ୍କୃତି, ଖାଦ୍ୟପେୟ ଆପଣେଇ ନେବା ପାଇଁ ନିଜ ଉଦ୍‌ବୋଧନରେ କହିବା ସହିତ ସତ୍ୟନାରାୟଣ ବହିଦାରଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ, ଗୀତ, ବକ୍ତବ୍ୟ ପ୍ରଦାନ କରିଥିଲେ । 'ସମ୍ବଲପୁରୀ ଦିନ୍' ଅବସରରେ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସମ୍ବଲପୁରୀ ପୋଷାକ ପରିଧାନ ଓ ସମ୍ବଲପୁରୀ ବାଦ୍ୟ ସଙ୍ଗୀତରେ ସମଗ୍ର ପରିସର ଉତ୍ସବମୁଖର ହୋଇଉଠିଥିଲା । କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ଅଧକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡେରୀ ଅଧକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ଉପାଧକ୍ଷ ଡ଼. ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ରାଇଘର/ଝରିଗାଁ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ 'ଭାରତୀ କଳା ନିକେତନ' ଉମରକୋଟ ଓ ଝରିଗାଁ(ଶାଖା) ର ସକ୍ରିୟ ସଦସ୍ୟ ଓ ବହୁ ବରିଷ୍ଠ କଳାକାରଙ୍କ ଉପସ୍ଥିତିରେ ମାଆ ବିଡ୍ରୀ ଠାକୁରାଣୀ ପୀଠରେ ଚଳିତ ବର୍ଷର ନାଟକ ଓ ସାଂସ୍କୃତିକ ମହୋତ୍ସବ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି ।ଏହି ବୈଠକରେ ଅନୁଷ୍ଠାନର ସଭାପତି ତଥା ନିର୍ଦ୍ଦେଶିକା ମଧୁସ୍ମିତା ସଭାପତିତ୍ୱ କରିଥିଲେ। ବିଗତ ବର୍ଷମାନଙ୍କରେ ଅନୁଷ୍ଠାନ କିପରି ସଫଳତା ସହିତ ତ୍ରିଦିବସୀୟ ନାଟକ ମହୋତ୍ସବ ଆୟୋଜନ କରି ଆସିଛି ତତ୍ ସଂପର୍କରେ ପ୍ରତିଷ୍ଠାତା ଅଧ୍ୟାପକ ଗୋପାଳ ମହାରଣା ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।ଉପସ୍ଥିତ ବରିଷ୍ଠ କଳାକାରମାନେ ନାଟକ ପାଇଁ ଦର୍ଶକୀୟ ସହଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ସେମାନଙ୍କ ମତରେ ଦର୍ଶକଙ୍କ ପାଇଁ ଟିକେଟ ବ୍ୟବସ୍ଥା ରହିଲେ ନାଟକ ଦେଖିବା ସ୍ପୃହା ବଢିବ । ତେଣୁ ଏ ସଂପର୍କରେ ସମସ୍ତେ ସହମତି ପ୍ରକାଶ କରିଥିଲେ । ତେବେ ପରବର୍ତ୍ତୀ ସମୟରେ ଏହି ବିଷୟ ଉପରେ ଆଲୋଚନା କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ ।ଅଗଷ୍ଟ ୨୯ ତାରିଖ ଠାରୁ ସେପ୍ଟେମ୍ବର ୧ ତାରିଖ ଏହି ଚାରିଦିନ ବ୍ୟାପି ଷଷ୍ଠ ରାଜ୍ୟ ସ୍ତରୀୟ ନାଟକ ମହୋତ୍ସବ-୨୦୨୫ ଉମରକୋଟ କଲ୍ୟାଣ ମଣ୍ଡପଠାରେ ଆୟୋଜନ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା ।ଏହି ମହୋତ୍ସବରେ ଅଧ୍ୟାପକ ଗୋପାଳ ମହାରଣାଙ୍କ ଚାରିଗୋଟି ନାଟକକୁ ରାଜ୍ୟର ତିନୋଟି ଅନୁଷ୍ଠାନ ଯଥା- ଭାରତୀ କଳା ନିକେତନ (ନାଟକ-ନିଶା), ପରିଚୟ, ରାଉରକେଲା (ନାଟକ-ପାନ୍ଥଶାଳାର ପଥିକ), ଗୁରୁନାଥ ସାଂସ୍କୃତିକ ପରିଷଦ, ଲୁଦୁଲୁଦି, ଘୁମୁସର, ଗଞ୍ଜାମ(ନାଟକ-ସେମାନେ ଆସିବେ)ଏବଂ ଭାରତୀ କଳା ନିକେତନ(ନାଟକ-ପଞ୍ଚମ ବେଦ) ପରିବେଷଣ କରିବେ ବୋଲି ସ୍ଥିର ହୋଇଥିଲା । ଅଗଷ୍ଟ ୩୧ ତାରିଖରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଏବଂ କବି କବୟିତ୍ରୀମାନଙ୍କ ଦ୍ୱାରା କଳା ଓ ସଂସ୍କୃତି ଆଧାରିତ କବିତା ପଠୋତ୍ସବ ଅନୁଷ୍ଠିତ ହେବ । ନାଟକ ମହୋତ୍ସବକୁ ସରସ ସୁନ୍ଦର ଓ ଦର୍ଶକାଦୃତ କରିବାପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଝରିଗାଁ ଶାଖା ଉପସଭାପତି ଜୟଶ୍ରୀ ଦାସ କହିଥିଲେ। ଉକ୍ତ ବୈଠକରେ ଶାନ୍ତିଲତା ମହାନ୍ତି,ଶ୍ରୀ ବିଦ୍ୟୁତ କୁମାର ପାତ୍ର, ବିବେକାନନ୍ଦ ପଟ୍ଟନାୟକ, ବସନ୍ତ କୁମାର ସାହୁ,ପିଣ୍ଟୁ ଠାକୁର, ସନ୍ତୋଷ କୁମାର ପରିଡା, ଅମିୟ ଶଙ୍କର ତ୍ରିପାଠୀ, ଦୀପଶିଖା ନାୟକ,ସାଗରିକା ପଟ୍ଟନାୟକ,ଏମ୍ ମଧୁଛନ୍ଦା,ଶିଶୁ କଳାକାର ସାଇ ଅନୁଷ୍କା ମହାରଣା, ଜୟଶ୍ରୀ ଦାସ, ଶ୍ରୀ ରମେଶ ଚନ୍ଦ୍ର ନାହାକ, ରବି କୁମାର ଗୁପ୍ତା ଏବଂ କ୍ରିଷ୍ଣା ଭତ୍ରା ଆଦି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ମାଆ ବିଡ୍ରୀ ଠାକୁରାଣୀଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଥିଲା ।

## ଛେଳିଗଡ ଜଳସେଚନ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ନିର୍ମାଣଧିନ ଛେଳିଗଡ଼ ଜଳସେଚନ ପ୍ରକଳ୍ପକୁ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ପରିଦର୍ଶନ କରିଛନ୍ତି। ପ୍ରଥମେ କୁଆଁପଡା ଓ ମୂଷାଡଲି ଗ୍ରାମ ନିକଟସ୍ଥ ଛେଳିଗଡ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ନିର୍ମିତ ଟନେଲ୍ ପରିଭ୍ରମଣ କରି ଛେଳିଗଡ ଗ୍ରାମ ପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା ଡ୍ୟାମସ୍ଥଳ ଓ ବଡଜୋର ନଦୀ ପରିଦର୍ଶନ କରିଥିଲେ । ଏହାପରେ ଜିଲ୍ଲାପାଳ ପିଲିସୁଗୁବା ଠାରେ ନିର୍ମାଣଧୀନ ବିସ୍ଥାପିତ କଲୋନୀରେ ପହଞ୍ଚି କଲୋନୀର ବିକାଶ କରିବା ନିମନ୍ତେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସଇଲଙ୍ଗ ଠାରେ ନିର୍ମିତ ବିଦ୍ୟାଧରପୁର ବିସ୍ଥାପିତ କଲୋନୀକୁ ଭ୍ରମଣ କରି ସେଠାରେ ବିକଶିତ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ ଓ ବିସ୍ଥାପିତ ପରିବାରମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସେମାନଙ୍କର ସମସ୍ୟାର ଅଭିଯୋଗ ବୁଝିଥିଲେ। ଆଜିର ଏହି ଗସ୍ତ ସମୟରେ ସ୍ୱତନ୍ତ୍ର-ଭୂଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ ରବୀନ୍ଦ୍ର ନାଥ କହଁର, ଛେଳିଗଡ ଜଳସେଚନ ପ୍ରକଳ୍ପ ଅଧୀକ୍ଷଣ ଯନ୍ତ୍ରୀ ବିରେନ୍ଦ୍ର କୁମାର ଜଗତ, ରା. ଉଦୟଗିରି ତହସିଲଦାର ଜ୍ୟୋତିମୟ ଦାଶ, ମଣ୍ଡଳ ଅଧିକାରୀ ଶିବାଶୀଷ ପଣ୍ଡା ଓ ଭୋଳାନାଥ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀ ଚରଣ ମିଶ୍ର, ସହକାରୀ ଯନ୍ତ୍ରୀ ଜୟନ୍ତ ନାୟକ, ନିରଞ୍ଜନ ରେଡ୍ଡି ସହ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ପ୍ରକଳ୍ପ ରେ ଅଂଶୀଦାର ଲୋକ ମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିବା ସହିତ ଡ୍ୟାମ କାର୍ଯ୍ୟ ଶୀଘ୍ର ଶେଷ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

## ବିଭିନ୍ନ ସ୍ଥାନରେ ସମ୍ବଲପୁରୀ ଦିବସ ପାଳିତ



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ପୌରପରିଷଦ କଲ୍ୟାଣ ମଣ୍ଡପ ଠାରେ ଅଗଷ୍ଟ ୧ ତାରିଖ ଦିନ ପଶ୍ଚିମ ଓଡ଼ିଶା ବିକାଶ ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିକାଶ ମଞ୍ଚର ସଭାପତି ରୁକ୍ମଣ ଧୁରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା, ପୌରପରିଷଦର ପୂର୍ବତନ ନଗରପାଳ ଜୟନ୍ତ ଦୀକ୍ଷିତ,ପୂର୍ବତନ ଜିଲ୍ଲା ସଭାପତି ପ୍ରମୋଦ ସେନାପତି, ସାଂସଦ ପ୍ରତିନିଧି ସୁନିଲ ଦାଶ, ବିଜେପି ବରିଷ୍ଠ ନେତା ଅମରେନ୍ଦ୍ର ରାୟ, ରାଧେଶ୍ୟାମ ପ୍ରଧାନ, ନୋବେଲ ଅଗ୍ରୱାଲ, ବିଜେପି ମହିଳା ନେତ୍ରୀ ତଥା ଲଖନପୁର ସରପଞ୍ଚ ଆରତୀ ପ୍ରଧାନ, ମମତା ପଟେଲ ସଞ୍ଜୁକ୍ତା ବାର୍ଲା, ବରିଷ୍ଠ ଶିକ୍ଷାବିତ ପ୍ରଶାନ୍ତ ପାଟଯୋଶୀ, ସୁଶୀଲ ପୁରୋହିତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଶିକ୍ଷା ନିକେତନ ସ୍କୁଲ ପକ୍ଷରୁ ଧୁମ୍ ଧାମରେ ସମ୍ବଲପୁରୀ ଦିବସ ପାଳିତ ହୋଇଥିଲା । ସ୍କୁଲ ପରିଚାଳନା କମିଟି ସଭାପତି ଜୟନ୍ତ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ପ୍ରଫେସର ଶ୍ୟାମସୁନ୍ଦର ଧର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସ୍କୁଲର ଅଧକ୍ଷ ଏନଜଲୋ ଶେନ ସାଉତ୍ୱଲ ମଞ୍ଚ ପରିଚାଳନା କରିଥିଲେ। ପରିଚାଳନା କମିଟିର ସଂପାଦକ ଅଶୋକ ସା, କୋଷାଧକ୍ଷ ପିତାମ୍ବର ଗଡତିଆ ମଞ୍ଚାସୀନ ଥିଲେ। ସ୍କୁଲ ର ସହକାରୀ ଅଧକ୍ଷ ବିରେନ୍ଦ୍ର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ସମ୍ବଲପୁରୀ ପରିବାର ଜିଏମ ୟୁନିଟି ଇବ୍ ଭ୍ୟାଲି କୋଇଲା କ୍ଷେତ୍ର ପକ୍ଷରୁ ସମ୍ବଲପୁରୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଏମ କଂପ୍ଲେକ୍ସ ସ୍ଥିତ ରବୀନ୍ଦ୍ର ଭବନ ଠାରେ ଇବ୍ ଭ୍ୟାଲି କୋଇଲା କ୍ଷେତ୍ର ଜେନେରାଲ ମ୍ୟାନେଜର ଜିତେନ୍ଦ୍ର ତିୱାରୀ ଓ ତାଙ୍କ ଧର୍ମ ପତ୍ନୀ ରଜନୀ ତିୱାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ଏହି ଅବସରରେ ସୋନପୁରର ବିଜ୍ଞାନ ଶିକ୍ଷକ ଅମ୍ଳାନ କୁମାର ପାଣ୍ଡିଆ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସ୍ୱର୍ଗତ ସତ୍ୟନାରାୟଣ ବହିଦାର ଙ୍କ ଆଜି ଜନ୍ମ ଦିନ କୁ କାହିଁକି ସମ୍ବଲପୁରୀ ଦିବସ ଭାବେ ପାଳନ କରାଯାଉଛି ଓ ସମ୍ବଲପୁରୀ ଭାଷା ସାହିତ୍ୟ ଉପରେ ସାରଗର୍ଭକ ଭାଷଣ ଦେଇଥିଲେ ମିଶନ ଶକ୍ତି ଭବନ ଠାରେ ସମ୍ବଲପୁରୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ସିଡିପିଓ ସ୍ୱର୍ଣ୍ଣ ମଞ୍ଜରି ସାମଲ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅମ୍ରିକ ଲାକ୍ରା, ଅମ୍ରିତା ପାଣ୍ଡେ, ଶୈଳେନ୍ଦ୍ରି ନାୟକ, ଶାନ୍ତିଲତା ଜେନା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆରତୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ସହିତ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ବି ଏଲ ଏଫ ସଦସ୍ୟା ଜୋସ୍ନା ସାହୁ, ରୋସ୍ନି ଦେବୀ, ସାରଦା ସାହୁ, ମମତା ଛତ୍ରୀୟା ଓ ସମସ୍ତ ସଦସ୍ୟା ସହଯୋଗ କରିଥିଲେ। ବ୍ରଜରାଜନଗର ର କେତେକ ଏସଏଚଜି ମା' ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶେଷରେ ସମ୍ବଲପୁରୀ ଗୀତର ତାଳେତାଳେ ନୃତ୍ୟ ପରିବେଷଣ କରିଥିଲେ ।

## ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ସରକାର ପ୍ରତ୍ୟେକ ପରିବାରକୁ ବିଦ୍ୟୁତ୍ ସଂଯୋଗ ପାଇଁ ଯୋଜନା କରିଥିବା ବେଳେ ଗାଁରେ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇ ସାରିଛି । ହେଲେ ବିଦ୍ୟୁତ୍ ବିଭାଗର ଉଦାସୀନତା ଯୋଗୁଁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗୁଡ଼ିକ ବିପଦ ସଙ୍କୁଳ ଅବସ୍ଥାରେ ମୁକୁଳା ହୋଇ ପଡିଥିବା ଦେଖିବାକୁ ମିଳୁଛି । ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ତୁର୍ଲା ଗାଁରେ ଗୋଟିଏ କି ଦୁଇଟି ନୁହେଁ ପାଞ୍ଚ ପାଞ୍ଚଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ମୁକୁଳା ପଡ଼ିଥିବା ଦେଖିବାକୁ ମିଳିଛି । କେଉଁଟି ରାସ୍ତା କଡ଼ରେ ତ କେଉଁଟି ଜନବସତି ଭିତରେ ଏହିସବୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗୁଡ଼ିକ ଥିବାରୁ ମଣିଷ ତଥା ବିଭିନ୍ନ ପ୍ରାଣୀ ସଂସ୍ପର୍ଶରେ ଆସିଲେ ଦୁର୍ଘଟଣା ହେବା ସ୍ୱାଭାବିକ। ବିଦ୍ୟୁତ୍ ବିଭାଗକୁ ପୂର୍ବରୁ ଜଣାଇଥିଲେ ମଧ୍ୟ ଟ୍ରାନ୍ସଫର୍ମର ଚାରି ପଟେ କୌଣସି ବାଡ ବ୍ୟବସ୍ଥା କରିନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗାଁ ଟି ଗନ୍ଧମାର୍ଦ୍ଦନ ପାହାଡ ତଳି ଅଞ୍ଚଳ ରେ ଥିବାରୁ ଅନେକ ସମୟରେ ବଣୁଆ ହାତୀ ଯାତାୟତ କରିଥାନ୍ତି । ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହେବା ମଧ୍ୟ ଆଶଙ୍କା ରହିଛି । ତୁରନ୍ତ ଟ୍ରାନ୍ସଫର୍ମର ଗୁଡ଼ିକ ମୁକୁଳା ନ ରଖି ସୁରକ୍ଷା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ଖପ୍ରାଖୋଲ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସମ୍ବିତ ପରିଡ଼ାଙ୍କୁ ପଚାରିବାରୁ ଅତିଶିଘ୍ର ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

## ଶଗଡ଼ା ଅଞ୍ଚଳରୁ ଗଞ୍ଜେଇ ଚାଲାଣ, ନିରବଦ୍ରଷ୍ଟା ମନମୁଣ୍ଡା ପୋଲିସ

କନ୍ଧମାଳ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ମନମୁଣ୍ଡା ଥାନା ଶଗଡା ଅଞ୍ଚଳ ଗଂଜେଇର ପେଣ୍ଡ ସ୍ଥଳୀ ପାଲଟିଛି । ଏହି ଅଂଚଳରୁ ଦୈନିନ୍ଦିନ ବାହାର ଜିଲ୍ଲା ସହ ପଡୋଶୀ ରାଜ୍ୟକୁ ମଧ୍ୟ ଗଂଜେଇ ଚୋରାଚାଲାଣ ହେଉଛି। ହେଲେ ଉକ୍ତ ଅଞ୍ଚଳରୁ ମନମୁଣ୍ଡା ଦେଇ ଗଂଜେଇ ଚୋରା ଚାଲାଣ ହେଉଥିଲେ ମଧ୍ୟ ମାଫିଆମାନଙ୍କୁ ପୋଲିସ ଧରିବାରେ ବିଫଳ ହେଉଥିବାରୁ ସମସ୍ତ ଗଂଜେଇ ମାଫିଆମାନେ ପଡୋଶୀ ସୋନପୁର ଜିଲ୍ଲାରେ ଧରା ପଡୁଛନ୍ତି । ଫଳରେ ମନମୁଣ୍ଡା ପୋଲିସର ଗଂଜେଇ ମୁକ୍ତ ଅଭିଯାନ ଓ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପଟେ ଫୁଲବାଣୀ ଅଂଚଳରୁ ବାଲାନ୍ଦା ପଡ଼ା ଦେଇ କନ୍ଧମାଳ ଥାନା ଅତିକ୍ରମ କରି ଗବଜୋର ବୈଦ୍ୟନାଥ ତେଲ ନଦୀ ସେତୁ ଦେଇ ଗଳାବାଟରେ ସୋନପୁର ଅଞ୍ଚଳ ଦେଇ ଚାଲାଣ ହେଉଛି । ପଲସାଗୋରା ବିଟ ହାଉସରେ କାର୍ଯ୍ୟରତ ଜଣେ କର୍ମଚାରୀ ଥିବାବେଳେ ମାଫିଆ ମାନେ ଏହାର ସୁଯୋଗ ନେଇ ଉକ୍ତ ଗଳା ବାଟ ଦେଇ ତେଲ ନଦୀ ସେତୁ ରାସ୍ତାରେ ନିର୍ଭୟରେ ଅତିକ୍ରମ କରୁଛନ୍ତି । ଉକ୍ତ ବିଟ ହାଉସରେ ଜଣେ ହାବିଲଦାର ଥିବା ବେଳେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ଦୁଇ କନେଷ୍ଟବଳ ତାଲିମରେ ଯାଇଥିବା ଜଣାପଡିଛି । ସ୍ଥାନୀୟ ଦୁଇଜଣ ହୋମଗାର୍ଡ଼ ହାତରେ ବିଟ ହାଉସ ଚାଲିଛି । କର୍ମଚାରୀ ଅଭାବର ଫାଇଦା ଉଠାଇ ମାଫିଆମାନେ ନିର୍ଭୟରେ ଗଂଜେଇ ଚୋରା ଚାଲାଣ କରୁଛନ୍ତି । ସୂଚନା ଥାଉ କି, ଗତ ମାସ ୨୮ ତାରିଖରେ ସୋନପୁର ଜିଲ୍ଲାର ହିକୁଡି, ହରଡ଼ଖୋଲ, ରାମପୁର, ବିନିକା ଓ ଉଲୁଣ୍ଡା ଆଦି ଅଂଚଳରୁ ବିପୁଳ ଗଂଜେଇ ଜବତ ହୋଇଥିବା ବେଳେ ଉକ୍ତ ଗଂଜେଇ ସବୁ ମନମୁଣ୍ଡା ଥାନା ଶଗଡା ଅଂଚଳରୁ ଆସିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା । ତେବେ ମନମୁଣ୍ଡା ଦେଇ ଗଂଜେଇ ଚୋରା ଚାଲାଣ ହେଉଥିଲେ ମଧ୍ୟ ପୋଲିସ କେମିତି ମାଫିଆକୁ ଧରିବାରେ ବିଫଳ ହେଉଛି ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଅନେକ ଅସାଧୁ ପୋଲିସ କର୍ମଚାରୀ ଏଭଳି ଗଂଜେଇ ଚାଲାଣରେ ସହଯୋଗ କରୁଥିବା ଅଞ୍ଚଳରେ ଆଲୋଚନା ହେଉଛି । କାଁ ଭାଁ କେତେବେଳ କେମିତି ଗୋଟିଏ ଗୋଟିଏ ଗଂଜେଇ ମାମଲାରେ ପୋଲିସ ଗଂଜେଇ ଜବତ କରୁଥିବା ବେଳେ ମାଫିଆକୁ ଧରିବାରେ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପୂର୍ବରୁ ଅନେକ ନଜିର ରହିଛି । ଏଣୁ ଜିଲ୍ଲା ପୋଲିସ ମୁଖିଆ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

## ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ଗାଁକୁ ନାହିଁ ପକ୍କା ସଡ଼କ







### ରାସ୍ତା ନିର୍ମାଣ ନହେଲେ ଭୋଟ ବର୍ଜନ ଚେତାବନୀ ଦେଲେ ଗ୍ରାମବାସୀ

କୋଷାଗୁମୁଡା(ଭାସ୍କର ନ୍ୟୁଜ୍): ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ଗାଁ କୁ ପକ୍କା ସଡକ ନାହିଁ।ଏଭଳି ଏକ ଗ୍ରାମ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର କୋଷାଗୁମୁଡା ପଞ୍ଚାୟତ ଅଧିନସ୍ଥ ଡ଼ଙ୍ଗରିଗୁଡା ଗ୍ରାମ ରହିଛି । କୋଷାଗୁମୁଡା ପଞ୍ଚାୟତର ୧୧ନମ୍ବର ୱାର୍ଡ ତଥା ଡ଼ଙ୍ଗରିଗୁଡା ଗ୍ରାମରେ ୧୫୦ ଘର ଥିବାବେଳେ ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ ଲୋକ ବସ ବାସ କରୁଛନ୍ତି । ଗାଁ ରେ ଏକ ବିଦ୍ୟାଳୟ ଅଛି ସେହି ବିଦ୍ୟାଳୟରେ ପ୍ରାୟ ୮୫ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ କଲେଜ ଓ ଅନ୍ୟ ଶିକ୍ଷା ଅନୁଷ୍ଠାନ ଗୁଡିକ ରେ ପିଲା ପାଠ ପଢୁଛନ୍ତି । ତେବେ ସ୍ୱାଧୀନତା ର ଏତେ ବର୍ଷ ପରେ ମଧ୍ୟ ଏହି ଗ୍ରାମ ଟି ର ଏକ ପକ୍କା ସଡକ ନାହିଁ । ଗ୍ରାମ ମଧ୍ୟରେ ବିଦ୍ୟାଳୟ ନିକଟରେ ରେ ଥିବା ସାହିକୁ କେବଳ କଂକ୍ରିଟ ରାସ୍ତା ଟିଏ କରି ପଞ୍ଚାୟତ ଓ ପଞ୍ଚାୟତ ସମିତି କାର୍ଯ୍ୟ ଶେଷ କରିଛି ବହୁ ବର୍ଷ ପୂର୍ବେ ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏପଟେ ଭୋଟ ସମୟରେ ସାଂସଦ, ବିଧାୟକ, ସରପଞ୍ଚ, ସମିତିସଭ୍ୟ ମାନେ ଆସି ସ୍ୱପ୍ନ ଦେଖାଇ କେତେ ଥର ଚାଲି ଗଲେଣି । କେବଳ ସ୍ୱପ୍ନ ରେ ହିଁ ରହି ଯାଇଛି, କାର୍ଯ୍ୟ ଶୂନ । ବାରମ୍ବାର ପଞ୍ଚାୟତ, ବ୍ଲକ ଓ ରାଜନେତା ଙ୍କୁ ଅଭିଯୋଗ କଲେ ମଧ୍ୟ ଏକ ସଠିକ ରାସ୍ତା ଟିଏ କରିପାରିନାହାନ୍ତି ବୋଲି ଦୃଢ ନିନ୍ଦା କରିଛନ୍ତି ଗ୍ରାମବାସୀ । ପ୍ରତ୍ୟେକ ଦିନ ରାସ୍ତାରେ ଦୁର୍ଘଟଣା ହେଉଥିବା ସହ ରାସ୍ତା ଉପରେ ଆଣ୍ଠୁଏ ଖାଲ, ବର୍ଷା ପାଣି ରେ କାଦୁଅ ପଚ ପଚ । ପିଲା,ବୁଢା, ଗର୍ଭବତୀ,ଛାତ୍ର ଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆମ୍ବୁଲାନ୍ସ ଗାଁ କୁ ଆସିବା ପାଇଁ ଅସୁବିଧା ହେଉଥିବା ଯୋଗୁଁ ଖଟିଆରେ ରୋଗୀଙ୍କୁ, ଗର୍ଭବତୀ ଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପ୍ରାୟ ୨କିଲୋମିଟର ଅତିକ୍ରମ କରିବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି । ଯଦି ଏକ ମାସ ମଧ୍ୟରେ ରାସ୍ତା ନିର୍ମାଣ ନହେଲେ ଆଗାମୀ ନିର୍ବାଚନ ସମୂହ ଗ୍ରାମବାସୀ ବର୍ଜନ କରିବା ସହ ପ୍ରତ୍ୟେକ ରାଜନେତା ତଥା ବିଧାୟକ, ସାଂସଦ, ସରପଞ୍ଚଙ୍କୁ ଗ୍ରାମରେ ପଶେଇ ଦେବୁ ନାହିଁ ବୋଲି ଗ୍ରାମର ଜୟମଣୀ ସମରଥ,ଗିରିଜା ଭତ୍ରା, କମଳା ସମ ରଥ, ସୁଲ ଭତ୍ରା, ସନମୋତି ସମ ରଥ, ହେମବତୀ ଭତ୍ରା, ସରସ୍ୱତୀ ସମ ରଥ, କାଉଁଶଲ୍ୟା ରନ୍ଧାରୀ, ରବି ରନ୍ଧାରୀ (ବିଦ୍ୟାଳୟ ସଭାପତି), ମଙ୍ଗଳସିଂ ସମ ରଥ, ବଲୋଭ ଭତ୍ରା, ସଂସାଇ ରନ୍ଧାରୀ, ଗଣେଶ ଭତ୍ରା, ଦୁର୍ଯ୍ୟ ଭତ୍ରା, ବୈଦ୍ୟନାଥ ସମରଥ,ଲୋକୀ ଚନ୍ଦ୍ର ସମ ରଥ, ମାନସିଂ ସମରଥ, ସୁଦର ସମରଥ, ସୁବାଷ ଭତ୍ରା,ପଦୁ ରନ୍ଧାରୀ, ଚନ୍ଦ୍ର ଭତ୍ରା ପ୍ରମୁଖ କହିଛନ୍ତି ।

## ଜିଲ୍ଲାପାଳଙ୍କ ପାପଡ଼ାହାଣ୍ଡି ଗସ୍ତ

ପାପଡାହାଣ୍ଡି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାପାଳ ଡ଼.ମହେଶ୍ୱର ସ୍ୱାଇଁ ଆଜି ଅଚାନକ ପାପଡାହାଣ୍ଡି ବ୍ଲକକୁ ଗସ୍ତ କରିଥିଲେ । ପ୍ରଥମେ ବ୍ଲକ କାର୍ଯ୍ୟାଳୟ ପହଁଚିଥିଲେ । ବ୍ଲକ କାର୍ଯ୍ୟାଳୟରେ ଦିନ ୧୦ଟା ୧୦ ମନିଟରେ ୪ ରୁ ପାଞ୍ଚ ଜଣ କର୍ମଚାରୀ ଉପସ୍ଥିତ ଥିଲେ । ଏହା ଦେଖିବା ପରେ ଜିଲ୍ଲପାଳ ବିଗିଡ଼ିବା ସହ କାରଣ ଦର୍ଶାଅ ନୋଟିସ ଯାରି କରିଛନ୍ତି । ସେଠାରୁ ସେ ଶହୀଦ ମିନାର ଯାଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାର ଐତିହ୍ୟ ଓ ଅଗଷ୍ଟ ୨୪ ରେ ହେଉଥିବା ଶହୀଦସ୍ମୃତି ଦିବସ ପ୍ରସ୍ତୁତି ନେଇ ବୁଝିଥିଲେ । ନୀଳକଣ୍ଠେଶ୍ୱର ମନ୍ଦିର ଦର୍ଶନ କରି ପୂଜା କରିଥିଲେ । ଏହା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପହଁଚି ସ୍ୱାସ୍ଥ୍ୟକେନ୍ଦ୍ର ର ଚିକିତ୍ସା ଓ ପରିବେଶ ଅନୁଧ୍ୟାନ କରିଥିଲେ । ଏହି ଅବସରରେ ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା, ବିଡ଼ିଓ କପିଳଦେବ ସାହୁ, ଜିପିଓ ଅକ୍ଷୟ ପଟ୍ଟନାୟକ,କ୍ୟାସିୟର ମହେଶ୍ ଦାସ ଉପସ୍ଥିତ ରହିଥିଲେ।





ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): କେନାଲ ମରାମତି ଆଳରେ ପ୍ରତିବର୍ଷ ବ୍ୟୟ ବରାଦ ହେଉଛି ସରକାରୀ ଅର୍ଥ। ସରକାରୀ ଅର୍ଥରେ କେନାଲ ଉଭୟ ପାର୍ଶ୍ୱରେ' ର '୦ ହୋଇ କଂକ୍ରିଟ ଢ଼ଳେଇ ଓ ତଳେ ପ୍ୟାକିଙ୍ଗ ହୋଇଛି ଏବଂ ଘାସ ସଫେଇ ନାଁରେ ବି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ପୁରୀ ଜିଲ୍ଲା ନିମାପଡା ଜଳସମ୍ପଦ ବିଭାଗ ଅଧୀନରେ ଥିବା ଅସ୍ତରଙ୍ଗ ବ୍ଲକ ଅଂଚଳରେ ହୋଇଥିବା କେନାଲ ରେ ପାଣି ଆସୁନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଞ୍ଚଳର ଚାଷୀ।ଶ୍ରାବଣ ସରିବାକୁ ବସିଲାଣି ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଚାଷ କାର୍ଯ୍ୟକରିବାକୁ ବର୍ଷାର ଦେଖା ନାହିଁ। ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାଷ ଜମି ଫାଟି ଆଁ କଲାଣି। ଅନ୍ୟ ପଟେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର କିଛି ପଂଚାୟତ ରେ ଜଳ ସମ୍ପଦ ବିଭାଗ ତରଫରୁ ଦୀର୍ଘ ବର୍ଷ ହେବ କେନାଲ ନିର୍ମାଣ ହୋଇଛି ସତ କିନ୍ତୁ କେନାଲ ପାଣି ନାହିଁ।ମାଣ୍ଡୁକି ପଂଚାୟତ ଚାଷୀ କୈଳାସ ନାୟକ କହିବା ମୁତାବକ ଜଳ ସମ୍ପଦ ବିଭାଗ ଲୋକ ଦେଖାଣିଆ ପ୍ରତିବର୍ଷ କେନାଲ ସଫେଇ କରି ଧର୍ମ କୁ ଆଖି ଠାର ଭଳି ପେଟି କଣ୍ଟ୍ରାକ୍ଟର ପୋଷା ନୀତି ଆପଣାଇବା ସହ ବିଭାଗର କିଛି କର୍ମଚାରୀ ପକେଟ ଗରମ କରୁଛନ୍ତି। କିନ୍ତୁ ଅସ୍ତରଙ୍ଗ ଅଞ୍ଚଳର ଚାଷୀ ଓ ଚାଷର ଉର୍ନତି ପାଇଁ ସରକାର ନିର୍ମାଣ କରି କେନାଲ ଦ୍ୱାରା ଜମିକୁ ପହଞ୍ଚାଇବାକୁ ବ୍ୟବସ୍ଥା କରିଥିଲେ କିନ୍ତୁ ଚାଷୀଙ୍କୁ ପାଣି ମିଳୁନି। ନିର୍ମିତ କେନାଲ ରେ ପାଣି ଆସୁନାହିଁ। ଏହା ସହ ଚକରପଡା ଅଞ୍ଚଳର ଚାଷୀ ପ୍ରକାଶ ନାୟକ କହିଛନ୍ତି ଖରିଫ ଫସଲ ସମୟ ଆସିଲେ ଜଳ ସମ୍ପଦ ବିଭାଗ ସଫେଇ ନାଁରେ ଲକ୍ଷାଧିକ ଟଙ୍କା ହରିଲୁଟ କରୁଛି,ଦୀର୍ଘ ୧୦ବର୍ଷ ହେବ ମାଣ୍ଡୁକି, ଚକରପଡା ଦେଇ ଯାଇଥିବା କେନାଲ ରେ ପାଣି ଆସୁନାହିଁ। ହେଲେ ପ୍ରତ୍ୟେକ ବର୍ଷ ସରକାର ଙ୍କୁ ଜଳକର ଦେଉଛନ୍ତି ଚାଷୀ। ଅନେକ ସ୍ଥାନରେ ଘାସ ଓ ବୁଦା ଉଠି କେନାଲ ଟି ସଭା ହରେଇବାକୁ ବସିଲାଣି। ଅନ୍ୟ ଜଣେ ଚାଷୀ ମନୋଜ କାଣ୍ଡି କହିଛନ୍ତି ଅସ୍ତରଙ୍ଗ ବ୍ଲକ ନମାରୋ ଦେଇଯାଇଥିବା କେନାଲ ଏ ପର୍ଯ୍ୟନ୍ତ ସଫେଇ ହୋଇନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାଗରିକା ନାଥ...

ସାଗରିକା ନାଥଙ୍କ ଏନଆଇଏରେ ନିଯୁକ୍ତି ନେଇ କେନ୍ଦ୍ର ଗୃହମନ୍ତ୍ରଣାଳୟ ସଚିବ ସଞ୍ଜୀବ କୁମାର ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଏହା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ସାଗରିକାଙ୍କ ମୂଳଘର ଢେଙ୍କାନାଳ ଜିଲ୍ଲାରେ । ସେ କୋରାପୁଟ ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ ସ୍କୁଲରୁ ମାଟ୍ରିକ ପାସ୍ କରିଥିଲେ। ବିଶାଖାପାଟଣାରେ ଯୁକ୍ତଦୁଇ ପଢିବା ପରେ ଭୁବନେଶ୍ୱର ସିଇଟିରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ତେବେ ୟୁପିଏସ୍‌ସି ସିଭିଲ ସର୍ଭିସେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦୧୬ ମସିହାରେ ଭାରତୀୟ ପୋଲିସ ସେବାରେ ଯୋଗ ଦେଇଥିଲେ। ତାଙ୍କ ବାପା ପ୍ରଦୀପ କୁମାର ନାଥ ନାଲକୋରେ ଡିଜିଏମ୍ ରହିଥିଲେ। ସେହିପରି ତାଙ୍କ ଦାଦା ସୁଶାନ୍ତ ନାଥ ମଧ୍ୟ ଓଡ଼ିଶା କ୍ୟାଡର ଆଇପିଏସ୍। ସାଗରିକା ପୋଲିସ ଚାକିରିରେ ନିଷ୍ଠାପର ସେବା ଓ ସାହସିକତା ପାଇଁ ସାରା ଓଡ଼ିଶାରେ ବେଶ୍ ଲୋକପ୍ରିୟ। କମିଶନରେଟ ପୋଲିସରେ ଥିବାବେଳେ ନିଜର ଉତ୍ତମ ବ୍ୟବହାର ଓ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେ ଚର୍ଚ୍ଚାରେ ରହିଥିଲେ। ବର୍ତ୍ତମାନ ସେ ଖୋର୍ଦ୍ଧାର ଏସ୍‌ପି ଭାବେ କାର୍ଯ୍ୟ କରୁଛନ୍ତି। ଏହାପୂର୍ବରୁ ସେ ବାଲେଶ୍ୱର ଓ ସୁନ୍ଦରଗଡ଼ର ଏସ୍‌ପି ଭାବେ ମଧ୍ୟ କାର୍ଯ୍ୟକରି ପ୍ରଶଂସା ସାଉଁଟିଥିଲେ। ସେ ବ୍ୟସ୍ତବହୁଳ ଜୀବନରୁ ସମୟ ବାହାର କରି ବିଭିନ୍ନ ସାମାଜିକ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥାନ୍ତି। ବିଶେଷକରି କ୍ରୀଡ଼ା ଓ ସଂଗୀତ ପ୍ରତି ମଧ୍ୟ ତାଙ୍କର ରୁଚି ରହିଛି।

### ମୁଖ୍ୟମନ୍ତ୍ରୀଙ୍କ ସଭାରେ...



ଜଣେ ବ୍ୟକ୍ତି ଆସି ଫଟୋ ଉଠାଇଥିଲେ। କ୍ୟାମେରାମ୍ୟାନ୍ ଏହାର ବିରୋଧ କରିବାରୁ ସଂପୃକ୍ତ ବ୍ୟକ୍ତି ସାମ୍ବାଦିକଙ୍କ ମୋବାଇଲ ଛଡ଼ାଇ ନେଇଥିଲେ ଓ କ୍ୟାମେରାମ୍ୟାନଙ୍କୁ ମଧ୍ୟ ଧମକଚମକ ଦେଇ କ୍ୟାମେରାରେ ଥିବା ତଥ୍ୟ ଡିଲିଟ୍ ପାଇଁ କହିଥିଲେ। ହେଲେ ଏମାନେ ମନା କରିବାରୁ ବ୍ୟକ୍ତିଜଣକ କ୍ୟାମେରା ଛଡ଼ାଇ ନେଇ ଭାଙ୍ଗି ଦେଇଥିଲେ ଏବଂ ତାଙ୍କୁ ଆକ୍ରମଣ କରିଥିଲେ। ପରେ ସେଠାରେ ଉପସ୍ଥିତ ଥିବା ତାଙ୍କ ସମର୍ଥକମାନେ ମଧ୍ୟ ଆକ୍ରମଣ କରିଥିଲେ। ଏହି ଘଟଣାକୁ ସେଠାରେ ଉପସ୍ଥିତ ଥିବା ନେତା କି ମନ୍ତ୍ରୀ ବିରୋଧ କରିନଥିଲେ। ଏ ନେଇ ସାମ୍ବାଦିକ ଜଣକ ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଭାରେ ଯଦି ଜଣେ ସାମ୍ବାଦିକଙ୍କୁ ଆକ୍ରମଣ କରାଯାଇପାରୁଛି ତେବେ ସାଧାରଣ ଲୋକଙ୍କ କଥା କିଏ ପଚାରେ ବୋଲି ପ୍ରଶ୍ନ ଉଠୁଛି। ଏହି ଘଟଣାରେ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ବିଜେପି ସରକାର ଅମଳରେ ସାମ୍ବାଦିକମାନେ ମଧ୍ୟ ଅସୁରକ୍ଷିତ। ଏହି ଘଟଣାକୁ ସେ ତୀବ୍ର ନିନ୍ଦା କରିବା ସହ ତାଙ୍କ ଦଳର କର୍ମୀମାନେ କିପରି ସାମ୍ବାଦିକଙ୍କୁ ମାଡ଼ ମାରିପାରିଲେ ବୋଲି ପ୍ରଶ୍ନ କରିଛନ୍ତି। ରାଜ୍ୟରେ କି ପ୍ରକାର ଶାସନ ଚାଲିଛି ତାହା ଏଥିରୁ ଅନୁମେୟ ବୋଲି ଶ୍ରୀ ଦାସ କହିଛନ୍ତି। ସେହିପରି ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ରସାତଳକୁ ଗଲାଣି ବୋଲି ବିଜୁ ଜନତାଦଳ ମୁଖପାତ୍ର ଲେଲିନ ମହାନ୍ତି କହିଛନ୍ତି।

### ଆଖି ବୁଜିଲେ...

ରହୁନଥିବାରୁ ପୁନର୍ବାର ପୁରୀ ଜିଲ୍ଲା ପୋଲିସ ହେଡକ୍ୱାର୍ଟରର ଡିଏସ୍‌ପି ଏବଂ ବଲଙ୍ଗାଥାନା ଓଆଇସି ଦିଲ୍ଲୀଯାଇ ପୁନର୍ବାର ତାଙ୍କ ବୟାନ ରେକର୍ଡ କରିଥିଲେ। ଆଶା କରାଯାଉଥିଲା, ପୀଡ଼ିତା ଜଣକ ଏଭଳି ଏକ ଅଘଟଣରୁ ରକ୍ଷା ପାଇଯିବେ। ମାତ୍ର ଭଗବାନଙ୍କ ଇଚ୍ଛା ଅଲଗା ଥିଲା। ଶେଷରେ ସେ ନିଜ ଜୀବନ ହାରିଲେ। ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ସ୍ତବ୍ଧ କରି ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ପରଲୋକରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସୋସିଆଲ ମିଡିଆ ପୋଷ୍ଟ 'ଏକ୍ସ'ରେ ସେ ଉଲ୍ଲେଖ କରିଛନ୍ତି ଯେ ଦିଲ୍ଲୀରେ ବିଶେଷଜ୍ଞ ଡାକ୍ତରୀଦଳଙ୍କ ଅହୋରାତ୍ର ଚିକିତ୍ସା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା କରାଯାଇପାରିଲା ନାହିଁ । ତାଙ୍କ ଚିକିତ୍ସାପାଇଁ ରାଜ୍ୟ ସରକାର ସମସ୍ତ ବ୍ୟୟ ବହନ କରିଥିଲେ। ମୁଁ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି ଓ ଏହି ଅପୂରଣୀୟ କ୍ଷତିକୁ ସହିବା ପାଇଁ ତାଙ୍କ ପରିବାରଙ୍କୁ ଭଗବାନ ଶକ୍ତି ଦିଅନ୍ତୁ ବୋଲି ପ୍ରାର୍ଥନା କରୁଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି ଯେ ଘଟଣାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତଦନ୍ତ ନିଷ୍ପାର ସହ କରାଯାଇଛି। ତେବେ ତଦନ୍ତରୁ ଜଣାପଡ଼ିଛି ଯେ ଏହି ଘଟଣାରେ ଅନ୍ୟ କାହାରି ସଂପୃକ୍ତି ନାହିଁ । ତେଣୁ ଏପରି ଏକ ସ୍ଥିତିରେ କେହି ସମ୍ବେଦନଶୀଳ ମନ୍ତବ୍ୟ ନ ଦେବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଏତେସବୁ ସତ୍ତ୍ୱେ ବି ପୀଡ଼ିତାଙ୍କ ଦେହରେ କେଉଁ ପରିସ୍ଥିତିରେ ନିଆଁ ଲାଗିଲା ଓ କିଏ ତାଙ୍କ ଦେହରେ ନିଆଁ ଲଗାଇଲା ତାହା ଏପର୍ଯ୍ୟନ୍ତ ଭେଦ କରିବାରେ ପୋଲିସ କିମ୍ବା କ୍ରାଇମବ୍ରାଞ୍ଚ ସମର୍ଥ ହୋଇପାରିନାହିଁ। ଅନ୍ୟପକ୍ଷରେ ପୀଡ଼ିତାଙ୍କ ମୃତ୍ୟୁପରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଜି ଛକରୁ ରାଜଭବନ ରାସ୍ତାକୁ ସିଲ୍ କରାଯାଇଛି।

### ସମୃଦ୍ଧ ଓଡ଼ିଶା...

ଟଙ୍କା ପ୍ରଦାନ କରିଛନ୍ତି। ଇତ୍ୟବସରରେ ଭୁବନେଶ୍ୱର ଉପକଣ୍ଠ ସ୍ଥିତ ଆଇସିଏଆଇ-ସିଫା ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୩୪ ଲକ୍ଷ ୮୫ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀ ମାନଙ୍କୁ ୨,୦୦୦ ଟଙ୍କା ଲେଖାଏଁ ମୋଟ ୬୯୭ କୋଟି ଟଙ୍କା ପ୍ରଦାନ କରା ଯାଇଛି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ହେଉଛି ଲୋକଙ୍କ ସରକାର ଏବଂ ଚାଷୀ ଭାଇ ଭଉଣୀଙ୍କ ସରକାର । ଆମ ସରକାର ମାତ୍ର ବର୍ଷକ ମଧ୍ୟରେ ଆପଣମାନଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଆପଣମାନେ ଏହାର ସୁଫଳ ମଧ୍ୟ ପାଉଛନ୍ତି । ସିଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ପିଏମ୍ କିଷାନ ଓ ସିଏମ୍ କିଷାନକୁ ମିଶାଇ ଚାଷୀଭାଇମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି ଏହା ଆମ ପାଇଁ ଖୁସିର କଥା। ପି.ଏମ କିଷାନ ଯୋଜନାର ୨୦ତମ କିସ୍ତି ଚଳିତ ବର୍ଷ ଅପ୍ରେଲରୁ ଜୁଲାଇ ଅବଧି ପାଇଁ ପ୍ରଦାନ କରାଯାଉଛି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି । ଏହି ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି । ଏଥିରେ ସମସ୍ତ ଚାଷୀ- ସେ କ୍ଷୁଦ୍ରଚାଷୀ ହୁଅନ୍ତୁ ବା ମଧ୍ୟମ କିମ୍ବା ବଡ଼ ଚାଷୀ, ସମସ୍ତଙ୍କୁ ଏହାର ସୁଫଳ ମିଳୁଛି। ସହରାଞ୍ଚଳର ଚାଷୀମାନେ ମଧ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି।ଆଜିର ଏହି ଦିନକୁ ଆମେ 'ପି.ଏମ - କିଷାନ ଦିବସ' ଭାବରେ ସାରା ଦେଶ ତଥା ରାଜ୍ୟରେ ପାଳନ କରୁଛୁ । ଏଥି ସହିତ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତରେ ମଧ 'ପି.ଏମ- କିଷାନ ଦିବସ' ପାଳନ କରାଯାଉଛି । ଏହି ଅବସରରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ କୃଷକମାନଙ୍କ ମଧ୍ୟରେ ଆବଶ୍ୟକୀୟ ଯୋଗ୍ୟତା ସମ୍ପର୍କରେ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ପୁଣି କହିଥିଲେ ଯେ ପି.ଏମ୍ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ମୋର ଲକ୍ଷ୍ୟ । ରାଜ୍ୟର ସମସ୍ତ ବ୍ଲକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି । କୌଣସି ଯୋଗ୍ୟ ଚାଷୀ ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତୁ । ଆପଣମାନେ ଏବେ ଖରିଫ୍ ଫସଲ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଆପଣମାନଙ୍କ ପାଇଁ କରିଥିବା ଅନେକ ଯୋଜନାରୁ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା, ଯେଉଁଥିରେ ଆପଣମାନେ ସିଧାସଳଖ ଅର୍ଥରାଶି ପାଉଛନ୍ତି। ନିୟମିତ କୃଷି କାର୍ଯ୍ୟ ସହିତ ଆପଣ ମାନେ ଫସଲରେ ବିବିଧିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରନ୍ତୁ। ମତ୍ସ୍ୟ ଚାଷ, ପଶୁପାଳନ ଭଳି ଲାଭ ଦାୟକ କୃଷି କରନ୍ତୁ। ଏହାଦ୍ୱାରା ଅଧିକ ଅମଳ କରିପାରିବେ ଓ ଆର୍ଥିକ ସ୍ତରରେ ଲାଭବାନ ମଧ ହୋଇପାରିବେ। ଚାଷ କ୍ଷେତ୍ରରେ ଆପଣମାନଙ୍କ ରୋଜଗାର ଦୁଇଗୁଣିତ ନୁହେଁ ବରଂ ବହୁ ଗୁଣିତ ବୃଦ୍ଧି ହେବ। ଏହି ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କ ଯେଉଁ ଲକ୍ଷ୍ୟ ଅଛି, ତାହା ପୂରଣ ହେବ । ସେ ଆହୁରି କହିଥିଲେଯେ ସି.ଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ପି.ଏମ୍ କିଷାନ ଓ ସି.ଏମ୍ କିଷାନକୁ ମିଶାଇ ଚାଷୀଭାଇମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି । ସମୃଦ୍ଧ କୃଷକ ଯୋଜନାରେ ଆପଣମାନଙ୍କୁ ଆମେ ଧାନ କ୍ୱିଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରୁଛୁ। ଗତ ବର୍ଷ ଖରିଫରେ ପ୍ରାୟ ୧୭ ଲକ୍ଷ ଚାଷୀଙ୍କୁ ଆମେ ପାଖାପାଖି ୬ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛୁ । ସେହିପରି ରବି ଋତୁରେ ମଧ ୩ ଲକ୍ଷରୁ ଅଧିକା ଚାଷୀଙ୍କୁ ୧ ହଜାର ୬୦୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇବ । ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆପଣମାନେ ଭଲଭାବରେ ଜାଣିଛନ୍ତି । ତାଙ୍କ ନେତୃତ୍ୱରେ ଦେଶ ବର୍ତ୍ତମାନ ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା କରୁଛି । କୃଷି କ୍ଷେତ୍ରରେ ମଧ ଭାରତ ବିକଶିତ ରାଷ୍ଟ୍ରମାନଙ୍କ ସହିତ ଧିରେ ଧିରେ ସମକକ୍ଷ ହେଉଛି । ଆସନ୍ତୁ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ୍ ହେବା। ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନରେ ଆମର ଯୋଗଦାନ ରଖିବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ ଓଡ଼ିଶାକୁ ଏଗ୍ରିକଲଚର ଟୁଡ଼େ ପୁରସ୍କାର ମିଳିଛି । ୩୪,୮୫,୮୮୧ ଚାଷୀଙ୍କୁ ୬୯୭ କୋଟି ଟଙ୍କା ଦିଆଯାଉଛି । ଏହି ରାଶିରେ ଚାଷୀ ମାନେ ବିହନ ସାର କିଣିବେ । ରାଜ୍ୟ ସରକାର କୃଷକଙ୍କ ଆୟ କୁ ଦୁଇଗୁଣା କରିବା ପାଇଁ ଚେଷ୍ଟିତ । ଧାନର କ୍ରୟ ମୂଲ୍ୟ ୩୧୦୦ ଟଙ୍କା କରି ଚାଷୀଙ୍କ ଆୟ ବଢାଇଛୁ। ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ, ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଡେପୁଟି ଡାଇରେକ୍ଟର ଜେନେରାଲ ଆଇ.ସି.ଏ.ଆଇ ଡକ୍ଟର ଜେ.କେ ଜେନା, ଡାଇରେକ୍ଟର ଆଇ.ସି.ଏ.ଆଇ ସିଫା ଡକ୍ଟର ପି.କେ ସାହୁ, ଡାଇରେକ୍ଟର, ଉଦ୍ୟାନ କୃଷି ସୁବ୍ରତ କୁମାର ପଣ୍ଡା, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଓ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ।

### ୧୦୦ ଟପିଲା...

ବୋଲି ଆଶା କରାଯାଉଛି। ଦ୍ୱିତୀୟ ରାଜନୈତିକ ଦଳଭାବେ ରାଜ୍ୟସଭାରେ ବିଜେପି ସାଂସଦଙ୍କ ସଂଖ୍ୟା ୧୦୦ ପାର କରିଛି। ଏହାପୂର୍ବରୁ ୧୯୮୮ରୁ ୧୯୯୦ ଭିତରେ କଂଗ୍ରେସ ନିକଟରେ ଏହି ସଂଖ୍ୟା ରହିଥିଲା। ୨୦୨୨ରେ ବିଜେପି ସଂସଦରେ ସେଞ୍ଚୁରୀ ମାରିଥିଲା। ରାଜ୍ୟସଭାରେ ସାଂସଦଙ୍କ ସଂଖ୍ୟା ୯୭ରୁ ବଢି ୧୦୧ରେ ପହଞ୍ଚିଥିଲା। ଏବେ ୩ ବର୍ଷ ପରେ ପୁଣିଥରେ ଏହି ସଂଖ୍ୟା ବୃଦ୍ଧି ପାଇଛି। ବିଜେପି ସହିତ ଏହାର ସହଯୋଗୀ ଦଳକୁ ମିଶାଇ ଏନଡିଏ ପାଖରେ ଏବେ ରାଜ୍ୟସଭାରେ ୧୩୪ ସାଂସଦ ରହିଛନ୍ତି। ଯାହା ବହୁମତଠାରୁ ବହୁ ଅଧିକ। ରାଜ୍ୟସଭାରେ ମୋଟ ସଦସ୍ୟଙ୍କ ସଂଖ୍ୟା ୨୪୫। ବର୍ତ୍ତମାନ ରାଜ୍ୟସଭାରେ ୧୨ଜଣ ମନୋନିତ ସଦସ୍ୟଙ୍କ ସହ ୨୪୦ଜଣ ସାଂସଦ ଅଛନ୍ତି। ଆହୁରି ୫ଟି ଆସନ ଖାଲି ପଡ଼ିଛି। ୭୨ ବର୍ଷୀୟ ଉଜ୍ଜ୍ୱଳ ନିକମ ୨୬/୧୧ ମୁମ୍ବାଇ ଆକ୍ରମଣ ଘଟଣାରେ କସବର ସରକାରୀ ଓକିଲ ଥିଲେ। ହର୍ଷବର୍ଦ୍ଧନ ସିଙ୍ଗଲା ୨୦୨୦ରୁ ଏପ୍ରିଲ ୨୦୨୨ ପର୍ଯ୍ୟନ୍ତ ବୈଦେଶିକ ସଚିବ ରହିଥିଲେ। ସେହିପରି ସି.ସଦାନନ୍ଦନ ମାଷ୍ଟର ଜଣେ ସାମାଜିକ କର୍ମୀ ଏବଂ ଶିକ୍ଷକ, ଯିଏକି ରାଜ୍ୟସଭା ସଦସ୍ୟ ହେବାପରେ ଦଳର ସଂଖ୍ୟା ବୃଦ୍ଧି ପାଇଛି। ଇତିମଧ୍ୟରେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ତାରିଖ ଘୋଷଣା ସରିଛି। ସେପ୍ଟେମ୍ବର ୯ରେ ଭୋଟଗ୍ରହଣ କରାଯିବ। ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ପରେ ଏହି ପଦବୀ ଖାଲି ପଡ଼ିଛି। ତେବେ ବିଜେପି ଏହି ନିର୍ବାଚନରେ ବାଜିମାତ କରିବା ସହ ଉପରାଷ୍ଟ୍ରପତି ପଦ ନିଜ ପାଖରେ ରଖିବାକୁ ଚାହିଁବ ବୋଲି କୁହାଯାଉଛି।

## ଟ୍ରମ୍ପଙ୍କ ମୃତ ଅର୍ଥନୀତି ଉପରେ ମୋଦୀଙ୍କ କଡ଼ା ଜବାବ
# ଦେଶବାସୀଙ୍କୁ ସ୍ୱଦେଶୀ ଗ୍ରହଣ କରିବାକୁ ଆହ୍ୱାନ



ନୂଆଦିଲ୍ଲୀ : ବିଶ୍ୱ ଅର୍ଥନୀତି ଅନେକ ଆଶଙ୍କା ଦେଇ ଏବେ ଗତି କରୁଛି। ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ଆଡକୁ ଗତି କରୁଛି ଭାରତ। କିନ୍ତୁ ଏବେଠୁ ଆମ ସମସ୍ତଙ୍କୁ ସତର୍କ ରହିବାକୁ ପଡ଼ିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଅର୍ଥନୀତିକୁ ମୃତ ଅର୍ଥନୀତି ଭାବେ କହିବା ପରେ ଏହାର କଡ଼ା ଜବାବ ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଦେଶବାସୀଙ୍କୁ ସ୍ୱଦେଶୀ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। ମୋଦୀ କହିଛନ୍ତି, ଏବେ ସମୟ ଆସିଛି, ପ୍ରତ୍ୟେକ ଭାରତୀୟ ପ୍ରତ୍ୟେକ କ୍ରୟରେ ଦେଶର ସ୍ୱାର୍ଥକୁ ପ୍ରାଥମିକତା ଦେବା ଜରୁରି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଭାରତର ଅର୍ଥନୀତିକୁ ମୃତ ଅର୍ଥନୀତି କହି ଆମକୁ ତାଚ୍ଛଲ୍ୟ କରିଛନ୍ତି। ବାରାଣସୀରୁ ପ୍ରଧାନମନ୍ତ୍ରୀ ସ୍ପଷ୍ଟଭାବେ କହିଥିଲେ ଯେ ଏବେ ଭାରତ ମଧ୍ୟ ପ୍ରତ୍ୟେକ ସାମଗ୍ରୀ ପାଇଁ କେବଳ ଗୋଟିଏ ସ୍କେଲ ବ୍ୟବହାର କରିବ। ଅର୍ଥାତ ଭାରତୀୟ ଝାଳରୁ ତିଆରି ସାମଗ୍ରୀ ଭାରତୀୟମାନେ ବ୍ୟବହାର କରିବେ। ଦେଶର ପ୍ରତ୍ୟେକ ନାଗରିକ, ପ୍ରତ୍ୟେକ ବ୍ୟବସାୟୀ ଓ ପ୍ରତ୍ୟେକ ଗ୍ରାହକ ଏହି ମନ୍ତ୍ର ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେହି ମନ୍ତ୍ର ହେଉଛି, ଆମେ କେବଳ ଯାହା କିଣିବୁ ତାହା ଭାରତରେ ତିଆରି ହୋଇଥିବା ଉଚିତ୍। ଭାରତକୁ ତୃତୀୟ ବୃହତ୍ତମ ଅର୍ଥନୀତି କରିବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ଭାରତୀୟଙ୍କ ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଆଜି ବିଶ୍ୱ ଅର୍ଥନୀତି ଅନେକ ଆଶଙ୍କା ମଧ୍ୟଦେଇ ଗତି କରୁଛି। ସାରା ବିଶ୍ୱରେ ଅସ୍ଥିରତାର ବାତାବରଣ ସୃଷ୍ଟି ହୋଇଛି। ଏପରି ସ୍ଥିତିରେ ବିଶ୍ୱର ଦେଶଗୁଡ଼ିକ ନିଜ ସ୍ୱାର୍ଥ ସାଧନରେ ଧ୍ୟାନ ଦେଉଛନ୍ତି। ଭାରତ ମଧ୍ୟ ବିଶ୍ୱର ତୃତୀୟ ଅର୍ଥନୀତି ହେବାକୁ ଯାଉଛି। ତେଣୁ ଭାରତକୁ ମଧ୍ୟ ଏହାର ଆର୍ଥିକ ସ୍ୱାର୍ଥପ୍ରତି ସତର୍କ ରହିବାକୁ ପଡ଼ିବ ବୋଲି ସେ କହିଥିଲେ। ଭାରତକୁ ଏହାର ଚାଷୀ, କ୍ଷୁଦ୍ରଶିଳ୍ପ, ଯୁବପିଢି ଏବଂ ନିଯୁକ୍ତି ଭଳି ପ୍ରସଙ୍ଗକୁ ମଧ୍ୟ ପ୍ରାଥମିକତା ଦେବାକୁ ପଡ଼ିବ। ଆମେ କେବଳ ସେହି ସାମଗ୍ରୀ କିଣିବୁ ଯାହା ଭାରତରେ ତିଆରି। ଭାରତୀୟ କୌଶଳରେ ପ୍ରସ୍ତୁତ ଏବଂ ଭାରତୀୟ ହାତରେ ମଧ୍ୟ ପ୍ରସ୍ତୁତ। ଏହା ହିଁ ଆମପାଇଁ ପ୍ରକୃତ ସ୍ୱଦେଶୀ। ସେ କହିଥିଲେ, ଏହା ପ୍ରତ୍ୟେକ ନାଗରିକ ବୁଝି ସେ ଦିଗରେ କାର୍ଯ୍ୟ କରିବା ଜରୁରି। ସରକାର ମଧ୍ୟ ଏ ଦିଗରେ ସମସ୍ତ ପ୍ରୟାସ କରୁଛନ୍ତି। କେବଳ ମୋଦୀ ନୁହେଁ, ଭାରତର ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ ଦେଶର ହିତପାଇଁ ଏକ ଭାବନା ଜାଗ୍ରତ କରିବାକୁ ପଡ଼ିବ। ଏହା ହେଉଛି ସଂକଳ୍ପ। ଆମକୁ ସ୍ୱଦେଶୀ ଗ୍ରହଣ କରିବାକୁ ପଡ଼ିବ। ସେ ସ୍ପଷ୍ଟଭାବେ କହିଥିଲେ ଯେ ଭୋକାଲ ଫର ଲୋକାଲ ଏବଂ ମେକ୍ ଇନ୍ ଇଣ୍ଡିଆକୁ କେବଳ ସ୍ଲୋଗାନ ନୁହେଁ, ବରଂ ବ୍ୟବହାରିକ ଜୀବନର ଏକ ଅଂଶ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଏହି ସଭାରେ ମୋଦୀ ଅପରେସନ ସିନ୍ଦୂର ଉପରେ ମଧ୍ୟ ଆଲୋଚନା କରିଥିଲେ। ସେ କହିଥିଲେ, ଆମେ ଯାହା କହିଥିଲୁ ତାହା କରି ଦେଖାଇଛୁ। ଏଥିଲାଗି ଆମର ସମସ୍ତ କାର୍ଯ୍ୟକୁ ଆମେ ମହାଦେବଙ୍କୁ ଅର୍ପଣ କରିଛୁ। ସେ ଆମକୁ ଏହିସବୁ ବିପଦରୁ ରକ୍ଷା କରିବେ ବୋଲି ମୋଦୀ କହିଥିଲେ।

## ମହାନଦୀ ବିବାଦର ଆପୋଷ ଆଲୋଚନା କେଉଁ ଆଧାରରେ ହେବ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ: ଦେବୀ ମିଶ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାନଦୀ ବିବାଦ ନେଇ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କୁ ଚିଠିକୁ ନେଇ ବିଜେଡି ଉପସଭାପତି ଦେବୀ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ସେମାନେ କେଉଁ ଆଧାରରେ ଆପୋଷ ସମାଧାନ କଥା କହୁଛନ୍ତି,ଓଡ଼ିଶାର ସ୍ୱାର୍ଥ ପରିପ୍ରେକ୍ଷୀରେ ଆପୋଷ ସମାଧାନ ପାଇଁ କଣ ଲେଖିଛନ୍ତି, କେଉଁ ବିନ୍ଦୁ ଉପରେ ଓଡ଼ିଶା ସରକାର ନିଜର ଆଭିମୁଖ୍ୟ ଜଣାଇଛନ୍ତି, ଏହା ଓଡ଼ିଶା ସ୍ୱାର୍ଥ ପରିପନ୍ଥୀ ନୁହେଁ ତ ? ଏ ସବୁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବା ଦରକାର। ମୁଖ୍ୟମନ୍ତ୍ରୀ ଚିଠି ଲେଖିବା ପରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଚାର କରିବେ ବୋଲି କହିଛନ୍ତି, ଏପର୍ଯ୍ୟନ୍ତ ଆପୋଷ ସମାଧାନ କଥା ବି କେଉଁଠି କହିନାହାନ୍ତି। କିନ୍ତୁ ଏହା ପରେ ବି ଟ୍ରିବୁନାଲ ରେ କେସ ଚାଲିଥିବା ବେଳେ ଆପୋଷ ଆଲୋଚନା କେଉଁ ଆଧାରରେ ଚାହୁଁଛନ୍ତି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବା ଆବଶ୍ୟକ ବୋଲି କହିଛନ୍ତି ଦେବୀ ମିଶ୍ର। ୨୪ ତାରିଖରେ ନବୀନ ପଟ୍ଟନାୟକ ଏକଥା କହିବା ପରେ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ। କଣ କଣ ପଦକ୍ଷେପ ନେଉଛନ୍ତି, କଣ ଆପୋଷ ସମାଧାନ, କେଉଁ ବିନ୍ଦୁ ଉପରେ ସରକାର ନିଜର ଆଭିମୁଖ୍ୟ ଜଣାଇ ଛନ୍ତି ତାହା ସ୍ପଷ୍ଟ ହେବା ଆବଶ୍ୟକ।

**NOTICE (Above 18 years of age)**

By virtue of an affidavit sworn before the Executive Magistrate, Bhubaneswar, dated: 02.07.2025, I Alseba Pradhan, Address: At-Trinath Basti, Back of Nabard Bank, IRC Village, Nayapalli, Bhubaneswar, declare that I have changed my name from Alseba Digal to Alseba Pradhan. Henceforth, I shall be known as Alseba Pradhan for all purposes.
Sd/- Alseba Pradhan

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 01.08.2025, I Padmalochan Kar, Address: At- Sarapada, Po- Herekrushnapur, Ps-Itamati, Dist- Nayagarh, Odisha, PIN-752068, declare that I have changed my daughter's name from Sital Priyadarshini Kar to Pratyasha Priyadarshini Kar. Henceforth, She shall be known as Pratyasha Priyadarshini Kar for all purposes.
Sd/- Padmalochan Kar

## ଅପରେସନ ଅଖାଲ: ୩ ଆତଙ୍କୀ ନିହତ

ଶ୍ରୀନଗର: ଜାମ୍ମୁ ଓ କାଶ୍ମୀରର କୁଲଗାମ ଜିଲ୍ଲାରେ ସୁରକ୍ଷାବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ତୀବ୍ର ଗୁଳି ବିନିମୟ ଜାରି ରହିଛି। ଏହି ଆତଙ୍କବାଦୀମାନେ ଲସ୍କର-ଏ-ତୋଇବା ସହ ଜଡ଼ିତ ଏବଂ ପହଲଗାମ ଆକ୍ରମଣରେ ସଂପୃକ୍ତ ଥିଲେ ବୋଲି ସୂଚନା ମିଳିଛି। ଏହି ଘଟଣାଟି କୁଲଗାମର ଅଖାଲ ଜଙ୍ଗଲ ଅଞ୍ଚଳରେ ଘଟିଛି। ଭାରତୀୟ ସେନା, ସିଆରପିଏଫ ଏବଂ ଜାମ୍ମୁକାଶ୍ମୀର ପୋଲିସ ମିଳିତ ଭାବେ ଏହି ଅଭିଯାନ ଜାରି ରଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗୁଇନ୍ଦା ସୂଚନା ଆଧାରରେ ଅଖାଲ ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ସୁରକ୍ଷାବାହିନୀ ସାରା ଅଞ୍ଚଳକୁ ଘେରିଯାଇ ତଲାସୀ ଆରମ୍ଭ କରିଥିଲେ। କିନ୍ତୁ ଆତଙ୍କବାଦୀମାନେ ପ୍ରଥମେ ସେନା ଉପରକୁ ଗୁଳି ଚଳାଇଥିଲେ। ସୁରକ୍ଷାକର୍ମୀ ମଧ୍ୟ ପାଲଟା ଜବାବ ଦେଇଥିଲେ। ଏହି ଆକ୍ରମଣରେ ୩ ଆତଙ୍କୀ ନିହତ ହୋଇଥିବାବେଳେ ଆହୁରି ୩ରୁ ୪ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି। ସେମାନେ ଏବେ ସେନାର ଘେରାବନ୍ଦୀରେ ଫସିଛନ୍ତି। ଅଭିଯାନକୁ ଆହୁରି ଶାଣିତ କରିବା ପାଇଁ ସେନା ପକ୍ଷରୁ ଅତିରିକ୍ତ ସୈନ୍ୟ ଏବଂ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ନିରୀକ୍ଷଣ କରାଯାଉଛି। ଏହି ଅଭିଯାନ ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣ ପରେ ଆରମ୍ଭ ହୋଇଛି। ୩ ଆତଙ୍କୀଙ୍କ ନିକଟରୁ ୧୭ଟି ଗ୍ରେନେଡ, ଗୋଟିଏ ଏମ-୪ କାର୍ବାଇନ ଓ ୨ଟି ଏକେ-୪୭ ରାଇଫଲ ଜବତ କରାଯାଇଛି। ସୁରକ୍ଷାକର୍ମୀମାନେ ଆତଙ୍କବାଦୀଙ୍କୁ ହତ୍ୟା କରିବା ପାଇଁ ସମସ୍ତ ଉପାୟ ଅବଲମ୍ବନ କରୁଛନ୍ତି। ସୂଚନାଯୋଗ୍ୟ ଯେ ଗତ ଏକସପ୍ତାହ ମଧ୍ୟରେ ଜାମ୍ମୁ ଓ କାଶ୍ମୀରରେ ଏହା ତୃତୀୟ ବଡ଼ ଆତଙ୍କୀବିରୋଧୀ ଅଭିଯାନ। ଏହାପୂର୍ବରୁ ଦାଚିଗାମ ଜାତୀୟ ଉଦ୍ୟାନ ନିକଟରେ ୩ଜଣ ପାକିସ୍ତାନୀ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଥିଲା। ଏହି ଆକ୍ରମଣରେ ନିହତ ସମସ୍ତ ଆତଙ୍କବାଦୀ ପହଲଗାମ ଆକ୍ରମଣରେ ସଂପୃକ୍ତ ଥିଲେ ବୋଲି କୁହାଯାଉଛି।

**Government of Odisha "e" procurement Notice** B-347

OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT

Bid Identification No. S.E (R&B) KPT- 09/ 2025-26

1. Name of the work: Building works
2. Total No. of works: 05 Nos.
3. Estimated cost: Rs. 5.04 to 48.35 Lakhs
4. Period of completion: 01 (One) Month to 04 (Four) Months
5. Date & Time of availability of bid document in the portal: From 05.08.2025 at 11.00 hours to 16.08.2025 upto 17.00 hours
6. Last date/ Time for receipt of bids in the portal: 16.08.2025 upto 17.00 hours
7. Date of opening of Tender: 18.08.2025 at 12.00 hours
8. Name and address of the Officer Inviting Bid: Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in

OIPR 34096/11/0027/2526
Sd/-Superintending Engineer
Koraput (R&B) Division

**GOVERNMENT OF ODISHA** A-461
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SUNDARGARH IRRIGATION DIVISION, SUNDARGARH
ଅଧିକ୍ଷଣ ଯନ୍ତ୍ରୀ, ସୁନ୍ଦରଗଡ଼ ଜଳସେଚନ ବିଭାଜନ, ସୁନ୍ଦରଗଡ଼
E.mail-ID- irreesng@yahoo.in / irreesng@gmail.com
'e' Procurement for Civil Works
Bid-Identification No. SID-02/2025-26 (On-line), Dt.02.08.2025
Letter No. 9552 Dt.02.08.2025

1 No. of works :- Four (04 Nos.)
2 Estimated Cost :- Rs.7.16 Lakh to Rs.10.38 Lakh
3 Period of completion :- Four (04) to Five (05) Calendar Months
4 Date & Time of availability :- Dt.07.08.2025 at 10:00 AM to Dt.22.08.2025 up to 5:30 PM
5 Last date/Time for receipt of bids in the portal :- Dt.22.08.2025 up to 5:30 PM
6 Date and time of opening of tender :- Dt.25.08.2025 at 11:00 AM

Further details can be seen from the State Govt. Portal:- www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

OIPR 32134/11/0010/2526
Sd/-Superintending Engineer
Sundargarh Irrigation Division
Sundargarh

**ODISHA HYDRO POWER CORPORATION LTD.**
(A Government of Odisha Undertaking) CAD-1375
CIN: U40101OR1995SGC003963
Regd. Office:OHPC CORPORATE OFFICE, BHOINAGAR, JANPATH, BHUBANESWAR –751022
Phone: 91 -0674-2542983, 2542802, 2545526, 2542826

OHPC: TECH: C&P:20/2025-26/6030 Date: 30.07.2025

E-PROCUREMENT / TENDER CALL NOTICE NO. 03/2025-26
INVITATION FOR BID (IFB)

OHPC Ltd., Bhubaneswar, invites percentage rate bids in double cover system (Cover-I Technical Bid and Cover-II Price bid) for the work as detailed below through 'e'-procurement. The bids should be submitted 'online' in https://tendersodisha.gov.inby the "B" & "C" Class of contractors registered with the State Government and contractors of equivalent grade/class registered with Central Government / Railways / MES having registration for execution of civil works on production of definite proof from the appropriate authority. The bidders should have necessary portal enrolment with their own valid Digital Signature Certificate. The bidder must possess compatible digital signature certificate (DSC) of class -II or class -III.

| Name of the work | Value of work put to tender (in □) | E.M.D. (in □) (Online) | Cost of bid document (Online) | Class of Bidder | Period of completion (in calendar month) |
|---|---|---|---|---|---|
| "Development of Reception Lobby & Portico at OHPC Corporate Office Building, Janpath, Bhoinagar, Bhubaneswar" | 35,05,619.00 | 36,000/- | 7,080/- (Rs.6,000+18% GST) | "B" & "C" Class | 03 months |

Date & Time of availability of bid document in the portal: From 11:00 Hrs of Dt. 06/08/2025 to 12:00 Hrs of Dt. 18/08/2025
Last date & time of submission of bid: Up to 12:00 Hrs of Dt. 18/08/2025
The date &time of opening of the Technical bid: 12:00 Hrs onwards of Dt.19/08/2025

Further details can be seen from the e-procurement portal https://tendersodisha.gov.in

OIPR 04012/11/0042/2526
Sd/-C & P Head

**GOVERNMENT OF ODISHA** O-530
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR

No:-Tender – Online – BBSR Divn. – 10 Date :- 01.08.2025

e-Procurement NOTICE

1. Name of the work : Constn. of building work
2. Total No. of Building : 1 No. of Building
3. Class of contractor
 a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
 b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
 c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs. 40.56 lakh
5. Time for completion : 4 (Four) calendar months
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Additional Chief Engineer, Rural Works Division, Bhubaneswar. | Tender Online – BBSR Divn. - 10 | 06.08.2025 at 11.00 A.M. | 13.08.2025 up to 5.00 P.M | 14.08.2025 at 11.00 A.M. |

Further details can be seen from the website www.tendersorissa.gov.in

OIPR 25066/11/0009/2526
Sd/- Additional Chief Engineer
Rural Works Divn. BBSR

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ** IDFC FIRST Bank
(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
ସିଆଇଏନ: ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ୍‌ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ

ନିମ୍ନଲିଖିତ ଋଣଗ୍ରହୀତା ଓ ସହ -ଋଣ ଗ୍ରହୀତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ଋଣଗ୍ରହୀତା ଓ ସହ- ଋଣ ଗ୍ରହୀତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୧ | ୧୧୨୫୩୪୮୦୮ | ସମ୍ପତ୍ତି ବଦଳରେ ଋଣ | ୧୬.୦୭.୨୦୨୫ | ୫,୦୭,୬୮୮.୮୦/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ସୁନୀଲ ଦଳାଇ, ୨. ପର୍ଶୁରାମ ଦଳାଇ

ସମ୍ପତ୍ତି ଠିକଣା: ସମ୍ପତ୍ତିର ଅଂଶ ଓ ଖଣ୍ଡବିଶେଷ ଯାହାକି ପୁରୀ ଜିଲ୍ଲାରେ ଅବସ୍ଥିତ, ଏସଆର-ବ୍ରହ୍ମଗିରି, ତହସିଲ- ବ୍ରହ୍ମଗିରି, ଥାନା- ବ୍ରହ୍ମଗିରି, ନଂ ୨୧୧, ମୌଜା- ରାମେଶ୍ୱରପୁର, ଖାତା ଅଧୀନ ନଂ ୨୬୬/୩୪୨, ପ୍ଲଟ୍ ନଂ ୬୨୭, ଏରିଆ ଏ.୦.୧୦୦ ଡିସିମିଲ, ଯୋଗାଯୋଗ ଖାତା ନଂ- ୮୮, ପ୍ଲଟ ନଂ ୬୨୭, ଏରିଆ- ଏ.୦.୧୦୦ ଡିସିମିଲ, ଯାହାକି ଏ.୦.୨୦୦ ଡିସିମିଲ ମଧ୍ୟରୁ ଏବଂ ବାଉଣ୍ଡାରୀ: ପୂର୍ବ- ମହନ୍ତ ଦଳାଇ, ପଶ୍ଚିମ- ମଙ୍ଗୁଲି ଦଳାଇ, ଉତ୍ତର- ରାସ୍ତା, ଦକ୍ଷିଣ- ଶରତ ଚନ୍ଦ୍ର ଦଳାଇ।

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

ସ୍ୱା/-
ଅଧିକୃତ ଅଧିକାରୀ
ତାରିଖ: ୦୩.୦୮.୨୦୨୫
ସ୍ଥାନ: ଓଡିଶା
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)



ମୁମ୍ବାଇ: ବମ୍ବେ ହାଇକୋର୍ଟ କହିଛନ୍ତି ଯେ ଛାଡପତ୍ର ପ୍ରକ୍ରିୟା ସମୟରେ ଜଣେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଲଗାଇଥିବା ନପୁଂସକତାର ଅଭିଯୋଗ ମାନହାନି ନୁହେଁ ଏବଂ ମହିଳାଙ୍କ ସ୍ୱାର୍ଥ ରକ୍ଷା ପାଇଁ କରାଯାଇଥିବା ଏପରି ଦାବି ଆଇନଗତ ପ୍ରକ୍ରିୟାର ଏକ ଆବଶ୍ୟକୀୟ ଅଂଶ। ୧୭ ଜୁଲାଇରେ ଏକ ଆଦେଶରେ, ଜଷ୍ଟିସ ଏସ ଏମ ମୋଦକ ଜଣେ ପୁରୁଷଙ୍କ ଆବେଦନକୁ ଖାରଜ କରି କହିଥିଲେ ଯେ ହିନ୍ଦୁ ବିବାହ ଆଇନ ଅନୁଯାୟୀ ନପୁଂସକତାର ଅଭିଯୋଗ ଅତ୍ୟନ୍ତ ପ୍ରାସଙ୍ଗିକ ଏବଂ ଛାଡପତ୍ର ପାଇଁ ଏକ ବୈଧ କାରଣ ହୋଇପାରେ। ଯଦିଓ ୧୭ ଜୁଲାଇରେ ଏହି ଆଦେଶ ଦିଆଯାଇଥିଲା, କିନ୍ତୁ ଶୁକ୍ରବାର ଏହାକୁ ସାର୍ବଜନୀନ କରାଯାଇଥିଲା। ପ୍ରକୃତରେ, ତାଙ୍କ ସ୍ତ୍ରୀଙ୍କଠାରୁ ଅଲଗା ଥିବା ପୁରୁଷ ଏକ ମାନହାନି ମାମଲା ଦାୟର କରିଥିଲେ। ଜଷ୍ଟିସ ମୋଦକ କହିଛନ୍ତି ଯେ ପତ୍ନୀଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ ବିବାହରେ ତାଙ୍କ ଉପରେ ନିଷ୍ଠୁରତାର ଶିକାର ହୋଇଥିବା ପ୍ରମାଣ କରିବା ପାଇଁ ଏହି ଅଭିଯୋଗ କରିବାର ଅଧିକାର ଅଛି। ଆଦେଶରେ କୁହାଯାଇଛି ଯେ ନପୁଂସକତାର ଅଭିଯୋଗକୁ ଛାଡପତ୍ର ପାଇଁ ଏକ କାରଣ କରାଯିବା ଆବଶ୍ୟକ।

# ଶ୍ରୀନଗରରେ ଚିନାର୍ ପୁସ୍ତକ ମହୋତ୍ସବ ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ



ଶ୍ରୀନଗର: ଆମର ବୌଦ୍ଧିକ ଐତିହ୍ୟକୁ ପୁର୍ନଜୀବିତ କରିବା ସହ ସେଗୁଡ଼ିକୁ ସମସାମୟିକ ଶୈକ୍ଷିକ ଚିନ୍ତାଧାରାରେ ସଂଯୁକ୍ତ କରିବା ପାଇଁ ପୁସ୍ତକ, ଶିକ୍ଷା ଏବଂ ଜ୍ଞାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଜମ୍ମୁ ଏବଂ କାଶ୍ମୀରକୁ ଜ୍ଞାନ ଓ ଗବେଷଣାର ଏକ କେନ୍ଦ୍ରରେ ପରିଣତ କରାଯାଉଛି ବୋଲି ଶନିବାର ଜମ୍ମୁ-କାଶ୍ମୀରର ଶ୍ରୀନଗରରେ ଆୟୋଜିତ ଦ୍ୱିତୀୟ ଚିନାର ପୁସ୍ତକ ମହୋତ୍ସବକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଏବଂ ଏନସିପୁଲ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜମ୍ମୁ ଏବଂ କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଚିନାର ପୁସ୍ତକ ମହୋତ୍ସବ କେବଳ ଏକ ସାହିତ୍ୟିକ ସମାବେଶ ନୁହେଁ, ଏହା ଏକ ସାହସିକ ବକ୍ତବ୍ୟ ଏବଂ ସଭ୍ୟତା ଜାଗରଣ ଦିଗରେ ଏକ ମହାନ ପ୍ରୟାସ । ଏହା ଜମ୍ମୁ ଏବଂ କାଶ୍ମୀରର ବୌଦ୍ଧିକ ଐତିହ୍ୟର ଏକ ଉତ୍ସବ । ଜମ୍ମୁ ଏବଂ କାଶ୍ମୀରର ପବିତ୍ର ଭୂମିରେ ୨ରୁ ୧୦ ଅଗଷ୍ଟ ତଥା ୯ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସାଂସ୍କୃତିକ ଏବଂ ବୌଦ୍ଧିକ କାର୍ଯ୍ୟକ୍ରମ ଚଳିତବର୍ଷ ମଧ୍ୟ ରାଜ୍ୟର ସାହିତ୍ୟ, କଳା ଏବଂ ସଂସ୍କୃତିର ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଏବଂ ଅନୁଗାମୀ ପ୍ରେରଣା ଦେବ । ଜମ୍ମୁ ଏବଂ କାଶ୍ମୀର ହେଉଛି ଭାରତର ମୁକୁଟ । ଏହି ପବିତ୍ର ଭୂମି ସର୍ବଦା ଶିକ୍ଷାର ଏକ ସ୍ଥାନ ଏବଂ ଆମର ଆଧାତ୍ମିକ ଏବଂ ଦାର୍ଶନିକ ପରମ୍ପରାର ଏକ ମଶାଲବାହକ ହୋଇଆସିଛି । ସ୍ମାର୍ଟ ଶ୍ରେଣୀଗୃହରୁ ଆଇଆଇଟି, ଆଇଆଇଏମ, ଏମ୍ସ ଏବଂ ଅନ୍ୟାନ୍ୟ ଉଚ୍ଚମାନର ପ୍ରତିଷ୍ଠାନ ଜମ୍ମୁ ଏବଂ କାଶ୍ମୀରର ଦୃଶ୍ୟପଟ୍ଟକୁ ପରିବର୍ତ୍ତିତ କରିଛି । ଚିନାର ପୁସ୍ତକ ମହୋତ୍ସବର ପରମ୍ପରାକୁ ଅବ୍ୟାହତ ରଖିବା ପାଇଁ ଏନବିଟି ଏବଂ ଜମ୍ମୁ ଓ କାଶ୍ମୀର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି । ଶ୍ରୀନଗର ବ୍ୟତୀତ ଜମ୍ମୁ ସଂସ୍କରଣ ମଧ୍ୟ ପୁସ୍ତକ ମହୋତ୍ସବର ଏକ ଅଂଶବିଶେଷ ହେବା ଉଚିତ । ଆମେ ଜମ୍ମୁ-କାଶ୍ମୀରରେ ପୁସ୍ତକ, ସାହିତ୍ୟ, ଭାଷା, ଶିକ୍ଷା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ଏନବିଟି ନେତୃତ୍ୱାଧୀନ ପାଠାଗାର ଆନ୍ଦୋଳନ ସୃଷ୍ଟି କରିପାରିବା । ସେ କହିଥିଲେ ପୁସ୍ତକ ମହୋତ୍ସବର ମହାନ ସର୍ବସଫଳତା କାମନା କରୁଛି । ସ୍ଥାନୀୟ ଲୋକଙ୍କୁ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ପୁସ୍ତକର ବିଶାଳ ଉତ୍ସବରେ ସାମିଲ ହେବା ପାଇଁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି ।

# ପୁଣି ଆରମ୍ଭ ହେଲା କେଦାରନାଥ ଯାତ୍ରା




ରୁଦ୍ର ପ୍ରୟାଗ: ଉତ୍ତରାଖଣ୍ଡ ସ୍ଥିତ ଭଗବାନ ଶିବଙ୍କ ୧୧ତମ ଜ୍ୟୋତିର୍ଲିଙ୍ଗ ବାବା କେଦାରନାଥ ଧାମର ଯାତ୍ରା ଶନିବାର ପୁଣି ଆରମ୍ଭ ହୋଇଛି । ପାଦଚଲା ରାସ୍ତାରେ ଭୂସ୍ଖଳନ ଯୋଗୁଁ ଏହି ଯାତ୍ରା ଅନେକ ଦିନ ବାଧାପ୍ରାପ୍ତ ଥିଲା । ହେଲେ ଏବେ ବାବା କେଦାରନାଥଙ୍କ ଦର୍ଶନ କରିବା ପାଇଁ ଏବେ ଭକ୍ତଙ୍କୁ ପୂର୍ବେପେକ୍ଷା ଅଧିକ ଚାଲିବାକୁ ହେବ । ରୁଦ୍ରପ୍ରୟାଗର ପୁଲିସ ଅଧିକାରୀ ସର୍ବେଶ ସିଂହ ପନୱାର କହିଛନ୍ତି ଯେ, ମୁଖ୍ୟ ରାସ୍ତା ଯାହା କିଛି ପରିମାଣରେ ଚାଲିବା ଯୋଗ୍ୟ ହୋଇଛି । ଯାତାୟାତ ସୁଗମ ହେବା ପରେ, ଏକ ତୀର୍ଥଯାତ୍ରୀ ଦଳକୁ ସୋନପ୍ରୟାଗରୁ ଗୌରୀକୁଣ୍ଡ ମଧ୍ୟ ଦେଇ କେଦାରନାଥ ପଠାଯାଇଛି । ପୋଲିସ ଅଧିକାରୀ କହିଛନ୍ତି ଯେ, କ୍ଷତିଗ୍ରସ୍ତ ହୋଇଥିବା ସ୍ଥଳରେ ଯାନବାହାନ ଗୁଡ଼ିକର ଚଳାଚଳ ଆରମ୍ଭ ହେବା ଯାଏ ତୀର୍ଥଯାତ୍ରୀଙ୍କୁ ପାଖାପାଖି ୨୨ କିଲୋମିଟର ଚାଲି ଚାଲି କେଦାରନାଥ ଧାମକୁ ଯିବାକୁ ହେବ । ବର୍ଷା ହେବା ସ୍ଥିତିରେ ଏଠାରେ ଯାତାୟାତକୁ ଅସ୍ଥାୟୀ ଭାବେ ରୋକା ଯିବ । ଏହାସହ ସେଠାର ପ୍ରଶାସନ ପକ୍ଷରୁ ଯାତ୍ରୀଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ଯେ, ପାଣିପାଗର ପୂର୍ବାନୁମାନ ଅନୁସାରେ ହିଁ ନିଜର ଯାତ୍ରା ସ୍ଥିର କରନ୍ତୁ । ପୁଲିସ ଅଧିକାରୀ କହିଛନ୍ତି, ସୋନପ୍ରୟାଗରୁ ଗୌରୀକୁଣ୍ଡ ମଧ୍ୟ ଦେଇ ସଡ଼କ ପଥ ବାଧାପ୍ରାପ୍ତ ଥିବାକୁ ଗତ କିଛି ଦିନ କେଦାରନାଥ ଯାତ୍ରା ବନ୍ଦ ଥିଲା । କେବଳ ସେଠାରୁ ଫେରୁଥିବା ଯାତ୍ରୀଙ୍କୁ ସୁରକ୍ଷା ବାହିନୀ ସାହାଯ୍ୟରେ ବୈକଳ୍ପିକ ଚଲାପଥରେ ବାହାର କରାଯାଉ ଥିଲା । କହି ରଖୁଛୁ ଯେ, ଉତ୍ତରାଖଣ୍ଡରେ ଗତ ବୁଧବାର ରାତିରେ ପ୍ରବଳ ବର୍ଷା ହୋଇଥିଲା । ଏଥିରୁ ସୋନପ୍ରୟାଗରୁ ଗୌରୀକୁଣ୍ଡ ମଧ୍ୟରେ ମୁନକଟିଆରେ ରାସ୍ତା ଖରାପ ହୋଇଯାଇ ଥିଲା । ଏଥିରେ କେଦାରନାଥକୁ ଯାଇଥିବା ହାଇୱେ ସଂପୂର୍ଣ୍ଣ ବନ୍ଦ ହୋଇଥିଲା । ଏହାପରେ ଧାମକୁ ଯାତ୍ରାରେ ରୋକ୍ ଲାଗି ଥିଲା । ସୁରକ୍ଷାକୁ ଧ୍ୟାନରେ ରଖି ପାଖାପାଖି ୨୦୦୦ ଯାତ୍ରୀଙ୍କୁ ମଝିରେ ରୋକି ଦିଆ ଯାଇ ଥିଲା । କୁହାଯାଉଛି ଯେ, ମୁନକଟିଆ ନିକଟରେ ଭୂସ୍ଖଳନରେ କେଦାରନାଥ ହାଇୱେରେ ପାଖାପାଖି ୫୦ ମିଟର ରାସ୍ତା କ୍ଷତିଗ୍ରସ୍ତ ହୋଇଥିଲା । ଏଥିରେ ଗାଡ଼ି ଗୁଡ଼ିକର ଚଳାଚଳ ବନ୍ଦ ହୋଇ ଯାଇ ଥିଲା । ବର୍ଷା ଯୋଗୁଁ ବୈକଳ୍ପିକ ଚଲାପଥକୁ ମଧ୍ୟ କ୍ଷତି ଘଟିଥିଲା । ଏଥିରେ କେଦାରନାଥରୁ ଆସୁଥିବା ତୀର୍ଥଯାତ୍ରୀମାନେ ଗୌରୀକୁଣ୍ଡରେ ହିଁ ଫସି ଯାଇଥିଲେ ।

## ୧୬ରୁ ୧୪ ସେପ୍ଟେମ୍ବର ଯାଏ ଖୋଲା ରହିବ ରାଷ୍ଟ୍ରପତି ଭବନ ଅମୃତ ଉଦ୍ୟାନ



ନୂଆଦିଲ୍ଲୀ: ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନକୁ ୧୬ରୁ ୧୪ ସେପ୍ଟେମ୍ବର ପର୍ଯ୍ୟନ୍ତ ଜନତାଙ୍କ ନିମନ୍ତେ ଖୋଲା ରଖାଯିବ । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଜାରି ଏକ ବୟାନରେ ଏହି ସୂଚନା ଦିଆଯାଇଛି । ଏହି ଅବଧିରେ ଉଦ୍ୟାନ ଦୈନିକ ସକାଳ ୧୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ । ଉଦ୍ୟାନକୁ ଶେଷ ପ୍ରବେଶ ଅନୁମତି ୫.୧୫ ମିନିଟ ପର୍ଯ୍ୟନ୍ତ ମିଳି ପାରିବ । ଉଦ୍ୟାନକୁ ରକ୍ଷଣାବେକ୍ଷଣା ନିମନ୍ତେ ସବୁ ସୋମବାର ବନ୍ଦ ରଖାଯିବ । ଚଳିତବର୍ଷ ରାଷ୍ଟ୍ରପତି ଭବନ ଅମୃତ ଉଦ୍ୟାନରେ ଲୋକେ ବ୍ୟାବଲିଂ ବ୍ରୁକର ଅଭିଜ୍ଞତା ନେଇ ପାରିବେ । ଉଦ୍ୟାନରେ ବାଲବାଟିକା, ହର୍ବାଲ ଗାର୍ଡନ, ବୋନସାଇ ଗାର୍ଡନ, ସେଣ୍ଟ୍ରାଲ ଲନ, ଲଙ୍ଗ ଗାର୍ଡନ ଓ ସର୍କୁଲାର ଗାର୍ଡନ ଆଦି ବୁଲି ପାରିବେ । ଉଦ୍ୟାନରେ ପ୍ଲାଣ୍ଟଙ୍କ ଦେହରେ ଲାଗିଥିବା କ୍ୟୁ ଆର କୋଡରୁ ଲୋକେ ବିଭିନ୍ନ ପ୍ଲାଣ୍ଟର ପ୍ରଜାତି ଓ ଡିଜାଇନ ତତ୍ୱର ସୂଚନା ପାଇପାରିବେ । ଉଦ୍ୟାନ ବୁଲିବା ପାଇଁ ଆଗନ୍ତୁକ ନର୍ଥ ଏଭେନ୍ୟୁ ରୋଡ ପାଖ ଗେଟ ସଂଖ୍ୟା ୩୫ରେ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ । ଉଦ୍ୟାନ ବୁଲିବା ପାଇଁ ପର୍ଯ୍ୟଟକ ଓ ଆଗନ୍ତୁକ ନିଶୁଳ୍କ ଉଦ୍ୟନ ବୁଲି ପାରିବେ । ଉଦ୍ୟାନ ବୁଲିବା ପାଇଁ ପର୍ଯ୍ୟଟକ ଓ ଆଗନ୍ତୁକଙ୍କୁ ସାଙ୍ଗରେ ମୋବାଇଲ ଫୋନ, ଇଲେକ୍ଟ୍ରୋନିକ ଚାବି, ପର୍ସ, ହ୍ୟାଣ୍ଡବ୍ୟାଗ, ପାଣି ବୋତଲ, ପିଲାଙ୍କ ଫିଡିଂ ବୋତଲ ଓ ଛତା ଆଦି ନେଇ ପାରିବେ । ଏହା ଛଡା କୌଣସି ଅନ୍ୟ ସାମଗ୍ରୀକୁ ବାରଣ କରାଯାଇଛି ।

# ଭୂକମ୍ପରେ ପୁଣି ଥରିଲା ଋଷ



ମୁମ୍ବାଇ: ଭୂକମ୍ପରେ ପୁଣି ଥରିଲା ଋଷ । କୁରିଲ ଦ୍ୱୀପପୁଞ୍ଜରେ ଭୂମିକମ୍ପ ଝଟକା ଅନୁଭୂତ । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ କୁରିଲ ଦ୍ୱୀପପୁଞ୍ଜର ପୂର୍ବରେ ୬.୨ ତୀବ୍ରତାର ଏକ ଭୂମିକମ୍ପ ରେକର୍ଡ କରାଯାଇଛି । କୁହାଯାଉଛି ଯେ ଭାରତୀୟ ସମୟ ଅନୁଯାୟୀ ଶୁକ୍ରବାର ରାତି ୧୧.୫୦ ରେ ୩୨ କିଲୋମିଟର ଗଭୀରତାରେ ଭୂମିକମ୍ପ ହୋଇଥିଲା । ଏପର୍ଯ୍ୟନ୍ତ ଏହି ଭୂମିକମ୍ପରେ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ଖବର ମିଳିନାହିଁ । ହେଲେ ଏହାକୁ ନେଇ ପ୍ରଶାସନ ସତର୍କ ରହିଛି । ଏହା ପୂର୍ବରୁ ବୁଧବାର ଦିନ ଋଷିଆର କାମଚଟକାରେ ୮.୮ ତୀବ୍ରତାର ଏକ ଶକ୍ତଶାଳୀ ଭୂମିକମ୍ପ ହୋଇଥିଲା । କୁହାଯାଉଛି ଯେ ଏହା ଏପର୍ଯ୍ୟନ୍ତ ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ଥିଲା । ସୌଭାଗ୍ୟର କଥା ଯେ ଏହି ବିପର୍ଯ୍ୟୟରେ କେହି ଆହତ ହୋଇ ନାହାଁନ୍ତି । ଏହା ବ୍ୟତୀତ, ରିପୋର୍ଟରେ କୁହାଯାଇଛି ଯେ ଆମେରିକୀୟ ଭୂତତ୍ତ୍ୱ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ଉପକୂଳରେ ୮.୮ ତୀବ୍ରତାର ଭୂମିକମ୍ପ ଆସିବା ପରଠାରୁ ୧୬ ଘଣ୍ଟାରୁ ଅଧିକ ସମୟ ମଧ୍ୟରେ ଋଷ ନିକଟରେ ୪.୪ କିମ୍ବା ତା'ଠାରୁ ଅଧିକ ତୀବ୍ରତାର ପ୍ରାୟ ୧୨୫ଟି ଭୂମିକମ୍ପ ଅନୁଭୂତ ହୋଇଛି । ଆଫଗାନିସ୍ତାନରେ ମଧ୍ୟ ଭୋର ସମୟରେ ଭୂମିକମ୍ପର ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଦ୍ୱାରା ସେୟାର କରାଯାଇଥିବା ସୂଚନା ଅନୁଯାୟୀ, ଆଜି ଭୋର ସମୟରେ ଆଫଗାନିସ୍ତାନରେ ୫.୫ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି । ଭାରତୀୟ ମାନକ ସମୟ (ଓଝଞ) ଅନୁଯାୟୀ ରାତି ୨:୩୩ ରେ ୮୭ କିଲୋମିଟର ଗଭୀରତାରେ ଏହି ଭୂମିକମ୍ପ ହୋଇଥିଲା ।

# ଆକାଂକ୍ଷୀ ଜିଲ୍ଲା ଉତ୍ତମ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ କଲେ ବିଷ୍ଣୁଦେବ




ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ଆକାଂକ୍ଷୀ ଜିଲ୍ଲା ଏବଂ ବିକଶିତ ବ୍ଲକ୍‌ଗୁଡିକରେ ଉତ୍ତମ ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିଛନ୍ତି । ରାୟପୁରର ନୂଆ ସର୍କଟ୍ ହାଉସ୍ ପରିସରରେ ଆୟୋଜିତ ଏକ ସମାରୋହରେ ଶ୍ରୀ ସାଏ ଏହି ସମ୍ମାନ ପ୍ରଦାନ କରିଥିଲେ । ଏହି ବ୍ୟକ୍ତିବିଶେଷମାନେ ଦୀର୍ଘ ତିନିମାସ ଧରି ଆକାଂକ୍ଷୀ ଜିଲ୍ଲା ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମ ଏବେ ବି ଚାଲୁ ରହିଛି । ଆସନ୍ତା ସେପ୍ଟେମ୍ବର ମାସରେ ଏହା ଶେଷ ହେବ । କାର୍ଯ୍ୟକ୍ରମରେ ଶ୍ରୀ ମୋତିଲାଲ ସାହୁ, ଗୁରୁ ଖୁସୱନ୍ତ ସାହେବ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଲକ୍ଷ୍ୟକୁ ଆଖିଆଗରେ ରଖି ଛତିଶଗଡ଼ ସରକାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି ଯାହା ସମାଜ ପାଇଁ ହିତକର । ସେ ବିଶେଷକରି ଧରତି ଆବା ଗ୍ରାମ ଉତ୍କର୍ଷ ଅଭିଯାନ ଉପରେ ଫୋକସ୍ କରିଥିଲେ । ଏହି ଯୋଜନାରେ ଛତିଶଗଡ଼ର ୬୬୬୧ ଗ୍ରାମକୁ ସାମିଲ କରାଯାଇଛି । ବିକାଶ ପାଇଁ ସେଠାରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ । ସାଏ କେବଳ ବ୍ୟକ୍ତିବିଶେଷ ନୁହେଁ, ଏଥିରେ ସହାୟତା କରିଥିବା ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ ଉତ୍ତମ କାର୍ଯ୍ୟ ପାଇଁ ମଧ୍ୟ ସମ୍ମାନିତ କରିଥିଲେ । ବସ୍ତର ଏବଂ କୋଣ୍ଡା ଗାଁ ଜିଲ୍ଲାର ପ୍ରତାପପୁର, ଶଙ୍କର ଗଡ଼, ମୈନପୁର, ମାକ୍ରି, କୋଲିଆବେଡ଼ା ଏବଂ ଓର୍ଚା ଇତ୍ୟାଦି ବ୍ଲକ୍‌କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ, ବିଜୟ ଶର୍ମା, ସାଂସଦ ବ୍ରିଜମୋହନ ଅଗ୍ରୱାଲ, ବିଧାୟକ ସୁନିଲ ସୋନି,

# ଦୁଷ୍କର୍ମ ମାମଲାରେ ପୂର୍ବତନ ସାଂସଦଙ୍କୁ ଆଜୀବନ ଜେଲ୍



ବେଙ୍ଗାଲୁରୁ: ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜେଡିଏସର ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭାନ୍ନାଙ୍କୁ ମିଳିଛି ବଡ଼ ଦଣ୍ଡ । ଶୁକ୍ରବାର ତାଙ୍କୁ ସ୍ୱତନ୍ତ୍ର କୋର୍ଟ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ । ଆଜି କୋର୍ଟ ତାଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ବେଙ୍ଗାଲୁରୁ ସ୍ଥିତ ସ୍ୱତନ୍ତ୍ର ଅଦାଲତ ଏପରି ରାୟ ଦେଇଛନ୍ତି । ଆଜୀବନ ଜେଲଦଣ୍ଡ ସହ ତାଙ୍କ ଉପରେ ୧୧ ଲକ୍ଷ ଟଙ୍କାର ଜୋରିମାନା ଲଗା ଯାଇଛି । ଏହି ଜୋରିମାନା ଅର୍ଥ ପୀଡ଼ିତାଙ୍କୁ କ୍ଷତିପୂରଣ ଭାବେ ଦିଆଯିବ । ପ୍ରଜ୍ୱଳ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ ଡି ଦେବଗୌଡ଼ାଙ୍କ ନାତି । ଏବେ ସେ ୪୮ ବର୍ଷୀୟ ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ଦଣ୍ଡ ପାଇଛନ୍ତି । ୪୮ ବର୍ଷୀୟ ମହିଳାଙ୍କୁ ଦୁଷ୍କର୍ମ କରିବା ସହ ତାଙ୍କ ଭିଡିଓକୁ ମଧ୍ୟ ଭାଇରାଲ କରିବା ମାମଲାରେ ପ୍ରଜ୍ୱଳ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ।






ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ସର୍ବାଧିକ ପସନ୍ଦର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ରିଲାଏନ୍ସ ଜିଓ ଜୁନ୍ ମାସରେ ଓଡ଼ିଶାରେ ସର୍ବାଧିକ ନୂତନ ଗ୍ରାହକ ଯୋଡ଼ିବା ସହିତ ଏହାର ଏକ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି । ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଜିଓ ଜୁନ୍ ମାସରେ ୱାୟାରଲେସ୍, ୱାୟାରଲାଇନ୍ ଏବଂ ୫ଜି ଏଫଡବ୍ଲୁଏ କ୍ଷେତ୍ରରେ ୧.୧୮ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଡ଼ିଛି । ତଥ୍ୟ ଅନୁଯାୟୀ, ଜିଓ ଜୁନ୍ ମାସରେ ଓଡ଼ିଶାରେ ୯୭ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୨୧ ହଜାରରୁ ଅଧିକ ନୂତନ ଜିଓଫାଇବର ଓ ଜିଓଏୟାରଫାଇବର ଗ୍ରାହକ ଯୋଡିଛି । ଏଥିସହିତ ଓଡିଶାରେ ଜୁନ ଶେଷ ସୁଦ୍ଧା ଜିଓ ନେଟୱାର୍କରେ ୧.୬୩ କୋଟିରୁ ଅଧିକ ମୋବାଇଲ ଗ୍ରାହକ, ୩.୪ ଲକ୍ଷରୁ ଅଧିକ ଜିଓଫାଇବର ଗ୍ରାହକ ଏବଂ ୧.୯୪ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ରହିଛନ୍ତି । ଟ୍ରାଇ ପ୍ରକାଶିତ ତଥ୍ୟ ଅନୁଯାୟୀ, ଜୁନ୍ ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଉପଭୋକ୍ତା ସଂଖ୍ୟା ୭୩ ହଜାର ବୃଦ୍ଧି ପାଇ ୩.୫୩ କୋଟି ଅତିକ୍ରମ କରିଛି । ଜୁନ୍ ମାସରେ ଜିଓ ସର୍ବାଧିକ ୯୭ ହଜାର ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବା ବେଳେ ଏହା ପଛକୁ ଭୋଡାଫୋନ ଆଇଡ଼ିଆ ମାତ୍ର ୪୫୭୬ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି ।

## ୮ମ ବିଶ୍ୱ ବାଣିଜ୍ୟ ଦିବସ ଏବଂ ବାର୍ଷିକ ସଦସ୍ୟ ସମ୍ମିଳନୀ ପାଳିତ

# ଓଡ଼ିଶାର ଉତ୍ପାଦକୁ ପ୍ରୋତ୍ସାହିତ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲୁଟିସି) ଭୁବନେଶ୍ୱରର ୮ମ ବିଶ୍ୱ ବାଣିଜ୍ୟ ଦିବସ ଏବଂ ବାର୍ଷିକ ସଦସ୍ୟ ସମ୍ମିଳନୀ ୨୦୨୫ ସଫଳତାର ସହିତ ଆୟୋଜନ କରିଛି । ବିଶ୍ୱ ବାଣିଜ୍ୟ ସପ୍ତାହର ବିଶ୍ୱବ୍ୟାପୀ ଆୟୋଜନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ଶିଳ୍ପପତି, ବରିଷ୍ଠ ସରକାରୀ ଅଧିକାରୀ, ବିଶ୍ୱ ବାଣିଜ୍ୟ ବିଶେଷଜ୍ଞ, ଏମଏସଏମଇ, ଉଦ୍ୟୋଗୀ ଏବଂ ଆନ୍ତର୍ଜାତିକ ପ୍ରତିନିଧିମାନେ ଏକତ୍ରିତ ହୋଇ ଓଡ଼ିଶା ପାଇଁ ନୂତନ ବାଣିଜ୍ୟ ସୁଯୋଗ ଏବଂ ସମ୍ଭାବନା ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜ୍ୟପାଳ ଡଃ ହରିବାବୁ କମ୍ଭମପତି ଓଡ଼ିଶା ପୂର୍ବ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଭାବରେ ଉଭା ହେଉଥିବା ବିଷୟରେ ଜୋର୍ ଦେଇଥିଲେ । ସେ ମଧ୍ୟ ଦୁବାଇ ଏବଂ ଆବୁ ଧାବୀ ସହିତ ସିଧାସଳଖ ବିମାନ ସଂଯୋଗ ରାଜ୍ୟର ଲଜିଷ୍ଟିକ୍ସ ସମ୍ଭାବନାକୁ ବୃଦ୍ଧି କରିଛି ବୋଲି କହିଥିଲେ, ଯାହା ଓଡ଼ିଶାର ପରିଚିତ କିନ୍ତୁ ବିଶ୍ୱ ବଜାରରେ ଠିକ୍ ଭାବେ ପହଞ୍ଚି ନ ଥିବା ହସ୍ତତନ୍ତ, ହସ୍ତଶିଳ୍ପ, ଜିଆଇ-ଟ୍ୟାଗ୍ ଥିବା ପଦାର୍ଥ ଏବଂ ସାମୁଦ୍ରିକ ଜୀବ ଉତ୍ପାଦଗୁଡ଼ିକର ପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ । ଡବ୍ଲୁଟିସି ଭୁବନେଶ୍ୱରର ଚେୟାରମ୍ୟାନ୍ ଏବଂ ଡବ୍ଲୁଟିସି ମୁମ୍ବାଇର ଉପାଧ୍ୟକ୍ଷ କ୍ୟାପଟେନ୍ ସୋମେଶ ବାତ୍ରା ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡବ୍ଲୁଟିସି ମୁମ୍ବାଇର ଚେୟାରମ୍ୟାନ୍ ଏବଂ ଡବ୍ଲୁଟିସି ଭୁବନେଶ୍ୱରର ନିର୍ଦ୍ଦେଶକ ଡଃ ବିଜୟ କଳନ୍ତ୍ରି ଏମଭିଆଇଅରଡିସି ମୁମ୍ବାଇ ଏବଂ ଡବ୍ଲୁଟିସି ଭୁବନେଶ୍ୱର ଦ୍ୱାରା ବିଶ୍ୱ ବାଣିଜ୍ୟ କେନ୍ଦ୍ର ସଂଗଠନ ( ଡବ୍ଲୁଟିସିଏ) ନେଟୱାର୍କ ମାଧ୍ୟମରେ ଭାରତୀୟ ବ୍ୟବସାୟଗୁଡ଼ିକୁ ବିଶ୍ୱ ବଜାର ସହିତ ସଂଯୋଗ କରିବା ପାଇଁ କରାଯାଉଥିବା ସହଯୋଗୀ ପ୍ରୟାସ ବିଷୟରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରିଥିଲେ । ଦୁବଇ ଚେମ୍ବର୍ସର ମୁଖ୍ୟ ପ୍ରତିନିଧି (ଏସିଆ ଅଞ୍ଚଳ)-ଭାରତ, ଅଭିଜିତସିଂହ ଜାଦେଜା, ଅକଲାଣ୍ଡରେ ଭାରତର କନସଲ ଜେନେରାଲ୍ ଡଃ ମଦନ ମୋହନ ସେଠୀ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ହୋଣ୍ଡା ମୋଟରସାଇକଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ୫,୧୫,୩୭୮ ୟୁନିଟ ବିକ୍ରି

ଗୁରୁଗ୍ରାମ: ହୋଣ୍ଡା ମୋଟର ସାଇକଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚଏମ୍ଏସଆଇ) ୨୦୨୫ ଜୁଲାଇରେ ମୋଟ ୫,୧୫,୩୭୮ ୟୁନିଟ ବିକ୍ରି କରିଥିବା ପ୍ରକାଶ କରିଛି । ସେଥିମଧ୍ୟରେ ଘରୋଇ ବିକ୍ରି ୪,୬୬,୩୩୧ ୟୁନିଟ ଏବଂ ରପ୍ତାନି ୪୯,୦୪୭ ୟୁନିଟ ଅନ୍ତର୍ଭୁକ୍ତ । ଏଚଏମ୍ଏସଆଇ ମୋଟ ବିକ୍ରି କ୍ଷେତ୍ରରେ ୨୦୨୫ ଜୁନ୍ ତୁଳନାରେ ମାସିକ ଭିତ୍ତିରେ (ଏମ୍ଓଏମ୍) ୨୦% ଅଭିବୃଦ୍ଧି ହାସଲ କରିଛି । ଆର୍ଥିକ ବର୍ଷ୨୬ (ଏପ୍ରିଲ-ଜୁଲାଇ ୨୦୨୫)ର ଇୟର ଟୁ ଡେଟ୍ (ୱାଇଟିଡି)ରେ ଏଚଏମ୍ଏସଆଇ ମୋଟ ୧୮,୮୮,୨୪୨ ୟୁନିଟ ବିକ୍ରି କରିଛି, ଯେଉଁଥିରେ ୧୬,୯୩,୦୩୬ ୟୁନିଟ ଘରୋଇ ବଜାରରେ ବିକ୍ରି ହୋଇଥିବା ବେଳେ ୧,୯୫,୨୦୬ ୟୁନିଟ ରପ୍ତାନି କରାଯାଇଛି ।

# ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଚିକିତ୍ସା ବିଜ୍ଞାନର ସମନ୍ୱୟ ପାଇଁ ଅର୍ଥପୂର୍ଣ୍ଣ ମନ୍ଥନ ଆରମ୍ଭ



ହରିଦ୍ୱାର: ପତଞ୍ଜଳି ବିଶ୍ୱବିଦ୍ୟାଳୟ, ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ମିଳିତ ତତ୍ତ୍ୱାବଧାନରେ ଏକ ମହାନ ଦୁଇଦିନିଆ ଅନାମୟମ୍ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଥିଲା । ଆୟୁର୍ବେଦ ଏବଂ ଆଧୁନିକ ଚିକିତ୍ସାର ସମନ୍ୱୟ ଏବଂ ସମନ୍ୱୟ ଲକ୍ଷ୍ୟରେ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ପ୍ରଦାନ ପାଇଁ ସମ୍ମିଳନୀ ଆୟୋଜିତ ହୋଇଥିଲା । ୧୬ଟି ରାଜ୍ୟର ପ୍ରାୟ ୨୦୦ ଶିକ୍ଷାନୁଷ୍ଠାନରୁ ୩୦୦ ରୁ ଅଧିକ ଅଂଶଗ୍ରହଣକାରୀ ଅନଲାଇନ୍ ଏବଂ ଅଫଲାଇନ୍ ମାଧ୍ୟମରେ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ଦେଶର ବିଭିନ୍ନ ଉଚ୍ଚତର ଚିକିତ୍ସା ଏବଂ ଶିକ୍ଷାନୁଷ୍ଠାନର ଚିକିତ୍ସା ବିଶେଷଜ୍ଞ, ଗବେଷକ, ନୀତି ନିର୍ଦ୍ଧାରକ ଏବଂ ସ୍ୱାସ୍ଥ୍ୟ ପ୍ରଯୁକ୍ତି ବିଶେଷଜ୍ଞ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କ ମତାମତ ବାଣ୍ଟିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପୂଜ୍ୟ ସ୍ୱାମୀ ରାମଦେବ ମହାରାଜ ଏକ ବଡ଼ ଘୋଷଣା କରିଛନ୍ତି । ସେ କହିଛନ୍ତି ଜନକଲ୍ୟାଣକୁ ଦୃଷ୍ଟିରେ ରଖି, ଏମ୍ସ, ଟାଟା କର୍କଟ ହସ୍ପିଟାଲ ଏବଂ ସାର୍ ଗଙ୍ଗାରାମ ହସ୍ପିଟାଲର ସହଯୋଗରେ ଆଧୁନିକ ପଦ୍ଧତି ବ୍ୟବହାର କରି ପତଞ୍ଜଳି ଆୟୁର୍ବେଦ ହସ୍ପିଟାଲରେ କମ୍ ମୂଲ୍ୟରେ ବିଶ୍ୱସ୍ତରୀୟ ଚିକିତ୍ସା ଯୋଗାଇ ଦିଆଯିବ । ଯୋଗ ଋଷି ସ୍ୱାମୀ ରାମଦେବ, ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଲକୃଷ୍ଣଙ୍କ ସହ ଅତିଥିମାନେ ୩ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଆୟୁର୍ବେଦ ଅବତାରଣ, ସମନ୍ୱିତ ପଥ୍ୟ ଏବଂ ସମ୍ମିଳନୀର ସାରାଂଶ ପୁସ୍ତିକା ମଧ୍ୟ ଉନ୍ମୋଚନ କରିଥିଲେ । ଶିକ୍ଷା ଏବଂ ଗବେଷଣାକୁ ପ୍ରୋତ୍ସାହିତ ପାଇଁ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ରୋପରର ଡକ୍ଟର ଶ୍ରେୟା, ଡକ୍ଟର ରାଧିକା ଏବଂ ଡକ୍ଟର ମୁକେଶ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଲକୃଷ୍ଣଙ୍କ ମଧ୍ୟରେ ଏକ ପାରସ୍ପରିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ସମନ୍ୱିତ ଔଷଧର ଗୁରୁତ୍ୱ ଉପରେ ଆଲୋକପାତ କରି ସ୍ୱାମୀ ରାମଦେବ କହିଛନ୍ତି ଚିକିତ୍ସା ବିଜ୍ଞାନ ଟଙ୍କା ରୋଜଗାର ପାଇଁ ନୁହେଁ, ବରଂ ଜନକଲ୍ୟାଣ ପାଇଁ ହେବା ଉଚିତ ।

# ଜଟିଳ ଆଞ୍ଜିଓପ୍ଲାଷ୍ଟି ଓ ଆଧୁନିକ ଇମେଜିଂ ପ୍ରଯୁକ୍ତି ଉପରେ ଶିକ୍ଷାମୂଳକ କର୍ମଶାଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ଲୋକପ୍ରିୟ ମଲଟିସ୍ପେଶାଲିଟି ହସ୍ପିଟାଲ ଖଣ୍ଡଗିରି ସ୍ଥିତ ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ଦ୍ୱାରା ଜଟିଳ ହୃଦ୍ରୋଗ ଚିକିତ୍ସା, ବିଶେଷକରି ଆଞ୍ଜିଓପ୍ଲାଷ୍ଟି ଓ ଆଧୁନିକ ଇମେଜିଂ ପ୍ରଯୁକ୍ତି ବିଷୟରେ ଏକ ଶିକ୍ଷାମୂଳକ କର୍ମଶାଳା ବା ଉଗର ଆୟୋଜନ କରାଯାଇଥିଲା । ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ଅନେକ ଜଣେ ହୃଦ୍ରୋଗ ବିଶେଷଜ୍ଞ, ଇଣ୍ଟରଭେନସନାଲ୍ କାର୍ଡିଓଲୋଜି ଡାକ୍ତର ଓ ଡାକ୍ତରୀ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । କର୍ମଶାଳାରେ ଜାତୀୟ ସ୍ତରର ଖ୍ୟାତିନାମା କାର୍ଡିଓଲୋଜିଷ୍ଟ ଡାକ୍ତର ଦେବଦତ୍ତ ଭଟ୍ଟାଚାର୍ଯ୍ୟ ଓ ଡାକ୍ତର ପଙ୍କଜ ମନୋରିଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । କର୍ମଶାଳାରେ ମଣିପାଲ୍ ହସ୍ପିଟାଲ୍ ର ଅଭିଜ୍ଞ ହୃଦ୍ରୋଗ ବିଭାଗର ଡାକ୍ତରୀ ଟିମ୍ ଯଥା : ଡ଼ାକ୍ତର ଲିଙ୍ଗରାଜ ନାଥ, ବରିଷ୍ଠ କନସ୍ୱଲଟାଣ୍ଟ ଏବଂ ଇଣ୍ଟରଭେନସନାଲ୍ କାର୍ଡିଓଲୋଜି ଏବଂ ଡାଇରେକ୍ଟର, କ୍ୟାଥ୍ ଲ୍ୟାବ୍, ଡାକ୍ତର ଜେ.କେ. ପାଢୀ, କନସଲଣ୍ଟା, ଏବଂ ଡାଇରେକ୍ଟର—ଇଣ୍ଟଭେନସନାଲ୍ କାର୍ଡିଓଲୋଜି, ଡାକ୍ତର ଦିବ୍ୟରଞ୍ଜନ ବେହେରା, କନସ୍ୱଲଟାଣ୍ଟ ଇଣ୍ଟରଭେନସନାଲ୍ କାର୍ଡିଓଲୋଜି, ଡାକ୍ତର ମହେଶ ଅଗ୍ରୱାଲ, କନସଲଣ୍ଟା କାର୍ଡିଓଲୋଜି, ଡାକ୍ତର ପ୍ରଦୀପ କୁମାର ଦାଶ, କନସଲଣ୍ଟା ଇଣ୍ଟରଭେନସନାଲ୍ କାର୍ଡିଓଲୋଜି, ଡାକ୍ତର ଜିତେନ୍ଦ୍ରନାଥ ପଟ୍ଟନାୟକ, ବରିଷ୍ଠ କନସଲଣ୍ଟା- କାର୍ଡିଓଥୋରାସିକ୍ ଭାସ୍କୁଲାର୍ ସର୍ଜେରୀ, ଡାକ୍ତର ବିଶ୍ୱଜିତ ମହାପାତ୍ର, କନସ୍ୱଲଟାଣ୍ଟ-କାର୍ଡିଓଥୋରାସିକ୍ ଭାସ୍କୁଲାର୍ ସର୍ଜେରୀ ଓ କାର୍ଡିଓ ଏନେସ୍ଥସିଆ ଟିମ୍-ଡାକ୍ତର ବିବେକ ଚୌଧୁରୀ ଓ ଡାକ୍ତର ବ୍ରଜମୋହନ ରଥ ଉପସ୍ଥିତ ଥିଲେ । କର୍ମଶାଳାର ଆୟୋଜକ ଡ଼ାକ୍ତର ଲିଙ୍ଗରାଜ ନାଥ କହିଲେ, ଏହି ୱାର୍କସଅପ୍ ମଣିପାଲ ହସ୍ପିଟାଲ୍ ଭୁବନଶ୍ୱରର ଆଧୁନିକ ହୃଦରୋଗ ବିଭାଗର ଡାକ୍ତରଙ୍କ ଦକ୍ଷତା ବୃଦ୍ଧି କରିବା ପ୍ରତି ଆମର ଅତୁଟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରେ । କର୍ମଶାଳା ସାହାର୍ଯ୍ୟରେ ଚିକିତ୍ସାର ମାନ ବୃଦ୍ଧି ସହ ଏକ ଶକ୍ତିଶାଳୀ ଶିକ୍ଷାଗତ ପରିବେଶ ତିଆରି କରିବା ଆମ ଲକ୍ଷ୍ୟ ।

# ଟିପିଏସ୍‌ଓଡିଏଲ୍‌ର ହ୍ୟାଣ୍ଡସ-ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର ଉଦ୍‌ଘାଟିତ




ବ୍ରହ୍ମପୁର(ଭାସ୍କର ନ୍ୟୁଜ୍): ସୁରକ୍ଷା ଏବଂ ଦକ୍ଷତା ବିକାଶ ଦିଗରେ ପ୍ରତିବଦ୍ଧତାକୁ ଦୋହରାଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ କନ୍ଧମାଳ ଜିଲ୍ଲାର ଫୁଲବାଣୀଠାରେ ଏକ ଅତ୍ୟାଧୁନିକ ହ୍ୟାଣ୍ଡସ-ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର (ଏଚଓଟିଟି) ସ୍ଥାପିତ ହୋଇଛି । ଏହି କେନ୍ଦ୍ରକୁ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଏବଂ ଟାଟା ପାୱାର ସଞ୍ଚାରଣ ଓ ବିତରଣ ସେଫ୍ଟି ଚିଫ୍ ସୁରେଶ କୁମାର ଖେତୱାନି ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ । ଟିପିଏସ୍‌ଓଡିଏଲ୍ ସେଫ୍ଟି ଆଣ୍ଡ ସ୍କିଲ ଡେଭେଲପମେଣ୍ଟ ଇନଷ୍ଟିଚ୍ୟୁଟ (ଟିଏସଏସଡିଆଇ) ଅନ୍ତର୍ଗତ ପଦକ୍ଷେପ ସ୍ୱରୂପ, ଏହି ଏଚଓଟିଟି କେନ୍ଦ୍ର କମ୍ପାନୀର 'ମିଶନ ଜିରୋ ହାର୍ମ' ଲକ୍ଷ୍ୟ ପୂରଣରେ ସହାୟକ ହେବ । ଏଠାରେ ଫୁଲବାଣୀ, ଭନଗର ଏବଂ ବୌଦ୍ଧ ଅଞ୍ଚଳର କର୍ମଚାରୀଙ୍କୁ ଟ୍ରେନିଂ ଦିଆଯିବ । ଏହା ଥିଅରି ସହ ବ୍ୟାବହାରିକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଏ । ଏହି ଅବସରରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ସେଫ୍ଟି କେବଳ ଏକ ପ୍ରୋଟକଲ ନୁହେଁ, ବରଂ ଟିପିଏସ୍‌ଓଡିଏଲରେ ନିରନ୍ତର ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଉଛି । ଆମ କର୍ମଚାରୀଙ୍କୁ ସଶକ୍ତ କରିବା ସହ ସୁରକ୍ଷିତ ଭାବେ କାମ କରିବାର କୌଶଳ ପ୍ରଦାନ କରିବା ଦିଗରେ ଏହି ହ୍ୟାଣ୍ଡସ-ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର ଏକ ବଳିଷ୍ଠ ପଦକ୍ଷେପ । ବିଦ୍ୟୁତ ବିତରଣ କ୍ଷେତ୍ରରେ ବୈଷୟିକ ଭାବେ ଦକ୍ଷ ଏବଂ ସୁରକ୍ଷା ନିୟମ ପାଳନ କରୁଥିବା ଏକ ଶ୍ରମଶକ୍ତି ନିର୍ମାଣ କରିବା ହେଉଛି ଆମର ଲକ୍ଷ୍ୟ ।

# ଆମାଜନର ଗ୍ରେଟ୍ ଫ୍ରିଡମ୍ ଫେଷ୍ଟିଭାଲରେ ଆକର୍ଷଣୀୟ ଡିଲ୍

ମୁମ୍ବାଇ: ଆମାଜନ.ଇନର ବହୁ ପ୍ରତୀକ୍ଷିତ ଗ୍ରେଟ୍ ଫ୍ରିଡମ୍ ଫେଷ୍ଟିଭାଲ ଜୁଲାଇ ୩୧, ୨୦୨୫ ମଧ୍ୟାହ୍ନ ୧୨ରୁ ଆରମ୍ଭ ହୋଇଯାଇଛି । ଆପଣ ଟେକ୍ନୋଲୋଜିକୁ ଅପଗ୍ରେଡ୍ କରିବାକୁ, ଘରକୁ ସୁନ୍ଦର କରିବାକୁ କିମ୍ବା ପୋଷାକକୁ ସତେଜ କରିବାକୁ ଚାହୁଁଥିଲେ ଗ୍ରେଟ୍ ଫ୍ରିଡମ୍ ଫେଷ୍ଟିଭାଲ ସେଲ୍ ଉପଯୁକ୍ତ । ଏହି ସମୟରେ ଲିଭାଇସ୍, ୟୁଏସପିଏ, ଜିଭା, ଆପଲ୍, ଏଚପି, ଡେଲ୍ ଓ ଲେନୋଭୋ ପରି ଭାରତର ସବୁଠାରୁ ପ୍ରିୟ ବ୍ରାଣ୍ଡଗୁଡ଼ିକରୁ ସ୍ମାର୍ଟଫୋନ୍, ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଗ୍ରୋସେରୀ, ଘରୋଇ ଆବଶ୍ୟକୀୟ ସାମଗ୍ରୀ, ଆକର୍ଷଣୀୟ ନୂତନ ଶୁଭାରମ୍ଭ ଏବଂ ଆକର୍ଷଣୀୟ ଡିଲ୍ ରହିଛି । ସ୍ଥାନୀୟ କାରିଗର, ଉଦୀୟମାନ ଷ୍ଟାର୍ଟଅପ୍ ଏବଂ ମହିଳା ନେତୃତ୍ୱାଧୀନ ବ୍ୟବସାୟରୁ ବିଭିନ୍ନ ପ୍ରକାର ଉତ୍ପାଦ ମଧ୍ୟ ପାଇବେ । ଏସବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ, ଇଏମଆଇ ବ୍ୟବହାର କରି ୧୦% ରିହାତି ପାଇପାରିବେ । ପ୍ରାଇମ୍ ସଦସ୍ୟ ଆମାଜନ୍ ପେ ଆଇସିଆଇସିଆଇ କ୍ରେଡିଟ୍ କାର୍ଡ ବ୍ୟବହାର କରି .୨,୫୦୦ ମୂଲ୍ୟର ସ୍ୱାଗତ ପୁରସ୍କାର ପାଇପାରିବେ ।

## କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧

ICAR

ପିଏମ କିଶାନର ୨୦ତମ କିସ୍ତି ଆସନ୍ତା ୨ ଅଗଷ୍ଟ ୨୦୨୫ ରେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ପ୍ରଦାନ କରାଯିବ । ଏହାର ଜିଲ୍ଲାସ୍ତରୀଆ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ସିଧା ପ୍ରସାରଣ ର ସୁବିଧା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଅଛି ।



ଲଣ୍ଡନ: ଭାରତୀୟ କ୍ରିକେଟ ଟିମ ଏବେ ଇଂଲଣ୍ଡ ଗସ୍ତରେ ରହିଛି । ୫ ମ୍ୟାଚ ବିଶିଷ୍ଟ ସିରିଜର ଅନ୍ତିମ ମୁକାବିଲା ୩୧ ଜୁଲାଇରୁ ଦି ଓଭାଲରେ ଖେଳାଯାଉଛି । ଇତି ମଧ୍ୟରେ ଲର୍ଡସରେ ଖେଳାଯାଇଥିବା ତୃତୀୟ ଟେଷ୍ଟରେ ଭାରତକୁ ଦିଆ ଯାଇଥିବା ବଲକୁ ନେଇ ବିବାଦ ସୃଷ୍ଟି ହୋଇଛି । ଦ୍ୱିତୀୟ ନୂଆ ବଲ ଯେତେବେଳେ ବଦଳା ଯାଇଥିଲା ସେତେବେଳେ ୩୦-୩୫ ଓଭରର ପୁରୁଣା ବଲ ଦିଆଯାଇଥିଲା । ଯାହାକୁ ନେଇ ଟିମ ଇଣ୍ଡିଆ ମ୍ୟାନେଜମେଣ୍ଟ ଅସନ୍ତୁଷ୍ଟ ରହିଛି । ଏ ନେଇ ଟିମ ଇଣ୍ଡିଆ ଆଇସିସି ମ୍ୟାଚ ରେଫରୀଙ୍କ ନିକଟରେ ଅଭିଯୋଗ କରିବ ବୋଲି ରିପୋର୍ଟ ପ୍ରକାଶ ପାଇଛି । ନୂଆ ବଲ ବୋଲରଙ୍କୁ କିଛି ମାତ୍ରାରେ ଫାଇଦା ପ୍ରଦାନ କରିଥାଏ । ପୁରୁଣା ବଲ ବଦଳାଯିବାର ଫାଇଦା ଇଂଲଣ୍ଡକୁ ମିଳିଥିଲା । ୭ ୱିକେଟ ବିନିମୟରେ ୨୭୧ ରନ କରିଥିବା ଇଂଲଣ୍ଡ ୮ ୱିକେଟ ବଦଳରେ ୩୫୫ ରନ ସଂଗ୍ରହ କରିନେଇଥିଲା । ଫଳରେ ଭାରତ ୨୨ ରନରେ ମ୍ୟାଚ ହାରି ଯାଇଥିଲା । ଅବଶ୍ୟ ଭାରତ ଅଭିଯୋଗ କରିବ କି ନାହିଁ ସେ ନେଇ ବିଧିବଦ୍ଧ ଭାବେ କୌଣସି ବୟାନ ଜାରୀ କରାଯାଇ ନାହିଁ । ୫ ମ୍ୟାଚ ବିଶିଷ୍ଟ ସିରିଜରେ ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଛି । ଅନ୍ତିମ ଟେଷ୍ଟରେ ଭାରତ ବିଜୟ ହାସଲ କଲେ ସିରିଜ ବରାବର ହେବ । ଅନ୍ୟଥା ଘରୋଇ ଦଳ ସିରିଜ ଜିତିନେବ ।

# ପଞ୍ଚମ ଟେଷ୍ଟ: ବିଜୟ ଲକ୍ଷ୍ୟରେ ଭାରତ



ଲଣ୍ଡନ: ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ଦୃଢ଼ ସ୍ଥିତିରେ ରହିଛି । ପ୍ରଥମ ଇନିଂସରେ ୨୨୪ ରନ କରିଥିବା ଭାରତ ପ୍ରତିପକ୍ଷ ଇଂଲଣ୍ଡକୁ ୨୪୭ ରନରେ ସୀମିତ ରଖିଥିଲା । ଫଳରେ ୨୩ ରନରେ ପଛୁଆ ଥିବା ଭ୍ରମଣକାରୀ ଭାରତ ଦ୍ୱିତୀୟ ଇନିଂସରେ ତୃତୀୟ ଦିନ ୭୭ ଓଭର ଶେଷ ସୁଦ୍ଧା ୭ ଉଇକେଟ ହରାଇ ୩୨୭ ରନ କରିଛି । ରବୀନ୍ଦ୍ର ଜାଡେଜା ୩୬ ଓ ୱାଶିଂଟନ ସୁନ୍ଦର ୪ ରନରେ ବ୍ୟାଟିଂ କରୁଛନ୍ତି । ମ୍ୟାଚ୍‌ରେ ଏବେ ଭାରତୀୟ ଦଳ ହାତରେ ୩ ଉଇକେଟ ସୁରକ୍ଷିତ ରଖି ୩୦୪ ରନରେ ଆଗରେ ରହିଛି । ମ୍ୟାଚ୍ ବେଳେ ଭାରତୀୟ ଦିନିକିଆ ଦଳର ଅଧିନାୟକ ରୋହିତ ଶର୍ମା ଗ୍ରାଉଣ୍ଡରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ତୃତୀୟ ଦିନ ତଥା ଶନିବାର ଭାରତୀୟ ଦଳ ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୭୫/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା । ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଓ ନାଇଟ୍‌ୱାଚ ମ୍ୟାଚ୍ ଭାବେ ଚତୁର୍ଥ କ୍ରମରେ ବ୍ୟାଟିଂ କରିଥିବା ଆକାଶ ଦୀପ ଧୈର୍ଯ୍ୟର ସହ ପ୍ରାୟତଃ ପ୍ରଥମ ସେସନ ଖେଳିଥିଲେ । ଜୟସ୍ୱାଲ ୧୪ ଚୌକା ଓ ୨ ଛକା ସହାୟତାରେ ୧୧୮ ରନର ଶତକୀୟ ପାଳି ଖେଳି ଆଉଟ୍ ହୋଇଥିଲେ । ଏହା ତାଙ୍କ ଟେଷ୍ଟ କ୍ୟାରିୟରର ଷଷ୍ଠ ଶତକ ଥିଲା । ଆକାଶ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ଥିଲା । ଦୁହେଁ ଆଉଟ୍ ହେବା ପୂର୍ବରୁ ତୃତୀୟ ଉଇକେଟରେ ୧୦୭ ରନ୍ ଯୋଡ଼ିଥିଲେ । ଅଧିନାୟକ ଶୁବମନ ଗିଲ (୧୧) ଓ କରୁଣ ନାୟର (୧୭) ବିଫଳ ହୋଇଥିଲେ । ଦୁହେଁ ଗସ୍ ଆଟକିନସନଙ୍କ ବଲରେ ଆଉଟ୍ ହୋଇଥିଲେ । ଏହାପରେ ଜାଡେଜା ଓ ଜୁରେଲ ସପ୍ତମ ଉଇକେଟରେ ୫୦ ରନ ଯୋଡ଼ିଥିଲେ । ଦଳୀୟ ସ୍କୋର ୩୨୩ ହୋଇଥିବା ବେଳେ ଜୁରେଲ ୩୪ ରନ କରି ପାଭିଲିଅନ ଫେରିଥିଲେ । ଇଂଲଣ୍ଡ ପକ୍ଷରୁ ଆଟକିନସନ ୩ ଉଇକେଟ ନେଇଥିବା ବେଳେ ଜୋଶ ଟଙ୍ଗ ଓ ଜେମି ଓଭରଟନ ଦୁଇଟି ଲେଖାଏ ଉଇକେଟ ହାତେଇଛନ୍ତି ।

# ଓଭାଲ୍‌ରେ ଜୟସ୍ୱାଲଙ୍କ ଦମ୍‌ଦାର୍ ସେଞ୍ଚୁରି



ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଷ୍ଟାର୍ ଓପନର୍ ଯଶସ୍ୱୀ ଜୟସ୍ୱାଲ ଇଂଲଣ୍ଡ ବିପକ୍ଷରେ ଓଭାଲ୍ ଟେଷ୍ଟର ଦ୍ୱିତୀୟ ଇନିଂସରେ ଦମଦାର ଶତକ ମାରିଛନ୍ତି । ଏହି ଶତକ ଜୟସ୍ୱାଲଙ୍କ ଜୀବନରେ ଅଭୁଲା ହୋଇ ରହିବ, କାରଣ ନିଜ ପରିବାର ସାମନାରେ ସେ ଏହି ଶତକ ମାରିଛନ୍ତି । ୧୨୭ ବଲରେ ୧୧ ଚୌକା ଓ ୨ଟି ଛକା ସାହାଯ୍ୟରେ ସେ ନିଜର ଶତକ ପୂରଣ କରିଛନ୍ତି । ଇଂଲଣ୍ଡ ବିପକ୍ଷରେ ଏହା ତାଙ୍କର ଚତୁର୍ଥ ଶତକ । ଟିମ୍ ଇଣ୍ଡିଆର ଓପନର୍ ଯଶସ୍ୱୀ ଜୟସ୍ୱାଲ୍ ଓଭାଲ ଗ୍ରାଉଣ୍ଡରେ ନିଜ ଟେଷ୍ଟ କ୍ରିକେଟର ଷଷ୍ଠ ଶତକ ମାରିଛନ୍ତି । ଏଥିରୁ ଚାରୋଟି ଶତକ ଇଂଲଣ୍ଡ ବିପକ୍ଷରେ ମାରିଛନ୍ତି । ଏହା ବ୍ୟତୀତ ଗୋଟିଏ ଶତକ ଅଷ୍ଟ୍ରେଲିଆ ଓ ଅନ୍ୟ ଗୋଟିଏ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ହାସଲ କରିଛନ୍ତି । ଓଭାଲ ଟେଷ୍ଟର ପ୍ରଥମ ଇନିଂସରେ ଦୁଇ ରନ୍ କରି ଆଉଟ୍ ହେବା ପରେ ଜୟସ୍ୱାଲ୍ ଦ୍ୱିତୀୟ ଇନିଂସରେ ଭଲ ପ୍ରଦର୍ଶନ କରି ଟିମ୍‌କୁ ମଜଭୁତ ସ୍ଥିତି ଆଡକୁ ନେଇଛନ୍ତି । ଚଳିତ ସିରିଜରେ ଏହା ଯଶସ୍ୱୀ ଜୟସ୍ୱାଲଙ୍କ ଦ୍ୱିତୀୟ ଶତକ । ଏହା ପୂର୍ବରୁ ସେ ଲିଡ୍ସ ଟେଷ୍ଟ ମ୍ୟାଚରେ ୧୦୧ ରନ୍ କରିଥିଲେ । ଏହା ବ୍ୟତୀତ ଆଜବେଷ୍ଟନ ଓ ମାଞ୍ଚେଷ୍ଟର ଟେଷ୍ଟରେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ଆଜବେଷ୍ଟନରେ ୮୭ ରନ୍ ଓ ମାଞ୍ଚେଷ୍ଟରରେ ୫୮ ରନ୍ କରିଥିଲେ । ସିରିଜରେ ଦୁଇଥର ଡକ୍ ଆଉଟ୍ ହୋଇଛନ୍ତି । ଯଶସ୍ୱୀ ଜୟସ୍ୱାଲ ଇଂଲଣ୍ଡ ବିପକ୍ଷରେ ଟେଷ୍ଟରେ ୨୦୦୦ ରନ୍ ପୂରଣ କରିବାରେ ମାମଲାରେ ସଚିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କୁ ପଛରେ ପକାଇଥିଲେ । ଆଜବେଷ୍ଟନ ଟେଷ୍ଟରେ ୪୦ତମ ଇନିଂସରେ ସେ ୨୦୦୦ ରନ୍ ପୂରଣ କରିଥିଲେ । ଇଂଲଣ୍ଡ ବିପକ୍ଷରେ ଚଳିତ ସିରିଜରେ ଭାରତୀୟ ବ୍ୟାଟରମାନେ ୧୨ଟି ଶତକ ହାସଲ କରିଛନ୍ତି । ଏହା ଗୋଟିଏ ଟେଷ୍ଟ ସିରିଜରେ ଭାରତ ଦ୍ୱାରା ସର୍ବାଧିକ ଶତକ । ୧୯୭୮ ମସିହାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ସିରିଜରେ ୧୧ଟି ଶତକର ପୂର୍ବ ରେକର୍ଡକୁ ଭାଙ୍ଗିଛି ।

# କପିଳ ଦେବଙ୍କ ରେକର୍ଡ ଭାଙ୍ଗିଲେ ମହମ୍ମଦ ସିରାଜ୍



ଓଭାଲ: ଓଭାଲ ଟେଷ୍ଟରେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ଏକ ବଡ଼ କୃତିତ୍ୱ ହାସଲ କରିଛନ୍ତି । ସେ ମହାନ ବୋଲର କପିଳ ଦେବଙ୍କ ରେକର୍ଡ ଭାଗିଛନ୍ତି । ସିରାଜ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ତାଙ୍କ ବୋଲିଂରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି । ସେ ଏହି ସିରିଜରେ ସବୁଠାରୁ ସଫଳ ବୋଲର ଭାବରେ ଉଭା ହୋଇଛନ୍ତି । ଗୋଟିଏ ବର୍ଷ ମଧ୍ୟରେ ଖେଳାଯାଇଥିବା ଦୁଇଟି ଟେଷ୍ଟ ସିରିଜରେ ୧୫୦ କିମ୍ବା ତା'ଠାରୁ ଅଧିକ ଓଭର ବୋଲିଂ ସହିତ ଜଡିତ । କପିଳ ଦେବ ୧୯୯୧-୯୨ରେ ଏହା କରିଥିଲେ । ଏବେ ୩୪ ବର୍ଷ ପରେ, ସିରାଜ ମଧ୍ୟ ସମାନ କାମ କରିଛନ୍ତି । ସେ ଗୋଟିଏ ବର୍ଷ ମଧ୍ୟରେ ଭାରତ ପାଇଁ ଖେଳାଯାଇଥିବା ଦୁଇଟି ଟେଷ୍ଟ ସିରିଜରେ ୧୫୦ରୁ ଅଧିକ ଓଭର ବୋଲିଂ କରିଛନ୍ତି । ମହମ୍ମଦ ସିରାଜ ୨୦୨୪-୨୫ ବର୍ଷରେ ଏହି ଦୁଇଟି ଟେଷ୍ଟ ସିରିଜ ଖେଳିଥିଲେ । ପ୍ରଥମେ, ସେ ଅଷ୍ଟ୍ରେଲିଆ ବିପକ୍ଷରେ ବର୍ଡର ଗାଭାସ୍କର ଟ୍ରଫିରେ ୧୫୭.୧ ଓଭର ବୋଲିଂ କରିଥିଲେ । ଇଂଲଣ୍ଡ ବିପକ୍ଷରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ସେ ଏପର୍ଯ୍ୟନ୍ତ ୧୫୫.୨ ଓଭର ବୋଲିଂ କରିଛନ୍ତି । ଏହା ସିରାଜଙ୍କ ଫିଟନେସ ଏବଂ ଟିମ ଇଣ୍ଡିଆ ପାଇଁ ତାଙ୍କର ଉପଯୋଗିତାକୁ ଦର୍ଶାଉଛି । ଇଂଲଣ୍ଡ ବିପକ୍ଷରେ ଚଳିତ ଟେଷ୍ଟ ସିରିଜରେ ମହମ୍ମଦ ସିରାଜଙ୍କ ପ୍ରଦର୍ଶନ ବିଷୟରେ କହିବାକୁ ଗଲେ, ସେ ଏପର୍ଯ୍ୟନ୍ତ ୧୫୫.୨ ଓଭର ବୋଲିଂ କରି ୧୮ ଉଇକେଟ ନେଇଛନ୍ତି । ଏହି ସମୟରେ, ସେ ଥରେ ୫ କିମ୍ବା ତା'ଠାରୁ ଅଧିକ ଉଇକେଟ ଏବଂ ଥରେ ୪ ଉଇକେଟ ନେଇଛନ୍ତି । ବେନ ଷ୍ଟୋକ୍ସ ଟେଷ୍ଟ ସିରିଜରେ ଉଇକେଟ ଦୌଡ଼ରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି, କିନ୍ତୁ ସେ ଓଭାଲରେ ଖେଳାଯାଉଥିବା ଶେଷ ଟେଷ୍ଟ ଖେଳୁନାହାଁନ୍ତି । ସିରାଜଙ୍କ ପାଖରେ ସିରିଜର ପ୍ରମୁଖ ଉଇକେଟ ଟେକର ହେବାର ସମ୍ଭାବନା ଅଛି । ଅନ୍ୟ ଭାରତୀୟ ବୋଲରଙ୍କ ବିଷୟରେ କହିବାକୁ ଗଲେ, ସିରାଜଙ୍କ ପରେ ଜସପ୍ରୀତ ବୁମରା ଦ୍ୱିତୀୟ ସବୁଠାରୁ ସଫଳ ବୋଲର, ଯିଏ ୧୪ ଉଇକେଟ ନେଇଛନ୍ତି । ସେହିପରି ଆକାଶଦୀପଙ୍କ ନାମରେ ବର୍ତ୍ତମାନ ୧୨ ଉଇକେଟ ଅଛି ।

# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ର୍‍ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଇନ୍‌ଡୋର ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ବ୍ୟାଡମିନ ରାକିଂ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ବୌଦ୍ଧ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି




ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୧୧୧ ଜଣ ପୁରୁଷ ଓ ୧୭ ଜଣ ମହିଳା ଖେଳାଳି ଭାଗ ନେଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଅଗଷ୍ଟ ୩ ତାରିଖ ଦିନ ଶେଷ ହେବ । ଉଦଘାଟନ ଦିନରେ ୭୪ ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଖେଳକୁ ଅତିଥିଭାବେ ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ ଯୋଗଦେଇ ଉଦଘାଟନ କରିଥିଲେ । ଟୁର୍ଣ୍ଣାମେଣ୍ଟ ରେ ପୁରଷ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ସିଙ୍ଗଲ୍ସ, ମହିଳା ଡବଲ୍ସ ଓ ମିଶ୍ରିତ ଡବଲ୍ସରେ ଖେଳ ଅନୁଷ୍ଠିତ ହେଉଛି । ଟୁର୍ଣ୍ଣାମେଣ୍ଟକୁ ସଠିକ ଭାବେ ପରିଚଳାନା ପାଇଁ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ପକ୍ଷରୁ ୨୫ ଜଣ ବୈଷୟିକ ଅଧିକାରୀ ଓ ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଛନ୍ତି । ଆସୋସିଏସନର ସମ୍ପାଦକ ସୁନ୍ଦର ପ୍ରକାଶ, ଉପସଭାପତି ପରେଶ ବେହେରା, କୋଷାଧ୍ୟକ୍ଷ ଶିବାନନ୍ଦ ସାହୁ, ଜୁଲିୟସ ସିଜର ମହାକୁଲ, ଆଲୋକ ରଥ, ଗଣେଶ ମହାପାତ୍ର ବିବେକ କର୍ଣ୍ଣ, ସନ୍ତୋଷ ମହାନ୍ତୀ, ସାଇ ଦାସ ଓ ଆସୋସିଏସନର ସଦସ୍ୟଙ୍କ ସହଯୋଗରେ ଖେଳ ଅନୁଷ୍ଠିତ ହେଉଛି ।

# ବିମାନବନ୍ଦରରୁ ୱାର୍ଲଡ ଚାମ୍ପିୟନ ରିଚାର୍ଡସନ ଗିରଫ

ସିଆଟେଲ: ୟୁଏସ୍ ଟ୍ରାକ ଓ ଫିଲ୍ଡ ଚାମ୍ପିୟନଶିପ୍ ଆରମ୍ଭ ହେବାର ୪ ଦିନ ପୂର୍ବରୁ ୧୦୦ ମିଟର ୱାର୍ଲଡ ଚାମ୍ପିୟନ ଶାକାରି ରିଚାର୍ଡସନଙ୍କୁ ଘରୋଇ ହିଂସା ଲାଗି ସିଆଟେଲ ବିମାନବନ୍ଦରରୁ ଗିରଫ କରାଯାଇଛି । ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ୨୫ ବର୍ଷୀୟା ରିଚାର୍ଡସନ ବିମାନବନ୍ଦରରେ ତାଙ୍କ ପୁରୁଷ ସାଥୀଙ୍କ ସହ ଯୁକ୍ତିତର୍କ ପରେ ତାଙ୍କୁ ଧକ୍କା ଦେଇଥିଲେ, ଯାହା ଫଳରେ ତାଙ୍କ ପୁରୁଷ ସାଥୀ ଏକ ଖୁମ୍ବରେ ପିଟି ହୋଇଯାଇଥିଲେ । ଗତ ଶୁକ୍ରବାର ସେ ଅତ୍ୟଧିକ ଖରା କାରଣରୁ ଅରେଗନର ୟୁଜିନରେ ୧୦୦ ମିଟର ସେମିଫାଇନାଲରେ ଓହରି ଯାଇଥିଲେ ।

# ହୃଦ୍‌ଘାତରେ କ୍ରିକେଟରଙ୍କ ମୃତ୍ୟୁ

କୋଲକାତା: କ୍ରିକେଟ ଜଗତରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ପଶ୍ଚିମବଙ୍ଗର ଉଦୀୟମାନ କ୍ରିକେଟର ପ୍ରିୟଜିତ ଘୋଷଙ୍କ ଆଜି ହୃଦଘାତ ଯୋଗୁଁ ମୃତ୍ୟୁ ଘଟିଛି । ପ୍ରିୟଜିତ ଘୋଷଙ୍କୁ ମାତ୍ର ୨୨ ବର୍ଷ ବୟସ ହୋଇଥିଲା । ସକାଳେ ଜିମ୍ ?ରେ ବ୍ୟାୟାମ କରୁଥିବା ସମୟରେ ପ୍ରିୟଜିତଙ୍କ ହୃଦଘାତ ହୋଇଥିଲା, ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଜଣାଯାଇଛି । ତାଙ୍କର ଏଭଳି ଅକାଳ ମୃତ୍ୟୁ ତାଙ୍କ ବନ୍ଧୁ, ପରିବାର ଏବଂ ସାଥୀ ଖେଳାଳିମାନଙ୍କୁ ଶକ୍ତ ଝଟକା ଦେଇଛି । ପ୍ରିୟଜିତ ଘୋଷ ପଶ୍ଚିମବଙ୍ଗର ବୀରଭୂମି ଜିଲ୍ଲାରେ ଥିବା ବୋଲପୁରର ବାସିନ୍ଦା ଥିଲେ । ତାଙ୍କର ସ୍ୱପ୍ନ ଥିଲା ପ୍ରଥମେ ବଙ୍ଗଳା ରଣଜୀ ଦଳରେ ସ୍ଥାନ ପାଇବା, ତା'ପରେ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିବା ଏବଂ ଏହା ପରେ ସେ ଦିନେ ଭାରତୀୟ ଦଳ ପାଇଁ ମଧ୍ୟ ଖେଳିବାକୁ ଚାହୁଁଥିଲେ । କ୍ରିକେଟ ତାଙ୍କ ପାଇଁ କେବଳ ଏକ ଖେଳ ନଥିଲା, ବରଂ ତାଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯାଇଥିଲା । ପ୍ରିୟଜିତ ଘୋଷଙ୍କ କ୍ରିକେଟ ଯାତ୍ରା ଜିଲ୍ଲା ସ୍ତରରୁ ଆରମ୍ଭ ହୋଇଥିଲା । ୨୦୧୮-୧୯ ସିଜିନରେ, ପ୍ରିୟଜିତ ଘୋଷ ଆନ୍ତଃ ଜିଲ୍ଲା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ରନ ସ୍କୋରର ଥିଲେ । ସେହି ଟୁର୍ଣ୍ଣାମେଣ୍ଟ କ୍ରିକେଟ ଆସୋସିଏସନ ଅଫ୍ ବେଙ୍ଗଲ (ସିଏବି) ଦ୍ୱାରା ଆୟୋଜିତ ହୋଇଥିଲା । ଏହି ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ତାଙ୍କୁ ସିଏବି ଦ୍ୱାରା ସମ୍ମାନିତ ମଧ୍ୟ କରାଯାଇଥିଲା । ପ୍ରିୟଜିତ ଘୋଷ ପାଇଥିବା ପଦକ ଏବେ ବି ତାଙ୍କ କୋଠରୀରେ ସଂରକ୍ଷିତ ଅଛି ।

## କ୍ରିକେଟ୍ ପଡ଼ିଆରେ ନୂଆ ବିଶ୍ୱ ରେକର୍ଡ
# ଗୋଟିଏ ଓଭରରେ କଲେ ୪୫ ରନ୍

ନୂଆଦିଲ୍ଲୀ: ଗୋଟିଏ ଓଭରରେ ୪୫ ରନ । କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ । ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନ ଉସମାନ ଘନି ଏହି ଅସମ୍ଭବ ସମ୍ଭବ କରିଦେଇଛନ୍ତି । ସେ ଗୋଟିଏ ଓଭରରେ ୪୫ ରନ ମାରି ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି । ବୃତ୍ତିଗତ କ୍ରିକେଟରେ ପୂର୍ବରୁ ଏପରି ସଫଳତା କେବେ ହୋଇ ନ ଥିଲା । ଇସିଏସ୍ ଟି-୧୦ ଇଂଲଣ୍ଡ ଟୁର୍ନାମେଣ୍ଟରେ ୧ ଅଗଷ୍ଟରେ ଲଣ୍ଡନ କାଉଣ୍ଟି କ୍ରିକେଟ କ୍ଲବ ଏବଂ ଗିଲ୍ଡଫୋର୍ଡ ମଧ୍ୟରେ ଏକ ମ୍ୟାଚ ଖେଳାଯାଇଥିଲା । ଲଣ୍ଡନ ପାଇଁ ଓପନିଂ କରିବାକୁ ଆସିଥିବା ଉସମାନ ଘନି ଗିଲ୍ଡଫୋର୍ଡ ବୋଲର ୱିଲ ଏର୍ଣ୍ଣଙ୍କ ଓଭରରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ । ଘନି ଗୋଟିଏ ଓଭରରେ ମୋଟ ୪୫ ରନ କରିଥିଲେ । ୬+ ନୋ ବଲ, ୬, ୪+ ୱାଇଡ, ୬, ୪+ନୋ ବଲ, ୬, ୦, ୬, ୪ । ଏହି ଓଭରରେ, ବ୍ୟାଟସମ୍ୟାନ ଏକା ୪୨ ରନ କରିଥିଲେ । ୩ ରନ ଅତିରିକ୍ତ (୨ ନୋ ବଲ ଏବଂ ୧ ୱାଇଡ) ଭାବରେ ଆସିଥିଲା । ଏହା ପୂର୍ବରୁ, କୌଣସି ବ୍ୟାଟସମ୍ୟାନ ଗୋଟିଏ ଓଭରରେ ଏତେ ରନ କରି ନ ଥିଲେ । ଏହା ଆଜି ପର୍ଯ୍ୟନ୍ତ ବୃତ୍ତିଗତ କ୍ରିକେଟରେ ସବୁଠାରୁ ମହଙ୍ଗା ଓଭର ପାଲଟିଛି । ଉସମାନ ଘନି ମ୍ୟାଚ୍ ?ରେ ଫର୍ମରେ ଥିଲେ । ସେ ୪୩ ବଲ୍‌ରେ ଅପରାଜିତ ୧୫୩ ରନ କରିଥିଲେ । ଏଥିରେ ୧୧ ଚୌକା ଏବଂ ୧୭ ଛକା ସାମିଲ ଥିଲା । ତାଙ୍କର ଷ୍ଟ୍ରାଇକ ରେଟ ଥିଲା ୩୫୫.୮୧ । ତାଙ୍କ ସାଥୀ ଇସମାଇଲ ବେହରାମି ମଧ୍ୟ ୧୯ ବଲ୍ ?ରେ ୬୧ ରନ କରିଥିଲେ । ଉଭୟଙ୍କ ଭାଗୀଦାରୀ ଯୋଗୁ ଲଣ୍ଡନ କାଉଣ୍ଟି ୧୦ ଓଭରରେ ୨୨୬/୦ର ଏକ ବିଶାଳ ସ୍କୋର କରିଥିଲା । ଲକ୍ଷ୍ୟ ପିଛା କରି, ଗିଲ୍ଡଫୋର୍ଡର ଦଳ ଏତେ ବଡ଼ ଟାର୍ଗେଟର ସମ୍ମୁଖୀନ ହୋଇପାରି ନ ଥିଲା ଏବଂ ସମଗ୍ର ଦଳ କେବଳ ୧୫୫ ରନ କରିପାରିଥିଲା ଏବଂ ୭୧ ରନ୍‌ରେ ମ୍ୟାଚ ହାରିଥିଲା । ସେମାନଙ୍କର କୌଣସି ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ଛୁଇଁ ପାରି ନ ଥିଲେ । ୨୯ ବର୍ଷୀୟ ଉସମାନ ଘନି ଆଫଗାନିସ୍ତାନ ପାଇଁ ୧୭ ଦିନିକିଆ ଏବଂ ୩୫ ଟି-୨୦ ମ୍ୟାଚ ଖେଳିଛନ୍ତି । ସେ ୨୦୧୪ ମସିହାରେ ତାଙ୍କର ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ, କିନ୍ତୁ ୨୦୨୩ ମସିହାରେ ଘନି ଆଫଗାନିସ୍ତାନ କ୍ରିକେଟ ବୋର୍ଡ ଉପରେ ଦୁର୍ନୀତିର ଅଭିଯୋଗ ଆଣି ଅନ୍ତର୍ଜାତୀୟ କ୍ରିକେଟରୁ ବିରତି ନେଇଥିଲେ ।

# ୧୪ ବର୍ଷ ପରେ ଭାରତ ଆସିବେ ଲିଓନେଲ୍ ମେସି

ନୂଆଦିଲ୍ଲୀ: ଫୁଟବଲ୍‌ର କିମ୍ବଦନ୍ତୀ ଖେଳାଳି ଲିଓନେଲ୍ ମେସି ଖୁବ୍‌ଶୀଘ୍ର ଭାରତ ଗସ୍ତରେ ଆସିବେ । ସେ ୧୪ ବର୍ଷ ପରେ ଭାରତ ଗସ୍ତରେ ଆସୁଛନ୍ତି । ଏହା ପୂର୍ବରୁ ମେସି ୨୦୧୧ରେ ଭାରତ ଗସ୍ତ କରିଥିଲେ । ଏହି ଗସ୍ତରେ ଲିଓନେଲ୍ ମେସି ଭାରତର ୩ଟି ସହର ଯାତ୍ରା କରିବେ । ଏହାସହ ଭାରତରେ ଏକ କ୍ରିକେଟ୍ ମ୍ୟାଚ୍ ଖେଳିବେ ବୋଲି କୁହାଯାଉଛି । ଏହି କ୍ରିକେଟ୍ ମ୍ୟାଚ୍‌ରେ ସଚିନ୍ ତେନ୍ଦୁଲକର, ଏମ୍‌ଏସ୍ ଧୋନି, ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ମଧ୍ୟ ଆକ୍ସନରେ ଦେଖିବାକୁ ମିଳିବ । ଲିଓନେଲ୍ ମେସି ଡିସେମ୍ବରରେ ଭାରତ ଗସ୍ତରେ ଆସିବେ । ସେ କୋଲକାତା, ମୁମ୍ବାଇ ଏବଂ ଦିଲ୍ଲୀ ଯାତ୍ରା କରିବେ । ଏହି କିମ୍ବଦନ୍ତୀ ଫୁଟବଲ୍ ଖେଳାଳି ମୁମ୍ବାଇର ୱାଙ୍ଖେଡେରେ ଏକ କ୍ରିକେଟ୍ ମ୍ୟାଚ୍ ଖେଳିବେ । ଯଦିଓ, ଲିଓନେଲ୍ ମେସି ନିଜେ ଏପର୍ଯ୍ୟନ୍ତ ଏହା ଘୋଷଣା କରିନାହାନ୍ତି, କିନ୍ତୁ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁଯାୟୀ, ମେସିଙ୍କ ଏହି ଯାତ୍ରାକ ନେଇ ସବୁ ଚୂଡ଼ାନ୍ତ ହୋଇଛି । କେବଳ ମେସିଙ୍କ ପକ୍ଷରୁ ଏକ ଆନୁଷ୍ଠାନିକ ଘୋଷଣାର ବାକି ରହିଛି । ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଖୁବ୍ ଶୀଘ୍ର ଘୋଷଣା କରାଯାଇପାରେ ବୋଲି ଆଶା କରାଯାଉଛି । ବର୍ତ୍ତମାନ ପ୍ରସ୍ତାବିତ ଗସ୍ତର କାର୍ଯ୍ୟସୂଚୀ ଉପରେ ସହମତ ହୋଇଛୁ । ଆମେ କେବଳ ତାଙ୍କ ସୋସିଆଲ ମିଡିଆରୁ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା କରିଛୁ, ଯାହା ଖୁବ୍‌ଶୀଘ୍ର ଆସିବ ବୋଲି ମୁମ୍ବାଇ କ୍ରିକେଟ୍ ଆସୋସିଏନ ପକ୍ଷରୁ କୁହାଯାଇଛି । ଲିଓନେଲ୍ ମେସି ଭାରତ ଗସ୍ତରେ ଡିସେମ୍ବର ୧୨ରେ ପ୍ରଥମେ କୋଲକାତାରେ ପହଞ୍ଚିବେ । ଏଠାରେ ସେ ଦୁଇ ଦିନ ରହିବେ । ସେ ସୌରଭ ଗାଙ୍ଗୁଲିଙ୍କ ସହିତ ଇଡେନ୍ ଗାର୍ଡେନ ମଧ୍ୟ ପରିଦର୍ଶନ କରିବେ । ପିଟିଆଇ ପକ୍ଷରୁ କୁହାଯାଇଛି ଆମେ ଲୋକଙ୍କୁ ଭ୍ରମିତ କରିବାକୁ ଚାହୁଁନାହିଁ । ମେସି ସୌରଭ ଗାଙ୍ଗୁଲି, ଲିଆଣ୍ଡର ପେସ୍, ଜନ୍ ଆବ୍ରାହମ୍, ବାଇଚୁଙ୍ଗ୍ ଭୁଟିଆ ଆଦିଙ୍କ ସହିତ ଏକ ସାତ-ଦଳୀୟ ସଫ୍ଟ-ବଲ୍, ସଫ୍ଟ-ଟଚ୍ ଖେଳରେ ଜିଓଏଟି କପ୍ ଖେଳିବେ । ଏହା ମେସିଙ୍କ ସମ୍ମାନାର୍ଥେ ଏକ ଉତ୍ସବ ହେବ । ଦର୍ଶକମାନେ ଟିକେଟ୍ କିଣି ଷ୍ଟାଡିୟମକୁ ଯାଇ ସେମାନଙ୍କ ପ୍ରିୟ ଖେଳାଳିଙ୍କ ଖେଳ ଉପଭୋଗ କରି ପାରିବେ । ଏହି ମ୍ୟାଚରେ ଟିକେଟ୍ ମୂଲ୍ୟ



ପ୍ରାୟ ୩୫୦୦ ଟଙ୍କା ହେବ । ଆଶା କରାଯାଉଛି ଯେ ପ୍ରାୟ ୬୮ ହଜାର ଦର୍ଶକ ଷ୍ଟାଡିୟମକୁ ଆସିବେ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଡେନ୍ ଗାର୍ଡେନରେ ଲିଓନେଲ୍ ମେସିଙ୍କୁ ସମ୍ମାନିତ କରିବେ । ମେସି ଡିସେମ୍ବର ୧୪ରେ ମୁମ୍ବାଇ ପହଞ୍ଚିବେ । ମେସି ୱାଙ୍ଖେଡେରେ ଏଙ୍ଗଇଞ୍ଜ କପ୍ ମଧ୍ୟ ଖେଳିବେ । ରିପୋର୍ଟରେ ସ୍ପଷ୍ଟ କରାଯାଇଛି ଯେ ମେସି କ୍ରିକେଟ୍ ମ୍ୟାଚ୍ ଖେଳିବେ ନାହିଁ । ଏହା ପରେ ମେସି ଡିସେମ୍ବର ୧୫ରେ ଦିଲ୍ଲୀ ଆସିବେ । ଦିଲ୍ଲୀରେ ମେସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବେ । ଉଲ୍ଲେଖନୀୟ ପୂର୍ବରୁ ମେସି ୨୦୧୧ ଅଗଷ୍ଟ ରେ ଭାରତ ଆସିଥିଲେ ।

ई० प्रोक्यूरमेंट सेल,
कार्यपालक अभियंता का कार्यालय,
भवन निर्माण विभाग, भवन प्रमंडल, सिमडेगा
Email Id :- eengbcdsimdega@gmail.com

अल्पकालिन ई–प्रोक्योरमेन्ट नोटिस
ई–टेन्डर रेफरेंस नं0– 07/2025-26/EE/BCD/BD,SIMDEGA.
दिनांक–01-08-2025

| | | |
|---|---|---|
| 1. | कार्य का नाम | Construction of Type-A (District Level) Akhra, Simdega, Jharkhand. |
| 2. | प्राक्कलित राशि (रू0) | रूपया 1,37,06,400.00 (एक करोड़ सैंतीस लाख छः हजार चार सौ) रुपये मात्र। |
| 3. | कार्य पूर्ण करने की अवधि | 09 (नौ) माह। |
| 4. | वे बसाईड पर निविदा प्रकाशन की तिथि | 18.08.2025 को 11:00 बजे |
| 5. | बिड प्राप्ति के लिए अन्तिम तिथि/समय | 25.08.2025 को दोपहर 11:00 बजे तक |
| 6. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता, भवन निर्माण विभाग, भवन प्रमंडल, सिमडेगा–835223 |
| 7. | निविदा खोलने की तिथि/समय एवं स्थान | 26.08.2025 के अपराह्न 11:30 बजे तक नोडल पदाधिकारी, ई0 प्रोक्यूरमेंट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, झारखण्ड, राँची। |
| 8. | प्रोक्योरमेन्ट पदाधिकारी का सम्पर्क संख्या | 86748–35234 |
| 9. | ई–प्रोक्योरमेन्ट सेल का हेल्पलाईन संख्या | 86748–35234 |

10. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
11. सूचना प्रौद्योगिकी एवं ई–गवर्नेंस विभाग, झारखण्ड सरकार के आदेश ज्ञापांक 120 दिनांक 03-10-2023 के द्वारा निर्गत SOP (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक 2229 दिनांक 06-10-2023 के आलोक में निविदा भुल्क एवं अग्रधन की राशि केवल Online Mode द्वारा स्वीकार्य होगी।
12. निविदा भुल्क एवं अग्रधन की राशि का ई–भुगतान जिस खाता से किया जायेगा SOP के तहत अग्रधन की राशि उसी खाते में वापस होगी। अगर खातों को बंद कर दिया जाता है तो उसकी संपूर्ण जवाबदेही निविदादाता की होगी।
13. अन्य किसी भी प्रकार के बदलाव की सूचना http://jharkhandtenders.gov.in पर देखा जा सकता है।

**Note :- UCAN Registration is mandatory for the Bidders.**

कार्यपालक अभियंता,
भवन निर्माण विभाग,भवन प्रमंडल, सिमडेगा।
PR.NO.358864 Simdega(25-26):D

# ସିବିଏସ୍ଇ ଆୟୋଜିତ ଇଷ୍ଟ ଜୋନ୍ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟରେ ସେଣ୍ଟ ଜାଭିୟର୍ସ ଚାମ୍ପିୟନ




କେନ୍ଦୁଝର(ଭାସ୍କର ନ୍ୟୁଜ): ଆସାମର ଗୁଓ୍ୱାହାଟି ସ୍ଥିତ ପ୍ରାଗ ଜ୍ୟୋତିଷ ସିନିୟର ସେକେଣ୍ଡାରୀ ସ୍କୁଲରେ ଅନୁଷ୍ଠିତ ହୋଇଥିବା ସିବିଏସ୍ଇ ପୂର୍ବୋତ୍ତର ରାଜ୍ୟ ସମୂହ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟରେ କେନ୍ଦୁଝର ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୧୭ ବର୍ଷରୁ କମ୍ ବାଳକ ହ୍ୟାଣ୍ଡବଲ ଦଳ ଇଷ୍ଟଜୋନରେ ଚାମ୍ପିୟାନ୍ ହୋଇ ସ୍ୱର୍ଣ୍ଣପଦକ ହାସଲ କରିବା ସହ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି । ଫାଇନାଲରେ ଛତିଶଗଡର ଆଧାରଶିଳା ବିଦ୍ୟାମନ୍ଦିରକୁ ଏକ ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ୧୮-୧୬ ଗୋଲରେ ପରାସ୍ତ କରି ବିଜୟ ଲାଭ କରିଛି । ଏହି ପରିପ୍ରେକ୍ଷୀରେ ରାଜରାମ ପଣ୍ଡା, ଗୌରୀଶଙ୍କର ଜେନା(କୋଚ୍), ରେଫରୀ ମନୋଜ ବିଶ୍ୱାସ, ତାଜ୍ମିରା ଗାଜୀ ପ୍ରଶିକ୍ଷଣ ଦେଇ ଦାୟିତ୍ୱ ତୁଲାଇଥିବା ବେଳେ ସହଯୋଗୀ ଶିକ୍ଷକ ଅନ୍ତର୍ଯ୍ୟାମୀ ପ୍ରଧାନ ଓ ଶିକ୍ଷୟିତ୍ରୀ ଶଶିରେଖା ସାହୁ ସହାୟତା କରିଥିଲେ । ଉକ୍ତ ଜୋନରେ ତୀବ୍ର ପ୍ରତିଦ୍ୱନ୍ଦିତା ତଥା ସଂଘର୍ଷପୂର୍ଣ୍ଣ ଭାବେ ବେଶ ଉପଭୋଗ୍ୟ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କୁ ଆଶାତୀତ ସଫଳତା ମିଳିଛି । ଜାତୀୟ ସ୍ତରରେ ବିଦ୍ୟାଳୟ ପାଇଁ ଏହା ଏକ ଗୌରବ ଆଣିଥିବାରୁ ବିଦ୍ୟାଳୟର ପ୍ରତିଷ୍ଠାତା ଇଂ ଦେବବ୍ରତ ବେହେରା କୃତୀତ୍ୱ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସାଧୁବାଦ ଜ୍ଞାପନ କରିବା ସହ ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି । ଟ୍ରଷ୍ଟି ସସ୍ମିତା ବେହେରା, ଟ୍ରଷ୍ଟି କାଣ୍ଡି କେୟା, ଟ୍ରଷ୍ଟି ଶରତ ଚନ୍ଦ୍ର ମହାନ୍ତି, ଟ୍ରଷ୍ଟି ସୌମ୍ୟରଞ୍ଜନ ପଣ୍ଡା ଏବଂ ବିଦ୍ୟାଳୟର ପ୍ରଧାନ ଅଧ୍ୟକ୍ଷ ଡ଼ଃ ଦିବ୍ୟକିଶୋର ପ୍ରଧାନ, ମୁଖ୍ୟ ପ୍ରଶାସନିକ ଅଧିକାରୀ ଇଂ ମୃତ୍ୟୁଞ୍ଜୟ ନାୟକ, ଉପସଭାପତି ଇଂ କୀରନ ଭାରତୀ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କାର୍ଯ୍ୟକର୍ତ୍ତା ଗଣ କୃତୀତ୍ୱ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ସହ ସାଧୁବାଦ ଜ୍ଞାପନ କରିଛନ୍ତି ।

ମୁଥୁଟ ମାଇକ୍ରୋଫିନ ଲିମିଟେଡ୍ | ସୁନା ନିଲାମ ବିଜ୍ଞପ୍ତି
ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍
ପଞ୍ଜିକୃତ କାର୍ଯ୍ୟାଳୟ: ୧୩ତମ ମଞ୍ଚ, ପ୍ୟାରିନି କ୍ରେସେଣ୍ଡୋ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ, ମହାରାଷ୍ଟ୍ର-୪୦୦୦୫୧
ପ୍ରଶାସନିକ କାର୍ଯ୍ୟାଳୟ: ୫ତମ ମଞ୍ଚ, ମୁଥୁଟ୍ ଟାୱର୍, ଏମ.ଜି. ରୋଡ୍, କୋଚି, କେରଳ-୬୮୨୦୩୫
ଦୂରଭାଷ: +୯୧-୪୮୪-୪୨୭୭୫୦୦, ଫ୍ୟାକ୍ସ: +୯୧-୪୮୪-୨୩୫୧୪୯୪. CIN: L65190MH1992PLC066228

ସମ୍ବନ୍ଧିତ ସମସ୍ତଙ୍କ ଜ୍ଞାନାର୍ଥ ଏହି ସୂଚନା ଦିଆଯାଉଛି ଯେ ଏମ୍.ଏସ୍.ଜି.ବି./ଏମ୍.ଏମ୍.ଜି.ଏଲ୍. ଋଣଗୁଡ଼ିକ ନିମ୍ନଲିଖିତ ଶାଖାଗୁଡ଼ିରେ ଜମା ରହିଥିବା ସୁନା ଆଭୂଷଣଗୁଡ଼ିକ ନିମ୍ନଲିଖିତ ଅବଧି ପାଇଁ. 05.01.2024, 17.01.2024, 19.01.2024, 06.02.2024, 09.02.2024, 18.04.2024, 09.05.2024, 06.06.2024, 02.07.2024, 12.07.2024, 25.07.2024, 23.03.2024 ପ୍ରତ୍ୟେକ ଶାଖାରେ ଯାହାର ସମୟ ସୀମା ଶେଷ ହୋଇଯାଇଛି ଏବଂ ଯାହା ସୂଚନା ପ୍ରଦାନ କରାଯିବା ସତ୍ତ୍ୱେ ଏପର୍ଯ୍ୟନ୍ତ ପୁନଃ ମୁକ୍ତ କରାଯାଇ ନାହିଁ, ସେଗୁଡ଼ିକୁ ସକାଳ10.00 ଟାରେ ନିମ୍ନଲିଖିତ ମୁଥୁଟ୍ ଫିନକର୍ପ ଲିମିଟେଡ୍ ଶାଖାଗୁଡ଼ିକରେ ନିଲାମ କରାଯିବ ।
ବାଲେଶ୍ୱର ଜିଲ୍ଲା :- ନିଲାମ କେନ୍ଦ୍ର: ସୋର- ପ୍ରଥମ ମହଲା, ନମ୍ବର 73, ଖାତିଆନ୍ ନମ୍ବର-324/226, ପ୍ଲଟ୍ ନମ୍ବର-73, ପ୍ରଥମ ମହଲା, ପୁରୁଣା ସେଣ୍ଟ୍ରାଲ ବ୍ୟାଙ୍କ ଭବନ, ଭଦରେଶ୍ୱର, ସୋର, ବାଲେଶ୍ୱର, ଓଡ଼ିଶା – 756045 ନିଲାମ ତାରିଖ: 20-08-2025 ସୋର MML: 1106610105147728, 1106610105147884. ଭଦ୍ରକ ଜିଲ୍ଲା:- ନିଲାମ କେନ୍ଦ୍ର: ଭଦ୍ରକ - ପ୍ରଥମ ମହଲା, ଆର୍. ସି. ବେହେରା ମ୍ୟାନସନ, ଖାତା ନଂ-723/1037, ପ୍ଲଟ୍ ନଂ-373/3164, ସାଳନ୍ଦୀ ବାଇପାସ୍, ଏକ୍ସିସ୍ ବ୍ୟାଙ୍କ ଉପରେ, ଭଦ୍ରକ, ଓଡ଼ିଶା, 756100, ନିଲାମ ତାରିଖ: 20-08-2025, ଭଦ୍ରକ MML-1103550105151220, 1103550105151461. କଟକ ଜିଲ୍ଲା :- ନିଲାମ କେନ୍ଦ୍ର : ଲିଙ୍କ୍ ରୋଡ୍-କଟକ-ପ୍ରଥମ ମହଲା, ସିଧୁ ରାଉତ ବିଲ୍ଡିଂ, ପ୍ଲଟ୍ ନମ୍ବର-879, ଗଣେଶ ବଜାର, ଏ.ଡି. ମାର୍କେଟ୍, ଲିଙ୍କ୍ ରୋଡ୍, କଟକ, ଶୀତଲ ହୋଟେଲ୍ ପାଖରେ, କଟକ, ଓଡ଼ିଶା, ପିନ୍- 753012 ନିଲାମ ତାରିଖ : 21-08-2025 କଟକ MML-1102870105162585. ଢେଙ୍କାନାଳ ଜିଲ୍ଲା :- ନିଲାମ କେନ୍ଦ୍ର : ଢେଙ୍କାନାଳ - ପ୍ରଥମ ମହଲା , ମୁଥୁଟ୍ ଫିନକର୍ପ ଲିମିଟେଡ୍, ପ୍ଲଟ୍ ନଂ-2820/5920, ଖାତିଆନ ନଂ-503, ମେନ୍ ବଜାର, ମହାବୀର ମନ୍ଦିର ସାମ୍ନାରେ, ଢେଙ୍କାନାଳ ପିନ୍ : 759001 ନିଲାମ ତାରିଖ : 21-08-2025 ଢେଙ୍କାନାଳ MML-1103540105155212. ଗଞ୍ଜାମ ଜିଲ୍ଲା:- ନିଲାମ କେନ୍ଦ୍ର: ଆସିକା-କଳିଙ୍ଗ ମେନ୍ ରୋଡ୍– ତଳ ମହଲା, ମୌଜା ଖମ୍ବେଶ୍ୱରୀ ପାଟଣା, ଖାତା ନଂ-46/311, କଳିଙ୍ଗ ରୋଡ୍, ଡାକଘର ପାଖରେ, ଆସିକା, ଓଡ଼ିଶା – 761110, ନିଲାମ ତାରିଖ: 18-08-2025, ଆସିକା MML-1102850105156755 ନିଲାମ କେନ୍ଦ୍ର: ବ୍ରହ୍ମପୁର–ଇଞ୍ଜିନିୟରିଂ ସ୍କୁଲ ରୋଡ୍– ତଳ ମହଲା, ଏଲାସବାଟି ପ୍ଲାଜା, ଖାତା ନଂ-30/25/25, ଇଞ୍ଜିନିୟରିଂ ସ୍କୁଲ୍ ରୋଡ୍, ବିଦ୍ୟୁତପୁରୀ କଲୋନୀ ସାମ୍ନାରେ, ବ୍ରହ୍ମପୁର, ଓଡ଼ିଶା – 760010, ନିଲାମ ତାରିଖ: 19-08-2025, ବ୍ରହ୍ମପୁର MML-1102860105161010, ନିଲାମ କେନ୍ଦ୍ର: ଭଞ୍ଜନଗର – ପ୍ରଥମ ମହଲା, ସାଇ ଗଣେଶ ହୋଟେଲ୍, ଖାତା ନଂ-21292454, ମେନ୍ ରୋଡ୍, ସାଇ ଗଣେଶ ହୋଟେଲ୍ ତଳେ, ଭଞ୍ଜନଗର, ଓଡ଼ିଶା – 761126, ନିଲାମ ତାରିଖ: 19-08-2025, ଭଞ୍ଜନଗର MML-1104790105147818, 1104790105148076, 1104790105148540. ଯାଜପୁର ଜିଲ୍ଲା:- ନିଲାମ କେନ୍ଦ୍ର: ଚଣ୍ଡିଖୋଲ – ପ୍ରଥମ ମହଲା, ଲିପ୍ସା ମାର୍କେଟ କମ୍ପ୍ଲେକ୍ସ, ପ୍ଲଟ୍ ସଂଖ୍ୟା-1239, ସୁନଗୁଡ଼ା, ଚଣ୍ଡିଖୋଲ ଛକ, ମଣ୍ଡପୁରମ୍, ଚଣ୍ଡିଖୋଲ ବିପରୀତ ପାର୍ଶ୍ୱରେ, ଯାଜପୁର । ପିନ୍: 755044 ନିଲାମ ତାରିଖ: 20-08-2025 ଚଣ୍ଡିଖୋଲ MML-1103660105153237. ଖୋର୍ଦ୍ଧା ଜିଲ୍ଲା :- ନିଲାମ କେନ୍ଦ୍ର: ଶୈଳଶ୍ରୀବିହାର-ଭୁବନେଶ୍ୱର- ପ୍ରଥମ ମହଲା, ବଳରାମ ଅନନ୍ତ କମ୍ପ୍ଲେକ୍ସ, ପ୍ଲଟ୍ ନମ୍ବର 254(P), ଶୈଳଶ୍ରୀବିହାର ରୋଡ୍, ଆମ୍ରପାଲୀ ରେଷ୍ଟୁରାଣ୍ଟ ନିକଟରେ, ଭୁବନେଶ୍ୱର, ଓଡିଶା, 751021 ନିଲାମ ତାରିଖ: 23-08-2025 ଭୁବନେଶ୍ୱର2 MML-1102840105161261
ଦୟାକରି ଧ୍ୟାନ ଦିଅନ୍ତୁ, ଯଦି କୌଣସି କାରଣରୁ ଉପରୋକ୍ତ ତାରିଖରେ ନିଲାମ କରାନଯାଏ, ତେବେ ତାହା 30-08-2025 ରେ ମୁଥୁଟ୍ ଫିନକର୍ପ ଲିମିଟେଡ୍ ଶାଖାରେ ସକାଳ 10.00 ରେ କରାଯିବ । ନିଲାମ କେନ୍ଦ୍ର: ଆସ୍କା ରୋଡ୍-ବ୍ରହ୍ମପୁର – ଗ୍ରାଉଣ୍ଡ ଫ୍ଲୋର, ରଜା ପ୍ଲାଜା, ଆସ୍କା ରୋଡ୍, SBI ଆସ୍କା ରୋଡ୍ ଶାଖା ସାମ୍ନାରେ, ବ୍ରହ୍ମପୁର, ଓଡ଼ିଶା – ୭୬୦୦୦୧ ୦୧-୦୯-୨୦୨୫ ରେ, ନିଲାମ କେନ୍ଦ୍ର: ଆସ୍କା ରୋଡ୍-ବ୍ରହ୍ମପୁର ୦୨-୦୯-୨୦୨୫ ରେ, ନିଲାମ କେନ୍ଦ୍ର: ବାଲେଶ୍ୱର – ପ୍ରଥମ ମହଲା, ଜାସୋରିଆ ଟ୍ରେଡର୍ସ, କାଚେରୀ ରୋଡ୍, ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ନିକଟରେ, ବାଲେଶ୍ୱର, ଓଡ଼ିଶା – ୭୫୬୦୦୧ ୦୨-୦୯-୨୦୨୫ ରେ, ନିଲାମ କେନ୍ଦ୍ର: ଯାଜପୁର ରୋଡ୍ – ପ୍ରଥମ ମହଲା, ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍, ପ୍ଲଟ୍ ନମ୍ବର-୩୮୪, ବ୍ୟାଙ୍କ ଷ୍ଟ୍ରିଟ୍, ଭାରତ ଗ୍ୟାସ ର ବିପରୀତ, ପଦମପୁର, ଯାଜପୁର ରୋଡ୍, ଓଡ଼ିଶା – ୭୫୫୦୧୯ ୦୨-୦୯-୨୦୨୫ ରେ, ନିଲାମ କେନ୍ଦ୍ର: ଭଦ୍ରକ ୦୩-୦୯-୨୦୨୫ ରେ, ନିଲାମ କେନ୍ଦ୍ର: କଟକ-ନୟାସଡକ – ପ୍ରଥମ ମହଲା, ଦତାରାମ ଜଗନ୍ନାଥ ବିଲ୍ଡିଂ, ହାଇକୋର୍ଟ ନିକଟରେ, ନୟାସଡକ, କଟକ, ଓଡ଼ିଶା – ୭୫୩୦୦୨ ୦୩-୦୯-୨୦୨୫ ରେ, ନିଲାମ କେନ୍ଦ୍ର: କଟକ ରୋଡ୍, ଭୁବନେଶ୍ୱର – ପ୍ରଥମ ମହଲା, ଡି.ଏମ୍. ପ୍ୟାଲେସ୍, ପ୍ଲଟ୍ ନମ୍ବର- ୧୫/୫୧୬୮, ମୌଜା ଲକ୍ଷ୍ମୀସାଗର, ସିଣ୍ଡିକେଟ୍ ବ୍ୟାଙ୍କ ନିକଟରେ, କଟକ ରୋଡ୍, ଓଡ଼ିଶା, ୭୫୧୦୦୬ ନିଲାମ ତାରିଖ: ୦୫-୦୯-୨୦୨୫ ନିଲାମ କେନ୍ଦ୍ର: ଢେଙ୍କାନାଳ । ଏହି ସୂଚନା ସେହି ସମ୍ବନ୍ଧିତ ଋଣ ଖାତାଗୁଡ଼ିକର ପାଇଁ ପ୍ରଯୋଗ ହେବ ନାହିଁ ଯେଉଁଠାରେ ସୁନା ଗହଣାର ମୁକ୍ତି ପ୍ରକ୍ରିୟା ପୂର୍ବରୁ କାର୍ଯ୍ୟକାରୀ ହୋଇସାରିଛି ।
ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ ଦ୍ୱାରା ଅଧିକୃତ ନିଲାମକାରୀଙ୍କ ପାଇଁ



## ଲୁହର ଶ୍ରାବଣୀ

✶ ନିରଞ୍ଜନ ସାହୁ

ଲୁହର ଶ୍ରାବଣୀ ଝରିଯାଏ ଯେବେ
ଶ୍ରାବଣ ବରଷା ପରି
ଛାତିରେ କୋହର ଘଡଘଡି ମାରେ
ଅନ୍ତରରେ ଦୁଃଖ ଭରି ।

କିଏ ବୁଝେନାହିଁ ମରମ ତଳର
ଅସରନ୍ତି ଦୁଃଖ ଯେତେ
କିଏ ଶୁଣେନାହିଁ ବେଦନାର ଭାଷା
ମାର୍ମିକ ଯନ୍ତ୍ରଣା କେତେ
ସଭିଏଁ କେବଳ ଇଙ୍ଗିତ କରନ୍ତି
ଲୁହ ପଡୁଥାଏ ଝରି ।
ଭାଗ୍ୟ ଯେତେବେଳେ ଦାଉ ସାଧୁଥାଏ
କାହାକୁ କହିବ ଯାଇ

କିଏ ବା କିପରି ଉଦ୍ଧାର ପାଇବ
ଘୋର ସଙ୍କଟରେ ଥାଇ
ଉଦ୍ଧାରକାରୀ ତ ଭଗାରୀ ସାଜିଛି
କିଏ ନେବ ଦୁଃଖ ହରି ?

ଏମିତି ବି ଦୁଃଖ ଜୀବନରେ ଆସେ
ଯା'ର ସମାଧାନ ନାହିଁ
ଏମିତିଆ ଦୁଃଖ ରହିଅଛି ପୁଣି

ତାହାର ବିକଳ୍ପ କାହିଁ
ସମାଧାନ ଅବା ବିକଳ୍ପ ହେଲେ ବି
ତା ନୁହଁଇ ସମ ସରି ।

ଜୀବନ ଯାତନା ଅଟେ ମର୍ମଭେଦୀ
ଭୋଗିବା ଲୋକ ହିଁ ଜାଣେ
କାହା ସାନ୍ତ୍ୱନାର ମଲମ ଲାଗିଲେ
ଉପଶମ ଯେ ନ ଆଣେ

ନିଜକୁ ନିଜେ ତ ବୁଝାଇ ନିଜର
ସମାଧାନ ଦିଅ କରି ।

*ନିହଳ ପ୍ରସାଦ , ଗଁଦିଆ*
*ପାଟଣା*
*ଢେଙ୍କାନାଳ*
*ମୋ- ୯୯୩୮୭୪୧୫୮୩*

# ପର ରକ୍ତ ଆପଣାର



ସନ୍ତୋଷ ମିଶ୍ର

ସକାଳୁ ସକାଳୁ ସାନଭଉଣୀର ଫୋନ୍ - ଭାଇନା ମା ' କୁ କୋଉଠି ଛାଡ଼ିବି। ସୁବ୍ରତ ପଚାରିଲା - କାହିଁକି କ'ଣ କିଛି ଅସୁବିଧା ହେଲା କି। ଦାମିନୀ କହିଲା - ମାସାଧିକ କାଳ ମା ' ଏଠାରେ ରହିଲାଣି। ବଡ଼ ଭାଇନା ଛାଡ଼ିକି ଯାଇଛନ୍ତି ଯେ ଯାଇଛନ୍ତି। ମା' କୁ ନେବାର ନାଁ ଧରୁନାହାନ୍ତି। ଫୋନ୍ କରି ନେବାକୁ କହିଲେ କହୁଛନ୍ତି - ମୁଁ ଆଣି ପାରିବିନି। ମୁଁ ନିଜେ କାର୍‌ରେ ନେଇ ଛାଡି ଆସିବି କହିଲେ କହୁଛନ୍ତି - ନା ନା ଏଠିକୁ ଆଣିବା ଦରକାର ନାହିଁ। ଝିଅ ଘରେ ମା' ଅଧିକ ଦିନ ରହିବା କ'ଣ ଶୋଭା ପାଉଛି। ସୁବ୍ରତ କହିଲା - ତୋ ପାଖରେ ମା' କୁ ଯିଏ ଛାଡ଼ିଚି। ତୁ ତା' ପାଖରେ ଛାଡ଼ିବା କଥା। ବଡ଼ ଭଉଣୀ ଏମିତି ମା' କୁ ମାସେ କାଳ ନେଇ କୋରାପୁଟରେ ରଖିଲା। ସେ ତ ଏକା ରହୁଥିଲା। ହେଲେ ଅଧୈର୍ଯ୍ୟ ହୋଇ ମା' କୁ ଆଣି ଛାଡ଼ି ଦେଇଗଲା। ସେତେବେଳେ ମୁଁ ଘରେ ରହୁଥିଲି। ଏବେ ବଦଳି ହୋଇ ରାୟଗଡ଼ା ଆସିଚି। ତୁ ରାୟଗଡ଼ାରେ ମା' କୁ ଆଣି ଛାଡ଼ି ଦେଇ ଯା। ମୋର କିଛି ଆପତ୍ତି ନାହିଁ। ଦାମିନୀ କହିଲା - ମା' କିନ୍ତୁ କହୁଚି ସାନ ଭାଉଜଙ୍କ ପାଖରେ ଉଦଳାରେ ରହିବ। ସୁବ୍ରତ କହିଲା - ମୁଁ ଥିଲେ ଅବଶ୍ୟ କିଛି ଅସୁବିଧା ହୁଅନ୍ତା ନାହିଁ। ମାତ୍ର ରାୟଗଡ଼ାରେ ଥାଇ ମୁଁ କ'ଣ କରି ପାରିବି। ମା' ର ବୟସାଧିକ ଦୃଷ୍ଟିରୁ ବଡ ଭାଇନାଙ୍କ ପାଖରେ ରହିବା ଅଧିକ ନିରାପଦ। ବାପାମାଆ ବହୁ କଷ୍ଟ ସ୍ୱୀକାର କରି ତାକୁ ଡାକ୍ତର କରିଥିଲେ । ସାନ ଭଉଣୀ ଘରେ ମା' କୁ ଛାଡି ଦେଇ ନନେବା କ'ଣ ଠିକ୍ କଥା। ଉଦଳାରେ ଏବେ ଘର ମରାମତି କାମ ଚାଲିଛି। ମା ସେଠାରେ ରହିଲେ ନିଶ୍ଚିତ ଭାବେ ଅସୁବିଧା ହେବ। ଦାମିନୀ କହିଲା - ମୋତେ ତାହେଲେ ମା' କୁ ନେଇ ରାସ୍ତାରେ ବସେଇ ଦେବାକୁ ପଡ଼ିବ। ଅନ୍ୟ କିଛି ବାଟ ଦେଖା ଯାଉ ନାହିଁ।

ଦାମିନୀ ମା' କୁ କହିଲା - ମା' ତୁ ତ ସବୁ କଥା ଜାଣୁ। ବୁଝୁ। ଏବେ କ'ଣ କରିବା କହ। ବଡ଼ ଭାଇନା ତୋତେ ନେବାକୁ ନାରାଜ। ସାନ ଭାଇନା ରାୟଗଡ଼ାରେ ଏକା। ତାଙ୍କ ପାଖରେ ତୋତେ ଛାଡ଼ିବା ସମ୍ଭବ ନୁହେଁ। ସାନଭାଉଜ ଉଦଳାରେ ଦୁଇ ଛୁଆଙ୍କୁ ନେଇ ଘର ମରାମତି କାମରେ ବ୍ୟସ୍ତ। ତୋ କଥା ସେ ଠିକ୍ ଭାବେ ବୁଝି ପାରିବେନି। ସେଥିପାଇଁ ସାନ ଭାଇନା ମନା କରୁଛନ୍ତି ତାଙ୍କ ପାଖରେ ତୋତେ ଛାଡ଼ିବା ପାଇଁ। ବଡଭଉଣୀ ଅବିବାହିତା, ଏକାକିନୀ। ସେ ବି ତୋତେ ରଖିବାକୁ ଚାହୁଁ ନାହିଁ। ସବୁଠୁଁ ଭଲ ହେବ ତୁ ବଡ଼ ଭାଇନାଙ୍କ ପାଖକୁ ଚାଲ। ସେଠି ବଡ଼ ଭାଉଜ ଅଛନ୍ତି। ତୋର ଖାଇବା ପିଇବାରେ କିଛି ଅସୁବିଧା ହେବନି। ତୁ ଯାଇ ପହଞ୍ଚିଲେ ସେମାନେ କ'ଣ ତୋତେ ତଡି ଦେବେ। ବାଧ ହୋଇ ରଖିବେ। ମା' କହିଲା - ମୋର ବଡ଼ ପୁଅ ପାଖକୁ ଯିବାର ନାହିଁ। କି ମାଡ଼ ଖାଇବାର ନାହିଁ। ସାନ ପୁଅ,ବୋହୂ ବିରୁଦ୍ଧରେ ନକହିଲେ ଚାହା ଟିକେ ବି ସେଠି ମିଳେନି। ଯଦି ପାରିବୁତ ମୋତେ ନେଇ ସାନ ବୋହୂ ପାଖରେ ଛାଡି ଦେ। ସେ ମୋର ଠିକ୍ ଯତ୍ନ ନେବ। କେବେହେଲେ ଅବହେଳା କରିବନି। କେତେବେଳେ କେମିତି କଣ ପାଗେଳୀ ଭଳି କହି ଦିଏ। ନହେଲେ ତା ମନ ଭିତରେ ରାଗରୋଷ କିଛି ନଥାଏ। ବଡ଼ ବୋହୂ କିନ୍ତୁ ଏମିତି ମନ୍ତ୍ର ପଢ଼ି ଚାଳିଦିଏ ଯେ ବଡ଼ ପୁଅ ଫଁଫଁ ହୋଇ ମାଡ଼ି ଆସେ ଦଂଶନ କରିବା ପାଇଁ।

ଦାମିନୀ କହିଲା - ମା' ତୁ ବୁଢ଼ୀ ହେଲୁଣି। ଭାରି କାମ ସିନା ପାରିବୁନି.. ଛୋଟଛୋଟ କାମ ତ କରିପାରିବୁ। ବଡ଼ ଭଉଣୀ କହୁଥିଲା କୋରାପୁଟରେ ମାସେ ଥିବା ଭିତରେ ତୁ କିଛି ହେଲେ କାମ କରିନୁ। କେବଳ ଦୁଇ ଗୋଡ଼ ଲମ୍ବେଇ ଆରାମରେ ବସିରହୁ। ଯେବେ ସେ କ୍ଳାନ୍ତ ଶ୍ରାନ୍ତ ହୋଇ ସ୍କୁଲରୁ ଫେରେ, ତୁ ବିଭିନ୍ନ କାମ ଯଥା ଚାହା କର, ଜଳଖିଆ କର ଆଦି ବରାଦ କରୁ। ସେମିତି ହେଲେ ତୁ କେମିତି କାହା ପାଖରେ ରହିପାରିବୁ।

ସାମାନ୍ୟ ଉତ୍ତେଜିତ ହୋଇ ମା' କହିଲା - ହଁ, ମୁଁ ଏକା ବରାଦ କରୁଛି। ତୋ ବଡଭଉଣୀ କିଛି ବରାଦ କରେନା। ଛୁଟି ହେଲେ ଉଦଳାରେ ରହେ। ଛୁଟି ପୁରିଲେ କୋରାପୁଟ ଯିବା ପୂର୍ବଦିନ ବରାଦ କରେ - ପରଟା ଆଉ ସନ୍ତୁଳା। ରହିଥିବା ସମୟରେ ପୁଣି ହଜାର ରକମର ବରାଦ। ତୁ ଯେତେବେଳେ ଉଦଳା ପିଲା ଛୁଆଙ୍କୁ ନେଇ ଉଦଳା ଯାଉ ତୁ କ'ଣ କିଛି ବରାଦ କରୁନି। ଜୋଇଁ ପୁଅ ଉଦଳା ଯାଆନ୍ତି ତାଙ୍କର ଜଣେ ସାଙ୍ଗକୁ ନେଇ। ସେ କଣ କିଛି ବରାଦ କରନ୍ତି ନାହିଁ। ଉଦଳାରେ ମୁଁ ବି ରହେ। ଆମେ ସମସ୍ତେ ମିଶି ଗପସପ କରୁଁ, ମଉଜମସ୍ତି କରୁଁ, ବିଭିନ୍ନ ରକମର ଖାଦ୍ୟ, ଜଳଖିଆ ବରାଦ କରୁଁ। କେବଳ ଜଣେ ଲୋକ ଆମ ସହିତ ସାମିଲ ନହୋଇ ଆମ ଫରମାଇସ ପୂରଣ କରିବାରେ ଲାଗିଥାଏ। ସେ ହେଉଚି ସାନ ବୋହୂ। ପର୍ବ ପର୍ବାଣୀରେ ତା ବାପ ଭାଇ ଆସିଲେ ବି ତାକୁ ଯିବାକୁ ଅନୁମତି ଦିଆଯାଏନାହିଁ। କୁହାଯାଏ - ଆମର ବଡ଼ ପୁଅ,ବୋହୂ,ଝିଅ ଜୋଇଁ,ନାତି ନାତୁଣୀ ସମସ୍ତେ ଆସୁଛନ୍ତି। ସେମାନଙ୍କ ପାଇଁ ରନ୍ଧାବଢ଼ା କିଏ କରିବ। କିଏ ସେମାନଙ୍କ କଥା ବୁଝିବ। ବିଚରା ବାପ, ଭାଇ ବିଷର୍ଣ୍ଣ ମୁହଁରେ ଫେରିଯାଆନ୍ତି। ପଚାରିବାକୁ ସାହାସ କରନ୍ତି ନାହିଁ - ତମ ଝିଅ ଛୁଟିରେ ବୁଲିବାକୁ ଆସୁଚି। ଆମ ଝିଅକୁ ମନା କାହିଁକି। କ'ଣ ପାପ କରିଛି ସେ।

ମୁହଁ ମୋଡ଼ି ଦାମିନୀ କହିଲା - ବୋହୂ ହୋଇଛନ୍ତି କରନ୍ତେନି କି ଆଉ। ମା କହିଲା - ତୁ ବି ତ ଗୋଟିଏ ଘରର ବୋହୂ ! ତୁ ତୋ ଶାଶୁ ନଣନ୍ଦମାନଙ୍କ ପାଇଁ କଣ କରିଛୁ ଶୁଣେ।ମୁଁ ତ ସାନ ବୋହୂ ପାଖରେ ବର୍ଷବର୍ଷ ରହିଛି। ତୁ ତୋ ଶାଶୂକୁ କେତେଦିନ ରଖିଚୁ କହିଲୁ। ତୋର ନଣନ୍ଦ ମାନେ କେତେଥର ତୋ ପାଖକୁ ଛୁଟି କାଟିବାକୁ ଆସିଛନ୍ତି କହିଲୁ। ଥରେ ତୋ ଶାଶୂ ଆଉ ନଣନ୍ଦ ଦ୍ୱିପ୍ରହର ସମୟରେ ପହଞ୍ଚି ତୋତେ ଭାତ ଖାଇବାକୁ ମାଗିଲେ। ତୁ କ'ଣ କଲୁ। କହିଲୁ - ଆମର ସକାଳିଆ ଭାତ। ତାପରେ ମୁଢ଼ି ଉପରେ ଚେନାଚୂର୍ ଆଉ ଲଙ୍କା ନେଇ ତାଙ୍କ ଆଗରେ ଥୋଇ ଦେଲୁ। ତା' ପରଠୁଁ ସେମାନେ ଆଉ କେବେ ତୋ ଘରର ଦୁଆର ମାଡି ନାହାନ୍ତି। ତୁ ଯେମିତି ତୋ ଶାଶୂ ନଣନ୍ଦଙ୍କୁ କଲୁ ତୋ ସାନ ଭାଉଜ ଆମକୁ ସେମିତି କେବେ କରିଛି କି।

କିଛି ସମୟ ବିରାମ ନେଇ ମାଆ କହି ଚାଲିଲେ - ତୁ ଗୋଟେ ଭଲ ଫର୍ମୁଲା ପାଇଛୁ। ସକାଳୁ ନଅରୁ ରାତି ନଅ। ସକାଳେ ଅତି ବେଶୀରେ ଚାହା ଟିକେ। ନଅଟା ବେଳକୁ ଭାତ ତରକାରୀ। ଦିନ ସାରା ଆଉ କିଛି ନାହିଁ। ଯଦି କାହାକୁ ଭୋକ ଲାଗିଲା , ସିଏ ଯିଏ ହେଉନା କାହିଁକି , ପକେଟ୍‌ରୁ ଖର୍ଚ୍ଚ କରି ଜଳଖିଆ ଆଣି ଖାଇବାକୁ ପଡିବ। ରାତି ନଅଟା ବେଳକୁ ରୋଟି ଡାଲମା। ସାନ ଭାଉଜ ପାଖରେ ସେମିତି ହୁଏ କି। ତମେ ଆମେ ସେଠି ସକାଳେ ଜଳଖିଆ, ଦ୍ୱିପ୍ରହର ଭାତ ତରକାରୀ, ସନ୍ଧ୍ୟାବେଳେ ଜଳଖିଆ ପୁଣି ରାତିରେ ରୋଟି, ତରକାରୀ। ମଝିରେ ମଝିରେ ଖାସି ମାଂସ, କୁକୁଡ଼ା ମାଂସ, ଦେଶୀ ବଡ଼ ରୋହି ଭାକୁଡ, ଅଣ୍ଡା ଇତ୍ୟାଦି ଆମ ବରାଦ ଅନୁସାରେ। ପୁଣି ଜଳଖିଆରେ ଆଳୁଚପ, ସିଙ୍ଗଡ଼ା, ବରା, ପିଆଜି,ପକୁଡ଼ି ଇତ୍ୟାଦି। ଅନ୍ୟଘରେ ଯେମିତି ବ୍ୟବହାର ପାଉଚ,ନିଜ ଘରେ ସେମିତି ଅନ୍ୟକୁ ବ୍ୟବହାର କରି ଶିଖ।

ଅସହାୟ ଭାବେ ଦାମିନୀ କହିଲା - ତୋ ଜୋଇଁ ତ ହାତ ଖର୍ଚ୍ଚ ବାବଦକୁ ମୋତେ କିଛି ଦିଅନ୍ତି ନାହିଁ। ଯାହାକିଛି ଆଲମୀରା ଭିତରେ ରଖନ୍ତି, ଚାବିକାଠି ନେଇ ଅଫିସ୍ ପଳାନ୍ତି। ମୁଁ ଆଉ କଣ କରି ପାରିବି। ମା ' କହିଲା - ଥାଉ ସେ ଚାଲାକି। କିଏ କେମିତି ମୁଁ ଭଲ ଭାବେ ଜାଣିଚି। ତୁ ଚାଲ...ମୋତେ ସାନ ବୋହୂ ପାଖରେ ଛାଡି ଦେଇ ଆସିବୁ। କିଛି କ୍ଷଣ ନୀରବି ଯାଇ ମା ' ଦୀର୍ଘଶ୍ୱାସ ଛାଡ଼ି କହିଲେ - ନିଜରକ୍ତ କେତେ ଦୂର, ପରରକ୍ତ ଆପଣାର !!!!

*ଉଦଳା,ମୟୂରଭଞ୍ଜ*
*ମୋ: ୭୦୦୮୨୩୭୬୫୦*

## କବିତା ଗୁଚ୍ଛ

## ଶେଷ ଶ୍ରାବଣ

✶ ମାନସ ରଞ୍ଜନ ପଣ୍ଡା

ଶେଷ ଶ୍ରାବଣର ସାଇତା ସ୍ମୃତିରେ
ସଜେଇଛି ମୋ ସପନ,
ସେଇ ସପନ ମୋ ସରିବା ଆଗରୁ
ଆସଥରେ ପ୍ରିୟତମ।

ଜୀବନର ଫୁଲ ମଉଳିବ ଦିନେ
ବୟସର ବଗିଚାରେ
ସପନ ବି ନେବ ସମାଧି ସେଦିନ
ଆମ ମନ ମଶାଣୀରେ
ପୁରା କରିବାକୁ ଆମ କାହାଣୀକୁ
ଥିବ କିଛି ଶୂନ୍ୟସ୍ଥାନ ।

ଏବ ବି କୁହୁଳେ ଏଇ ଛାତି ତଳେ
ପ୍ରେମର ପୋଡ଼ା ପାଉଁଶ
ଅସରା ଅଶ୍ରୁର ଦୋହା ମୁଁ ଗାଉଛି
ତୁମେ ନିଃସଙ୍ଗ ସାରସ।

ଜୀବନର ଦୀପ ଲିଭିବା ଆଗରୁ
ଜାଳିଦିଅ ଅଭିମାନ
ଆସ ଥରେ ପ୍ରିୟତମ ।

*ସଂପାଦକ-' ଏଯାବତ୍ '*
*ସତ୍ୟଶିବ ନିଳୟ , ଆରଡ଼ି, ଭଦ୍ରକ,*
*ମୋ- ୯୮୨୭୬୩୧୫୩୪*



## ଶିଶୁ କବିତା

## ଗଛଟିଏ

✶ରାଧାରାଣୀ ପଟ୍ଟନାୟକ

ମୁଁ ପରା ବିରାଟ ଗଛଟିଏ
ସୁରୁଜ କିରଣେ ନିଜେ ଜଳିଜଳି
ଲୋକଙ୍କୁ ଛାଇ ଦିଏ ॥

ମୁଁ ପରା ବିରାଟ ଗଛଟିଏ
ଇସ୍କୁଲ ପିଲାଙ୍କ ଯେବେ ଛୁଟିହୁଏ
ମୋ ପାଖରେ କେତେ ଖେଳ ହୁଏ
ମୋ ଓହଳେ ଓହଳିଛି କେତେ ପିଲା
ମୋ ଦେହରେ ଚଢି ଫଳ ଖାଏ ॥

ମୁଁ ପରା ବିରାଟ ଗଛଟିଏ
ମୋ ଡାଳରେ ଅଛି ବାଇ ଚଢେଇ
ନିତି ମୁଁ ଚେଁଚାଁ ରଡି ଶୁଣଇ
ମାଁଙ୍କଡ ଚଢେ ଗୋଡିଆ ଗୋଡେଇ ॥


ମୁଁ ପରା ବିରାଟ ଗଛଟିଏ
ମୋ ମୂଳ ରେ ଅଛି ବଡ ଚଉରା
ଚଉରା ଚାରିପଟେ ଫୁଲ ହରାଭରା
କେତେ ଦୁଃଖ ସୁଖ ଗଣନା ହୁଏ
ଜୋରିମାନା କିଏ ଦେଇ ବି ଥାଏ ॥

ମୁଁ ପରା ବିରାଟ ଗଛ ଟିଏ
ଯୁଗ ଯୁଗ ଧରି ଏଠି ରହିଛି
କେତେ ସୁଖ ଦୁଃଖ ବସି ଦେଖୁଛି
ହସିଲେ ଲୋକ ମୁଁ ହସୁଥାଏ
ଆଖିର ଲୁହ କୁ ଢାଳୁ ଥାଏ ॥

ମୁଁ ପରା ବିରାଟ ଗଛଟିଏ
ଏ ଗାଆଁ ଝିଅ ଶାଶୁଘର ଗଲେ
ମତେ ଦେଖି ଦଣ୍ଡେ ଠିଆ ହୁଏ
ତା ଆଖିରୁ ଲୁହ ଝରୁଥାଏ
ମୁଁ ପରା ବିରାଟ ଗଛଟିଏ ॥

*ବରଗଡ, ଚନ୍ଦନ ନଗର*
*ମୋ- ୮୯୧୭୨ ୩୭୧୩୭*

## ଜଗା ମୋର ସାକ୍ଷୀ ବାନ୍ଧିଦେବି ରାକ୍ଷୀ



✶ ନଳିନୀ ଦାଶ

ଜଗା ମୋର ସାକ୍ଷୀ ବାନ୍ଧି ଦେବି ରାକ୍ଷୀ
ମୋ ଭାଇ ହାତରେ ନେଇ
ଦୀପାଳି ଜଳେଇ ଦେବି ମୁଁ ବନ୍ଦେଇ
ମିଠାହାତେ ଦେବି ଖୋଇ ।

ରେଶମୀର ସୂତା କପାଳରେ ଚିତା
ହାତେ ମୁଁ ଲଗାଇ ଦେବି
ରଖହେ ଠାକୁରେ ଭାଇଙ୍କୁ ଖୁସିରେ
ମୁଁ ଶୁଭ ମନାଶୁଥିବି ।

ପ୍ରଣାମ କରିବି ପ୍ରଭୁଙ୍କୁ ଡାକିବି
ସୁସ୍ଥ ନିରାମୟ ପାଇଁ
ସମ୍ପର୍କର ରାକ୍ଷୀ ରହିଥିବ ସାକ୍ଷୀ
ସୁରକ୍ଷା କବଚ ହୋଇ ।

କରିବନି ପର ଭାଇହେ ମୋହର
ରଖିବ ଭଉଣୀ ମାନ
ପାଖେ ଥିଲେ ଭାଇ ଡର ମୋର ନାହିଁ
ଭାଇତ ମୋର ଜୀବନ ।

ଭାବର ବନ୍ଧନ ରଖିବ ଅକ୍ଷୂର୍ଣ୍ଣ
ବାନ୍ଧିଲି ସେନେହ ରାକ୍ଷୀ
ସାହସ ଶକତି ଦିଅ ଶିରିପତି
ହେଉ ଯୁଗଯୁଗ ସାକ୍ଷୀ ।

ଆସୁ ଯେତେ ବାଧା କରିବ ଶରଧା
ରହିଥିବ ଛାଇ ହୋଇ
ଲୁହ ମୋ ଆଖିରେ ଦେଖିଲେ ହାତରେ
ପୋଛିଦେବ ସୁନାଭାଇ ।

ଦୁଃଖରେ ସୁଖରେ ତୁମରି ପାଖରେ
ଭଉଣୀ କରିବ ଅଳି
ରୁଷି ଥିଲେ ଭାଇ ଦେବହେ ହସେଇ
କରିବନି କେବେ ଗାଳି ।

ଅତୁଟ ବନ୍ଧନ କରିବନି ଛିନ୍ନ
ଆମେ ଗୋଟେ ଗଛ ଫଳ
ଗୋଟିଏ ରକତ ହୁଏ ପ୍ରବାହିତ
ଧମନୀରେ କାଳ କାଳ ।

ଦିଅଭାଇ କଥା ଉଚ୍ଚେ ନାରୀ ମଥା
ରଖି ହୁଅ ମହାନତା
ଭାଇଙ୍କ ସମ୍ମାନ ହେଉ ମୋ ସମ୍ମାନ
ମୋ ଭାଇ ଜଗତଜିତା ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୭୬୪୯*

## ହିସାବ କରେ ନିକିତି

ପୁରାଣ କହିଛି ତ୍ରେତୟା ଯୁଗରେ
ଗୋଟିଏ ରାବଣ ଥିଲା
ଭଉଣୀ ଯନ୍ତ୍ରଣା ଉପଶମ ପାଇଁ,
ଭଉଣୀଠୁଁ ଜ୍ଞାନ ନେଲା
ମାରୀଚ କଟିକି ଗଲା,
ସତକଥା ଶ୍ରୁତି ପଥରେ ନ ଚାଲି,
ବଁଶ ବୁଡ଼େଇ ଦେଲା ।।
କେତେ ମୃତ୍ୟୁ କେତେ ଖଣ୍ଡିଆ ଖାବରା
ସାଇତି ରଖିଛି ପୋଥି
ତଳରୁ ଉପର,ଉପରକୁ ତଳ
ହିସାବ କରେ ନିକିତି,
ଉତ୍କଳଘଣ୍ଟ ନାହାଁନ୍ତି
ଥିଲେ କହିଆନ୍ତେ ପାହାରକୁ ପକା
ପତର ସବୁକୁ ଦେଖି ।।
କେମିତି କେଜାଣି 'ମାଂସର ବିଳାପ'
ପାରିଲେନି ଲୋକେ ଦେଖି

ପାଟି ସୁଆଦକୁ ମରିଗଲା ଯିଏ,
ଡୋରା ଥିଲା ପରା ସାଥୀ
ବନ୍ଧନରେ ପରା ଜାତି,
ଆତଙ୍କି ସହଜେ ମୁକତ ହୋଇବେ,
ଓକିଲଙ୍କ କରାମତି ।।
ମଙ୍ଗଳା,ଉଦ୍ଦାମ,ଭଗତ, ଲକ୍ଷ୍ମଣ,
ଶୁକଦେବ, ଖୁଦୀରାମ-
ଅଳପ ଦିନର ବିଚାର ହୋଇଲେ,
ହୋଇଲେ ଆମେ ସ୍ୱାଧୀନ ,
ଆଜିର ସେହି ସ୍ୱାଧୀନ ,
ଲମ୍ୱିଯାଏ କାଳ ଦ୍ୱି ଦ୍ୱିଦ୍ୱୀ ମତରେ,
କା ପାଇଁ କି କି ସପନ ।।

*ଲିଙ୍ଗରାଜ ଷଡ଼ଙ୍ଗୀ*
*ଅବସରପ୍ରାପ୍ତ ଶିକ୍ଷକ*

## ଅତୁଟ ବନ୍ଧନ......

✶ରାମଚନ୍ଦ୍ର ବେହେରା

ଶିରାବଣ ଅନ୍ତେ ଆସୁଅଛି ମର୍ତ୍ତେ
ପବିତ୍ର ରାକ୍ଷୀ ପୁନେଇଁ
ଗେହ୍ଲେଇ ଭଉଣୀ ଭାଇ ହାତେ ରାକ୍ଷୀ
ବାନ୍ଧିବ ହରଷେ ନେଇ
ଚନ୍ଦନ ଟିପା ଲଗେଇ
ବନ୍ଦାପନା କରି ଭାଇକୁ ମିଠେଇ
ଶ୍ରଦ୍ଧାରେ ଦେବ ଖୁଆଇ।
ଭାଇର ଜୀବନ ହେଉ ସୁଖମୟ
ହୃଦୟେ କାମନା ଭରି
ବିପଦ ଆପଦେ ସାହା ହେବା ପାଇଁ
ଭାଇକୁ କରିବ ଅଳି
ଉପହାରଟିଏ ଦେଇ
ରକ୍ଷା କବଚ ମୁଁ ସାଜିବି ତୋହର
ପ୍ରତିଶ୍ରୁତି ଦେବ ଭାଇ।
ଶିରୀ ମନ୍ଦିରରେ ରାକ୍ଷୀବନ୍ଧା ନୀତି
ଭକ୍ତିରେ ହେବ ପାଳନ
କଳା ଶ୍ରୀମୁଖଂକ ହସ୍ତେ ରାକ୍ଷୀଡୋରୀ
ବାନ୍ଧିବେ ସୁଭଦ୍ରା ଜାଣ
ମୁରୁକି ହସି ସାଆନ୍ତେ
ଗୁଣ୍ଡିଚା ଯାତରେ ଗେହ୍ଲି ଭଉଣୀକୁ
ନେଇଯିବେ ରଥ ଯାତେ।

ପିନ୍ଧା ବସ୍ତ୍ର ଚିରି ବାନ୍ଧିଥିଲେ ରାକ୍ଷୀ
ସଖାଂକ ହାତେ ପାଞ୍ଚାଳୀ
କୋଟିବସ୍ତ୍ର ଦେଇ ରକ୍ଷା କରିଥିଲେ
ଦ୍ରୌପଦୀଂକୁ ବନମାଳୀ
ରାକ୍ଷୀ ରଖିଥାଏ ମାନ
ଭାଇ ଭଉଣୀର ଅତୁଟ ବନ୍ଧନ
ଯୋଡିରଖେ ଚିରଦିନ।
ପ୍ରଭୁ ବଳିଆଂକ ଜନମ ଦିବସ
ଆସିଥାଏ ଏହି ଦିନ
ଗୋମାତାଂକ ପୂଜା କରନ୍ତି ସଭିଏଁ
ଶୁଭେ ହୁଳହୁଳି ସ୍ୱନ
ପୂଣ୍ୟ ଶିରାବଣ ମାସ
ସମ୍ପର୍କ ଖିଅକୁ ମଜବୁତ୍ କରି
ରାଜୁତି କରିବ ଶେଷ।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ମିଠା ସ୍ମୃତିଟିଏ

••••● ଅନସୂୟା ପଣ୍ଡା ●••••

ଆଜି କାହିଁକି ରାନୁର ଖୁବ୍ ମନେପଡୁଥିଲା ସୁନନ୍ଦା ମାଉସୀର ସ୍ମୃତି। ମାଉସୀ ଭାରି ସ୍ନେହୀ ମହିଳା। ନିଜର ମହାନତା ଓ ସୁଗୁଣ ଦ୍ୱାରା ଅନ୍ୟକୁ ପ୍ରଭାବିତ କରନ୍ତି।

କାହାକୁ ଝିଅ, କାହାକୁ ମାଆ ତ କାହାକୁ ବୋହୂ ବୋଲି ଡାକନ୍ତି। ଗାଁର ସବୁ ପୁତୁରା ଝିଆରୀଙ୍କ ପିଲାମାନେ ଶ୍ରଦ୍ଧାରେ ତାଙ୍କୁ ଆଇମାଆ ବୋଲି ଡାକନ୍ତି। ସେ ବି ପିଠା ପଣା କଲା ମାତ୍ରେ ସେ ଛୁଆମାନଙ୍କୁ ଆଗ ନଦେଲେ ନିଜେ ଖାଆନ୍ତିନି। ପରିଶ୍ରମୀ ଲୋକ। ମାଉସୀ ପୁଅବୋହୂ ପାଖରେ ରୁହନ୍ତି। କିନ୍ତୁ ବିଲ, ବାଡି, ଧାନ, ମୁଗ, ବିରି କଥା ସବୁ ନିଜେ ଯାଇ ବୁଝନ୍ତି। ବନ୍ଧୁ ବାନ୍ଧବ ଭାର ବେଭାର ସବୁ ତାଙ୍କ ଦାୟିତ୍ୱରେ ଥାଏ। ଓଃ କି ଦୃଢ ଅମାପ ମନୋବଳ। ସମସ୍ତେ ସୁନନ୍ଦା ମାଉସୀଙ୍କୁ ଅନ୍ତରରେ ପ୍ରଶଂସା କରନ୍ତି। ମଉସା ଚାଲିଯିବାର ପ୍ରାୟ କୋଡିଏ ବର୍ଷ ଯାଏ, ସେ ପୁରା ସକ୍ରିୟ ଥିଲେ। ଦିନ ସାରା ଖଟିବେ, ରାତି ସାତଟା ବାଜିଗଲେ ବିଛଣା ଧରିବେ। ତିନିଟା ରାତିରୁ ଉଠି ପୁଣି କାମ। ଟିଭି ଘରିକା ଦେଖିବାରେ ମନ ନଥାଏ। ନାତି ନାତୁଣୀମାନେ ସମୟ କାଟିବାକୁ ଆସି କହନ୍ତି, ମାଆ ଆମକୁ ଟିକେ ଭୂତ କଥା କୁହ। ଖରା ଛୁଟିରେ ବିଶେଷତ ଛୁଆଙ୍କ ଭିଡ। ଦିନେ ସୁନନ୍ଦା ମାଉସୀ ଆରମ୍ଭ କରିଲେ ମନଗଢା କାହାଣୀଟିଏ। ଖରାଦିନ ! ଏ ଟୁନାଟା ଛୋଟ ହେଇଥିଲା ମୁଁ ଧାନ ଉଁସେଇବି ବୋଲି ଗୋଟାଏ ରାତିରେ ଉଠିଗଲି। ଆଗରୁ ଜାଳ କାଠ, କଡେଇ ଓ ଧାନ ସବୁ ଯୋଗାଡ଼ କରି ରଖିଥିଲି। ମୁଁତ ଚାହିଁଛି ପଡିଶା ସାହୁ ଘର ପଛରୁ ଗୋଟେ ବିରାଟ ଆଲୁଅ ଏମିତି ବିଲେ ବିଲେ ଆସିଲା। ବଡ ମାଆ ଘର ଆମ୍ବ ଗଛରେ ହଠାତ୍ ନିଃଶବ୍ଦରେ ଉଭାନ। ମୁଁ ଡରି କି ଆଉ ଧାନ କି ଉଁଷାଏ ? ଯାଇ ଧଡ କିନା ଘରେ ପଶି କବାଟ ଦେଇଦେଲି। ତୁମ ଜେଜେଙ୍କୁ ଚାରିଟା ରାତିରେ ଯାଇ ଡାକିଲି। ସେ ଉଠିଲାରୁ ତାଙ୍କ ସହ ଲଣ୍ଠନ ଆଲୁଅରେ ଯାଇ ବାହାରକୁ ଗଲି। କିଛି ପାଇଲିନି।

ଉତ୍କଣ୍ଠାରେ ସବୁ ପିଲାଯାକ ମିଶି କିଏ ଆଇ, କିଏ ମାଆ କହି ଚିତ୍କାର କରିବାକୁ ଲାଗିଲେ। ଜିଦି କରିଲେ ମାଆ ଆଉ ଗୋଟେ ଆଉ ଗୋଟେ ଗପ ...। ସୁନନ୍ଦା ମାଉସୀ ଭଜା ବାଦାମ କିଛି ଆଣି ପିଲାଙ୍କୁ ଦେଇ ପୁଣି ଗପ ଆସର ଆରମ୍ଭ କଲେ। ଥରେ ଶିବ ରାତ୍ରିରେ ମୁଁ ଯାଇଥିଲି ସୋମନାଥଙ୍କ ମନ୍ଦିର ପାଖକୁ। ମହାଦୀପ ଉଠୁ ଉଠୁ ରାତି ଦୁଇଟା ବାଜେ। ଯେବେ କେତକୀ ଫୁଟିବ, ଠାକୁରଙ୍କୁ ଲାଗିବ ତା ପରେ ଯାଇ ବିଧି ମୁତାବକ ମହାଦୀପ ଉଠିବ। ମୁଁ ସେମିତି ଅନିଦ୍ରା ରହି ଦୀପ ଜାଳୁଥାଏ। ଆଉ ଏତେ ରାତିରେ ଏ ଦୁଇକୋଶ ବାଟ ପୁଣି ତୋଟା ବଣ ଭରି। ତାକୁ ପାରି କରି ନିଜ ଘରକୁ ଆସିବା କଷ୍ଟ। ବାଟରେ ପୁଣି ଦୁଇଟା ଲେଖାଏ ମଶାଣି। ଗୋଟେ ବ୍ରାହ୍ମଣମାନଙ୍କର ଆଉ ଗୋଟାଏ ଶୁଦ୍ରଙ୍କର। ସେ ପରିଡା ସାହିର ମୃତ ବ୍ୟକ୍ତିଙ୍କର ଖାଲି ସମାଧି। ଆମେ ଏଠୁ ଯେଉଁ ଚାରି ପାଞ୍ଚ ଜଣ ସ୍ତ୍ରୀଲୋକ ଯାଇଥିଲୁ, ସେମିତି ବସି ରହିଲୁ ମନ୍ଦିର ବେଢାରେ। ରାତି ଚାରିଟା ଖଣ୍ଡେ ହେବ, ସାହସ କରି ଚାଲି ଚାଲି ବାହାରିଲୁ। ଘର ପାଖ ହେଇ ଆସିଲାଣି। ସେ ପରିଡା ସାହିର ଶିବାଟା ମୋ ପାଖେ ପାଖେ ଗାମୁଛା ମୁଣ୍ଡରେ ଗୁଡ଼େଇ ଆସୁଥାଏ। ଆଗରୁ ବଞ୍ଚିଥିଲା ବେଳେ ମୋ ପାଖକୁ ପ୍ରାୟ ଆସେ। ତା' ସୁଖ ଦୁଃଖ ମତେ କହେ। ବରଷେ ହେଇନଥାଏ ତା'ର ମରିବା। ଅଳ୍ପ ବୟସର ପିଲା ବିବାହ କରିଥିଲା। କ'ଣ ହେଲା କେଜାଣି ହଠାତ୍ ପେଟ ରୋଗରେ ମରିଗଲା। ତା'ରି ଚାଲି। ଯେମିତି ମତେ କ'ଣ କହିବ। ସିନ୍ଦୁରା ଫାଟି ଆସୁଥାଏ। ମୁଁ ସମସ୍ତ ସହଯାତ୍ରୀଙ୍କ ଠାରୁ ଟିକେ ପଛରେ ରହି ଯାଇଥାଏ। ବିଲୁଆଗୁଡା ବିକଟାଳ ରଡି ଛାଡୁଥାନ୍ତି। ମୋ ପାଖାପାଖି ଭୂତ ଶିବା ଚାଲିଥାଏ। ମୁହଁ ଦେହ କିଛି ଦିଶୁନଥାଏ। ମୁଁ ଦମ୍ଭରେ ପଚାରିଲି, " କିଏ ! ଶିବା କିରେ ? ମତେ ଡରଉଛୁ ! ତୋ' ଘରେ ସବୁ ଭଲରେ ଅଛନ୍ତି।" ଏତିକିରେ ସେ କୁଆଡେ ପାଖ ବାଉଁଶ ବଣରେ ପଶିଗଲା। ଦେଖୁନ ପିଲେ ! ମୁଁ ଅତୀତର ସେ ସ୍ମୃତିକୁ କହୁ କହୁ କେମିତି ରୋମ ମୂଳ ଟାଙ୍କୁରି ଉଠୁଛି। ଉପସ୍ଥିତ ପିଲାଯାକ ସେତେବେଳକୁ ସବୁ ଆଈଙ୍କ ପାଖକୁ ଜାକି ହେଇ ଆସିଲେଣି।

ଗାଁ ରେ ଆଗରୁ ସୁଖ ଦୁଃଖରେ ଦେବା ନେବା ଘରେ ଘରେ ଚାଲିଥାଏ। ଏସବୁ ସୁସ୍ଥ ମାନବିକତା ଜୀବନରେ ସୁସମ୍ପର୍କ ଓ ସୁଦିନ ଆଣେ। ସମସ୍ତଙ୍କୁ ସୁନନ୍ଦା ମାଉସୀ ବାଣ୍ଟନ୍ତି। ସେ ଦୟାବାନ ଥିଲେ। ଦାନ ପୂଣ୍ୟ କରିବାରେ ତାଙ୍କର ଭାରି ଖୁସି। କେହି ଯେପରି ଭୋକରେ ଫେରିଯିବେନି ତାଙ୍କ ଦାଣ୍ଡରୁ। ଯେମିତି ହେଲେ ସେଇ ପଖାଳ ଆଳୁ ଖାଇବାକୁ ଦେବେ। କିଛି ନଥିଲେ ଚୂଡା, ଗୁଡ, କଦଳୀ ଓ ଦହି ଦେବେ। ପେଟେ ଖୋଇ ପଠେଇବେ। ଅନେକ ଚରିତ୍ରର ସୁମିଶ୍ରଣ। ଗଲାବର୍ଷ ଆଇ ବୟସ ଅତ୍ୟଧିକ କାରଣରୁ ରକ୍ତଚାପ, ମଧୁମେହ ଓ ଅମ୍ଳ ପରି ରୋଗ ଶରୀରରେ ପଶି ଦେହକୁ ଖରାପ କରିଦେଲା। ପୋକଖିଆ ବାଉଁଶର ଆୟୁଷ କେତେ ? ଜୀବନ ମହଲତ ଦେଲାନି। ଆରପାରିକୁ ଚାଲିଗଲେ। ବର୍ଷେ ପୁରିନି। ଶାଶୁ ଗଲାପରେ ସୁନନ୍ଦା ମାଉସୀଙ୍କ ବୋହୂ ଅଣ୍ଟାରେ ଲୁଗା ଭିଡି ନିଜ ଷ୍ଟାଇଲରେ ଘରର ମାମଲତକାର ବନିଗଲା। ବୋହୂର ବ୍ୟବହାରରେ ସାଇପଡ଼ିଶାର ପିଲାମାନେ ଅତିଷ୍ଠ।ଭାରି ଚିଡିଗଲେଣି। ଯିଏ ଯାହା ମାଗିଲେ ସେ ରୋକ୍ ଠୋକ୍ ମନା କରିଦିଏ। ସବୁବେଳେ ସମସ୍ତଙ୍କୁ କହେ ଶାଶୁ ଛାଇଟିଏ ହେଇ ଏ ଘର ଚାରି ପାଖରେ ଘୁରୁଛନ୍ତି। ହୁଏତ, ଶାଶୁ ଗଲା ପରେ କିଏ ଚୋରି ଚୁରା କରିବ ବୋଲି ତାଙ୍କ ନାମରେ ବୋହୂବାହାନା ବାଜି କରି ଅନ୍ୟମାନଙ୍କୁ ଡରାଏ। ବାଡି ଭିତରର ଲେମ୍ବୁ, ନଡିଆ, ଆମ୍ବ, ପଣସ, ଓଉ ଆଦି କାହାକୁ କିଛି ଦେଇ ଦେବାକୁ ତା' ହାତ ଯେପରି ଯାଏନି।

ସେଦିନର ଗପ ଶୁଣୁଥିବା ନାତି ନାତୁଣୀମାନେ ଆଜି ବଡ ହେଇଗଲେଣି। ଏବେ ସେମାନେ ଶିକ୍ଷିତ ସହ ଚାଲାକ୍ ଓ ସମଝଦାର। ବିବାହ କରି ଘରଦ୍ୱାର କଲେଣି। କିନ୍ତୁ ସୁନନ୍ଦାଙ୍କ ସ୍ମୃତି ମନରେ ଏବେବି ଉଜ୍ଜୀବିତ।

ଦିନେ ପଡିଶା ଘର ପିଲାଙ୍କୁ ଡାକି ବୋହୂ ସଦର୍ପେ କହିଲା, "କାଲି ମୁଁ ଶୋଇଥିଲି। ଖରାବେଳେ ମାଙ୍କଡପଲ ଆସି କଦଳୀ କାନ୍ଦିଟା ଖାଉଥିଲେ। ମତେପରା ତୁମ ଆଇ ସ୍ୱପ୍ନରେ ଆସି ଡାକିଦେଲେ। ଆରେ କ'ଣ ଶୋଇଛୁ ! ମାଙ୍କଡ ଆସି ସର୍ବନାଶ କଲାଣି। ଛାନିଆରେ ମୋ ନିଦ ଭାଙ୍ଗିଗଲା। ମୁଁ ଦେଖିଲି ଛାଇଟିଏ ତରତରରେ ପଳେଇଲା। ମତେ ସେ ଏବେବି ନିଜ ଝିଅ ଭଳି ଭାରି ଭଲ ପାଆନ୍ତି।"

ଦିନେ ରାନୁ ବୋଲି ଝିଆରୀଟି ଆସି ସକାଳୁ ଗଛରୁ ନଗି ନେଇ କିଛି ଲେମ୍ବୁ ଓ ଓଉ ତୋଳିଲା। ବାଡିରେ ଶୁଖିଲା ନଡିଆ ପଡିଥିଲା, ତାକୁବି ନେଲା। ଏତିକିବେଳେ ବୋହୂକୋକିଳା ଆସି ଚିତ୍କାର କଲା। ନିଡର ରାନୁ କହିଲା, "ବଡବୋଉ ! ଆଇ ପରା କାଲି ରାତିରେ ସ୍ୱପ୍ନରେ ଆସି ମୋତେ କହିଲେ। ତୁ ଯିବୁ ! ସବୁ ନିଜେ ତୋଳି ନେବୁ, ତୋର ଯାହା ଦରକାର ଆଣିବୁ। ସେ କୋକିଳାଟା ସେମିତି କାଉଁ କାଉଁ ରାଉ ରାଉ ହୁଏ। ତା' ପେଟରେ କିଛି ନଥାଏ। ଦେଉ କି ନ ଦେଉ, ତା' କଥାକୁ ମୋଟେ ଧରିବନି। ତାକୁ ଟିକେ ଘର କାମରେ ସ୍ନେହ ଓ ଆଦରର ସହ ସହଯୋଗ କରୁଥିବ। ତୁମେ ସବୁ ବାଡି ଘର ଜିନିଷ ନନେଲେ,ବରଂ ମୋ ମନ ଭାରି ଦୁଃଖ ହେବ। ଏମିତି କେତେ ତୁମ କଥା ଓ ତୁମ ଘର କଥା କହୁଥିଲେ, ମୋର ନିଦ ଭାଙ୍ଗିଗଲା। ତେଣୁ ସକାଳର ମୋର ଏ କାମ କେବଳ ସ୍ୱପ୍ନର ସମ୍ପ୍ରସାରଣ।"

ବୋହୂ ଆଉ କିଛି କହି ପାରିଲାନି।ମୁହଁ ଲୁଚେଇ ଘର ଭିତରକୁ ପଶିଗଲା। ସଙ୍କଟ ଦୂର ହେବାରୁ ରାନୁ ମୁରୁକି ମୁରୁକି ହସି ଭାବୁଥିଲା। ବେଶ୍ ମିଠା ଅନୁଭୂତିଟିଏ। ବଡବୋଉକୁ ତାଙ୍କରି ମନ୍ତ୍ରରେ ତାଙ୍କୁ ଝାଡିବାଟା ପୁରା କାମ ଦେଇଦେଲା।

*ବୁର୍ଲା, ସମ୍ବଲପୁର*
*ମୋ-୮୩୨୮୯୪୫୮୮୫*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସର୍ବଶିକ୍ଷା ଅଭିଯାନ ତରଫରୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାଏକ, ମଣ୍ଡଳ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରିୟଦର୍ଶୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତରେ ସାଧନ ସଂଯୋଜକ ରବୀନ୍ଦ୍ର ପରିଡା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୪-୨୫ବର୍ଷରେ ଚିହ୍ନଟି କରଣ କରାଯାଇଥିବା ୩୪ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ସେଥି ମଧ୍ୟରେ ହୁଇଲି ଚେୟାର ୪ଜଣଙ୍କୁ, ଶ୍ରବଣ ଯନ୍ତ୍ର ୫ଜଣଙ୍କୁ, ଟିଏଲଏମ କିଟ୍ ୧୪ଜଣଙ୍କୁ ଅବଶିଷ୍ଟ ପିଲାଙ୍କୁ ସହାୟକ ଉପକରଣ ବଣ୍ଟନ ହୋଇଥିଲା। ନୂତନ ଭାବେ ୨୫-୨୬ବର୍ଷ ପାଇଁ ଚିହ୍ନଟିକରଣ କାର୍ଯ୍ୟକ୍ରମ ହୋଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷୟତ୍ରୀ ସହାୟକ ଶିକ୍ଷୟତ୍ରୀ ମମତା ପାଲ, ରାମଚନ୍ଦ୍ର ପ୍ରଧାନ, ଭଲ୍ୟୁଣ୍ଟର ଅଧୀରାଜ ଲେଙ୍କା, ଦୀପକ ନାୟକ, ହରପ୍ରିୟା ନାୟକ ଉପକରଣ ଗୁଡ଼ିକୁ କିପରି ବ୍ୟବହାର କରାଯିବ ତାହା ବୁଝାଇଥିଲେ।

# ରୋଗୀକଲ୍ୟାଣ ସମିତି ବୈଠକରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ



ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଅଞ୍ଚଳରେ ଥିବା ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀକଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରାଯାଇଛି। ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମସ୍ୟା ଦୂର ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପ୍ରତିଶୃତି ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀକଲ୍ୟାଣ ସମିତି ବୈଠକ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟଅତିଥି ଭାବେ ଭାବେ ଯୋଗ ଦେଇଥିଲେ। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥି, ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ସସ୍ମିତା ସାହୁ, ବିଡିଓ ଡଃ ଅଭିଜିତ୍ ଷଡଙ୍ଗୀ, ତହସିଲଦାର ମନୋଜ କୁମାର ପ୍ରଧାନ, ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ସମେତ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀ ଯୋଗ ଦେଇଥିଲେ। ରୋଗୀ କଲ୍ୟାଣ ସମିତି ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ବିଭିନ୍ନ ସମସ୍ୟା ଦୂର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡା କହିଛନ୍ତି। ତୁରନ୍ତ ଡାକ୍ତର ପଦବୀ, ସ୍ୱାସ୍ଥ୍ୟ ସେବିକା, ଆଟେଣ୍ଡାଣ୍ଟ ପଦବୀ ଶୀଘ୍ର ପୂରଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ପବ୍ଲିକ୍ ହେଲଥ୍ ୟୁନିଟ୍ ଗୃହ ନିର୍ମାଣ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ଆମ ହସ୍ପିଟାଲ ଯୋଜନାରେ ୩କୋଟି ଟଙ୍କା ବ୍ୟୟ ଅଟକଳରେ ମିଶନ ଶକ୍ତି କାଫେ ଷ୍ଟାଫ୍ କ୍ୱାର୍ଟର ମରାମତି, ନୂତନ ଗୃହ ନିର୍ମାଣ ଆଦି କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ମଧ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରୋଗୀକଲ୍ୟାଣ ସମିତି ସଦସ୍ୟ ଦୁର୍ଯ୍ୟୋଧନ ମହାନ୍ତି, କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ସେହିପରି ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀକଲ୍ୟାଣ ସମିତି ବୈଠକ ଅପରାହ୍ନ ସମୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇଥିବା ବେଳେ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଶାନ୍ତ ସାମନ୍ତରାୟ, ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ସୁବ୍ରତ ମହାପାତ୍ର, ଆଶୁତୋଷ ଜେନା, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥି, ବିଡିଓ ଡଃ ଅଭିଜିତ୍ ଷଡଙ୍ଗୀ, ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ସସ୍ମିତା ସାହୁ, ଡଃ ଆଶୁତୋଷ ଜେନା, ରୋଗୀକଲ୍ୟାଣ ସମତି ସଭ୍ୟ ମୀନଲତା ମହାନ୍ତି, ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ର, ବିଦ୍ୟୁତ୍ ବିଭାଗ ଅଧିକାରୀ ସମେତ ନିମାପଡା ଅଞ୍ଚଳରେ ଥିବା ସମସ୍ତ ସରକାରୀ ଅଧିକାରୀ ଯୋଗଦେଇଥିଲେ। ଏଠାରେ ଡାକ୍ତର ସମସ୍ୟା ଲାଗିରହିଥିବା ବେଳେ ତାହା ତୁରନ୍ତ ଦୂର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଯାହା ସମସ୍ୟା ଅଛି ତାହା ଉପରେ ଦୃଷ୍ଟି ରଖାଯାଇଛି ବୋଲି କହିଛନ୍ତି।

# ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ୍ କାର୍ଯ୍ୟକ୍ରମ




ଆସିକା, (ଭାସ୍କର ନ୍ୟୁଜ୍): ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମୁକାବିଲା ନିମନ୍ତେ ଆସିକା କଲେଜ ଛକ ସ୍ଥିତ ଟେକ୍ନିକାଲ୍ ହାଇସ୍କୁଲ ପରିସରରେ ଆସିକା ଅଗ୍ନିଶମ ବିଭାଗ ପକ୍ଷରୁ ଏକ ବିପର୍ଯ୍ୟୟ ପ୍ରସ୍ତୁତି ଅଭ୍ୟାସ (ମକ୍ ଡ୍ରିଲ୍) ଅନୁଷ୍ଠିତ ହୋଇଯାଇଛି। ଆସିକା ଅଗ୍ନିଶମ ଅଧିକାରୀ କୈଳାଶ ଚନ୍ଦ୍ର ସାହୁଙ୍କ ପରାମର୍ଶକ୍ରମେ ଅନୁଷ୍ଠିତ ଏହି ପ୍ରାକୃତିକ ବିପର୍ଯ୍ୟୟ ମକଡ୍ରିଲ କାର୍ଯ୍ୟକ୍ରମରେ ଆସିକା ଅଗ୍ନିଶମ ବିଭାଗର ମୁଖ୍ୟ ଅଗ୍ନିଯୋଦ୍ଧା ପ୍ରଶାନ୍ତ କୁମାର ମହାପାତ୍ର ଓ ଅଶୋକ କୁମାର ବାରିକ, ଗାଡିଚାଳକ ସନ୍ତୋଷ କୁମାର ନାୟକ, ଅଗ୍ନିଯୋଦ୍ଧା ରଂଜନ କୁମାର ଭୋଇ ଏବଂ ପ୍ରକାଶ କୁମାର କହଁର ପ୍ରମୁଖ ଯୋଗ ଦେଇ ଏହି ମକଡ୍ରିଲ କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିବା ସହ ଟେକ୍ନିକାଲ ହାଇସ୍କୁଲ, କଲେଜ ଛକ, ଆସିକା ପରିସରରେ ଗୋଷ୍ଠୀସ୍ତରୀୟ ସାମୂହିକ ବିପର୍ଯ୍ୟୟ ପ୍ରସ୍ତୁତି ଅଭ୍ୟାସ କରାଯାଇଥିଲା। ଏଥିରେ ଟାୱାର ଲାଇଟ୍, ଯନ୍ତ୍ରଚାଳିତ କରତ, ଜେନେରେଟର, ଷ୍ଟ୍ରେଚର, ମେଗାଫୋନ୍ ଇତ୍ୟାଦିର ବ୍ୟବହାର ସମ୍ବନ୍ଧରେ ଅଭ୍ୟାସ କରାଯାଇଥିଲା ବେଳେ ଅଗ୍ନିଶମ ସେବା ବାହିନୀ ଏଥିରେ ଭାଗ ନେଇ ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲେ। ବନ୍ୟା ଓ ବାତ୍ୟା ଭଳି ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ଅନୁଷ୍ଠିତ ହୋଇଥିବା ଏହି ମକଡ୍ରିଲ୍ କାର୍ଯ୍ୟକ୍ରମରେ ଟେକ୍ନିକାଲ୍ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ପ୍ରଜ୍ଞା ପରମିତା ପଣ୍ଡା, ସହକାରୀ ଶିକ୍ଷକ ରାମ ଚନ୍ଦ୍ର ପ୍ରଧାନ, କୈଳାଶ ଗୌଡ, ଦେବାଶିଷ ପାଣିଗ୍ରାହୀ, ଲକ୍ଷ୍ମୀ ଜେନା, ଶର୍ମିଷ୍ଠା ସାହୁ, ମିତାଞ୍ଜଳି ପଣ୍ଡା, ଗାୟତ୍ରୀ ବେହେରା, ସୁମିତ୍ରା କାର୍ଜି, ଇପ୍ସିତା ମଲ୍ଲିକ, ଅନିଲ କୁମାର ଜେନା, ସୂର୍ଯକାନ୍ତ ସେଠୀ, ବଳରାମ ବେହେରା, ଭଗବାନ ସ୍ୱାଇଁ, ରାହୁଲ କୁମାର ପଟ୍ଟନାୟକ, ବାସୁଦେବ ପ୍ରଧାନ, ରବୀନ୍ଦ୍ର କୁମାର ସ୍ୱାଇଁ ସମେତ ସମସ୍ତ ବିଦ୍ୟାର୍ଥୀ ଉପସ୍ଥିତ ରହିଥିଲେ।

## ଡିଜିଟାଲ ମୋଡ଼ରେ ହେବ ଫାଇଲ କାର୍ଯ୍ୟ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଏଣିକି ଆଉ କାଗଜ ଫାଇଲ ଦେଖିବାକୁ ମିଳିବ ନାହିଁ ଡିଜିଟାଲ ମୋଡରେ କାର୍ଯ୍ୟ କରିବ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ। ବ୍ଲକ ଠାରୁ ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ଡିଜିଟାଲ ବ୍ୟବସ୍ଥା ଲାଗୁ ହୋଇଛି। ଏହାକୁ ଓସ୍ୱାସ (ଓଡିଶା ଷ୍ଟେଟ ୱାର୍କ ଫ୍ଲୋ ଅଟୋମେସନ ସିଷ୍ଟମ) କୁହାଯାଏ। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସମସ୍ତ ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କୁ ଏଣିକି 'ଓସ୍ୱାସ' ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ହେବ ଏବଂ ସାଧାରଣ ଜନତା ଏଥିରୁ ଉପକୃତ ହେବା ସହିତ ପ୍ରଶାସନିକ ସ୍ୱଚ୍ଛତା ଏହା ପ୍ରତିପାଦିତ ହେବ ବୋଲି କୁହାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓକାକ୍ସର ଡମେନ ଆଡ଼ଭାଇଜର ସତ୍ୟ ରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ସମେତ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଚାକିରି ସର୍ତ୍ତାବଳୀ ଓ ପେନସନ ଦାବିରେ ଧାରଣା



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଓଡିଶା ମାଧ୍ୟମିକ ସ୍କୁଲ କଲେଜ ଶିକ୍ଷକ ସଂଘ (ଓଷ୍ଟା)ତଥା ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ରଘୁନାଥପୁର ବ୍ଲକ ଶାଖା ପକ୍ଷରୁ ଅନୁଦାନ, ଚାକିରି ସର୍ତ୍ତାବଳୀ, ପେନସନ ଓ ଅନ୍ୟାନ୍ୟ କେତେକ ଦାବୀରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତୀକ ଧାରଣା ସହ ଜିଲ୍ଲାପାଳ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି। ଦାବୀ ଗୁଡିକ ମଧ୍ୟରେ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଇଥିବା ଏବଂ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ,ପେନସନ ଓ ଅବସର କାଳୀନ ସୁବିଧା ସୁଯୋଗ ଦେବା, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି କରିବା, ଗ୍ରେଡପେରେ ଥିବା ଅସଙ୍ଗତି ଦୂରୀକରଣ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ସ୍କୁଲ, କଲେଜକୁ ସରକାରୀ କରଣ ଓ ଶିକ୍ଷକ ନିଯୁକ୍ତି ଏବଂ ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପ୍ରାପ୍ତ ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋଶନାଲ ଇନ୍କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଏବଂ ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ସ୍କିମର ପୁନ ପ୍ରଚଳନ ଆଦି ରହିଛି। ଓଷ୍ଟା ବ୍ଲକ ସଭାପତି ଶରତ କୁମାର ପଣ୍ଡା ଓ ସମ୍ପାଦକ ରଞ୍ଜନ କୁମାର ମିଶ୍ରଙ୍କ ନେତୃତ୍ୱରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ପୂର୍ବାହ୍ନ ୧୧ ଟା ୩୦ ରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଧାରଣା ଦେଇଥିଲେ। ଏସବୁ ସମ୍ପର୍କରେ ବାରମ୍ବାର ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ବିଧାୟକଙ୍କୁ ଜଣାଇବା ପରେ କୌଣସି ସୁଫଳ ମିଳୁନାହିଁ। ଯାହାଫଳରେ ଶିକ୍ଷକ ଶିକ୍ଷା କର୍ମଚାରୀ ମାନେ ହତାଶା ଓ ନିରାଶା ଭିତରେ ବହୁ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି। ଅନିଚ୍ଛା ସତ୍ତ୍ୱେ ଆମ୍ଭେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେଉଛୁ ବୋଲି ସମ୍ପାଦକ ମିଶ୍ର ପ୍ରକାଶ କରିଛନ୍ତି।

# ଜୟପୁର ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ସାମଲଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସମ୍ପାଦକ ତଥା ଅବସରପ୍ରାପ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ପଣ୍ଡିତ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ ଯେ, ଜ୍ଞାନ ବିଜ୍ଞାନ ମେଳା ମାଧ୍ୟମରେ ଶିଶୁ ମାନଙ୍କର ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ହୋଇଥାଏ। ସମ୍ମାନିତ ଅତିଥି ଭାବେ କମିଟିର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଶିକ୍ଷକ ଭରତ ଚରଣ ବାରିକ ଯୋଗ ଦେଇ ପିଲାମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଜ୍ଞାନ ବିଜ୍ଞାନ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜ୍ଞାନ ପ୍ରମୁଖ ରଶ୍ମିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୁରୁମା ପୂର୍ଣ୍ଣିମା ଖଟୁଆ, ପ୍ରତିଭାରାଣୀ ସାହୁ, ସେବତୀ ତ୍ରିପାଠୀ, ରଶ୍ମିତା ସାହୁ ଓ ଗୁରୁଜୀ ଦୀପ୍ତିକାନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ। ଜ୍ଞାନବିଜ୍ଞାନ ମେଳାରେ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା।

# ଆତ୍ମହୁତି ଉଦ୍ୟମ ବେଳେ ଝିଅ ମୃତ, ପୁରୁଷ ବନ୍ଧୁ ଆହତ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାର ରରୁଆଁ ଥାନା ଅନ୍ତର୍ଗତ ଖୁଚିଂ ଗ୍ରାମରେ ଆଜି ସକାଳୁ ସକାଳୁ ଏକ ଅଘଟଣ ଦେଖିବାକୁ ମିଳିଛି। ଜଣେ ପୁରୁଷ ଏବଂ ଜଣେ ମହିଳା ଦେହରେ ନିଆଁ ଲଗାଇ ଆତ୍ମହୁତି ଉଦ୍ୟମ କରିଥିବା ଜଣାପଡ଼ିଛି। ଉଭୟଙ୍କୁ ଉଦ୍ଧାର କରି ଶୁକ୍ରୁଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ମହିଳା ଜଣକଙ୍କ ମୃତ୍ୟୁ ଘଟି ଥିବା ବେଳେ ହରିଶଙ୍କରଙ୍କୁ କେନ୍ଦୁଝର ମେଡିକାଲ ରେଫର୍ କରାଯାଇଛି। ତାଙ୍କ ଅବସ୍ଥା ମଧ୍ୟ ଗୁରୁତର ରହିଛି। ମୃତ ମହିଳା ଭାରତୀ ପାତ୍ର ତାଙ୍କ ଘର ଖୁଚିଂରେ। ସେହିଭଳି ପୁରୁଷ ବନ୍ଧୁ ଜଣକ ହରିଶଙ୍କର ଆଚାର୍ଯ୍ୟ। ତାଙ୍କ ଘର ରାଇରଙ୍ଗପୁର ବୋଲି ଜଣାପଡ଼ିଛି। ଝିଅ ଘର ପାଖରୁ ଚାରିଶହ ମିଟର ଦୂରରେ ଦୁହେଁ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହାର ପ୍ରକୃତ କାରଣ ଜଣାପଡି ନଥିଲେ ବି ପ୍ରେମ ବ୍ୟାପାରକୁ ନେଇ ଆତ୍ମାହୁତି ଦେଇଥିବା ଅନୁମାନ କରାଯାଉଛି। ଏହି ଘଟଣାରେ ୧୪/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଲୋକଙ୍କ ସମସ୍ୟା ବୁଝିବାକୁ ଟ୍ରାକ୍ଟରରେ ଗଲେ ବିଧାୟକ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଦଶମନ୍ତ ପୁର ବ୍ଲକର ଲୁଲା ପଞ୍ଚାୟତ ଅନ୍ତର୍ଗତ ପଦୁ ଗୁଡା ଗ୍ରାମବାସୀଙ୍କ ସମସ୍ୟା ବୁଝିବାକୁ ଟ୍ରାକ୍ଟର ଚଢିକି ଗଲେ ବିଧାୟକ,ଏଇ ଘଟଣା ଏବେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଚାର୍ଚ୍ଚା ଜୋର ଧରିଛି। ବ୍ଲକ ସଦର ଠାରୁ ପଦୁଗୁଡା ଗ୍ରାମର ଦୂରତା ମାତ୍ର ୧୫ କିଲୋମିଟର ହୋଇଥିବା ବେଳେ ଆଜିଯାଏଁ ସେଠାରେ କାହାର ପାଦ ପଡିନି। ଗାଁରେ ୯୦ ଘର ଆଦିବାସୀ, ଦଳିତ ଓ କାହ୍ନାର ପରିବାର ବସବାସ କରୁଥିବା ବେଳେ ପାନୀୟ ଜଳଠୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପାଇଁ ଗ୍ରାମ ବାସି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଶୁକ୍ରବାର ଦିନ ଲକ୍ଷ୍ମୀପୁର ବିଧାୟକ ଦଳୀୟ କର୍ମୀଙ୍କ ସହ ପଦୁଗୁଡା ଗ୍ରାମକୁ ଗସ୍ତରେ ବାହାରିଥିଲେ ହେଲେ ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ଥିବାରୁ ତାଙ୍କ ଗାଡ଼ି ଆଗକୁ ଗଡ଼ି ପାରିନଥିଲା। ଫଳରେ ନିଜ କାର ଅଧା ବାଟରେ ଛାଡି ସେଇ ବାଟ ଦେଇ ଯାଉଥିବା ଏକ ଟ୍ରାକ୍ଟରରେ ବସି ଦଳୀୟ କର୍ମୀଙ୍କ ସହ ବିଧାୟକ ଯାଇ ପଦୁଗୁଡାରେ ପହଞ୍ଚି ଥିଲେ। ସରକାରୀ ଯୋଜନା ସହ ମୌଳିକ ସୁବିଧା କିଭଳି ପାଇବେ ସେନେଇ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ବିଧାୟକ। କେବଳ ପଦୁଗୁଡା ନୁହଁ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଥିବା ଚାରୋଟି ବ୍ଲକ ର ଯେକୌଣସି ଗ୍ରାମରେ ସମସ୍ୟା ଥିଲେ ମୁଁ ଦାୟିତ୍ୱରେ ଥିବା ପର୍ଯ୍ୟନ୍ତ ପାରୁପାର୍ଯ୍ୟନ୍ତ ସମାଧାନ ପାଇଁ ଚେଷ୍ଟା କରିବି ବୋଲି କହିଥିଲେ।

## ଠିକା କର୍ମଚାରୀ ସାଜିଛନ୍ତି ଦୁର୍ନୀତିର କର୍ଣ୍ଣଧାର !

# କର୍ମଚାରୀ ନବଦଳିଲେ ସରକାରଙ୍କ ନୀତିରେ ସ୍ୱଚ୍ଛତା ଅସମ୍ଭବ !

କୋରେଇ, (ଭାସ୍କର ନ୍ୟୁଜ୍):ରାଜ୍ୟ ସରକାର ଏବେ ବଦଳୀ ନିୟମକୁ କାର୍ଯ୍ୟକାରୀ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏହି ବଦଳୀ ପ୍ରକ୍ରିୟା ମେ, ଜୁନ, ଜୁଲାଇ ତିନି ମାସ ଧରି ଚାଲିଥିବାର ଜଣା ପଡିଛି। କିନ୍ତୁ ଦୁଃଖର ବିଷୟ କୋରେଇ ଓ ବ୍ୟାସନଗରର ବିଭିର୍ନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ମାନେ ଦୀର୍ଘବର୍ଷ ରହି ଲୋକଙ୍କ ସମସ୍ୟା ସମାଧାନ କମ ନିଜ ପକେଟ ଗରମ ବେଶୀ କରୁଛନ୍ତି। ସରକାରୀ କର୍ମଚାରୀ ଏବେ ସ୍ୱୋ ବଦଳରେ ନେବାକୁ ପ୍ରାଧାନ୍ୟ ଦେଉଛନ୍ତି। ଫଳରେ କୋରେଇ ଲୋକ ସରକାରୀ ସ୍ୱୋ ବଦଳରେ ପ୍ରତାରଣା ପାଉଥିବା ଅଭିଯୋଗ ହେଉଛି। ବିଶେଷ କରି ଠିକାରେ ଥିବା ସ୍ଥାନୀୟ କର୍ମଚାରୀ ମାନଙ୍କ ପାଇଁ ଦୁର୍ନୀତି, ଲାଞ୍ଚ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଅଭିଯୋଗ ହେଉଛି କି ବଦଳୀ ହେଲେ ମଧ ସେମାନେ ତାଙ୍କ ପୁରୁଣା ଜାଗା ଛାଡୁ ନାହାଁନ୍ତି। ଏବେ ବ୍ୟାସନଗର ତହସିଲ ରେ ଜଣେ ଲାଞ୍ଚୁଆ କିରାଣୀ ହେମନ୍ତ ପେରେଇ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ି ଜେଲ ଯାଇଛନ୍ତି। ଶୁଣିବାକୁ ମିଳୁଛି ଖୋଦ ତହସିଲଦାର ବାବୁ ଙ୍କର ୪ ମାସ ହେଲା ବଦଳୀ ହୋଇଥିଲେ ମଧ ସେ ତାଙ୍କ ଜାଗା ଛାଡୁ ନାହାଁନ୍ତି। ସେହିପରି କୋରେଇ ଶିକ୍ଷ୍ୟା ବିଭାଗରେ ଖୋଦ ମଣ୍ଡଳ ଶିକ୍ଷ୍ୟା ଅଧିକାରୀ ସୁଦର୍ଶନ ମଲ୍ଲିକ ୬ବର୍ଷରୁ ଉର୍ଦ୍ଧ୍ୱ ଏଠାରେ ରହି ସବୁ ଅନୀତିକୁ ନୀତିରେ ପରିଣତ କରିବା ଅଭିଯୋଗ ହେଉଛି। ସେ ନକଲି ଶିକ୍ଷକଙ୍କୁ ଘଣ୍ଟ ଘୋଡ଼େଇବା ହେଉ କି ବେସରକାରୀ ବିଦ୍ୟାଳୟକୁ ପ୍ରୋତ୍ସାହନ ଦେବା ହେଉ। ଏମିତି ଅନେକ ଦୁର୍ନୀତି ଅଭିଯୋଗ ତାଙ୍କ ନାମରେ ବିଭିର୍ନ୍ନ ଗଣ ମାଧ୍ୟମ ପୃଷ୍ଠା ମଣ୍ଡନ କରିଛି ଏବଂ ତାଙ୍କ କାର୍ଯ୍ୟାଳୟରେ ସର୍ବେସର୍ବା ବୋଲାଉ ଥିବା ଠିକା କର୍ମଚାରୀ ଦୀପ୍ତି ଜେନା ଯେକି ଏମ ଆଇ ଏସ କୋ ଅର୍ଡିନେଟର ଭାବେ ଦୀର୍ଘ ୧୨ବର୍ଷ ଧରି ଅଛନ୍ତି, ସେ କୁଆଡ଼େ ଟଙ୍କା ନଦେଖିଲେ କମ୍ପୁଟର ଅନ କରନ୍ତି ନାହିଁ ବୋଲି ଅଭିଯୋଗ ହେଉଛି। ଅଭିଯୋଗ ହେଉଛି କି ସେ ବେସରକାରୀ ବିଦ୍ୟାଳୟ ଗୁଡିକୁ ଆରଓସି ଏନଓସି ଦେବାକୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରନ୍ତି। ଅଧିକାରୀମାନଙ୍କୁ ମାଣିଆ ଦେଇ ପକେଟରେ ରଖିଥିବାରୁ ବେସରକାରୀ ବିଦ୍ୟାଳୟ ଗୁଡ଼ିକ ପିଲାମାନଙ୍କ ଠାରୁ ମନ ଇଛା ପଇସା ଆଦାୟ କରୁଛନ୍ତି। ପାଠ ପଢ଼ା କମ ଅଭିଭାବକ ମାନଙ୍କୁ ପକେଟ ଲୁଟିବା ବେଶୀ ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ବେସରକାରୀ ବିଦ୍ୟାଳୟ ମାନେ ଅଧିକାରୀ ମାନଙ୍କୁ ଲାଞ୍ଚ ଦେଉଥିବାରୁ ସରକାରଙ୍କର କୌଣସି ନୀତି ନିୟମ ପାଳନ କରୁନଥିବା ଭଳି ପରିଲକ୍ଷିତ ହେଉଛି। ଅନ୍ୟ ପଟେ ଏହି ମଣ୍ଡଳ ଅଧିନରେ ଅବସ୍ଥାପିତ ଥିବା ଶିକ୍ଷ୍ୟକମାନେ ସବୁ ନିଜ ପଞ୍ଚାୟତ, ପାଖ ପଞ୍ଚାୟତରେ ଦୀର୍ଘଦିନ ଗୋଟିଏ ଗୋଟିଏ ବିଦ୍ୟାଳୟରେ ରହୁଛନ୍ତି। ଫଳରେ ସେମାନେ ପିଲା ମାନଙ୍କୁ ଶିକ୍ଷା ଦାନ କମ ଗାଁ ରାଜନୀତି ବୁଡ଼ି ରହି ଗାଁ ମାନଙ୍କରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ସେହିପରି କୋରେଇର ବିଭିର୍ନ୍ନ ସରକାରୀ କାର୍ଯ୍ୟାଳୟରେ ଥିବା ଠିକା କର୍ମଚାରୀମାନଙ୍କ ଦ୍ୱାରା ବିଭିର୍ନ୍ନ ପ୍ରକାର ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲାପାଳ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଦୀର୍ଘ ବର୍ଷ ହେବ ଗୋଟିଏ ଜାଗାରେ ରହିଥବା ଠିକା ଓ ସରକାରୀ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କଲେ କୋରେଇ ଜନସାଧାରଣ ଦୁର୍ନୀତି ଓ ଲାଞ୍ଚ ଖାଉଥିବା ରାକ୍ଷ୍ୟାସଙ୍କ ଠାରୁ ମୁକ୍ତି ପାଇବେ।

# ବୋଲବମ ଗାଡ଼ି ଧକ୍କାରେ ବାପ-ପୁଅ ମୃତ

କୋରାପୁଟ/ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ସଦର ଥାନା ଅଧିନସ୍ଥ ପୋଡ଼ଗଡ଼ କନ୍ୟାଶ୍ରମ ନିକଟ ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଘଟି ବାପ ପୁଅଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଭଣଜା ଙ୍କୁ କୋରାପୁଟ ଏସଏଲେନ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଛି। ମୃତକ ହେଲେ କୋରାପୁଟ ଟିକିରା ସାହିର କୈଳାଶ ଖରା (୩୦) ଓ ତାଙ୍କ ଚାରି ବର୍ଷର ପୁଅ ଅନିଶ ଖରା। ଏନେଇ ଘଟଣା ସ୍ଥଳରେ କୋରାପୁଟ ସଦର ପୋଲିସ ପହଞ୍ଚି ତଦନ୍ତ କରିବା ସହ ଧକ୍କା ଦେଇଥିବା ଟ୍ରକକୁ ପୋଲିସ ଜବତ କରିଛି। ପ୍ରାପ୍ତ ସୂଚନା ମୁତାବକ କୈଳାଶ ଖରା ମଝିଆ ପୁଅ ସହ ନିଜ ଭଣଜାକୁ ଧରି ଦଶମନ୍ତପୁର ଅଞ୍ଚଳର ଏକ ମନ୍ଦିର ଅଭିମୁଖେ ବାଇକ ଧରି ବାହାରିଥିଲେ। ଅପରପକ୍ଷେ କାକିରିଗୁମା ଅଞ୍ଚଳରୁ ଏକ ଟ୍ରକ ବୋଲ ବମ ଭକ୍ତଙ୍କୁ ଧରି ଆସୁଥିବା ବେଳେ ଦୁହିଁଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ବାଇକ ପୁରା ଜଳି ଯାଇଥିଲା। ବାପ-ପୁଅ ଦୁହିଁଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଭଣଜାଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ଜିଲ୍ଲା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ବାଇକ ସହ ଧକ୍କା ହେବା ପରେ ଟ୍ରକ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି କେଉଁ ପରିସ୍ଥିତିରେ ଏତେ ବଡ଼ ଘଟଣା ଘଟିଗଲା ତା'ର ତଦନ୍ତ ଚଳେଇଥିବା ବେଳେ ମେଡିକାଲ କଲେଜ ସମୁଖରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର




ତିହିଡ଼ି, (ଭାସ୍କର ନ୍ୟୁଜ୍): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତିହିଡ଼ି ବ୍ଲକ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ଜରିଆରେ ୬ଦଫା ଦବି ସମ୍ବଳିତ ଏକ ସ୍ମାରକପତ୍ର ଶନିବାର ପ୍ରଦାନ କରାଯାଇଛି। ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀମାନଙ୍କ ଅନୁଦାନ, ଚାକିରୀ ସର୍ତ୍ତାବଳୀ, ପେନସନ ଓ ଅନ୍ୟାନ୍ୟ କେତକ ବହୁଳ ସମସ୍ୟା ରହିଛି। ଏ ସମ୍ପର୍କରେ ବାରମ୍ବାର ବିଭିନ୍ନ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳି ପାରୁନାହିଁ। ଯେଉଁଥି ପାଇଁ ଓଡ଼ିଶାର ଶିକ୍ଷକ ଓ କର୍ମଚାରୀମାନେ ହତାଶା ଓ ନିରାଶ ମଧ୍ୟରେ କାଳତିପାତ କରୁଛନ୍ତି। ବିଭିନ୍ନ ସମସ୍ୟାର ସମାଧାନ ହେଉନଥିବାରୁ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେଉଛନ୍ତି। ତୁରନ୍ତ ସମସ୍ୟାଗୁଡ଼ିକର ସମାଧାନ କରାନଗଲେ ସେମାନେ ଆନ୍ଦୋଳନରୁ ବିରତ ହେବେ ନାହିଁ ବୋଲି ସ୍ମାରକ ପତ୍ରରେ ଚେତାବନୀ ଦେଇଛନ୍ତି। ତେବେ ସସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଚାକିରୀ ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡ଼ପେରେ ଥିବା ଅସଂଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ□ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନ୍‌ସନ ପରିବର୍ତ୍ତେ ପରିବର୍ତ୍ତେ ପୁରାତନ ପେନସନ ସ୍କିମର ପୁନଃ ପ୍ରଚଳନ କରାଯିବାକୁ ଦାବି କରାଯାଇଛି। ସମନ୍ୱୟ ସମିତି ସଭାପତି ସମରେନ୍ଦ୍ର ନାଥ ମିଶ୍ର, ସମ୍ପାଦକ ବିଶ୍ୱନାଥ ପଣ୍ଡା, ସହସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ପତି, ପ୍ରକାଶ ଚନ୍ଦ୍ର ପତ୍ରୀ, ଖେଳ ଶିକ୍ଷକ ତନ୍ମୟ କୁମାର ବେହେରା ପ୍ରମୁଖ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ୧୩୦୦ କିଲୋ ଗଞ୍ଜେଇ ଜବତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଲା ପୋଲିସ ଏସଆଇ ବି.ପି.ସବରଙ୍କ ନେତୃତ୍ୱରେ ପୋଲିସ ଟିମ ଗତକାଲି ସକାଳେ ପାଟ୍ରୋଲିଂ କରୁଥିବା ସମୟରେ, ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବିଡିଗେଟା ପଞ୍ଚାୟତ ର ସାନା ଟେକଗୁଡ଼ା ଗ୍ରାମ ନିକଟ ଜଙ୍ଗଲ ଭିତରେ ଚୋରା ଗଞ୍ଜେଇ ଜବତ କରିଥିଲେ। ଏନଡିପିଏସ୍ ଆଇନର ପ୍ରକ୍ରିୟା ଅନୁସରଣ କରି, କାଲିମେଲା ପୋଲିସ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଏବଂ ସାକ୍ଷୀଙ୍କ ଉପସ୍ଥିତିରେ ଘଟଣାସ୍ଥଳରୁ ୫୨ ଟି ପ୍ଲାଷ୍ଟିକ୍ ଜରି ବ୍ୟାଗରେ ୧୩୦୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା, ଯାହାକୁ ଅଭିଯୁକ୍ତମାନେ ରଖିଥିଲେ। ଏହି ସମ୍ପର୍କରେ କାଲିମେଲା ପିଏସ୍ କେସ୍ ଅନୁଯାୟୀ ଦୁଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଜାରି ରହିଥିବା କାଲିମେଲା ଥାନା ଆଇଆଇସି ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି।

# ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହେଇଯାଇଛି। ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ଜ୍ଞାନ ବିଜ୍ଞାନ ମେଳା ଉଦଘାଟିତ ହୋଇଥିଲା। ସମ୍ମାନୀତ ଅତିଥି ଭାବରେ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ପୂର୍ବ ସମ୍ଭାଗର କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ଦାସ ବିଦ୍ୟାର୍ଥୀମାନଙ୍କ ପାଇଁ ଜଳ ଶକ୍ତିସଞ୍ଚୟ କରିବା ପାଇଁ ମୂଲ୍ୟବାନ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ମଞ୍ଚାସିନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ଜ୍ଞାନ ବିଜ୍ଞାନ ମେଳାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ମମତା କର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଜିଜ୍ଞାସୁ ମନୋଭାବ ରହିଲେ ନୂଆ ନୂଆ କଥା ଜାଣିବା ଓ କଳ୍ପନା ଶକ୍ତି ବଳରେ ନୂଆ ନୂଆ ଜିନିଷ ଉଦଭାବନ କରି ପାରିବେ ବୋଲି ମୁଖ୍ୟ ଅତିଥି ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମାର୍ଗ ଦର୍ଶନ କରିଥିଲେ। ଏହି ବିଜ୍ଞାନ ମେଳାରେ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଭାଗି ବିଭିନ୍ନ ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନ ମଞ୍ଚ, ମୂର୍ତ୍ତି କଳା, ପତ୍ରବାଚନ, ପ୍ରୟୋଗ ଗଣିତ ପ୍ରକଳ୍ପ ଆଦିରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଆଚାର୍ଯ୍ୟ ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ସେବକ, ସେବିକା ଏବଂ ପରିଚାଳନା ସମିତିର କାର୍ଯ୍ୟ କର୍ତ୍ତାମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



# ଆମ କଳାହାଣ୍ଡି



ପୃଷ୍ଠା-୧୦
Page-10
ରବିବାର, ୦୩ ଅଗଷ୍ଟ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର




## କଳାହାଣ୍ଡି ଶିକ୍ଷା ବିଭାଗ ଓ ରାଇଜିଂ ଫାଉଣ୍ଡେସନ ଭୁବନେଶ୍ୱର ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ, ଗଣିତ ଓ ଇଂରାଜୀ ବିଷୟରେ ଅଧିକରୁ ଅଧିକ ଦକ୍ଷ କରିବା ପାଇଁ ଷ୍ଟେମ ଶିକ୍ଷା ମାଧ୍ୟମରେ ଶିକ୍ଷା ପ୍ରଦାନ ଲକ୍ଷ୍ୟ ନେଇ ରାଜ୍ୟର ଅନ୍ୟତମ ବେସରକାରୀ ଅନୁଷ୍ଠାନ ରାଇଜିଂ ଫାଉଣ୍ଡେସନ, ଭୁବନେଶ୍ୱର ତାହାର ପ୍ରଚେଷ୍ଟା ଜାରି ରଖିବା ସହ କଳାହାଣ୍ଡି ଶିକ୍ଷା ବିଭାଗ ସହ ଏକ ଏମ୍ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଉପଲକ୍ଷେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କନଫରେନ୍ସ ହଲ ଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, କଳାହାଣ୍ଡି ଡିଆଇଇଟିର ଅଧ୍ୟକ୍ଷ ଦେଶବନ୍ଧୁ ସାହୁ,ଏଡିଇଓ ପବିତ୍ର ମୋହନ ସାହୁ, ଏଡିଇଓ ହେମସାଗର ମହାନନ୍ଦ, ଜିଲ୍ଲା ବିଜ୍ଞାନ ସୁପରଭାଇଜର ଦୁଷ୍ମନ୍ତ ଶେଖର ପାଢ଼ୀ, ପେଡାଗଜି ସଂଯୋଜକ ଶ୍ରଦ୍ଧାଞ୍ଜଳି ଦାସ, ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ, ଡିଇଓ କାର୍ଯ୍ୟାଳୟର ସେକେଣ୍ଡାରୀ ବିଦ୍ୟାଳୟ ଇନଚାର୍ଜ୍ୟ ବୀରେନ୍ଦ୍ର କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲାବେଳେ ରାଇଜିଂ ଫାଉଣ୍ଡେସନ ପକ୍ଷରୁ ଅଧ୍ୟକ୍ଷ ଅକ୍ଷୟ ସାଗର,ଫାଉଣ୍ଡେସନର କାର୍ଯ୍ୟକ୍ରମ ମୁଖ୍ୟ ସାଗରିକା ରାୟ, କଳାହାଣ୍ଡି ପ୍ରୋଗ୍ରାମ ଲିଡର, ପ୍ରଜ୍ଞା ପୂର୍ବାଶା ତ୍ରିପାଠୀ, ଅନ୍ୟତମ କଳାହାଣ୍ଡି ପ୍ରୋଗ୍ରାମ ଲିଡର୍ ଆଦିତ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛତ୍ରୀ ଓ ରାଇଜିଂ ଫାଉଣ୍ଡେସନ ଅଧ୍ୟକ୍ଷ ଶ୍ରୀ ସାଗରଙ୍କ ମଧ୍ୟରେ ଆନୁଷ୍ଠାନିକ ଭାବେ ଏମ୍ ଓ ୟୁ ସ୍ୱାକ୍ଷରିତ ହୋଇଥିଲା।କଳାହାଣ୍ଡି ଜିଲ୍ଲାର ୧୩ ଗୋଟି ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ, ଗଣିତ ଓ ଇଂରାଜୀ ବିଷୟରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀରେ ପାଠ ପଢାଉଥିବା ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ଓ ବିଦ୍ୟାଳୟସ୍ତରରେ ଷ୍ଟେମସ୍ କ୍ଲବ ଖୋଲାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ମତ ପ୍ରକାଶ କରିଥିଲେ। ଶେଷରେ ପ୍ରଶାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏଠାରେ ପ୍ରକାଶଯୋଗ୍ୟରେ ରାଇଜିଂ ଫାଉଣ୍ଡେସନ, ଭୁବନେଶ୍ୱର ୨୦୨୪ ମସିହା ନଭେମ୍ବର ମାସ ଠାରୁ କଳାହାଣ୍ଡି ଜିଲ୍ଲାର କର୍ଲାମୁଣ୍ଡା, କେସିଙ୍ଗା ଓ ଭବାନୀପାଟଣା ବ୍ଲକର ୧୫ଟି ବିଦ୍ୟାଳୟରେ ଇ-ବିଦ୍ୟାଲୋକ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷଣ କ୍ରମଶଃ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ଦ୍ୱାରା ଆଦୃତ ହେବାରେ ଲାଗିଛି।

## ବଡ଼ପୋଡ଼ାଗୁଡ଼ା ସ୍କୁଲ ସମସ୍ୟା ନେଇ ବିଡ଼ିଓଙ୍କୁ ଦାବିପତ୍ର



କୋକସରା, (ଭାସ୍କର ନ୍ୟୁଜ୍): ଦୀର୍ଘ ବର୍ଷ ହେବ କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦୟନୀୟ ଅବସ୍ଥାରେ ରହିଛି। ଯାହା ଫଳରେ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏନେଇ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ମାନେ କୋକସରା ବିଡ଼ିଓ ଏବଂ ବିଇଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏବଂ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିଥିବା ପାଇଁ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ, ବଡ଼ପୋଡ଼ାଗୁଡ଼ା ଠାରେ ଥିବା ଏହି ବିଦ୍ୟାଳୟରେ ଦିର୍ଘ ବର୍ଷରୁ ଜମି ବିବାଦ କାରଣରୁ ନୂତନ ଶ୍ରେଣୀ କୋଠା ନିର୍ମାଣ ହେବାରେ ବାଧା ଉପୁଜୁଛି। ଏନେଇ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ବିଭିନ୍ନ ସମୟରେ ପ୍ରଶାସନ ପାଖରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଯାହାକୁ ନେଇ ଗତବର୍ଷ ସ୍କୁଲ ଗେଟ୍ ଆଗରେ ତାଲା ପକାଇ ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ତାଲା ବନ୍ଦ ଆନ୍ଦୋଳନ କରାଇଥିଲା। ସେହି ସମୟରେ କୋକସରା ତତ୍କାଳୀନ ବିଡ଼ିଓ ଆନ୍ଦୋଳନ ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଆଜି ଯାଏଁ କୌଣସି ସମାଧାନ ହୋଇ ପାରିନାହିଁ। ଯାହା ଫଳରେ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ଶ୍ରେଣୀ କୋଠରୀରେ ଅଧ୍ୟୟନ କରି ଆସୁଛନ୍ତି। ଯାହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଆଜି ସ୍କୁଲ ସମସ୍ୟାର ସମାଧାନ ପାଇଁ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀଙ୍କୁ ଗ୍ରାମବାସୀ ମାନେ ଏକ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଛନ୍ତି। ସେହିପରି ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏବଂ ଆଗାମୀ ସପ୍ତାହେ ମଧ୍ୟରେ ସମସ୍ୟା ପ୍ରତି ଦୃଷ୍ଟି ନଦେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ପରିଚାଳନା କମିଟିର ଅଧ୍ୟକ୍ଷ ଯୁବରାଜ ପ୍ରଧାନୀ, ନରହରି ସୁନା, ରୋମାଞ୍ଚଳ ବାଗ, କ୍ଷିତିରାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## କଳାହାଣ୍ଡି ଲେଖିକା ସଂଘର 'ଶ୍ରାବଣୀ କାବ୍ୟୋତ୍ସବ'

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଶ୍ରାବଣରେ ଶ୍ରାବଣୀ ଆସିଥାଏ ବର୍ଷା ଭିଜା ପଦ୍ମପୋଖରୀକୁ ପୂର୍ଣ୍ଣଗର୍ଭା କରି। ଶ୍ରାବଣୀ ଆସିଥାଏ କାଉଡିଆଙ୍କ ଜଳପୂର୍ଣ୍ଣ ପବିତ୍ର ପାତ୍ରରେ,ନଦୀରେ, କୁଳୁକୁଳୁ ଝରଣାରେ ପ୍ରଭୁ ସଦାଶିବଙ୍କ ଜଳାଭିଷେକ ମନ୍ତ୍ରର ନାଦରେ । କଳାହାଣ୍ଡି ଲେଖିକା ସଂଘର କବିମାନେ ଏଭଳି କିଛି ମନ୍ତବ୍ୟ ରଖିଥିଲେ ସଂଘ ଦ୍ୱାରା ଆୟୋଜିତ 'ଶ୍ରାବଣୀ କାବ୍ୟୋତ୍ସବ'ରେ। ଉତ୍ସବର ଅନ୍ୟତମ ଅତିଥି ମୀନା ମୁଣ୍ଡ ଶ୍ରାବଣ ମାସର ଉପକାରିତା ଏବଂ ଭଗବାନ ଶିବଙ୍କ ଜଳାଭିଷେକ ସମ୍ପର୍କରେ ବହୁ ଗୂଢ଼ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘରେ ଯୋଗଦାନ କରିଥିବା ନୂତନ କବି ବିଳାସିନୀ ମହାପାତ୍ର, ନିରୂପମା ମହାନ୍ତି, ସ୍ମୃତିରେଖା ପଣ୍ଡା ଏବଂ ମମତା ସାହୁଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସଂଘର ସଂପାଦିକା କଳ୍ପନା ରଥ। ସ୍ୱାଗତ ସଂଗୀତ ଗାନ କରି ଥିଲେ କଣ୍ଠଶିଳ୍ପୀ ସସ୍ମିତା ରଥ। ଗାଳ୍ପିକା ତପସ୍ୱିନୀ ପଣ୍ଡାଙ୍କ ଗଳ୍ପ 'ଶାଶ୍ୱତ ପ୍ରେମ' ବେଶ୍ ମନଛୁଆଁ ହୋଇଥିଲା। କବି ମିନତି ପ୍ରଧାନଙ୍କ ସଂଯୋଜନାରେ ୩୫ରୁ ଉର୍ଦ୍ଧ୍ୱକବି ସ୍ୱରଚିତ କବିତା ପାଠ କରିଥିଲେ। କବି ବନଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶେଷରେ ଶାନ୍ତି ପାଠ ଏବଂ ବନ୍ଦେମାତରଂ ଗାନ କରି ଥିଲେ କବି ଅନୀତା ମୁଣ୍ଡ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ନର୍ଲା (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ନର୍ଲା ସହରରେ ଥିବା ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ବାରିକ୍ ଅବସର ଗ୍ରହଣ କରିଛନ୍ତି। ସେଥିପାଇଁ ସ୍କୁଲର ସହକାରୀ ଶିକ୍ଷକ ଅଜିତ୍ ନାଏକ୍ ଓ ଶିକ୍ଷୟିତ୍ରୀ କଲ୍ୟାଣି ଦାସଙ୍କ ସମେତ ସ୍କୁଲର ଛାତ୍ର ଛାତ୍ରୀ ମିଶି ବାରିକ୍ ସାରଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେବା ପାଇଁ ଏକ ଭବ୍ୟ ଆୟୋଜନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷା ଅଧିକାରୀ ତପିମଣି ଜାନି, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝୀଙ୍କ ସହିତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ସମ୍ବର୍ଦ୍ଧନା ସଭା ପରେ ବାରିକ୍ ସାରଙ୍କୁ ବାଜା ରୋଷଣୀ ସହିତ ଖୋଲା କାରରେ ବସାଇ ନର୍ଲା ସହର ପରିକ୍ରମା ପରେ ତାଙ୍କ ନିଜ ଗାଁ ମାଣ୍ଡେଲ୍ ପର୍ଯ୍ୟନ୍ତ ନେଇ ଥିଲେ। ଏହି ସମୟରେ ସ୍କୁଲର ଛାତ୍ରଙ୍କ ସହିତ ସମସ୍ତେ ଭାବ ବିହ୍ୱୋଳ ହୋଇ ଥିବା ଦୃଶ୍ୟ ନଜରକୁ ଆସିଥିଲା। ନିର୍ମଳ ସାର୍ ଯେବେଠୁ ଉକ୍ତ ସ୍କୁଲରେ ଯୋଗ ଦେଲେ ପାଠ ପଢ଼ା ସହ ସ୍କୁଲର ଅନେକ ଉନ୍ନତି ମୂଳକ କାମ କରିଥିଲେ । ନର୍ଲା ଅଞ୍ଚଳରେ ସେ ଜଣେ ସଫଳ ଯୋଗ ଗୁରୁ ଭାବରେ ମଧ୍ୟ ନିଜ ପରିଚୟ ସୃଷ୍ଟି କରି ପାରିଛନ୍ତି।

## ଲାଞ୍ଜିଗଡ ଅଞ୍ଚଳରେ ଜାଲ ନିଯୁକ୍ତି ରାକେଟ ସକ୍ରିୟ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ଏକମାତ୍ର ଶିଳ୍ପାଞ୍ଚଳ ଲାଞ୍ଜିଗଡ଼ରେ ଏବେ ଏକାଧିକ ଜାଲ ନିଯୁକ୍ତି ରାକେଟ ସକ୍ରିୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ବିଭିନ୍ନ କମ୍ପାନୀରେ ନିଯୁକ୍ତି ଦେବା ନାଁରେ, ଗେଟ୍ ପାସ୍ କରାଇଦେବା ନାଁରେ ବିଭିନ୍ନ ଲୋକେ ଶିକ୍ଷିତ ଓ ବେକାରୀ ଯୁବକ ଯୁବତୀଙ୍କ ଠାରୁ ଲୁଟି ନେଉଛନ୍ତି ଲକ୍ଷ ଲକ୍ଷ ଟଙ୍କା। କାମ ଧନ୍ଦା ଅଭାବରୁ ବେକାର ବସିଥିବା ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଯୁବକଯୁବତୀ ସେମାନଙ୍କ ଜାଲରେ ଶୀଘ୍ର ପଡିଯାଉଥିବା ଲକ୍ଷ୍ୟ କରାଯାଉଛି। ନିଯୁକ୍ତି ଦେବା ପାଇଁ ପଚାଶ ହଜାର ଟଙ୍କାରୁ ଆରମ୍ଭ କରି ଲକ୍ଷାଧିକ ଟଙ୍କା ସେମାନେ ଅସୁଲ କରିସାରିବା ପରେ ଆଉ ଧରାଛୁଆଁ ଦେଉନାହାନ୍ତି। ଲାଞ୍ଜିଗଡ଼, ନର୍ଲା, ଭବାନୀପାଟଣା, କେସିଙ୍ଗା ସମେତ ରାୟଗଡା, ମୁନିଗୁଡ଼ା ଓ ଅମ୍ବାଦଳା ଅଞ୍ଚଳରେ ଏହି ରାକେଟର ସଦସ୍ୟମାନେ ଜାଲ ବିଛାଇଛନ୍ତି। ଏପରିକି ନିଜେ କିମ୍ବା ନିଜ ସମ୍ପର୍କୀୟଙ୍କ ଜରିଆରେ ସେମାନେ ଚାକିରି କରାଇଦେବାକୁ ଭରସା ଦେଇ ଟଙ୍କା ଦାବି କରୁଥିବାବେଳେ ସେମାନଙ୍କ ଚହଟ ଚିକ୍କଣ କଥା ଓ ମିଥ୍ୟା ପ୍ରତିଶ୍ରୁତିରେ ପଡ଼ି ଚାକିରି ଆଶାୟୀମାନେ ସେମାନଙ୍କ ଜାଲରେ ପଡୁଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷ ଧରି ଏଭଳି ଅଭିଯୋଗ ହେଉଥିବାବେଳେ ଚାକିରୀ ଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ଲାଞ୍ଜିଗଡ଼ ବ୍ଲକ ବନ୍ଧପାରୀ ପଞ୍ଚାୟତ ଡଙ୍ଗାଯୋର ସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲୀପ ମହାରଣା ନୂଆପଡ଼ା ଜିଲ୍ଲା ସିନାପାଲି ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯିବାପରେ ଏହି ରାକେଟ ସମ୍ପର୍କରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏପରିକି ଏହି ରାକେଟରେ କମ୍ପାନୀର ବି କିଛି କର୍ମକର୍ତ୍ତା ସାମିଲ ଥିବା ନେଇ ଆଲୋଚନା ହେଉଛି। ତେବେ ଚାକିରି ଆଶାରେ ଗରିବ ଓ ନିରୀହ ଯୁବକଯୁବତୀମାନେ ଟଙ୍କା ଦେଇ ନିରାଶ ହେଉଥିବାବେଳେ ଲୋକଲଜ୍ଜା ଭୟରେ ସେମାନେ କାନମୁଣ୍ଡ ଆଉଁସି ଚୁପ୍ ରହୁଛନ୍ତି। ଏଣୁ ଜିଲ୍ଲା ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଜାଲ ନିଯୁକ୍ତି ରାକେଟ ବିରୁଦ୍ଧରେ କଡ଼ା ପଦକ୍ଷେପ ନେବାକୁ ଦାବି ହେଉଛି।

## ବିପଦ ସଂକୁଳ କର୍ଲାମୁଣ୍ଡା ମୁଖ୍ୟ ରାସ୍ତା

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ସଡ଼କ ସୁରକ୍ଷା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଠିକାଦାରମାନଙ୍କ ମନମାନି ଯୋଗୁ ରାସ୍ତା କାମ ଠିକ୍ ହେଉନଥିବାବେଳେ ସେମାନେ କିନ୍ତୁ ମାଲେମାଲ ହେଉଥିବା ଦେଖାଯାଉଛି। କନିଷ୍ଠ ଯନ୍ତ୍ରୀମାନେ ଠିକ ଭାବରେ ପରଖୁ ନଥିବାରୁ ରାସ୍ତା କାମ ଠିକ ଭାବରେ ହୋଇପାରୁନଥିବା ଅଭିଯୋଗ ହେଉଛି। ଯାହାଫଳରେ ନିମ୍ନମାନର କାମ ଯୋଗୁ ରାସ୍ତାରେ ଗାତ ସୃଷ୍ଟି ହେଉଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ମୁଖ୍ୟ ରାସ୍ତାରେ । ଏହି ରାସ୍ତାରେ ଗାତ ହୋଇଥିବା ହେତୁ ପଥିକମାନଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହାର ତୁରନ୍ତ ମରାମତି ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁସାଧାରଣରେ ଦାବି ହେଉଛି।

### ନଳକୂପ ମୂଳେ ଜମୁଛି ପାଣି

## ଡ୍ରେନ୍ ନିର୍ମାଣ ଦାବି

ଜୁନାଗଡ଼ (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗୁଡା ଗ୍ରାମର ଶିବ ମନ୍ଦିର ତାର ସ୍ୱତନ୍ତ୍ରତା ପାଇଁ ଆଖ ପାଖରେ ବେଶ ଜଣାଶୁଣା। ଜୁନାଗଡ଼ ସହର ଠାରୁ ମାତ୍ର ତିନି କିଲୋମିଟର ଦୂରରେ ଏହା ଅବସ୍ଥିତ। ପ୍ରତି ସୋମବାର ଦିନ ଶହଶହ ଶ୍ରଦ୍ଧାଳୁ ଏଠାକୁ ଆସନ୍ତି । ଏବେ ଶ୍ରାବଣ ମାସ ଚାଲି ଥିବାରୁ ପ୍ରାୟ ସବୁଦିନ ଭୋଗ ବ୍ୟବସ୍ଥା କରାଯାଉଛି। ମନ୍ଦିର ଭିତରେ ପାନୀୟ ଜଳ ପାଇଁ ଗୋଟିଏ ମାତ୍ର ନଳକୂପ ଅଛି, ଏହାର ଚାରି ପାଖରେ ପାଣି ଜମି ରହୁଛି । ଡ୍ରେନ ନ ଥିବାରୁ ଜଳ ନିଷ୍କାସନ ହୋଇ ପାରୁ ନାହିଁ । ଫଳରେ ଏ ପବିତ୍ର ମନ୍ଦିରରେ ଦୁର୍ଗନ୍ଧ ସୃଷ୍ଟି ହେବାର ସମ୍ଭାବନା ଅଧିକ ହେଉଥିବା ତଥା ମଶାମାଛି କାମୁଡୁ ଥିବାର ସ୍ଥାନୀୟ ମହିଳା ମାନେ ଅଭିଯୋଗ କରୁଛନ୍ତି । ଏଣୁ ଶୀଘ୍ର ଏହି ନଳକୂପ ପାଖେ ଗୋଟିଏ ଛୋଟ ଡ୍ରେନ ନିର୍ମାଣ କରି ଜଳ ନିଷ୍କାସନର ବ୍ୟବସ୍ଥା କରାଗଲେ ପରିବେଶ ନିର୍ମଳ ରହି ପାରିବ ବୋଲି ପଞ୍ଚାୟତ ବାସୀ ଦ୍ୱାରା ସରକାର ତଥା ପ୍ରଶାସନଙ୍କୁ ଜନସାଧାରଣରେ ଦାବି ହେଉଅଛି ।

## ମଦ ଜବତ, ମହିଳାଙ୍କ ସମେତ ୩ ଗିରଫ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଥୁଆମୂଳ ରାମପୁର ଅବକାରୀ ବିଭାଗ କର୍ଲାପାଟ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ଓ ବିଦେଶୀ ମଦ ଜବତ ସହ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାଣିଗୁମା ଗ୍ରାମର କ୍ଷମା ନାଏକ, ଭିତରଗୁମା ଗ୍ରାମର ସୁଦର୍ଶନ ନାଏକ ଓ ଡୁଡକାଗୁଡା ଗ୍ରାମର ରୁକ୍ମଣୀ ନାଏକ। ଏ ନେଇ ଜିଲା ମୋବାଇଲ ୟୁନିଟ କେସ୍ ନମ୍ବର ୧୭୯, ୧୮୦, ୧୮୧/୨୫ରେ ୫୨ଏ (ଆଇ) ଅବକାରୀ ଦଫାରେ ଅଭିଯୁକ୍ତଙ୍କୁ ଥୁଆମୂଳ ରାମପୁର ଜେଏମ୍ଏଫ୍ସି କୋର୍ଟଚାଲାଣ କରାଯାଇଛି। ଚଢାଉରେ ଜିଲା ମୋବାଇଲ ଟିମ ଆଇଆଇସି ଅରୁଣ କୁମାର ଯୋଷୀ, ଜିଲା ଅବକାରୀ ବିଭାଗ ସଦର ଆଇଆଇସି ହେମକାନ୍ତି ସୁନା,ଏସ୍ଆଇ ବିଜୟ ଭୂଷଣ ନାଏକ ଓ ଥୁଆମୂଳ ରାମପୁର ଅବକାରୀ ବିଭାଗର ଓଆଇସି ପ୍ରଶାନ୍ତୀ ସ୍ୱାଇ ସାମିଲ ହୋଇଥିଲେ।

## ସର୍ପାଘାତରେ ଲୋକନାଟକ ଅଭିନେତାଙ୍କ ମୃତ୍ୟୁ

- **ଆମ୍ବୁଲାନ୍ସ ଅବହେଳା ଅଭିଯୋଗ**
- **ତଦନ୍ତ ଦାବି କଲେ ପରିବାର ଲୋକ**



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳର ଜଣାଶୁଣା ଲୋକନାଟକ ଅଭିନେତା ସୁରେଶ ଚନ୍ଦ୍ର ସାହୁଙ୍କ ସର୍ପାଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି। ଗତ ୩୧ ତାରିଖ ଗୁରୁବାର ରାତିରେ ତାଙ୍କୁ ସାପ କାମୁଡିଥିବା ଜଣାପଡିଲା ପରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଅଧିକ ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶରେ ତାଙ୍କୁ ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ରାତି ୨ଟା ବେଳେ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବଲାଙ୍ଗୀର ଠାରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ଘଟିଥିବା ଖବର ମିଳିଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୪୫ ବର୍ଷ ବୟସ ହୋଇଥିଲା। ତାଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସର ଅବହେଳା ଯୋଗୁଁ ସୁରେଶ ଚନ୍ଦ୍ରଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। କାରଣ ମାତ୍ର ୬୦ କିମି.ଜାତୀୟ ରାଜପଥ ରାସ୍ତା ଯିବା ଆମ୍ବୁଲାନ୍ସ ଡ୍ରାଇଭର ଦୀର୍ଘ ୪ଘଣ୍ଟା ସମୟ ନେଇଥିଲେ। ରାସ୍ତାରେ ପାଣି ପିଇବା, ପରିସ୍ରା ଯିବା ଗାଡି ରଖିଦେଉଥିଲେ। ତେଣୁ ଏହାର ତଦନ୍ତ ପାଇଁ ସେ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କୁ ଭେଟିବେ ବୋଲି ପରିବାର ଲୋକେ କହିଛନ୍ତି। ସ୍ୱର୍ଗତ ସାହୁ ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ହେବ ରାମଲୀଳା ନାଟକରେ ରାବଣ ଅଭିନୟ କରି ଦର୍ଶକଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ। ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱାସ୍ଥ୍ୟ ସେବା ନାମରେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଏତାଦୃଶ କାର୍ଯ୍ୟରେ ସ୍ଥାନୀୟ ଲୋକ ମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଛି।

### ପୁଣି ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣା

## ଅଧା ବାଟରେ ଶିଶୁପୁତ୍ରକୁ ଜନ୍ମ ଦେଲେ ଗର୍ଭବତୀ



### ୩ କିମି ଖଟିଆରେ ବୁହାହେଲେ

### ରାସ୍ତା ନିର୍ମାଣ ପାଇଁ ବାଧକ ସାଜିଛି ବନ ବିଭାଗ

କୋକସରା, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଜନନୀ ଯନ୍ତ୍ରଣା ଥମିବାର ନାଁ ନେଉନାହିଁ। ପୁଣି ସାମ୍ନାକୁ ଆସିଲା ଜନନୀ ଯନ୍ତ୍ରଣା। ରାସ୍ତା ଖରାପ ଯୋଗୁଁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଗର୍ଭବତୀଙ୍କୁ ଖଟିବାରେ ବୋହି ଆଣିବାବେଳେ ବାଟରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଲେ ମହିଳା। ଏଭଳି ଏକ ଅଭାବନୀୟ ଘଟଣା କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତର ସର୍ଗିପାନୀ ଗାଁରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ସର୍ଗିପାନୀ ଗାଁର ଚକ୍ର ସାନ୍ତାଙ୍କ ସ୍ତ୍ରୀ ହିରାମଣୀ ସାନ୍ତା(୨୬)କୁ ଆଜି ପ୍ରସବ ଯନ୍ତ୍ରଣା ହେବାରୁ ଆଶା କର୍ମୀଙ୍କୁ ଖବର ଦେଇଥିଲେ। ଆଶା କର୍ମୀ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ତେବେ ରାସ୍ତା ଖରାପ ଥିବା ଯୋଗୁଁ ଗାଁ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଯାଇ ନପାରି ଅଧା ରାସ୍ତାରେ ଅଟକି ରହିଥିଲା। ଆଶା କର୍ମୀଙ୍କ ସହ ତାଙ୍କ ପରିବାର ଲୋକେ ପ୍ରାୟ ୩କିମି ଦୂର ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବା ପାଇଁ କିଛି ବାଟ ଚାଲିବା ସହ ଖଟିଆରେ ବୋହି ଆଣିବା ସମୟରେ ଅଧା ବାଟରେ ଗର୍ଭବତୀ ଜଣକ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ବର୍ତ୍ତମାନ ଉଭୟ ମା' ଓ ନବଜାତ ଶିଶୁପୁତ୍ର ସୁସ୍ଥ ଥିବା ଜଣାପଡିଛି। ପ୍ରକାଶ ଯେ' କୋକସରା ବ୍ଲକର ଆମପାଣି ପଞ୍ଚାୟତର ଉପାନ୍ତ ସର୍ଗିପାନୀ ଗାଁ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି। ଏହି ଗାଁକୁ ଯିବାକୁ ହେଲେ ଭଲ ରାସ୍ତା ନାହିଁ। ତେଣୁ ରାସ୍ତା ସମସ୍ୟା ସମାଧାନ କରିବା ପାଇଁ ପ୍ରଶାସନ ପାଖରେ ଗାଁ ଲୋକେ ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ ରାସ୍ତା ମରାମତି ଦିଗରେ ଜଙ୍ଗଲ ବିଭାଗ ବାଧା ସାଜୁଥିବାରୁ ତାହା ସମାଧାନ ହୋଇପାରୁନାହିଁ। ସବୁ ଦିନିଆ ଭଲ ରାସ୍ତା ନଥିବା କାରଣରୁ ପୂର୍ବରୁ ମଧ୍ୟ ଆମପାଣି ପଞ୍ଚାୟତର ଉପାନ୍ତରେ ଥିବା ଗାଁ ଗୁଡ଼ିକରୁ ରୋଗୀ ଓ ଗର୍ଭବତୀ ଖଟିଖିଆରେ ବୁହାହେବା ଖବର ନଜିର ରହିଛି। ଏ ବିଷୟରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଞ୍ଚଳ ମାଝୀଙ୍କ ପ୍ରତିକ୍ରିୟା ନେବାରୁ ରିଜର୍ଭ ଫରେଷ୍ଟ ଏରିଆ ଆସୁଥିବାରୁ ରାସ୍ତା ନିର୍ମାଣ କରିବାକୁ ହେଲେ ସମସ୍ୟା ସୃଷ୍ଟି ହେଉଥିବା ପ୍ରକାଶ କରିଛନ୍ତି।


## ଖଟିଆରେ ବୁହାହେଲେ ଗର୍ଭବତୀ



ଜୁନାଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର ମୁଣ୍ଡରାଗୁଡା ପଞ୍ଚାୟତର କଣ୍ଡିପଦର ଗ୍ରାମର ନୂଆପଡା ଯିବାକୁ ଭଲ ରାସ୍ତା ନାହିଁ । ଏହି ପଡାର ମାନିନୀ ସୁନାନୀ (୨୨)ଙ୍କୁ ପ୍ରସବ ପୀଡା ହୋଇଥିବାରୁ ପରିବାରବର୍ଗ ଆମ୍ବୁଲାନ୍ସଙ୍କୁ ଫୋନ କରିଥିଲେ । ରାସ୍ତା ଖରାପ ଯୋଗୁ ପଡାକୁ ଆମ୍ବୁଲାନ୍ସ ଯାଇନପାରି ଅଧା ବାଟରେ ଅଟକି ଯାଇଥିଲା । ଫଳରେ ପ୍ରାୟ ୧କିମି ଗର୍ଭବତୀଙ୍କୁ ଲୋକଙ୍କ ସାହାଯ୍ୟରେ ଖଟିଆରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣାଯାଇଥିଲା। ସ୍ଥାନୀୟ ଆଶାକର୍ମୀଙ୍କ ସାହାଯ୍ୟରେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଦୀର୍ଘ ୧୫ ବର୍ଷ ହେବ ଏହି ପଡାରେ ପାହାଡ଼ ଉପରୁ ଆସି ୨୫ ଟି ପରିବାର ବସତି ସ୍ଥାପନ କରିଛନ୍ତି । କିନ୍ତୁ ଏଠି ବିକାଶ ଅପହଞ୍ଚ। ଏଥିପ୍ରତି ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ରାଶିଫଳ


ରବିବାର, ୦୩ ଅଗଷ୍ଟ ୨୦୨୫



**ମେଷ :** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲପାଇବା ରହିବ । ଶୀଘ୍ର ଶୀଘ୍ର କାମପୂରଣ ହୋଇପାରେ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ଶାନ୍ତି ରହିବ। ବିନିଯୋଗ ଲାଭଦାୟକ ହେବ। କାମ ଶୀଘ୍ର ସରିଯିବ। ଘର ବାହାରେ ସୁଖ ଏବଂ ଶାନ୍ତି ରହିବ । ମନର ଅସ୍ଥିରତାକୁ ନିୟନ୍ତ୍ରଣ କରନ୍ତୁ ।




**ବୃଷ :** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ । ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ। ବ୍ୟବସାୟ ଭଲ ହେବ । ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ । ପ୍ରତିଦ୍ୱନ୍ଦ୍ୱିତା ହେବ । ଆୟ ବୃଦ୍ଧି ପାଇବ । ଆଘାତ ଏବଂ ରୋଗ ବାଧା ଦେଇପାରେ ।



**ମିଥୁନ :** ବୌଦ୍ଧିକ କାର୍ଯ୍ୟ ସଫଳ ହେବ । ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଚାକିରିରେ ସୁସଙ୍ଗତତା ରହିବ । ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ। ସାଙ୍ଗମାନଙ୍କ ସହିତ ଭଲ ସମୟ ଅତିବାହିତ ହେବ ।




**କର୍କଟ :** ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ବ୍ୟସ୍ତ ହୁଅ ନାହିଁ । ଘର ବାହାରେ ଅଶାନ୍ତି ଦେଖାଯିବ। କାର୍ଯ୍ୟ ବାଧାପ୍ରାପ୍ତ ହେବ । ଚାକିରିରେ ଆୟ ଏବଂ କାର୍ଯ୍ୟ ଭାର ହ୍ରାସ ପାଇବ । ଦୁଃଖଦ ଖବର ପାଇ ନକାରାତ୍ମକତା ବୃଦ୍ଧି ପାଇବ ।



**ସିଂହ :** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ। ଋଣରେ ହ୍ରାସ ଘଟିବ । ତୃପ୍ତି ହେବ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ଆପଣ ଆପଣଙ୍କର ପ୍ରଭାବ ବୃଦ୍ଧି କରିପାରିବେ । ଚାକିରିରେ ସୁସଙ୍ଗତତା ରହିବ ।




**କନ୍ୟା :** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ । ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ । ଲାଭ ସୁଯୋଗ ଆସିବ । ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସୁଖର ପରିବେଶ ରହିବ । ଜିନିଷଗୁଡିକ ସହଜ ରଖନ୍ତୁ। ଦୂରରୁ ସୁସମାଚାର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।



**ତୁଳା:** ତୁମ ଜୀବନ ସାଥୀଙ୍କ ଠାରୁ ସମର୍ଥନ ପାଇବ । ବ୍ୟବସାୟ ଯାତ୍ରା ସଫଳ ହେବ । ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ଚାକିରିରେ ଅଧିକାର ବୃଦ୍ଧି ପାଇପାରେ । ଜୁଆ ଖେଳ, ବେଟିଂ ଏବଂ ଲଟେରୀର ଜାଲରେ ପଡ଼ନ୍ତୁ ନାହିଁ।



**ବିଛା :** ଆୟରେ ନିଶ୍ଚିତତା ରହିବ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ । ବ୍ୟବସାୟ ହ୍ରାସ ପାଇବ । ଚାକିରିରେ ବିବାଦ ହୋଇପାରେ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ତୁମେ କ୍ଳାନ୍ତ ଅନୁଭବ କରିବ । ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ । ଚିନ୍ତା ଏବଂ ଟେନସନ ହେବ ।




**ଧନୁ :** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ଅନୁକୂଳ ହେବ । ସେଠାରେ ଟଙ୍କା ରହିବ । ରିସ୍କ ନେବାକୁ ସାହସ କର । ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ । ଯାତ୍ରା ସଫଳ ହେବ । ଆଖି ଯନ୍ତ୍ରଣା ହୋଇପାରେ । କାରବାରରେ ସାବଧାନ ରୁହନ୍ତୁ ।



**ମକର :** ପ୍ରତିଷ୍ଠା ବୃଦ୍ଧି ପାଇବ । ସୁଖର ମାଧ୍ୟମ ସଂଗ୍ରହ ହେବ । ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ । ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ । ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ ।



**କୁମ୍ଭ :** ଲାଭ ପାଇଁ ସୁଯୋଗ ଆସିବ । ସୁଖର ପରିବେଶ ରହିବ । ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ । ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ । ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ପୂଜାପାଠ ଏବଂ ସତସଙ୍ଗରେ ଆଗ୍ରହ ରହିବ । ସେଠାରେ ଶାନ୍ତି ହେବ। କୋର୍ଟର କାର୍ଯ୍ୟ ଅନୁକୂଳ ହେବ ।



**ମୀନ :** ବ୍ୟବସାୟ ଭଲ କରିବ । ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ । ଆୟ ଜାରି ରହିବ । ରିସ୍କ ନିଅ ନାହିଁ । କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ପୁରୁଣା ରୋଗ ଅବରୋଧର କାରଣ ହେବ । ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ । ଯାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ ।



ସଂଗ୍ରହରେ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯